# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୫/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 15/2026 | Page 16 | ₹ 7.00

୫୨ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 83 | ମୂଲ୍ୟ₹୭/-






To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044



ଶିବରାତ୍ରି ପୂର୍ବରୁ ଶନିବାର କାନପୁରସ୍ଥିତ ଜାଗେଶ୍ୱର ମହାଦେବ ମନ୍ଦିରରେ ହଳଦୀ ନୀତି ଅବସରରେ ମହିଳମାନେ ଦେବୀ ପାର୍ବତୀଙ୍କ ମୂର୍ତ୍ତିରେ ହଳଦୀ ଲଗାଉଛନ୍ତି।

# ବିରୋଧୀ ଦଳ ନେତା ନାଭାଲ୍‌ନିଙ୍କୁ ବିଷ ଦେଇ ହତ୍ୟା କରିଥିଲା ରୁଷିଆ

**ଲଣ୍ଡନ,୧୪।୨**

ରୁଷିଆର ବିରୋଧୀ ଦଳ ନେତା ଆଲେକ୍ସି ନାଭାଲ୍‌ନିଙ୍କୁ କ୍ରେମ୍‌ଲିନ୍ ବିଷ ଦେଇ ହତ୍ୟା କରିଥିଲା ବୋଲି ବ୍ରିଟେନ୍ ସମେତ ୫ ୟୁରୋପୀୟ ଦେଶ ଶନିବାର ଅଭିଯୋଗ କରିଛନ୍ତି। ଦକ୍ଷିଣ ଆମେରିକାରେ ମିଳୁଥିବା ଏକ ପ୍ରକାର ବେଙ୍ଗ (ଡାର୍ଟ ଫ୍ରଗ୍) ଚର୍ମରୁ ଏହି ଘାତକ ବିଷ ସଂଗ୍ରହ କରାଯାଇଥିଲା। ୨ ବର୍ଷ ପୂର୍ବେ ନାଭାଲ୍‌ନିଙ୍କ ମୃତ୍ୟୁ ଘଟିଥିଲା। ନମୁନା ଅନୁଧ୍ୟାନ କରିବା ପରେ ଏପିବାଟିଡାଇନ୍ ଥିବା ସ୍ପଷ୍ଟ ହୋଇଛି ବୋଲି ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ସୁଇଡେନ୍ ଏବଂ ନେଦରଲାଣ୍ଡସ୍ ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ଉକ୍ତ ବିଷ ଡାର୍ଟ ଫ୍ରଗ୍ ଚର୍ମରୁ ମିଳିଥାଏ। ବହିର୍ବ୍ୟାପାର ମନ୍ତ୍ରୀମାନେ ଏକ ମିଳିତ ବିବୃତିରେ କହିଛନ୍ତି, ଏହି ବିଷ ପ୍ରୟୋଗ କରିବା ପାଇଁ ରୁଷିଆ ପାଖରେ ଉପାୟ, ଉଦ୍ଦେଶ୍ୟ ଓ ସୁଯୋଗ ଥିଲା। ରାସାୟନିକ ଅସ୍ତ୍ର ଚୁକ୍ତିନାମାର ଉଲ୍ଲଂଘନ ହୋଇଥିବା ନେଇ ସେମାନେ ରାସାୟନିକ ଅସ୍ତ୍ର ନିଷେଧ ସଂଗଠନକୁ ଜଣାଇଥିବା କହିଛନ୍ତି।

ବ୍ରିଟିଶ ବହିର୍ବ୍ୟାପାର ସଚିବ ୟଭେଟ୍ କୁପର୍ କହିଛନ୍ତି, ନାଭାଲ୍‌ନିଙ୍କୁ ରୁଷିଆ ଏକ ବିପଦ ଭାବେ ଦେଖୁଥିଲା। ଏପରି ବିଷ ପ୍ରୟୋଗ କରି ରୁଷିଆ, ତା' ପାଖରେ ଥିବା ନିନ୍ଦନୀୟ ଉପକରଣଗୁଡ଼ିକୁ ଏବଂ

**୫ ୟୁରୋପୀୟ ଦେଶର ଅଭିଯୋଗ**



ଆଲେକ୍ସି ନାଭାଲ୍‌ନି

ରାଜନୈତିକ ବିରୋଧ ପ୍ରତି ତାହାର ଭୟକୁ ପ୍ରକାଶ କରିଛି। ନାଭାଲ୍‌ନି ସରକାରୀ ଦୁର୍ନୀତି ବିରୋଧରେ ଅଭିଯାନ ଚଳାଇବା ସହ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିରୋଧରେ ବିଶାଳ କ୍ରେମ୍‌ଲିନ୍ ବିରୋଧୀ ବିକ୍ଷୋଭର ଆୟୋଜନ କରିଥିଲେ। ୨୦୨୪ ଫେବୃଆରୀରେ ଆର୍କ୍ଟିକ୍ ପେନା କଲୋନିରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ପୂର୍ବରୁ ୧୯ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଥିଲା ବୋଲି ବିଶ୍ୱାସ କରାଯାଏ। ନାଭାଲ୍‌ନିଙ୍କ ମୃତ୍ୟୁ ପୂର୍ବରୁ ତାଙ୍କୁ ବିଷ ଦିଆଯାଇଥିବା ୨ଟି ନିରପେକ୍ଷ ଲାବରେଟୋରି ପରୀକ୍ଷାରୁ ଜଣାପଡ଼ିଥିଲା ବୋଲି ଗତବର୍ଷ ତାଙ୍କ ସ୍ତ୍ରୀ ୟୁଲିଆ ନାଭାଲ୍‌ନାୟା କହିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପାଇଁ ସେ ପୁଟିନ୍‌ଙ୍କୁ ଦାୟୀ କରିଥିଲେ।

## ଭୁଶୁଡ଼ିଲା ନିର୍ମାଣାଧୀନ ମେଟ୍ରୋ ସ୍ଲାବ୍, ୧ ମୃତ

**ମୁମ୍ବାଇ,୧୪।୨**

ମୁମ୍ବାଇର ମୁଲୁନ୍ଦ ଅଞ୍ଚଳରେ ନିର୍ମାଣାଧୀନ ମେଟ୍ରୋ ରେଳ ପ୍ରକଳ୍ପର ଏକ ସ୍ଲାବ୍ ଶନିବାର ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହେବା ସହିତ ଆଉ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଚାଲିଥିଲା ବେଳେ ଅଚାନକ ଏକ ସ୍ଲାବ୍ ଭୁଶୁଡ଼ି ପଡ଼ି ତଳେ ରହିଥିବା ବହୁ ଗାଡ଼ି ଉପରେ ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ଏକାଧିକ ଲୋକ ଆହତ ହୋଇଥିଲେ। ଆହତ ଲୋକମାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଜଣଙ୍କର ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ନେଇ ସେ ସୁରକ୍ଷା ଦିଗକୁ ନିଶ୍ଚିତ କରିବାକୁ କହିଛନ୍ତି।

## ବଳାତ୍କାର ଅଭିଯୋଗରେ ଜେଲ ଗଲେ ଏସ୍‌ପି ମୁଖପାତ୍ର

**ଲକ୍ଷ୍ନୌ,୧୪।୨**

ସମାଜବାଦୀ ପାର୍ଟି (ଏସ୍‌ପି)ର ରାଷ୍ଟ୍ରୀୟ ମୁଖପାତ୍ର ମନୋଜ ଯାଦବଙ୍କୁ ବଳାତ୍କାର, ଅସଦାଚରଣ ଓ ଆକ୍ରମଣ ମାମଲାରେ ଗିରଫ କରାଯାଇ ଜେଲ ପଠାଇ ଦିଆଯାଇଛି। ଉତ୍ତରପ୍ରଦେଶ ବାରାବାଙ୍କୀ ଜିଲା ସଫଦରଜଙ୍ଗ ଥାନାରେ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଭାଗେଲପୁରୱା ଗ୍ରାମର ଜଣେ ଅନୁସୂଚିତ ଜାତି ମହିଳାଙ୍କ ଅଭିଯୋଗ ଆଧାରରେ ଗତ ୧୧ ତାରିଖରେ ମନୋଜଙ୍କ ନାମରେ ଏତଲା ଦାଏର ହୋଇଥିଲା। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ୨୦୦୪ରେ ଅନଧିକାର ପ୍ରବେଶ ଓ ମାଡ଼ ମାରିବା ଅଭିଯୋଗରେ ମନୋଜଙ୍କ ନାମରେ ମହିଳାଙ୍କ ସ୍ୱାମୀ ଏତଲା ଦେଇଥିଲେ। ଏହି ପୂର୍ବ ଶତ୍ରୁତାକୁ ନେଇ ମନୋଜ ୩ ମାସ ତଳେ ମହିଳାଙ୍କୁ ଅଟକାଇ ଜାତିକୁ ନେଇ ଗାଳିଦେବା ସହ ଅସଦାଚରଣ ଓ ବଳାତ୍କାର କରିଥିଲେ। ମହିଳାଙ୍କ ପୁଅଙ୍କୁ ମଧ ମନୋଜ ଏକାଧିକ ଥର ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।

## ବୋମା ଭୟ: ଶିଲଂ ଯିବାକୁ ଥିବା ଇଣ୍ଡିଗୋ ବିମାନ ଅଟକିଲା

**କୋଲକାତା,୧୪।୨**

ଶିଲଂ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ବୋମା ଖଞ୍ଜାଯାଇଥିବା ନେଇ ଏକ ହାତଲେଖା ନୋଟ୍ ମିଳିବା ପରେ ଏହାକୁ କୋଲକାତା ବିମାନବନ୍ଦରର ଏକ ନିର୍ଜନ ସ୍ଥାନକୁ ନିଆଯାଇଛି। ଇଣ୍ଡିଗୋ ବିମାନ ୬ଇ୩୦୭୪ ଶନିବାର ସକାଳ ୯ଟା ୧୫ରେ ସିଲଂ ଅଭିମୁଖେ ଉଡ଼ାଣ କରିବାକୁ ଥିବାବେଳେ ଯାତ୍ରୀ ବସିବା ପୂର୍ବରୁ ଏହାର ଟଏଲେଟ୍‌ରୁ ହାତଲେଖା ନୋଟ୍ ମିଳିଥିଲା। ଫଳରେ ଯାତ୍ରୀମାନଙ୍କୁ ସେଠାରୁ ହଟାଇ ଦିଆଯାଇଥିଲା। ବିମାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲେ ମଧ୍ୟ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିବା ଏଏଆଇ ମୁଖପାତ୍ର କହିଛନ୍ତି।

# ଲମ୍ବା ଯୁଦ୍ଧ ପାଇଁ ଆମେରିକାର ସଜବାଜ

**ୱାଶିଂଟନ୍,୧୪।୨**

ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ଫେଲ୍ ମାରିଛି। ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଗତ ସପ୍ତାହରେ ଓମାନ ମଧ୍ୟସ୍ଥତାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହେବା ସହିତ ସମାଧାନର ବାଟ ବାହାରିବ ଏବଂ ଉଭୟ ରାଷ୍ଟ୍ର ଯୁଦ୍ଧରୁ ବିରତ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ସେଭଳି ସମ୍ଭାବନା କ୍ଷୀଣ ହୋଇପଡ଼ିଛି। କାରଣ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ଇରାନ ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରି ନ ଥିବାବେଳେ ଏବେ ଆମେରିକା ଯୁଦ୍ଧ ପାଇଁ ପ୍ରସ୍ତୁତି ନେଇଥିବା ସ୍ପଷ୍ଟ



ହୋଇଛି। ଏପରିକି ଲମ୍ବା ସମୟ ଧରି ଯୁଦ୍ଧ କରିବାକୁ ଆମେରିକା ସେନା ପ୍ରସ୍ତୁତି ନେଇସାରିଛି ବୋଲି ପେଣ୍ଟାଗନ୍‌ର କିଛି ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଆମେରିକାର ଶକ୍ତିଶାଳୀ ଯୁଦ୍ଧପୋତ ଆବ୍ରାହମ୍ ଲିଙ୍କନ ସମେତ ଅନ୍ୟ ବହୁ କ୍ଷେପଣାସ୍ତ୍ର ନିକ୍ଷେପକାରୀ ଯୁଦ୍ଧପୋତ ଇରାନ ଉପକୂଳ ନିକଟରେ ଆରବସାଗରରେ ଡେରା ପକାଇଥିଲା। ଶୁକ୍ରବାର ଆମେରିକା ଅଧିକ ସଂଖ୍ୟାରେ ଯୁଦ୍ଧପୋତ, ଲଢୁଆ ବିମାନ, ଗାଇଡେଡ୍ ମିଶାଇଲ୍ ଡେଷ୍ଟ୍ରୟର ସମେତ ହଜାରରୁ

**ଟାର୍ଗେଟ୍‌ରେ ଖାମ୍‌ନେଇ**

ଅଧିକ ସୈନ୍ୟ ଇରାନ ଅଭିମୁଖେ ପ୍ରେରଣ କରିଛି। ଏବେ ଆବ୍ରହମ୍ ଲିଙ୍କନ ସହିତ ଆଣବିକ ଶକ୍ତିସମ୍ପନ୍ନ ଯୁଦ୍ଧପୋତ ୟୁଏସ୍‌ଏସ୍ ଗେରାଲ୍ଡ ଆର୍.ଫୋର୍ଡ ସାମିଲ ହେବାକୁ ଯାଉଛି। ଇରାନ ସହ ବୁଝାମଣା କରିବା କଷ୍ଟକର ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେନାକୁ ସମ୍ବୋଧିତକରି କହିବା ସହିତ ପୂର୍ବ ଆକ୍ରମଣ ତୁଳନାରେ ଏଥର ଆକ୍ରମଣ ଭୟାନକ ହେବ ବୋଲି ଇସାରା କରିଛନ୍ତି। ଟ୍ରମ୍ପଙ୍କ ଟାର୍ଗେଟରେ ରହିଛନ୍ତି ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟୋତୋଲ୍ଲା ଖାମ୍‌ନେଇ। ଭେନେଜୁଏଲାର ତତ୍‌କାଳୀନ ରାଷ୍ଟ୍ରପତି ମାଦୁରୋଙ୍କ ଭଳି ଟ୍ରମ୍ପ ଖାମ୍‌ନେଇଙ୍କୁ ହଟାଇବାକୁ ଏକପ୍ରକାର ପଣ କରିଛନ୍ତି। ଏଥିପାଇଁ ଆମେରିକା ସେନା ଇରାନ ବିପକ୍ଷରେ ଏଆଇ ଆଧାରିତ ରଣନୀତି ମଧ୍ୟ ପ୍ରସ୍ତୁତ କରିଥିବା ସୂଚନା ମିଳିଛି। ଫଳରେ ଆଗାମୀ ଦିନରେ ମଧ୍ୟପ୍ରାଚ୍ୟ ସ୍ଥିତି ବିଗିଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ସୂଚୀରେ କୌଣସି ପରିବର୍ତ୍ତନ କରିବ ନାହିଁ ବୋଲି ପରୋକ୍ଷ ଇଙ୍ଗିତ କରିବା ପରେ ଆମେରିକା ଯୁଦ୍ଧ ପାଇଁ ନିଷ୍ପତ୍ତି ନେଇଛି ବୋଲି ଅନ୍ତର୍ଜାତୀୟ ସ୍ତରରେ ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଭାଲେଣ୍ଟାଇନ୍ସ ଡେ'ରେ ପ୍ରେମିକାକୁ ଗୁଳିକରି ପ୍ରେମିକର ଆତ୍ମହତ୍ୟା

**ନୂଆଦିଲ୍ଲୀ,୧୪।୨**

ଫେବୃଆରୀ ୧୪ ଭାଲେଣ୍ଟାଇନ୍ ଡେ' ବା ପ୍ରେମ ଦିବସରେ ଜଣେ ପ୍ରେମିକ ପ୍ରେମିକାଙ୍କୁ ଗୁଳିକରି ଆତ୍ମହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଭଳି ଘଟଣା ନଏଡାର ସେକ୍ଟର ୧୦୭ ଦାଦ୍ରି ରୋଡ୍‌ରେ ଘଟିଛି। ରାସ୍ତା କଡ଼ରେ ରହିଥିବା ଏକ କାର୍ ମଧ୍ୟରେ ଦୁଇ ଜଣ ମରି ପଡ଼ିଥିବା ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା। କାର୍ ଭିତରପଟୁ ବନ୍ଦ ରହିଥିବାରୁ ଡୋର୍ ଭାଙ୍ଗି ପୋଲିସ ଜଣେ ଯୁବକ ଏବଂ ଯୁବତୀଙ୍କ ମୃତଦେହ ଜବତ କରିଥିଲା। ଉଭୟଙ୍କ ମୁଣ୍ଡ ଗୁଳିବିଦ୍ଧ ହୋଇଥିଲାବେଳେ ମୃତ ଯୁବକଙ୍କ ପକେଟ୍‌ରୁ ଏକ ପିସ୍ତଲ ଉଦ୍ଧାର କରିଥିଲା। ପ୍ରାଥମିକ ଅନୁସନ୍ଧାନ ପରେ ଯୁବକ ଜଣକ ପ୍ରଥମେ ଯୁବତୀଙ୍କୁ ଗୁଳି କରିବା ପରେ ନିଜକୁ ଗୁଳି କରିଥିବା ପୋଲିସ କହିଛି।

## ପନ୍ନୁଙ୍କୁ ହତ୍ୟା ଉଦ୍ୟମ କରିଥିବା ମାନିଲେ ନିଖିଲ ଗୁପ୍ତା

**କୋଲକାତା,୧୪।୨**

ଆମେରିକା ନାଗରିକ ତଥା ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁର୍‌ପତୱନ୍ତ ସିଂ ପନ୍ନୁଙ୍କ ବିରୋଧରେ ହତ୍ୟା ଯୋଜନାରେ ଭାରତୀୟ ନାଗରିକ ନିଖିଲ ଗୁପ୍ତା ନିଜକୁ ଦୋଷୀ ବୋଲି ସ୍ୱୀକାର କରିଛନ୍ତି। ଆମେରିକା ଆଇନ ପ୍ରବର୍ତ୍ତନ ସଂସ୍ଥାର କାର୍ଯ୍ୟାନୁଷ୍ଠାନ ଯୋଗୁ ହତ୍ୟା ଯୋଜନାକୁ ରୋକାଯାଇପାରିଥିଲା ବୋଲି ଆମେରିକାର ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍‌ବିଆଇ) କହିଛି। ଏହି ତଦନ୍ତକାରୀ ସଂସ୍ଥା ଏକ ବାର୍ତ୍ତାରେ ସ୍ପଷ୍ଟ କରିଦେଇଛି ଯଦି ତୁମେ ଆମ ନାଗରିକମାନଙ୍କର କ୍ଷତି କରିବାକୁ ଉଦ୍ୟମ କର, ତେବେ ଆଇନର କାଠଗଡ଼ାକୁ ନ ଆଣିବା ପର୍ଯ୍ୟନ୍ତ ଆମେ ଅଟକିବୁ ନାହିଁ। ପନ୍ନୁ ଦେଶ ବାହାରେ ଥାଇ ସରକାରଙ୍କ ଟାର୍ଗେଟରେ ଥିବା ବ୍ୟକ୍ତି ବୋଲି ଏଫ୍‌ବିଆଇ କହିଛି।

## 'ଭାରତ ସହ ସମ୍ପର୍କ ଆମ ସ୍ୱାର୍ଥରକ୍ଷା ଉପରେ ନିର୍ଭରଶୀଳ'

**୧୭ରେ ଶପଥ ନେବେ ତାରିକ୍ ରହମାନ**

**ଢାକା,୧୪।୨**

ବାଂଲାଦେଶ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମାନ ଶନିବାର ପ୍ରଥମଥର ପାଇଁ ଗଣମାଧ୍ୟମକୁ ସମ୍ବୋଧିତକରି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଦଳର ବିଜୟକୁ ସେ ଦେଶବାସୀଙ୍କ ବିଜୟ ବୋଲି କହିବା ସହ ଏହା ଗଣତନ୍ତ୍ରର ମଧ୍ୟ ବିଜୟ ବୋଲି କହିଛନ୍ତି। ସ୍ୱାଧୀନତାର ବାସ୍ତବ ଅନୁଭବ ଏବଂ ଅଧିକାର ହାସଲ କରିବା ଦିଗରେ ଆଜିଠାରୁ ସମସ୍ତେ ମୁକ୍ତ ବୋଲି ସେ କହିଛନ୍ତି। ରାସ୍ତା ଓ ବିଚାରଧାରା ଅଲଗା ହୋଇପାରେ କିନ୍ତୁ ଦେଶର ସାମୂହିକ ହିତସାଧନ ଲାଗି ସଂହତି ସବୁଠୁ ଜରୁରୀ। ଏହିକ୍ରମରେ ସେ ବାଂଲାଦେଶର ବିଦେଶ



ତାରିକ୍ ରହମାନ

ନୀତିକୁ ନେଇ ଟିପ୍ପଣୀ କରିଥିଲାବେଳେ ଭାରତ ସହ ବାଂଲାଦେଶର ସମ୍ପର୍କ କିଭଳି ରହିବ ସେ ସମ୍ପର୍କରେ ମଧ୍ୟ ନିଜର ଆଭିମୁଖ୍ୟ ଦର୍ଶାଇଛନ୍ତି। ଭାରତ ସହ ସମ୍ପର୍କ ବାଂଲାଦେଶର ସ୍ୱାର୍ଥରକ୍ଷା ଉପରେ ନିର୍ଭର କରେ ବୋଲି କହିଛନ୍ତି। ରହମାନ ଦୀର୍ଘ ୧୭ ବର୍ଷ ଧରି ବିଦେଶରେ ନିର୍ବାସନ ଜୀବନ ବିତାଇବା ପରେ ନିର୍ବାଚନର ମାତ୍ର ୨ ମାସ ପୂର୍ବରୁ ବାଂଲାଦେଶ ଆସି ନିଜ ଦଳ ପାଇଁ ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ।

## ଏମ୍‌ଆର୍‌ଆଇ ସ୍କାନ୍ ବେଳେ ନାବାଳକଙ୍କ ମୃତ୍ୟୁ

**ଗ୍ରେଟର ନୋଏଡ଼ା,୧୪।୨**

ଗ୍ରେଟର ନୋଏଡ଼ାର ଏକ ଘରୋଇ ନିଦାନ କେନ୍ଦ୍ରରେ ଗୁରୁବାର ଏମ୍‌ଆର୍‌ଆଇ ସ୍କାନ୍ ବେଳେ ଜଣେ ୬ ବର୍ଷର ବାଳକଙ୍କ ମୃତ୍ୟୁ ଘଟିଛି। ଉକ୍ତ ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ଡାକ୍ତରୀ ଅବହେଳା ଯୋଗୁ ପୁଅଙ୍କ ମୃତ୍ୟୁ ହେଲା ବୋଲି ବାଳକଙ୍କ ପରିବାର ଅଭିଯୋଗ କରିଛି। ଏମ୍‌ଆର୍‌ଆଇ ପ୍ରକ୍ରିୟା ପୂର୍ବରୁ ଇଞ୍ଜେକ୍ସନର ଅଧିକ ଡୋଜ୍ ଦିଆଯାଇଥିଲା, ଯେଉଁଥିପାଇଁ ପିଲାଟିର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଗଲା ବୋଲି କୁହାଯାଇଛି।

## ନ୍ୟାୟପ୍ରାପ୍ତି କେବଳ ଆଇନଗତ ଭାବେ ସଶକ୍ତ ଲୋକଙ୍କ ପାଇଁ ସୀମିତ ହୋଇପାରିବ ନାହିଁ: ସିଜେଆଇ

**ନୂଆଦିଲ୍ଲୀ,୧୪।୨(ପି.ଟି.)**

ନ୍ୟାୟପ୍ରାପ୍ତି କେବଳ ଆଇନଗତ ଭାବେ ସଶକ୍ତ ଲୋକଙ୍କ ପାଇଁ ସୀମିତ ଥିବା ଏକ ଅବ୍ୟବହାର୍ଯ୍ୟ ଆଦର୍ଶ ହୋଇ ରହିପାରିବ ନାହିଁ। ଏହା ଅବହେଳିତ ନାଗରିକମାନଙ୍କ ପାଇଁ ବାସ୍ତବ ପରିଣତରେ ପରିବର୍ତ୍ତନ ହେବା ଜରୁରୀ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଶନିବାର କହିଛନ୍ତି। ରାଜ୍ୟଗୋଷ୍ଠୀ ନ୍ୟାୟିକ ପ୍ରଶିକ୍ଷକ(ସିଜେଇ)ମାନଙ୍କ ୧୧ତମ ଦ୍ୱିବାର୍ଷିକ ବୈଠକରେ ସିଜେଆଇ କହିଛନ୍ତି, ନ୍ୟାୟିକ ନେତୃତ୍ୱ କଦାପି ପ୍ରଶାସନିକ କର୍ତ୍ତୃପକ୍ଷ କିମ୍ବା ଆନୁଷ୍ଠାନିକ ପଦାନୁକ୍ରମ ହୋଇପାରିବ ନାହିଁ। ଏହାକୁ ଏକ ବୌଦ୍ଧିକ ଏବଂ ନୈତିକ ଆଭିମୁଖ୍ୟ ଭାବେ ବୁଝିବା ଜରୁରୀ। ନ୍ୟାୟିକ ବ୍ୟବସ୍ଥାରେ ପ୍ରଯୁକ୍ତିର ସଂଯୋଗ ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି, ଏଆଇ ସହଯୋଗ କରିବା ଉଚିତ ନ୍ୟାୟିକ ବିଚାରଧାରାର ସ୍ଥାନ ନେବା ଉଚିତ ନୁହେଁ। ନ୍ୟାୟିକ ନେତୃତ୍ୱ କେବଳ ପ୍ରଶାସନିକ ଦୂରଦର୍ଶିତା ନୁହେଁ, ବରଂ ଗଭୀର ସହାନୁଭୂତି ମଧ୍ୟ ଆବଶ୍ୟକ କରେ। ସୁରକ୍ଷାର ଆବଶ୍ୟକତା ଥିବା ଲୋକଙ୍କ ପାଇଁ ପ୍ରକ୍ରିୟାଗତ ଜଟିଳତାକୁ ବାଧାରେ ପରିଣତ ହେବାକୁ ନ ଦେବା ଆବଶ୍ୟକ।

# ଆସାମ ରାଜପଥରେ ଜରୁରୀ ଅବତରଣ ସୁବିଧା

**ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ**

**ବ୍ରହ୍ମପୁତ୍ରରେ ସେତୁ ଲୋକାର୍ପିତ**

**ଗୁଆହାଟୀ,୧୪।୨(ପି.ଟି.)**

ଆସାମ ଡିବ୍ରୁଗଡ଼ ଜିଲାରେ ଉତ୍ତରପୂର୍ବାଞ୍ଚଳ ସୀମାର ପ୍ରଥମ ଜରୁରୀ ଅବତରଣ ସ୍ଥଳ (ଇଏଲ୍‌ଏଫ୍)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅବତରଣ କରି ଇତିହାସ ସୃଷ୍ଟି କରିଛନ୍ତି। ମୋଦି ଚାବୁଆ ଏୟାରଫିଲ୍ଡରୁ ବାୟୁସେନାର ସି-୧୩୦ଜେ ବିମାନରେ ଯାଇ ୩୭ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ମୋରାନସ୍ଥିତ ଇଏଲ୍‌ଏଫ୍‌ରେ ଅବତରଣ କରିଥିଲେ। ଉତ୍ତରପୂର୍ବାଞ୍ଚଳକୁ ଜରୁରୀ ଅବତରଣ ସୁବିଧା ମିଳିବା ଅତ୍ୟନ୍ତ ଗର୍ବର ବିଷୟ ବୋଲି ଇଏଲ୍‌ଏଫ୍‌ର ଉଦ୍‌ଘାଟନ ପରେ ପ୍ରଧାନମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି। ରଣନୀତି ଦୃଷ୍ଟିରୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ମୋରାନ ବାଇପାସ୍‌ରେ ୧୦୦ କୋଟି ଟଙ୍କା ବିନିଯୋଗରେ ୪.୨ କି.ମି. ରନ୍‌ୱେ ଭାରତୀୟ ବାୟୁସେନାର ଯୁଦ୍ଧବିମାନ



ମୋରାନସ୍ଥିତ ଜରୁରୀ ଅବତରଣ ସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାୟୁସେନା ବିମାନରୁ ଓହ୍ଲାଉଛନ୍ତି।

ଏବଂ ପରିବହନ ବିମାନଗୁଡ଼ିକ ପାଇଁ ରଣନୀତିକ ତଥା ବହୁବିଧ ବ୍ୟବହାର୍ଯ୍ୟ ରନ୍‌ୱେ ଭାବେ ବ୍ୟବହୃତ ହେବ। ଏହା ଦେଶର ପ୍ରତିରକ୍ଷା, ଲଜିଷ୍ଟିକ୍ ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଇଏଲ୍‌ଏଫ୍‌ରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ଏୟାର ଚିଫ୍ ମାର୍ଶାଲ ଏ.ପି. ଶର୍ମା ପ୍ରମୁଖ ମୋଦିଙ୍କୁ ସ୍ୱାଗତ କରିଥିଲେ।

ପ୍ରଧାନମନ୍ତ୍ରୀ ଶନିବାର ବ୍ରହ୍ମପୁତ୍ର ନଦୀରେ ଏକ ସେତୁ, ଉତ୍ତରପୂର୍ବାଞ୍ଚଳ ପାଇଁ ଆଇଆଇଏମ୍ ଏବଂ ଡାଟା ସେଣ୍ଟର ସମେତ ଆସାମରେ ମୋଟ ୫,୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ନିର୍ମିତ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହିସବୁ ପ୍ରକଳ୍ପ ରାଜ୍ୟରେ ଯୋଗାଯୋଗ ବଢ଼ାଇବା ସହ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବ, ଉଚ୍ଚଶିକ୍ଷାର ପ୍ରୋତ୍ସାହନ କରିବ।

## ଏସି କୋଚ୍‌ରୁ ୩୧୧ ବିଲୁପ୍ତପ୍ରାୟ କଇଁଛ ଜବତ

**ଭୋପାଳ,୧୪।୨**

ମଧ୍ୟପ୍ରଦେଶର ଭୋପାଳରେ ଏକ ଏସି ଫାଷ୍ଟକ୍ଲାସ୍ କୋଚ୍‌ରୁ ୩୧୧ଟି ବିଲୁପ୍ତପ୍ରାୟ କଇଁଛ ଜବତ ହୋଇଛି। ଏହି କୋଚ୍‌ଗୁଡ଼ିକୁ ଭାରତୀୟ ରେଲୱେର ସବୁଠୁ ସୁରକ୍ଷିତ ଏବଂ ବିଳାସପୂର୍ଣ୍ଣ ଭ୍ରମଣ ସ୍ଥାନ ଭାବେ ଦୀର୍ଘଦିନ ହେଲା ବିବେଚିତ ହୋଇଆସୁଥିବାବେଳେ ଏହା ଏବେ ବନ୍ୟପ୍ରାଣୀ ଅପରାଧର କରିଡର ପାଲଟିଛି। ଏକ ଆନ୍ତଃରାଜ୍ୟ ର୍‌ୟାକେଟ ବିରଳ ତଥା ବିଲୁପ୍ତପ୍ରାୟ କଇଁଛ ଚୋରାଚାଲାଣ ପାଇଁ ଉକ୍ତ ବିଳାସପୂର୍ଣ୍ଣ କମ୍ପାର୍ଟମେଣ୍ଟକୁ ବ୍ୟବହାର କରିଆସୁଥିଲେ। ଉତ୍ତରପ୍ରଦେଶରୁ ଉକ୍ତ କଇଁଛଗୁଡ଼ିକୁ ମଧ୍ୟପ୍ରଦେଶ ନିଆଯାଉଥିଲା। ସେଠାରୁ ସେଗୁଡ଼ିକୁ ପଶ୍ଚିମ ଭାରତରେ ଆବଣ୍ଟନ କରାଯାଇଥାନ୍ତା। ମଧ୍ୟପ୍ରଦେଶ ରାଜ୍ୟ ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିଏସ୍‌ଏଫ୍), ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ଭୋପାଳ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ଉକ୍ତ କଇଁଛଗୁଡ଼ିକୁ ଭୋପାଳର ହୃଦରାମ ରେଳଷ୍ଟେଶନରେ ୧୯୩୨୨ ପାଟନା-ଇନ୍ଦୋର ଏକ୍ସପ୍ରେସ୍‌ର ଏସି ଫାଷ୍ଟକ୍ଲାସ୍ କୋଚ୍‌ରୁ ଜବତ କରିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ଉକ୍ତ ର୍‌ୟାକେଟର ଉତ୍ତରପ୍ରଦେଶର ମୁଖ୍ୟତଃ ଗଙ୍ଗା, ଗୋମତି, ଓ ଏହାର ଶାଖା ନଦୀଗୁଡ଼ିକରୁ କଇଁଛ ସଂଗ୍ରହ କରି ସେଗୁଡ଼ିକୁ ଏସି ପ୍ରଥମ ଶ୍ରେଣୀ କୋଚ୍‌ରେ ଲୁଚାଇ ମଧ୍ୟପ୍ରଦେଶ ନେଉଥିଲେ। ପରିବହନ ସମୟରେ କଇଁଛଗୁଡ଼ିକୁ ଲୁଚାଇ ରଖିବା ପାଇଁ ସେମାନେ କୋଚ୍ ଆଟେଣ୍ଡାଣ୍ଟମାନଙ୍କ ସହାୟତା ନେଉଥିଲେ। କୋଚ୍ ଆଟେଣ୍ଡାଣ୍ଟ ଅଜୟ ସିଂ ରାଜପୁତଙ୍କଠାରୁ ୩୧୧ଟି କଇଁଛ ଜବତ ହୋଇଛି, ଯିଏ କି ଏହି ସିଣ୍ଡିକେଟ୍‌ର ଜଣେ କୋରିଅର ଭାବେ କାର୍ଯ୍ୟ କରୁଥିଲେ। ଜବତ କଇଁଛଗୁଡ଼ିକ ମଧ୍ୟରେ ବିଲୁପ୍ତପ୍ରାୟ କ୍ରାଉନ୍ଡ ରିଭର ଟର୍ଟଲ, ଇଣ୍ଡିଆନ୍ ଟେଣ୍ଟ ଟର୍ଟଲ, ଇଣ୍ଡିଆନ ରୁଫ୍‌ଡ ଟର୍ଟଲ ରହିଛନ୍ତି, ଯାହାକୁ ବନ୍ୟାପ୍ରାଣୀ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ ସୁରକ୍ଷା ଦିଆଯାଉଛି।



ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ରବିବାର, ଫେବୃଆରୀ ୧୫/୨୦୨୬ Bhubaneswar, Sunday, February 15/2026 ପୃଷ୍ଠା-୧



## ପ୍ରମୋଦ ଭଗତଙ୍କୁ ଦୁଇ ସ୍ୱର୍ଣ୍ଣ

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ।

୧୪

୦୨

## ବିବାହ କଥା କେବଳ ଗୁଜବ : ମୃଣାଳ

ମୋ ବିବାହକୁ ନେଇ ସୋସିଆଲ ମିଡିଆରେ ଯେଉଁ ଚର୍ଚ୍ଚା ଚାଲିଛି ତାହା କେବଳ ଗୁଜବ ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁର ।



# ସମୃଦ୍ଧିର ସ୍ତମ୍ଭ ଶିଳ୍ପ: ମୁଖ୍ୟମନ୍ତ୍ରୀ

### କେନ୍ଦୁଝରରେ ୧୦୦ କୋଟିର ଟେକ୍ସଟାଇଲ ପାର୍କ, ଆଧୁନିକ ଡାଟା ସେଣ୍ଟରର ଶିଳାନ୍ୟାସ

କେନ୍ଦୁଝର,୧୪।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଜିଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ ଭିତ୍ତିଭୂମି ବିକାଶ ପାଇଁ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କ, ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟରର ଶିଳାନ୍ୟାସ କରିଛନ୍ତି। ଆୟୋଜିତ ସାଧାରଣ ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଆମ ସରକାର ପ୍ରତ୍ୟେକ ଜିଲାକୁ ସମୃଦ୍ଧ କରିବା ପାଇଁ ସଂକଳ୍ପବଦ୍ଧ। ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। କେବଳ ଖଣି କିମ୍ବା ଇସ୍ପାତ ନୁହେଁ, ବରଂ ଟେକ୍ସଟାଇଲ ଏବଂ ଆଇଟି ପରି କ୍ଷେତ୍ରରେ ଶିଳ୍ପର ବିବିଧକରଣ କରି ଆମେ ଯୁବପିଢ଼ି ଓ ମହିଳାଙ୍କ ପାଇଁ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ। ସମୃଦ୍ଧ ଜିଲାରୁ ହିଁ ସମୃଦ୍ଧ ଓଡ଼ିଶା ମନ୍ତ୍ରକୁ ପାଥେୟ କରି ଆମେ ଶିଳ୍ପ ଅନୁକୂଳ ନୀତି ଏବଂ ମାନବ ସମ୍ବଳର ବିକାଶ ଉପରେ ଗୁରୁତ୍ୱ ଦେଉଛୁ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁ ଥିବା ଟେକ୍ସଟାଇଲ ପାର୍କରେ ୧୨୦୦ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ ସହାୟତା ସହ ହିଣ୍ଡାଲ୍‌କୋ କମ୍ପାନୀ ୭ ଏକର ଜମିରେ ଏକ ପୋଷାକ ☞ପୃଷ୍ଠା-୨



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କେନ୍ଦୁଝର ଗସ୍ତ ସମୟରେ ଜନସାଧାରଣଙ୍କୁ ସାକ୍ଷାତ୍ କରୁଛନ୍ତି।

## 'ଚିନ୍ତାଧାରାକୁ ରୂପ ଦିଏ ଶିକ୍ଷା'

ଯାଜପୁର,୧୪।୨(ହର୍ଷବର୍ଦ୍ଧନ ବେହେରା)

ଭଲ ମାର୍କ ରଖିଲେ ହିଁ ସବୁ କିଛି କରିହେବ ତାହା ନୁହେଁ। ଶିକ୍ଷା ଆମର ଚିନ୍ତାଧାରାକୁ ରୂପ ଦିଏ, ଏହା ଚରିତ୍ର ଗଠନ କରେ ଏବଂ ଶୃଙ୍ଖଳା, ସଚ୍ଚୋଟତା, ସମ୍ମାନ ଓ ଦାୟିତ୍ୱ ଶିଖାଏ। ଏକ ଭଲ ସ୍କୁଲ ଛାତ୍ରୀଛାତ୍ରଙ୍କୁ କେବଳ ଚାକିରି ପାଇଁ ପ୍ରସ୍ତୁତ କରେ ନାହିଁ, ଏହା ଜୀବନ ଯୁଦ୍ଧ ପାଇଁ ପ୍ରସ୍ତୁତ କରିଥାଏ। ଜାତୀୟ ଶିକ୍ଷାନୀତିକୁ ରାଜ୍ୟରେ ପ୍ରଣୟନ କରାଯାଇ ଶିକ୍ଷାର ଢାଞ୍ଚାକୁ ପରିବର୍ତ୍ତନ କରିବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ଏଥିସହ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ମଡେଲ ସ୍କୁଲ ତଥା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଯାଜପୁର ଜିଲା ବ୍ୟାସନଗରସ୍ଥିତ ନରସିଂହ ଚୌଧୁରୀ(ଏନ୍‌ସି) ହାଇସ୍କୁଲର ଶନିବାର ପ୍ଲାଟିନମ୍ ଜୁବିଲି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଆଲୁମିନି କମିଟିର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ବଜେଟରେ ବହୁ ସୁଧାର ହୋଇପାରିଛି। ଆଉ ସେହି ଓଭରଡ୍ରାଫ୍ଟ ନାହିଁ। ଚଳିତ ଆର୍ଥିକ ବର୍ଷରେ ୬.୧% ଭିତ୍ତିଭୂମି ସୁଦୃଢ଼ କରିବାକୁ ନିଷ୍ପତ୍ତି ନିଆଯାଇଛି, ଯାହାକି ଦେଶରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ପାରିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ହାଇସ୍କୁଲକୁ ଯିବା ପରେ ଅନେକ ପିଲା ଡ୍ରପ୍‌ଆଉଟ ହୋଇଥାନ୍ତି। ସେଥିରେ ଆଦିବାସୀ ବର୍ଗର ପିଲାମାନେ ଅଧିକ ☞ପୃଷ୍ଠା-୨

# ଭାରତ-ପାକିସ୍ତାନ ମୁକାବିଲା ଆଜି

**ଟି୨୦ ବିଶ୍ୱକପ୍**

କଲମ୍ବୋ, ୧୪।୨

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସବୁଠାରୁ ଚର୍ଚ୍ଚିତ ଭାରତ-ପାକିସ୍ତାନ ମୁକାବିଲା ରବିବାର ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରୁ ବାଂଲାଦେଶକୁ ବାଦ୍ ଦିଆଯିବାକୁ ନେଇ କ୍ରିକେଟ ସହିତ ରାଜନୀତିର ସମ୍ମିଶ୍ରଣ ହୋଇଥିଲା ଏବଂ ଭାରତ ବିପକ୍ଷ ମ୍ୟାଚକୁ ପାକିସ୍ତାନ ବର୍ଜନ କରିବ ବୋଲି କହିବାରୁ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା କ୍ରିକେଟ ବୋର୍ଡର ହସ୍ତକ୍ଷେପ ପରେ ପାକିସ୍ତାନ ୟୁଟର୍ନ ମାରିବାସହ ଖେଳିବାକୁ ରାଜି ହେବାପରେ ଏହି ହାଇପ୍ରୋଫାଇଲ ମ୍ୟାଚ ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାରୁ ଭାରତ-ପାକିସ୍ତାନ ମ୍ୟାଚରେ ଉଭୟ ଦଳର ଖେଳାଳି ଅତ୍ୟଧିକ ଚାପଗ୍ରସ୍ତ ଥାଆନ୍ତି। ଫଳରେ ମ୍ୟାଚ ସ୍ୱାଭାବିକ ଉତ୍ତେଜନାପୂର୍ଣ୍ଣ ହୋଇଥାଏ। ଦର୍ଶକଙ୍କ ହୃଦ୍‌ସ୍ପନ୍ଦନ ମଧ୍ୟ ବଢ଼ିଥାଏ। ତେଣୁ ସବୁ ଆଇସିସି ଇଭେଣ୍ଟରେ ଏହା ଏକ ନିଆରା ମ୍ୟାଚଭାବେ ପରିଗଣିତ ହୋଇଥାଏ। ମ୍ୟାଚ ପାଇଁ ଶେଷ ପ୍ରସ୍ତୁତିଲାଗି ଉଭୟ ଦଳ ଶନିବାର ନେଟ୍ସ ସେସନରେ ଝାଳ ବୁହାଇଛନ୍ତି। ହ୍ୟାଣ୍ଡସେକ୍ ପରି ଅନେକ ବିବାଦୀୟ ପ୍ରସଙ୍ଗ ଆଗକୁ ରହିଥିଲେ ହେଁ ଏବେ ମ୍ୟାଚ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ଅଭିଷେକ ଶର୍ମା ସମ୍ପୂର୍ଣ୍ଣ ଫିଟ୍ ଥିବାରୁ ଆଗାମୀ ମ୍ୟାଚରେ ଖେଳିବା ସମ୍ଭାବନା ବଢ଼ିଛି। ପାକସ୍ଥଳୀରେ ସଂକ୍ରମଣ ଯୋଗୁ ସେ ନାମ୍ବିଆ ବିପକ୍ଷ ମ୍ୟାଚ ଖେଳିପାରି ନ ଥିଲେ। ଯଦି ସେ ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି ତେବେ ସଞ୍ଜୁ ସାମସନଙ୍କୁ ଅପରିବର୍ତ୍ତିତ ରଖାଯାଇପାରେ କିମ୍ବା ୱାଶିଂଟନ ସୁନ୍ଦର ଫର୍ମରେ ଥିବା ଇଶାନ କିଶନଙ୍କ ସହ ଇନିଂସ ଓପନ କରିପାରନ୍ତି। ପ୍ରେମଦାସା ପିଚ୍ ସ୍ଲୋ ବୋଲରଙ୍କୁ ସୁହାଇବା ପୂର୍ବାନୁମାନ କରାଯାଉଥିବାରୁ ଏଥିରେ ସୁନ୍ଦର ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଖେଳାଇବାକୁ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରିପାରେ। ଯଦି କୁଲଦୀପଙ୍କୁ ସୁଯୋଗ ମିଳେ ତେବେ ଜଣେ ☞ପୃଷ୍ଠା-୨

# ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍ଆଇଆର୍ ପାଇଁ ଡାକି ହତ୍ୟା

କୋଲକାତା,୧୪।୨

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଚାଲିଥିବାବେଳେ ଦିନକୁ ଦିନ ଅନେକ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏହି କ୍ରମେ ଜଣେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍ଓ) ନିଜ ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍ଆଇଆର୍ ସମ୍ପର୍କରେ ଆଲୋଚନା ପାଇଁ ଡାକି ହତ୍ୟା କରିଛନ୍ତି। ଉତ୍ତର ୨୪ ପ୍ରଗଣା ଜିଲାରେ ପରକୀୟା ପ୍ରୀତିର ଏହି କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଶନିବାର ନ୍ୟାୟ ଦାବିରେ ରାସ୍ତା ଅବରୋଧ କରିଥିବାବେଳେ ପୋଲିସ ସମ୍ପୃକ୍ତ ବିଏଲ୍ଓ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଉତ୍ତର ୨୪ ପ୍ରଗଣା ଜିଲାର ୩୦ ବର୍ଷୀୟ ନାସିର ଅଲୀ ସୋମବାର ରାତିରୁ ନିଖୋଜ ଥିଲେ। ପରିବାର ଲୋକେ ଏନେଇ ମଙ୍ଗଳବାର ଥାନାରେ ରିପୋର୍ଟ କରିଥିଲେ। ନାସିରଙ୍କ ସ୍ତ୍ରୀଙ୍କ ସହ ବିଏଲ୍ଓ ରିଜ୍‌ୱାନ ହାସନ ମଣ୍ଡଳଙ୍କ ପ୍ରେମ ସମ୍ପର୍କ ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ଘନୀଭୂତ ହୋଇଥିଲା। ପୋଲିସ ରିଜ୍‌ୱାନଙ୍କ ମୋବାଇଲ ଫୋନ୍ କଲ୍ ଟ୍ରାକ୍ କରି ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ବଦୁରିଆସ୍ଥିତ ଏକ କେନାଲରେ ଶୁକ୍ରବାର ନାସିରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଠାବହେବା ପରେ ☞ପୃଷ୍ଠା-୨

**କେନାଲରେ ଫିଙ୍ଗିଲେ ଖଣ୍ଡବିଖଣ୍ଡିତ ମୃତଦେହ**







## ଆଜି ଜାଗର

### ରାତି ୧୦ଟାରେ ଉଠିବ ଶ୍ରୀଲିଙ୍ଗରାଜଙ୍କ ମହାଦୀପ

ପୁରୁଣା ଭୁବନେଶ୍ୱର,୧୪।୨
(ସୁବାସ ଚନ୍ଦ୍ର ପ୍ରଧାନ)

ରବିବାର ମହାଶିବରାତ୍ରି ଓ ଜାଗର ଯାତ୍ରା। ଏନେଇ ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ମନ୍ଦିର ପ୍ରଶାସନ ଏବଂ ପୋଲିସ କମିଶନରେଟ ପୋଲିସର ପ୍ରସ୍ତୁତି ଶେଷ ହୋଇଛି। ଭୋର ପ୍ରାୟ ୩ଟାରୁ ମନ୍ଦିରର ଦ୍ୱାର ଫିଟା ପରେ ଆଳତୀ ଅବକାଶ ଏବଂ ସାହାଣ ମେଲା ନୀତି ସମ୍ପନ୍ନ ହେବ। ରାତି ୧୦ ଟାରେ ମହାଦୀପ ଉଠିବା ନେଇ ସମୟ ସାରଣୀ ପ୍ରସ୍ତୁତ ହୋଇଛି। ପ୍ରାୟ ୧୨ଟି ସ୍ଥାନରେ ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଛି। ୪ ପ୍ରହର ନିତିକାନ୍ତି ସହ ହରିହର ଭେଟ ହେବ। ପୂର୍ବରୁ ଜାଗର ପରଦିନ ସକାଳ ୭ଟା ୩୦ରେ ବଡ଼ସିଂହାର ନୀତି ହେଉଥିଲା। କିନ୍ତୁ ଚଳିତ ବର୍ଷ ଭୋର ୫ଟା ୩୦ରେ ବଡ଼ସିଂହାର ଏବଂ ପହୁଡ଼ ନୀତି ହେବା ନେଇ ନୂତନ ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି।

**ଆଜିର ସମ୍ପାଦକୀୟ**

ଦେଶଭକ୍ତି ଚିନ୍ତା



# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୫/୨୦୨୬ Bhubaneswar, Sunday, February 15/2026 ପୃଷ୍ଠା-୧




**ପ୍ରମୋଦ ଭଗତଙ୍କୁ ଦୁଇ ସ୍ୱର୍ଣ୍ଣ**

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ । ୧୪

୦୨ **ବିବାହ କଥା କେବଳ ଗୁଜବ : ମୃଣାଳ**

ମୋ ବିବାହକୁ ନେଇ ସୋସିଆଲ ମିଡିଆରେ ଯେଉଁ ଚର୍ଚ୍ଚା ଚାଲିଛି ତାହା କେବଳ ଗୁଜବ ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁର ।



# ସମୃଦ୍ଧିର ସ୍ତମ୍ଭ ଶିଳ୍ପ: ମୁଖ୍ୟମନ୍ତ୍ରୀ

## କେନ୍ଦୁଝରରେ ୧୦୦ କୋଟିର ଟେକ୍ସଟାଇଲ ପାର୍କ, ଆଧୁନିକ ଡାଟା ସେଣ୍ଟରର ଶିଳାନ୍ୟାସ

କେନ୍ଦୁଝର,୧୪।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଜିଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ ଭିତ୍ତିଭୂମି ବିକାଶ ପାଇଁ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କ, ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟରର ଶିଳାନ୍ୟାସ କରିଛନ୍ତି। ଆୟୋଜିତ ସାଧାରଣ ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଆମ ସରକାର ପ୍ରତ୍ୟେକ ଜିଲାକୁ ସମୃଦ୍ଧ କରିବା ପାଇଁ ସଂକଳ୍ପବଦ୍ଧ। ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। କେବଳ ଖଣି କିମ୍ବା ଇସ୍ପାତ ନୁହେଁ, ବରଂ ଟେକ୍ସଟାଇଲ ଏବଂ ଆଇଟି ପରି କ୍ଷେତ୍ରରେ ଶିଳ୍ପର ବିବିଧକରଣ କରି ଆମେ ଯୁବପିଢ଼ି ଓ ମହିଳାଙ୍କ ପାଇଁ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ। ସମୃଦ୍ଧ ଜିଲାରୁ ହିଁ ସମୃଦ୍ଧ ଓଡ଼ିଶା ମନ୍ତ୍ରକୁ ପାଥେୟ କରି ଆମେ ଶିଳ୍ପ ଅନୁକୂଳ ନୀତି ଏବଂ ମାନବ ସମ୍ବଳର ବିକାଶ ଉପରେ ଗୁରୁତ୍ୱ ଦେଉଛୁ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁ ଥିବା ଟେକ୍ସଟାଇଲ ପାର୍କରେ ୧୨୦୦ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ ସହାୟତା ସହ ହିଣ୍ଡାଲ୍‌କୋ କମ୍ପାନୀ ୭ ଏକର ଜମିରେ ଏକ ପୋଷାକ ☞ପୃଷ୍ଠା–୨



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କେନ୍ଦୁଝର ଗସ୍ତ ସମୟରେ ଜନସାଧାରଣଙ୍କୁ ସାକ୍ଷାତ୍ କରୁଛନ୍ତି।

## 'ଚିନ୍ତାଧାରାକୁ ରୂପ ଦିଏ ଶିକ୍ଷା'

ଯାଜପୁର,୧୪।୨(ହର୍ଷବର୍ଦ୍ଧନ ବେହେରା)

ଭଲ ମାର୍କ ରଖିଲେ ହିଁ ସବୁ କିଛି କରିହେବ ତାହା ନୁହେଁ। ଶିକ୍ଷା ଆମର ଚିନ୍ତାଧାରାକୁ ରୂପ ଦିଏ, ଏହା ଚରିତ୍ର ଗଠନ କରେ ଏବଂ ଶୃଙ୍ଖଳା, ସଚ୍ଚୋଟତା, ସମ୍ମାନ ଓ ଦାୟିତ୍ୱ ଶିଖାଏ। ଏକ ଭଲ ସ୍କୁଲ ଛାତ୍ରୀଛାତ୍ରଙ୍କୁ କେବଳ ଚାକିରି ପାଇଁ ପ୍ରସ୍ତୁତ କରେ ନାହିଁ, ଏହା ଜୀବନ ଯୁଦ୍ଧ ପାଇଁ ପ୍ରସ୍ତୁତ କରିଥାଏ। ଜାତୀୟ ଶିକ୍ଷାନୀତିକୁ ରାଜ୍ୟରେ ପ୍ରଣୟନ କରାଯାଇ ଶିକ୍ଷାର ଢାଞ୍ଚାକୁ ପରିବର୍ତ୍ତନ କରିବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ଏଥିସହ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ମଡେଲ ସ୍କୁଲ ତଥା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଯାଜପୁର ଜିଲା ବ୍ୟାସନଗରସ୍ଥିତ ନରସିଂହ ଚୌଧୁରୀ(ଏନ୍‌ସି) ହାଇସ୍କୁଲର ଶନିବାର ପ୍ଲାଟିନମ୍ ଜୁବିଲି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଆଲୁମିନି କମିଟିର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ବଜେଟରେ ବହୁ ସୁଧାର ହୋଇପାରିଛି। ଆଉ ସେହି ଓଭରଡ୍ରାଫ୍ ନାହିଁ। ଚଳିତ ଆର୍ଥିକ ବର୍ଷରେ ୬.୧% ଭିତ୍ତିଭୂମି ସୁଦୃଢ଼ କରିବାକୁ ନିଷ୍ପତ୍ତି ନିଆଯାଇଛି, ଯାହାକି ଦେଶରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ପାରିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ହାଇସ୍କୁଲକୁ ଯିବା ପରେ ଅନେକ ପିଲା ଡ୍ରପ୍‌ଆଉଟ ହୋଇଥାନ୍ତି। ସେଥିରେ ଆଦିବାସୀ ବର୍ଗର ପିଲାମାନେ ଅଧିକ ☞ପୃଷ୍ଠା–୨

# ଭାରତ-ପାକିସ୍ତାନ ମୁକାବିଲା ଆଜି

**ଟି୨୦ ବିଶ୍ୱକପ୍**

କଲମ୍ବୋ, ୧୪।୨

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସବୁଠାରୁ ଚର୍ଚ୍ଚିତ ଭାରତ-ପାକିସ୍ତାନ ମୁକାବିଲା ରବିବାର ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରୁ ବାଂଲାଦେଶକୁ ବାଦ୍ ଦିଆଯିବାକୁ ନେଇ କ୍ରିକେଟ ସହିତ ରାଜନୀତିର ସମ୍ମିଶ୍ରଣ ହୋଇଥିଲା ଏବଂ ଭାରତ ବିପକ୍ଷ ମ୍ୟାଚକୁ ପାକିସ୍ତାନ ବର୍ଜନ କରିବ ବୋଲି କହିବାରୁ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା କ୍ରିକେଟ ବୋର୍ଡର ହସ୍ତକ୍ଷେପ ପରେ ପାକିସ୍ତାନ ୟୁଟର୍ନ ମାରିବାସହ ଖେଳିବାକୁ ରାଜି ହେବାପରେ ଏହି ହାଇପ୍ରୋଫାଇଲ ମ୍ୟାଚ ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାରୁ ଭାରତ-ପାକିସ୍ତାନ ମ୍ୟାଚରେ ଉଭୟ ଦଳର ଖେଳାଳି ଅତ୍ୟଧିକ ଚାପଗ୍ରସ୍ତ ଥାଆନ୍ତି। ଫଳରେ ମ୍ୟାଚ ସ୍ୱାଭାବିକ ଉତ୍ତେଜନାପୂର୍ଣ୍ଣ ହୋଇଥାଏ। ଦର୍ଶକଙ୍କ ହୃଦ୍‌ସ୍ପନ୍ଦନ ମଧ୍ୟ ବଢ଼ିଥାଏ। ତେଣୁ ସବୁ ଆଇସିସି ଇଭେଣ୍ଟରେ ଏହା ଏକ ନିଆରା ମ୍ୟାଚଭାବେ ପରିଗଣିତ ହୋଇଥାଏ। ମ୍ୟାଚ ପାଇଁ ଶେଷ ପ୍ରସ୍ତୁତିଲାଗି ଉଭୟ ଦଳ ଶନିବାର ନେଟ୍ସ ସେସନରେ ଝାଳ ବୁହାଇଛନ୍ତି। ହ୍ୟାଣ୍ଡସେକ୍ ପରି ଅନେକ ବିବାଦୀୟ ପ୍ରସଙ୍ଗ ଆଗକୁ ରହିଥିଲେ ହେଁ ଏବେ ମ୍ୟାଚ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ଅଭିଷେକ ଶର୍ମା ସମ୍ପୂର୍ଣ୍ଣ ଫିଟ୍ ଥିବାରୁ ଆଗାମୀ ମ୍ୟାଚରେ ଖେଳିବା ସମ୍ଭାବନା ବଢ଼ିଛି। ପାକସ୍ଥଳୀରେ ସଂକ୍ରମଣ ଯୋଗୁ ସେ ନାମ୍ବିୟା ବିପକ୍ଷ ମ୍ୟାଚ ଖେଳିପାରି ନ ଥିଲେ। ଯଦି ସେ ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି ତେବେ ସଞ୍ଜୁ ସାମସନଙ୍କୁ ଅପରିବର୍ତ୍ତିତ ରଖାଯାଇପାରେ କିମ୍ବା ୱାଶିଂଟନ ସୁନ୍ଦର ଫର୍ମରେ ଥିବା ଇଶାନ କିଶନଙ୍କ ସହ ଇନିଂସ ଓପନ କରିପାରନ୍ତି। ପ୍ରେମଦାସା ପିଚ୍ ସ୍ଲୋ ବୋଲରଙ୍କୁ ସୁହାଇବା ପୂର୍ବାନୁମାନ କରାଯାଉଥିବାରୁ ଏଥିରେ ସୁନ୍ଦର ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଖେଳାଇବାକୁ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରିପାରେ। ଯଦି କୁଲଦୀପଙ୍କୁ ସୁଯୋଗ ମିଳେ ତେବେ ଜଣେ ☞ପୃଷ୍ଠା–୨

# ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍‌ଆଇଆର୍ ପାଇଁ ଡାକି ହତ୍ୟା

## କେନାଲରେ ଫିଙ୍ଗିଲେ ଖଣ୍ଡବିଖଣ୍ଡିତ ମୃତଦେହ

କୋଲକାତା,୧୪।୨

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଦିନକୁ ଦିନ ଅନେକ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏହି କ୍ରମେ ଜଣେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ନିଜ ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍‌ଆଇଆର୍ ସମ୍ପର୍କରେ ଆଲୋଚନା ପାଇଁ ଡାକି ହତ୍ୟା କରିଛନ୍ତି। ଉତ୍ତର ୨୪ ପ୍ରଗଣା ଜିଲାରେ ପରକୀୟା ପ୍ରୀତିର ଏହି କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଶନିବାର ନ୍ୟାୟ ଦାବିରେ ରାସ୍ତା ଅବରୋଧ କରିଥିବାବେଳେ ପୋଲିସ ସମ୍ପୃକ୍ତ ବିଏଲ୍‌ଓ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଉତ୍ତର ୨୪ ପ୍ରଗଣା ଜିଲାର ୩୦ ବର୍ଷୀୟ ନାସିର ଅଲୀ ସୋମବାର ରାତିରୁ ନିଖୋଜ ଥିଲେ। ପରିବାର ଲୋକେ ଏନେଇ ମଙ୍ଗଳବାର ଥାନାରେ ରିପୋର୍ଟ କରିଥିଲେ। ନାସିରଙ୍କ ସ୍ତ୍ରୀଙ୍କ ସହ ବିଏଲ୍‌ଓ ରିଜ୍‌ୱାନ ହାସନ ମଣ୍ଡଳଙ୍କ ପ୍ରେମ ସମ୍ପର୍କ ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ଘନୀଭୂତ ହୋଇଥିଲା। ପୋଲିସ ରିଜ୍‌ୱାନଙ୍କ ମୋବାଇଲ ଫୋନ୍ କଲ୍ ଟ୍ରାକ୍ କରି ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ବଦୁରିଆସ୍ଥିତ ଏକ କେନାଲରେ ଶୁକ୍ରବାର ନାସିରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଠାବହେବା ପରେ ☞ପୃଷ୍ଠା–୨






## ଆଜି ଜାଗର

### ରାତି ୧୦ଟାରେ ଉଠିବ ଶ୍ରୀଲିଙ୍ଗରାଜଙ୍କ ମହାଦୀପ

ପୁରୁଣା ଭୁବନେଶ୍ୱର,୧୪।୨
(ସୁବାସ ଚନ୍ଦ୍ର ପ୍ରଧାନ)

ରବିବାର ମହାଶିବରାତ୍ରି ଓ ଜାଗର ଯାତ୍ରା। ଏନେଇ ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ମନ୍ଦିର ପ୍ରଶାସନ ଏବଂ ପୋଲିସ କମିଶନରେଟ ପୋଲିସର ପ୍ରସ୍ତୁତି ଶେଷ ହୋଇଛି। ଭୋର ପ୍ରାୟ ୩ଟାରୁ ମନ୍ଦିରର ଦ୍ୱାର ଫିଟା ପରେ ଆଳତୀ ଅବକାଶ ଏବଂ ସାହାଣ ମେଲା ନୀତି ସମ୍ପନ୍ନ ହେବ। ରାତି ୧୦ ଟାରେ ମହାଦୀପ ଉଠିବା ନେଇ ସମୟ ସାରଣୀ ପ୍ରସ୍ତୁତ ହୋଇଛି। ପ୍ରାୟ ୧୨ଟି ସ୍ଥାନରେ ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଛି। ୪ ପ୍ରହର ନିତିକାନ୍ତି ସହ ହରିହର ଭେଟ ହେବ। ପୂର୍ବରୁ ଜାଗର ପରଦିନ ସକାଳ ୭ଟା ୩୦ରେ ବଡ଼ସିଂହାର ନୀତି ହେଉଥିଲା। କିନ୍ତୁ ଚଳିତ ବର୍ଷ ଭୋର ୫ଟା ୩୦ରେ ବଡ଼ସିଂହାର ଏବଂ ପହୁଡ଼ ନୀତି ହେବା ନେଇ ନୂତନ ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି।

**ଆଜିର ସମ୍ପାଦକୀୟ**

ଦେଶଭକ୍ତି ଚିନ୍ତା







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୨୦ତମ ତୋଷାଳି ସ୍ୱଦେଶୀ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା।
- ୧୨ତମ ଭୁବନେଶ୍ୱର ରେଡିଓ ମେଳା, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୪ଟା।
- ମହାଶିବରାତ୍ରୀ ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ହଂସପାଳ ବାଟ ମହାବୀର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକ ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।
- ଜାଗର ଉପଲକ୍ଷେ ଶ୍ରୀଶ୍ରୀ ବାବା ଜଳେଶ୍ୱର ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ପ୍ରଥମ ରଜନୀରେ ମଞ୍ଚସ୍ଥ ନାଟକ 'କେତେ ଦୁଃଖ ଦେବୁ କହ ଦଇବ', ସ୍ଥାନ: କଳାରାହାଙ୍ଗ ଜଳେଶ୍ୱର ମନ୍ଦିର ଯାତ୍ରା ପଡ଼ିଆ, ସମୟ: ରାତି ୧୧ଟା।

## କଟକ

- ଓଡ଼ିଶା କବାଡି ଆସୋସିଏଶନ୍ ପକ୍ଷରୁ ୭୩ତମ ବରିଷ୍ଠ ରାଜ୍ୟ କବାଡି ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ, ସ୍ଥାନ: ଇନ୍‌ଡୋର ଷ୍ଟାଡ଼ିୟମ୍, ସମୟ:ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଶିଶିର ମେଳା ଉଦ୍‌ଯାପନୀ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ଜଟଣୀ ବିକାଶ ପରିଷଦ ଆନୁକୂଲ୍ୟରେ ତୃତୀୟ ଜଟଣୀ ପଥ ଉତ୍ସବ, ସ୍ଥାନ: ଜଟଣୀ ମୁଖ୍ୟ ମାର୍ଗ, ହରିଭାଇନା ଛକ, ଜଟଣୀ, ସମୟ: ସକାଳ ୬ଟା।
- ଜାଗର ଯାତ୍ରା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର, ସାଲତରା, ବେଗୁନିଆ, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ସମାପନ, ସ୍ଥାନ: କୁଶପଲ୍ଲାସ୍ଥିତ ଲୋକେଶ୍ୱର ଦେବଙ୍କ ମନ୍ଦିର, ବେଗୁନିଆ, ସମୟ: ଅପରାହ୍ନ ୫ଟା।
- ଜାଗର ମହୋତ୍ସବ, ସ୍ଥାନ: ବଡ଼ପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ବାବା ବାଲୁଙ୍କେଶ୍ୱର ଦେବଙ୍କ ଷଷ୍ଠବିଂଶତମ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବାଛରା ଗ୍ରାମସ୍ଥ ମନ୍ଦିର ପରିସର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ବାଦିପାଲା, ସ୍ଥାନ: ସୁଆଁଳସ୍ଥିତ ଲୋକେଶ୍ୱର ଦେବଙ୍କ ମନ୍ଦିର, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ରାତି ୧୦ଟା।
- ବାବା ନୀଳକଣ୍ଠେଶ୍ୱର ଦେବଙ୍କ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ଜଟଣୀ ଗାଁ ହାଟବଜାର, ଜଟଣୀ, ସମୟ: ରାତି ୧୦ଟା।
- ବାବା ସୋମନାଥ ଦେବଙ୍କ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ବୁଢାପଡ଼ା, ଜଟଣୀ, ସମୟ: ରାତି ୧୦ଟା।

## ବାଲେଶ୍ୱର

- ମହାଶିବରାତ୍ରି ଉତ୍ସବ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ନୂଆବଜାର, ବାଲେଶ୍ୱର, ସମୟ: ସକାଳ ୭ଟା।
- କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଟ ବଣ୍ଟନ, ସ୍ଥାନ: ଶୈବପୀଠ ପରିସର, ଲଙ୍ଗଳେଶ୍ୱର, ସମୟ: ସକାଳ ୮ଟା।
- ଶ୍ରଦ୍ଧା ବୃଦ୍ଧା ଆଶ୍ରମରେ ଭୂମିପୂଜନ, ସ୍ଥାନ: ଡେମୁରିଆ, ବାଲିଆପାଳ, ସମୟ: ସକାଳ ୯ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧ଲକ୍ଷ ଦୀପ ପ୍ରଜ୍ୱଳନ ଓ ଭଜନ ସନ୍ଧ୍ୟା, ସ୍ଥାନ: ଭୂଷଣ୍ଡେଶ୍ୱର ମହାଦେବ, କୁମ୍ଭୀରଗଡ଼ି ପାହି, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ମହାଶିବରାତ୍ରିରେ ଜାଗର ଜାଳିବେ ଲକ୍ଷାଧିକ ଶ୍ରଦ୍ଧାଳୁ, ସ୍ଥାନ: ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ସହ ଭୋଗରାଇର ଶତାଧିକ ଶୈବପୀଠ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଉତପଡ଼ା ବାବା ବାଳକେଶ୍ୱରନାଥ ଶୈବପୀଠ, ରୂପସା, ସମୟ: ରାତି ୮ଟା।

## ଭଦ୍ରକ

- ଜାଗର ଯାତ୍ରା, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଚିଲୋ ହନୁମାନ ପଡ଼ିଆ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱେଶ୍ୱର ପୀଠରେ ଜାଗର ଯାତ୍ରା, ସ୍ଥାନ: ରାଢୋ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ସାଳନ୍ଦୀ ସାହିତ୍ୟ ସଙ୍ଗମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଙ୍ଗମ କନଭେନ୍‌ଶନ୍, ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ସୋମେଶ୍ୱର ମନ୍ଦିରରେ ମହାଦୀପ ଉଠିବା ସମୟ, ସ୍ଥାନ: ସ୍ୱାମ ଶାସନ, ପାଟଣା, ସମୟ: ରାତି ୯ଟା।
- ଜାଗର ଉତ୍ସବ ଓ ମହାଦୀପ ଉଠିବା ସମୟ,ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ରାତି ୧୦ଟା୩୦।
- ଆନନ୍ଦେଶ୍ୱର ମହାଦେବ ମନ୍ଦିର ମହାଦୀପ ଉଠିବା, ସ୍ଥାନ: ପାଟଣାସ୍ଥିତ ମନ୍ଦିର ପରିସର,ସମୟ: ରାତି ୧୧ଟା।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମହାଶିବରାତ୍ରି ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି, ସମୟ: ପ୍ରାତଃ ୪ଟା।
- ବାବା ଝିଙ୍କେଶ୍ୱର ପୀଠରେ ଜାଗର ଯାତ୍ରା,ସ୍ଥାନ: କପ୍ତିପଦା, ସମୟ: ପ୍ରାତଃ ୪ଟା୩୦।
- ଜାଗରମେଳା ଓ ମହାଶିବରାତ୍ରି, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ପ୍ରାତଃ ୫ଟା।
- ମହାଶିବରାତ୍ରି ଓ ଜାଗରମେଳା, ସ୍ଥାନ: ବୁଢ଼ାରାଉଳ ମଠ ତେନ୍ତୁଳିଡିଙ୍ଗା ବାରିପଦା,ସମୟ: ପ୍ରାତଃ ୫ଟା।
- ସତ୍ୟ ସ୍ୱରୂପ କ୍ରିକେଟ ଟୁର୍ନାମେଟ ଉଦ୍‌ଘାଟନ,ସ୍ଥାନ: ନାଗପାଳ ଖେଳ ପଡ଼ିଆ, ଉଦଳା, ସମୟ: ସକାଳ ୯ଟା୩୦।
- ଗୋଶାଳା କପ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୋଶାଳା ପଡ଼ିଆ ତୁଳସୀଚଉରା, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ବୁଦ୍ଧଖୋଲରେ ମହାଶିବରାତ୍ରୀ, ସ୍ଥାନ: ବୁଗୁଡ଼ା,ବୁଦ୍ଧଖୋଲ, ସମୟ: ସକାଳ ୬ ଟା।
- ମହାଶିବରାତ୍ରୀ ଉପଲକ୍ଷେ ନାମ ସଂକୀର୍ତ୍ତନ ଯଜ୍ଞ, ସ୍ଥାନ: ବୁଗୁଡ଼ା,ଏକଡାଳ, ସମୟ: ସକାଳ ୭ ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପକ୍ଷରୁ ୨୫ ତମ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବ୍ରହ୍ମାକୁମାରୀ ପକ୍ଷରୁ ଜାଗର ଉପଲକ୍ଷେ ଶୈବ ମିଳନ, ସ୍ଥାନ: ଆଶ୍ରମ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ମୁକ୍ତେଶର ମନ୍ଦିର ପରିସରରେ ମହାଶିବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ରଣସିଂସାହି, ବଡପାଳ, ମାର୍ଶାଘାଇ, ସମୟ:ସକାଳ ୬ଟା ।
- ଗ୍ରାମେଶ୍ୱର ମହୋତ୍ସବ, ସ୍ଥାନ: ମନ୍ଦିର ପରିସର, ଜମ୍ବିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- ଜାଗର ମହୋତ୍ସବ, ସ୍ଥାନ: ମହାଦେବ ମନ୍ଦିର, କପାଳେଶ୍ୱର, କେନ୍ଦ୍ରାପଡା, ପାଟଣା, କୋର, ଆଗପଡା, ଅରସା, କଣ୍ଟପଡା, ନରହରିପୁର ଶାସନ, ରାଜକନିକା, ନଡିଆବରେଇ, ଗରଦପୁର, ଜଗନ୍ନାଥପୁର, ନୀଳକଣ୍ଠପୁର, ଚାଟରା ଶାସନ, ଗୋଲରହାଟ, ଡେରାବଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ମହାବିନାୟକ ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମହାବିନାୟକ ପୀଠ, ଚଣ୍ଡିଖୋଲ, ସମୟ: ସକାଳ ୬ଟା।
- ନାନପୁର ମହୋତ୍ସବ, ସ୍ଥାନ: ବଡଚଣା ବ୍ଲକ ଅନ୍ତର୍ଗତ ନାନପୁର ସ୍ଥିତ ବିରୂପା ନଦୀ ପଠା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରାର ଶୁଭାରମ୍ଭ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ପ୍ରାତଃ ୪ଟା(ସର୍ବ ସାଧାରଣ ଦର୍ଶନ, ରାତ୍ର ୧୧ଟା (ମହାଦୀପ ଉଠାଣ)।
- ଭୈମୀ ଏକାଦଶୀ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୨୪ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜାଗରଯାତ୍ରା ଅବସରରେ ମହାଦୀପ ଉଠାଣ, ସ୍ଥାନ:ଗୋଡିପଡା ଲଡୁକେଶ ମହେଶଙ୍କ ପୀଠ: ରାତ୍ର ୧୧ଟା ।

## ରାୟଗଡ଼ା

- ମହାଶିବରାତ୍ରୀ ଓ ଜାଗର, ସ୍ଥାନ: ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡ଼ା, ସମୟ: ସକାଳ ୫ଟା।
- ପଣା ବଣ୍ଟନ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଥ ତ୍ରିବେଣୀ ମହୋତ୍ସବ ସହ ଜାଗର ଯାତ୍ରା, ସ୍ଥାନ: ମୀନାଖୋଲା, ସମୟ, ଅପରାହ୍ନ ୫ଟା।

## ନବରଙ୍ଗପୁର

- କେଲିଆ ଶୈବପୀଠରେ ମହାଦୀପ ଦର୍ଶନ, ସ୍ଥାନ: ଡାବୁଗାଁ, ସମୟ: ରାତି ୧୦ଟା।

## ସମ୍ବଲପୁର

- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ଆୟୋଜିତ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ମହାଶିବରାତ୍ରୀ ଉପଲକ୍ଷେ ପୂଜାର୍ଚ୍ଚନା, ସ୍ଥାନ: ଶ୍ରୀ ଧବଳେଶ୍ୱର ବାବା ମନ୍ଦିର, ଖୁଜେନପାଲି, ବଲାଙ୍ଗୀର, ସମୟ: ପ୍ରାତଃ ୪ଟାରୁ ।
- ଧବଳେଶ୍ୱର ବାବାଙ୍କ ଜାଗର ଯାତ୍ରା ଉପଲକ୍ଷେ ମହାଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ, ସ୍ଥାନ: କୁମୁଡା ପାହାଡ , ଟିଟିଲାଗଡ ସହର, ସମୟ: ରାତ୍ରି ୧୨ଟା।

## କଳାହାଣ୍ଡି

- ବାଲୁଙ୍କେଶ୍ୱର ମନ୍ଦିରରେ ହରିହର ଭେଟ, ସ୍ଥାନ: ଭବାନୀପାଟଣା ପୁରୁଣାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜାଗର ମହୋତ୍ସବ ପାଇଁ ନାମଯଜ୍ଞ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସକାଳ ୬ଟା।
- ମା' ଯୋଗମାୟା ଶକ୍ତିପୀଠରେ ମହାଶିବରାତ୍ରି ଉପଲକ୍ଷେ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ମହାଦୀପ ପ୍ରଜ୍ୱଳନ, ସ୍ଥାନ: କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ଶ୍ରୀ ପାତାଳେଶ୍ୱର ମହାଦେବ ମନ୍ଦିର, ସମୟ: ସକାଳ ୮ଟା।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼, ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ମହାଶିବରାତ୍ରି ଅବସରରେ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବ୍ଲକ ନିକିତିମାଲ ଗ୍ରାମର ସିଦ୍ଧେଶ୍ୱର ଶିବ ମନ୍ଦିର ନିକଟ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ମା' ପଞ୍ଚେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଚଣ୍ଡିପୂଜା ଓ ହୋମ ଯଜ୍ଞ, ସ୍ଥାନ: ବୀରମହାରାଜପୁର, ଭୁଦୋବର ଗ୍ରାମ, ସମୟ: ସକାଳ ୮ଟା ୩୦।

## ନୂଆପଡ଼ା

- ମହାଶିବରାତ୍ରି ପାଳନ, ସ୍ଥାନ: ପତୋରା ଯୋଗେଶ୍ୱର ମନ୍ଦିର, ଶୁକ୍ଲିମୁଣ୍ଡି ସିଦ୍ଧେଶ୍ୱର ବାବା, ବୃଦ୍ଧିକୋମନା ପାତାଳେଶ୍ୱର ମନ୍ଦିର, ଧରମପୁର ଶିବ ମନ୍ଦିର, ଧରମସାଗର ଧବଳେଶ୍ୱର ମନ୍ଦିର, ଦିଆମୁଣ୍ଡା ଶିବ ମନ୍ଦିର, ତରବୋଡ ଶିବ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ରୁ ରାତି ୧୨ଟା।

## ଝାରସୁଗୁଡ଼ା

- ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ମଣ୍ଡଳିଆ କ୍ରିକେଟ ପଡ଼ିଆ, ବ୍ରଜରାଜନଗର, ସମୟ, ପୂର୍ବାହ୍ନ ୧୧ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଇଲିଶି ମାଛର କଣ୍ଟା ସାର।

ସାଧାରଣତଃ ଇଲିଶି ମାଛ ଖାଇବାକୁ ବେଶ୍ ରୁଚିକର ଲାଗିଥାଏ। ତେବେ ଏହି ମାଛରେ ଅତ୍ୟଧିକ କଣ୍ଟା ରହୁଥିବାରୁ ଏହାକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

### ଇକାନୁ ସେ କାନ ନଇ ହେବା।

କୌଣସି ଗୋପନୀୟ କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ଉଚିତ୍ ହୋଇ ନ ଥାଏ। କାରଣ ଅନ୍ୟ ଆଗରେ ପ୍ରକାଶ କରିଦେଲେ ତାହା ସମୟକ୍ରମେ ଏ କାନରୁ ସେ କାନ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ। ସେହି ଦୃଷ୍ଟିରୁ ଗୁପ୍ତ କଥାକୁ ଅନ୍ୟ ଆଗରେ କେବେ ପ୍ରକାଶ ନ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିବାହ କଥା କେବଳ ଗୁଜବ : ମୃଣାଳ


ମୃଣାଳ ଠାକୁର

ବଲିଉଡ୍‌ରୁ ଆରମ୍ଭକରି ଦକ୍ଷିଣ ଭାରତୀୟ ସିନେମାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ମୃଣାଳ ଠାକୁର। ଏବେ କିନ୍ତୁ ସେ ସିନେମା କମ୍, ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ଅଛନ୍ତି। ବିଶେଷ କରି ସାଉଥ୍ ସୁପରଷ୍ଟାର ଧନୁଷ୍‌ଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଏବଂ ବିବାହକୁ ନେଇ ସୋସିଆଲ ମିଡିଆରେ କିଛିଦିନ ଚର୍ଚ୍ଚା ଚାଲିଛି। ମାତ୍ର ଏ ପ୍ରସଙ୍ଗରେ ନୀରବତା ଭାଙ୍ଗିଛନ୍ତି ମୃଣାଳ। ମୋ ବିବାହ ଚର୍ଚ୍ଚା କେବଳ ଗୁଜବ ବୋଲି ସେ କହିଛନ୍ତି। ଏକ ନ୍ୟୁଜ୍ ଏଜେନ୍ସିକୁ ଦେଇଥିବା ସାକ୍ଷାତ୍କାରରେ ମୃଣାଳ ସ୍ପଷ୍ଟ କରିଛନ୍ତି, ବିବାହ ପାଇଁ ସେ ତରବର ହେଉନାହାନ୍ତି। ଯେତେବେଳେ ଠିକ୍ ସମୟ ଆସିବ ଆଉ ଉପଯୁକ୍ତ ବ୍ୟକ୍ତି ମିଳିବେ, ସେତେବେଳେ ସେ ନିଶ୍ଚୟ ବିବାହ କରିବେ। ଯେଉଁଦିନ ତାଙ୍କର ବିବାହ ଠିକ୍ ହେବ, ସେ ନିଜେ ସୋସିଆଲ ମିଡିଆ ମାଧ୍ୟମରେ ସମସ୍ତଙ୍କୁ ଜଣାଇବେ। ତେବେ ଧନୁଷଙ୍କୁ ସେ ସବୁବେଳେ ନିଜର ଜଣେ ଭଲ ବନ୍ଧୁ ବୋଲି କହି ଆସିଛନ୍ତି। ମୃଣାଳ 'ଦୋ ଦିୱାନେ ସେହେର ମେ'ରେ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି। ସଞ୍ଜୟ ଲୀଳା ଭଁଶାଲୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ରବି ଉଦୟଭର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଶଂସକମାନେ ପ୍ରଥମ ଥର ପାଇଁ ସିଦ୍ଧାନ୍ତ ଏବଂ ମୃଣାଳଙ୍କ ଯୋଡ଼ିକୁ ଦେଖିବା ପାଇଁ ଢେର ଉତ୍ସାହିତ ଅଛନ୍ତି। ଫେବୃଆରୀ ୨୦ରେ ଏହାର ରିଲିଜ ହେବ ବୋଲି ପୂର୍ବରୁ ଘୋଷଣା ହୋଇଛି। ତେବେ ବର୍ତ୍ତମାନ କ୍ୟାରିୟର ଉପରେ ଧ୍ୟାନ ଦେଉଛି, ବିବାହ କଥା ସମ୍ପୂର୍ଣ୍ଣ ଗୁଜବ ବୋଲି ମୃଣାଳ କହିଛନ୍ତି।


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ପ୍ରେମିକାଙ୍କ ସ୍ୱାମୀଙ୍କୁ ...

ରିଜ୍‌ୱାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ତାଙ୍କ ସହଯୋଗୀ ସାଗର ଗିନେଙ୍କୁ ମଧ୍ୟ ଜେରା କରାଯାଇଥିଲା। ଜେରାବେଳେ ସାଗର ସବୁ କଥା ପୋଲିସ ଆଗରେ ମାନିଯାଇଥିଲେ। ସେ କହିଥିଲେ, ରିଜ୍‌ୱାନ ନାସିରଙ୍କ ସ୍ତ୍ରୀଙ୍କୁ ଭଲ ପାଉଥିଲେ। ରିଜ୍‌ୱାନ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଥିବାରୁ ନାସିରଙ୍କୁ ଏହା ଉପରେ ଆଲୋଚନା ପାଇଁ ଏକ ନିଛାଟିଆ ସ୍ଥାନକୁ ଡାକିଥିଲେ। ସେଠାରେ ଦୁହେଁ ନାସିରଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ୩ ଖଣ୍ଡ କରି କେନାଲରେ ଫିଙ୍ଗିଦେଇଥିବା ସେ କହିଥିଲେ। ଇତିମଧ୍ୟରେ ସ୍ଥାନୀୟ ଲୋକେ ଦେଢ଼ଘଣ୍ଟା ଧରି ରାସ୍ତା ଅବରୋଧ କରିବା ସହ ପୋଲିସ ବିରୋଧରେ ବିକ୍ଷୋଭ କରିଥିଲେ। ଜନାକ୍ରୋଶ ବଢୁଥିବା ଦେଖି ପୋଲିସ ଅଭିଯୁକ୍ତ ବିଏଲ୍‌ଓ ରିଜ୍‌ୱାନ ଓ ତାଙ୍କ ସହଯୋଗୀ ସାଗରଙ୍କୁ ଗିରଫ କରିଛି।

## ଭାରତ-ପାକିସ୍ତାନ ...

ବ୍ୟାଟର ବାହାରେ ବସିପାରନ୍ତି। ରିଙ୍କୁ ସିଂ ଏହାର ଶିକାର ହୋଇପାରନ୍ତି। ଏବେ ଭାରତକୁ କେବଳ ମିଡିଲ ଅର୍ଡରରେ ସ୍ଥିର ପ୍ରଦର୍ଶନ ଦେବାକୁ ହେବ। ଆମେରିକାର ବିପକ୍ଷ ମ୍ୟାଚରେ ଭାରତ ଏକଦା ୭୭ ରନ ମଧ୍ୟରେ ୬ ଉଇକେଟ ହରାଇଥିଲା। ସେହିପରି ନାମ୍ବିୟା ବିପକ୍ଷ ଡେଥ୍ ଓଭରରେ ଦଳ ଶୀଘ୍ର ୫ ଉଇକେଟ ହରାଇଥିଲା। ପ୍ରଥମ ୨ଟି ମ୍ୟାଚରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତକୁ ସଙ୍କଟଜନକ ପରିସ୍ଥିତିରୁ ଉଦ୍ଧାର କରିଛନ୍ତି। ମାତ୍ର ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତକୁ ଦଳଗତ ପ୍ରଦର୍ଶନ ଦେବାକୁ ହେବ। ପାକିସ୍ତାନ ଟୁର୍ନାମେଣ୍ଟ ଆରମ୍ଭରୁ କଲମ୍ବୋରେ ଖେଳି ଆସୁଛି। ତେଣୁ ଏଠାକାର ପିଚ୍ ଓ ପରିବେଶ ସହିତ ଏହି ଦଳ ଅଧିକ ଅଭ୍ୟସ୍ତ ହୋଇଛି। ପାକିସ୍ତାନ ଦଳରେ ଉସମାନ ତାରିକ, ସଇମ ଆୟୁବ, ଆବ୍ରାର ଅହମଦ, ଶାଦବ ଖାଁ ଓ ମହମ୍ମଦ ନୱାଜଙ୍କ ରୂପରେ ୫ ଜଣ ଦକ୍ଷ ସ୍ପିନର ଅଛନ୍ତି। ସେହିପରି ବ୍ୟାଟିଂ ବିଭାଗରେ ଶାହିବଜାଦା ଫରହାନ, ଆୟୁବ ଓ ଅଲ୍‌ରାଉଣ୍ଡର ଫହିମ ଅଶ୍ରଫ ଭଲ ଫର୍ମରେ ଅଛନ୍ତି। ନେଦରଲାଣ୍ଡ୍ସ ଓ ଆମେରିକା ବିପକ୍ଷରେ ବିଜୟୀ ହୋଇଥିବା ପାକିସ୍ତାନ କିନ୍ତୁ ଭାରତ ବିପକ୍ଷରେ କ୍ୱାଲିଟି ବୋଲିଂର ସମ୍ମୁଖୀନ ହେବ। ଯଶପ୍ରୀତ୍ ବୁମ୍‌ରାଙ୍କଠାରୁ ଆରମ୍ଭ କରି ବରୁଣ ଚକ୍ରବର୍ତ୍ତୀଙ୍କ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆରେ ଅନେକ ମ୍ୟାଚ ବିଜୟୀ ବୋଲର ଅଛନ୍ତି। ଏପରି କି ଶିବମ ଦୁବେଙ୍କ ବୋଲିଂରେ ମଧ୍ୟ ଅନେକ ଉନ୍ନତି ଘଟିଛି। ଏହା ଦଳରେ ସନ୍ତୁଳନ ଆଣିବ।

## ବର୍ଷା ଆଶଙ୍କା

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇଥିବାନେଇ ଶ୍ରୀଲଙ୍କା ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଫଳରେ ଖେତରାମା ଅଞ୍ଚଳରେ ବର୍ଷା ହେବାର ୭୦ ପ୍ରତିଶତ ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି।

## ସମୃଦ୍ଧିର ସ୍ତମ୍ଭ ଶିଳ୍ପ...

ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ଗତବର୍ଷ ଜୁଲାଇରେ ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ (ଓ-ଟେକ୍ସ)ରେ ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ରାଜ୍ୟ ସାରା ୫୩,୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ସେହିପରି ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓକାକ୍ ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟାସେଣ୍ଟରର ଏକ ବ୍ୟାକ୍‌ଅପ୍ ଭାବେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ ଶକ୍ତି ଏକ ବିକଶିତ ଭାରତ ଆଡ଼କୁ ଆମ ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ଜିଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଓକାକ୍ ସିଇଓ ପ୍ରଦୀପ କୁମାର ରାଉତ, ହିଣ୍ଡାଲ୍‌କୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ଜିଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଓକାକ୍ ସିଇଓ ପ୍ରଦୀପ କୁମାର ରାଉତ, ହିଣ୍ଡାଲ୍‌କୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## 'ଚିନ୍ତାଧାରାକୁ ରୂପ...

ରହିଥାନ୍ତି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ଶିକ୍ଷାନୀତିକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ପୂର୍ବ ସରକାର ଏହି ନୀତିକୁ କାର୍ଯ୍ୟକାରୀ କରିବାକୁ କୁଣ୍ଠାବୋଧ କରିଥିଲେ। ତେଣୁ ଶିକ୍ଷା କ୍ଷେତ୍ରରେ ଆମେ ବହୁ ପଛରେ ପଡ଼ିଲୁ। ଗତ ସରକାର ସମୟରେ ସ୍ମାର୍ଟ ସ୍କୁଲ ଯୋଜନା ବିଫଳ ହୋଇଥିଲା। ସାଧାରଣ ଷ୍ଟାଣ୍ଡାର୍ଡ ପିଲାମାନେ ସ୍ମାର୍ଟ ସ୍କୁଲର ଶିକ୍ଷାଦାନ ପ୍ରଣାଳୀକୁ ବୁଝିପାରି ନ ଥିଲେ। ପିଲାମାନଙ୍କୁ ସେଭଳି କୌଶଳ ନ ଶିଖାଇ ସିଧାସଳଖ ସ୍ମାର୍ଟ ସ୍କୁଲରେ ଦାଖଲା କରିଥିଲେ। ଏହାବାଦ ଭିତ୍ତିଭୂମି ସାଙ୍ଗକୁ ଆବଶ୍ୟକ ଶିକ୍ଷକ ଅଭାବ ରହିଥିଲା। ତେଣୁ ଗତ ସରକାର ଲୋକହସା ହୋଇଥିଲେ। କିନ୍ତୁ ବର୍ତ୍ତମାନ ସରକାର ଶିକ୍ଷକ ନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି। ବର୍ତ୍ତମାନ ୨୨ ହଜାର ଶିକ୍ଷକଙ୍କୁ ନିୟମିତ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜଣେ ଶିକ୍ଷକ ଥିଲେ। ସେଠାରେ ପ୍ରାଥମିକ ଶିକ୍ଷାର ଢାଞ୍ଚା ଦେଖିଥିଲେ ଓ ତାଲିମ ମଧ୍ୟ ନେଇଥିଲେ। ସେଭଳି ଶିକ୍ଷାଦାନ କରିବାକୁ ଗତ ସରକାରଙ୍କୁ ସେ ପ୍ରସ୍ତାବ ଦେଇଥିଲେ। ହେଲେ ସେମାନେ ଶୁଣିଲେ ନାହିଁ। ଏବେ ତାଙ୍କୁ ସାଧାରଣ ଲୋକେ ମୁଖ୍ୟ ସେବକ ତଥା ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଛନ୍ତି। ୨୦୩୬ରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ଏଥିପାଇଁ ସମସ୍ତ କ୍ଷେତ୍ରରେ ସମୃଦ୍ଧ ଓଡ଼ିଶା କରିବାକୁ ପରିକଳ୍ପନା କରାଯାଇଛି। ତେଣୁ ସମସ୍ତେ ଏଥିପାଇଁ ଅନଲାଇନରେ ପ୍ରସ୍ତାବ ଦେବାକୁ ସେ ଅନୁରୋଧ କରିଛନ୍ତି। ସଭାମଞ୍ଚରେ କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ଜିଲା ପରିଷଦ ସଭାନେତ୍ରୀ ନଳିନୀପ୍ରଭା ଜେନା, ଆଲୁମିନି କମିଟିର ସମ୍ପାଦକ ଅଭିଲାଷ ଦାସ, ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦ୍ୱିବେଦୀ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମଭାବସ୍ଥ ଚନ୍ଦ୍ରମଙ୍ଗଳଯୋଗ ଆପଣଙ୍କୁ ଧୈର୍ଯ୍ୟର ସହ କାମ ହାସଲ ଦିଗରେ ସାହାଯ୍ୟ କରିବ। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ। ଅଶ୍ୱିନୀ ନକ୍ଷତ୍ରର ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ସଞ୍ଚିତ ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇ ଯାଇପାରେ।

**ବୃଷ** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ରବଳ ପ୍ରଭାବରୁ କୌଣସି କାମରେ ପଛକୁ ଫେରିବେ ନାହିଁ। ରୋହିଣୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଭଲରେ ଚାଲିବ ଏବଂ ଲାଭବାନ୍ ହେବେ। ବନ୍ଧୁମିଳନ ସାଙ୍ଗକୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବହନରେ ସାଧାରଣ କଥାରେ ଝଗଡ଼ା କିମ୍ବା ତଜ୍ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** ସମ୍ପର୍କୀୟଙ୍କ ବିରୋଧ ମଧ୍ୟରେ ମୃଗଶିରା ନକ୍ଷତ୍ର ସକାଶେ ଆଶା ଓ ଅଭିଳାଷ ପୂରଣ ହେବ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଛୋଟ କଥାକୁ କେନ୍ଦ୍ର କରି ସମ୍ପର୍କହାନି ଘଟିପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକମାନଙ୍କ ଶୁଭକାମନାରୁ ଲକ୍ଷ୍ୟ ପୂରଣ ହୋଇପାରିବ।

**କର୍କଟ** କର୍ମକ୍ଷେତ୍ରରେ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଯାତ୍ରା ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିପାରିବାରୁ ଟେନସନ୍ କମିଯିବ। ପାରିବାରିକ ସମସ୍ୟା ସମାଧାନରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ଅଶ୍ଳେଷାର ସଭାସମିତିରେ ତର୍କ ବୃଦ୍ଧି ପାଇବାରୁ ଆଲୋଚନା ଅମୀମାଂସିତ ରହିପାରେ।

**ସିଂହ** ମଘା ନକ୍ଷତ୍ର ନିକଟସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ କରିବେ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମ ତ୍ୱରାନ୍ୱିତ କରିବାରେ ସଫଳ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ, ସୁନ୍ଦର କରିବ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ଏବଂ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଜିର ଯାତ୍ରା, କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ଭଲ ରହିବ। ଭୁଲ୍ ବୁଝାମଣା ହେତୁ ଆତ୍ମୀୟଙ୍କ ଅସହଯୋଗ ଯୋଗୁ ଦୁଃଖ ଅନୁଭବ କରିପାରନ୍ତି। ରପ୍ତାନି ବାଣିଜ୍ୟ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପରିବାରର ଖର୍ଚ୍ଚ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି ।

**ତୁଳା** କାର୍ଯ୍ୟହାନି କାରଣରୁ ସ୍ୱାତୀ ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଟେନ୍‌ସନ ଲାଗିରହିବ। ଆକସ୍ମିକ ଭାବରେ ରାସ୍ତାରେ ଯିବା ସମୟରେ ବନ୍ଧୁ ସମ୍ପର୍କ ସ୍ଥାପନ ହେବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍ ସଙ୍ଗୀଙ୍କ ପ୍ରେରଣା ମିଳିପାରେ।

**ବିଛା** ଆଜି ଅନୁରାଧା ନକ୍ଷତ୍ର କେତେକ ନୂତନ ଯୋଜନା ପ୍ରସ୍ତୁତ ସଫଳ ହେବେ। ଜମିଜମା, ଗୃହସୀମା, ଧାରକରଜ ତଥା ବିବାଦୀୟ ଘଟଣା କ୍ଷେତ୍ରରେ ସମାଧାନ ଯୋଗୁ ଖୁସି ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ବାରମ୍ବାର ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଯୋଗୁ ମନ ଚାହୁଁଥିବା ପ୍ରକାରେ କେତେକ କାର୍ଯ୍ୟ ସମ୍ପନ୍ନ କରିପାରିବେ ନାହିଁ। ନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିବ।

**ମକର** ମାନସିକ ଅସ୍ଥିରତା ଲାଗି ରହୁଥିବାରୁ କାମରେ ମନ ଲାଗିବ ନାହିଁ। କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** ଆଜି ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବେ। ଶତଭିଷା ନକ୍ଷତ୍ର ନୂତନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇ ଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ମନସ୍ତାପ କରିବାକୁ ପଡ଼ିପାରେ।

**ମୀନ** ଆଜି ପୂର୍ବଭାଦ୍ର ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗ ନିରର୍ଥକ ମନେହେବ। ବ୍ୟବସାୟରେ ଲାଭ ମିଳିବ ଏବଂ ଅନ୍ୟ ଏକ ଉଦ୍ଦେଶ୍ୟରେ ତାହାକୁ ବିନିଯୋଗ କରିବେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

ଆଜି ସ୍ମାର୍ତ୍ତସମ୍ମତ ମହାଶିବରାତ୍ରି, ଶ୍ରୀଲୋକନାଥ ମନ୍ଦିରରେ ହରିହର ଭେଟ, ଅପରାହ୍ନ ଘ.୦୫।୦୫ମି. ପର୍ଯ୍ୟନ୍ତ ତ୍ରୟୋଦଶୀ ତିଥି, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଫେବୃଆରୀ ୧୫ ତାରିଖ ରବିବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୯ ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୬ମି. ଗତେ, ଘ.୦୫।୪୨ ମଧ୍ୟେ ରାହୁକାଳ।


କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ସୀମାନ୍ତ ମାଡକାର ଗ୍ରାମରେ ଆନ୍ଧ୍ରପ୍ରଦେଶର ଅଧିକାରୀମାନେ ଲୋକଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ବଜେଟ ଚିଠା ପ୍ରସ୍ତାବକୁ ମନ୍ତ୍ରୀ ପରିଷଦରେ ମଞ୍ଜୁରୀ

**ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)**

## ଆସିପାରେ ୩.୧୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ

ରାଜ୍ୟ ବଜେଟ ଅଧିବେଶନ ଆସନ୍ତା ୧୭ ତାରିଖରୁ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥର ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବଜେଟ୍ ଆଗତ କରିବେ। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ସନ୍ଧ୍ୟା ୭ଟା ୧୦ରେ ଲୋକସେବା ଭବନର ୩ୟ ମହଲା ସମ୍ମିଳନୀ କକ୍ଷଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପରିଷଦ ବୈଠକ ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏହି ଅବସରରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଚିଠା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବିଶ୍ୱସ୍ତସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ରାଜ୍ୟ ସରକାର ଆଣିବାକୁ ଥିବା ପ୍ରାୟ ୩ ଲକ୍ଷ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ ଆଣିବେ ବୋଲି ଜଣାପଡ଼ିଛି। ଏନେଇ ବିସ୍ତୃତ ଭାବେ ମନ୍ତ୍ରୀ ପରିଷଦ ବୈଠକରେ ଆଲୋଚନା ହେବା ସହ ଏ ସମ୍ପର୍କିତ ଚିଠା ପ୍ରସ୍ତାବ ଉପରେ ମୋହର ବାଜିଛି।

ଚଳିତ ବର୍ଷର ବଜେଟ ସରକାର ଏବଂ ଶାସକ ଦଳ ପାଇଁ ବହୁ ଗୁରୁତ୍ୱ ରଖିବ। ଆସନ୍ତା ବର୍ଷ ଆରମ୍ଭରୁ ଉଭୟ ପଞ୍ଚାୟତିରାଜ ଏବଂ ଘୋଷଣା ହୋଇଥିବା ନୂଆ ଏନ୍ଏସି ଓ ମ୍ୟୁନିସିପାଲିଟିଗୁଡ଼ିକରେ ଭୋଟ ହେବ। ତେଣୁ ବଜେଟରେ ସବୁ ଲୋକଙ୍କୁ ଖୁସିକରିବା ଭଳି ଯୋଜନା ସରକାର ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ୨୦୨୫-୨୬ ତୁଳନାରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ବଡ଼ କରାଯାଇଛି। ମୁଖ୍ୟତଃ ଆସନ୍ତା ଆର୍ଥିକ ବର୍ଷ ବଜେଟରେ ସୂଚନା ପ୍ରଯୁକ୍ତିବିଦ୍ୟା, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, କୃଷି ଏବଂ ☞ପୃଷ୍ଠା-୧୨

# କୋଟିଆରେ ଆନ୍ଧ୍ରର ସର୍ଭେ

## ବାଣ୍ଟିବ ପିଏମ୍ କିଷାନ କାର୍ଡ

**ପଟ୍ଟାଙ୍ଗି,୧୪।୨(ଶରତ କୁମାର ଧଳ)**

ତାଗିଦ ସତ୍ତ୍ୱେ ଶୁଣୁନାହିଁ ଆନ୍ଧ୍ର ପ୍ରଶାସନ। ବାରମ୍ବାର କରୁଛି ଅନୁପ୍ରବେଶ। ଶନିବାର ପୁଣି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ସୀମାନ୍ତ ମାଡକାର ଗ୍ରାମରେ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍ ମାନ୍ୟାମ୍ ଜିଲାର ସାଲୁର ବ୍ଲକ୍ କୃଷି ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ଏକାଠି କରିଥିଲେ। ଗ୍ରାମବାସୀଙ୍କ ଆଧାର କାର୍ଡ ଯାଞ୍ଚକରି ପିଏମ୍ କିଷାନ କାର୍ଡ ପ୍ରଦାନ ପାଇଁ ସର୍ଭେ କରିଥିବା ଜଣାପଡ଼ିଛି।

ମାଡ଼କାର ଗ୍ରାମର ଚାଷୀଙ୍କୁ ଉଭୟ ଓଡ଼ିଶା ଓ ଆନ୍ଧ୍ର ପକ୍ଷରୁ ପିଏମ୍ କିଷାନ କାର୍ଡ ଯୋଗାଇବା ପାଇଁ ସର୍ଭେ କରିଛନ୍ତି। ଆନ୍ଧ୍ର ପକ୍ଷରୁ ମିଳୁଥିବା କାର୍ଡରେ ୩ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ଓଡ଼ିଶା କାର୍ଡରେ ବର୍ଷକୁ ତିନୋଟି ପର୍ଯ୍ୟାୟରେ ୧୦ହଜାର ଟଙ୍କା ଆର୍ଥିକ ସହାୟତା ମିଳୁଛି। ତେଣୁ ସୀମାନ୍ତ ଗ୍ରାମବାସୀ ଆନ୍ଧ୍ର ପକ୍ଷରୁ ମିଳୁଥିବା କାର୍ଡ ନେବାକୁ ତତ୍ପରତା ଦେଖାଉଛନ୍ତି। ଆନ୍ଧ୍ରର ବିଭିନ୍ନ ସରକାରୀ କର୍ମଚାରୀ ନିୟମିତ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ପରିଦର୍ଶନ କରି ନିଜ ବିଭାଗର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଉଥିବାବେଳେ ଓଡ଼ିଶାର ପ୍ରଶାସନ ସେଭଳି କିଛି ପଦକ୍ଷେପ ନେଉ ନ ଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ତେଣୁ ଆନ୍ଧ୍ର ପ୍ରତି ସୀମାନ୍ତବାସୀ ଢଳୁଥିବା ଅଭିଯୋଗ ହେଉଛି। ଉକ୍ତ ପଞ୍ଚାୟତରେ ଏବେ ମଧ୍ୟ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ୮ ମାସ ହେଲା କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। ବର୍ତ୍ତମାନ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ପକ୍ଷରୁ ୫ଟି ଗାଁ ପାଇଁ ୨୫ଲକ୍ଷ ଟଙ୍କା ଅନୁଦାନ ଆସିଛି। ପଞ୍ଚାୟତର ଏହିପରି କାର୍ଯ୍ୟକ୍ରମକୁ ଦେଖି ସୀମାନ୍ତବାସୀ ଆନ୍ଧ୍ର ଆଡ଼କୁ ଢଳୁଛନ୍ତି ବୋଲି ସରପଞ୍ଚ ଲିଉ ଗେମେଲ କହିଛନ୍ତି।

# ୩୭୮ କୋଟିରେ ହେବ ୩ ଜଳସେଚନ ପ୍ରକଳ୍ପ

**ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)**

## ରାଜ୍ୟ କ୍ୟାବିନେଟ୍‌ରେ ୪ ପ୍ରସ୍ତାବକୁ ମଞ୍ଜୁରୀ

### ଇଏସ୍‌ଆଇ ହସ୍ପିଟାଲ, ଡିସ୍‌ପେନ୍‌ସାରି କର୍ମଚାରୀଙ୍କ ପାଇଁ ନୂଆ କ୍ୟାଡର ନିୟମ

ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ଏବଂ ଜଳସେଚନକୁ ବିଶେଷ ପ୍ରାଧାନ୍ୟ ଦିଆଯାଇ ଶନିବାର ଏକ ବଡ଼ ଘୋଷଣା କରାଯାଇଛି। ସରକାର ଏକସାଙ୍ଗେ ୩୭୮,୨୯,୪୫,୦୦୦ ଟଙ୍କାର ୩ଟି ପ୍ରକଳ୍ପକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଜଳ ସମ୍ପଦ ବିଭାଗ ପକ୍ଷରୁ ହେବାକୁ ଥିବା ଏହି ୩ ପ୍ରକଳ୍ପ ଏକାଧିକ ଜିଲାର ଚାଷୀଙ୍କୁ ଖୁସି କରିବ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା କ୍ୟାବିନେଟ୍ ବୈଠକରେ ମୋଟ ୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସେଥିରେ ଶ୍ରମ ଏବଂ ଇଏସ୍‌ଆଇ ବିଭାଗର ଗୋଟିଏ ଏବଂ ଜଳ ସମ୍ପଦ ବିଭାଗର ୩ଟି ପ୍ରସ୍ତାବ ରହିଛି।

କ୍ୟାବିନେଟ୍ ବୈଠକ ସରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି,


ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ

ସମନ୍ୱିତ ଆନନ୍ଦପୁର ବ୍ୟାରେଜ ଏକ ବୃହତ୍ ଜଳସେଚନ ପ୍ରକଳ୍ପ। ଏଥିରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ଓ ଏହାର ଜଳ ବିତରଣ ପ୍ରଣାଳୀ ନିର୍ମାଣ କରାଯିବ। ଏହାଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲାର ୬୦ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇଦେବା ଲକ୍ଷ୍ୟ ରଖାଯାଇଛି। ଉକ୍ତ ପ୍ରକଳ୍ପ ଅନ୍ତର୍ଭୁକ୍ତ ବ୍ୟାରେଜର ନିର୍ମାଣ ଓ ସାଳନ୍ଦୀ ନଦୀ ପ୍ରଣାଳୀର ସୁଦୃଢ଼ୀକରଣ କାର୍ଯ୍ୟ, ଉନ୍ମୁକ୍ତ କେନାଲ ପ୍ରଣାଳୀ ମାଧ୍ୟମରେ ୩ ହଜାର ହେକ୍ଟର ଚାଷଜମିର ବିତରଣ ପ୍ରଣାଳୀ ସହ ସେଚାଞ୍ଚଳ ଉନ୍ନୟନ ସରିଛି। ଜମି ଅଧିଗ୍ରହଣରେ ବିଳମ୍ବ ହେବା କାରଣରୁ ଉନ୍ମୁକ୍ତ କେନାଲ ପ୍ରଣାଳୀରେ ହେବାକୁ ଥିବା ୫୭ ହଜାର ହେକ୍ଟର ଚାଷଜମିର ଜଳବଣ୍ଟନ ବ୍ୟବସ୍ଥାକୁ ଏବେ ଭୂତଳ ପାଇପ୍‌ଲାଇନ ବ୍ୟବସ୍ଥା ଜରିଆରେ ୯ଟି ପ୍ୟାକେଜରେ କରିବା ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସାଳନ୍ଦୀ ବାମ ମୁଖ୍ୟ କେନାଲର ୪୯.୮୧୦ କି.ମି.ଠାରୁ ୫୯.୯୭୦ କି.ମି. ମଧ୍ୟରେ ଭୂତଳ ପାଇପ୍‌ଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀ ନିର୍ମାଣ ହେବ। ଏହାସହ ୪୯୨୪.୦୪ ହେକ୍ଟର ଚାଷଜମିରେ ଜଳସେଚନ କରାଯିବ। ଏହି ପ୍ରକଳ୍ପ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ଉପରୋକ୍ତ ୯ ପ୍ୟାକେଜ ମଧ୍ୟରୁ ଅନ୍ୟତମ। ପ୍ରକଳ୍ପ ନିର୍ମାଣ ପାଇଁ ୧୦୫,୬୨, ୬୭, ୧୪୨ ଟଙ୍କା ଏବଂ ୫ ବର୍ଷର ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ୫,୩୧,୧୩,୩୫୮ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ପ୍ରକଳ୍ପ କାମ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। କାମ ସରିବା ପରେ ଏହା ବାଲେଶ୍ୱର ଜିଲାର ଔପଦା ଏବଂ ବାହାନଗାର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବ।

ସେହିପରି ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଜରିଆରେ ସାଳନ୍ଦୀ ବାମ ମୁଖ୍ୟ କେନାଲର ୫୯.୯୭୦ କି.ମି.ଠାରୁ ୬୦.୩୦୪ କି.ମି. ମଧ୍ୟରେ ଭୂତଳ ପାଇପ୍‌ଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀର ନିର୍ମାଣ କରାଯିବ। ଏହାଦ୍ୱାରା ୫୧୭୭.୯୮ ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ। ☞ପୃଷ୍ଠା-୧୨

# ସହର ଉନ୍ନତୀକରଣ ପାଇଁ ୧ ଲକ୍ଷ କୋଟି

**ନୂଆଦିଲ୍ଲୀ,୧୪।୨(ପି.ଟି.)**

## କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ

ଭାରତର ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଉନ୍ନତୀକରଣ ପାଇଁ କେନ୍ଦ୍ର କ୍ୟାବିନେଟ୍ ମୋଟ ୧ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ସହ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ (ୟୁସିଏଫ୍)କୁ ମଞ୍ଜୁରୀ ପ୍ରଦାନ କରିଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର କହିଛନ୍ତି। ଏହି ଯୋଜନାରେ ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ କେନ୍ଦ୍ରୀୟ ସହାୟତା ଭାବେ ଯୋଗାଇ ଦିଆଯିବା ସହ ବ୍ୟୟର ଅନ୍ୟୂନ ୫୦ ପ୍ରତିଶତ ମାର୍କେଟରୁ ସଂଗ୍ରହ କରାଯିବ। ଫଳରେ ଆଗାମୀ ୫ ବର୍ଷରେ ସହରାଞ୍ଚଳ ସେକ୍ଟରଗୁଡ଼ିକରେ ମୋଟ ୪ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ। ଦେଶର ସହରାଞ୍ଚଳ ନୂଆ ବିକାଶ ଆଭିମୁଖ୍ୟରେ ଏହା ଏକ ମୌଳିକ ପରିବର୍ତ୍ତନ, ଯାହା କେବଳ ସରକାରୀ ଅନୁଦାନ ଉପରେ ନିର୍ଭର ନ କରି ବଜାର ପୁଞ୍ଜି, ନୀତିଗତ ପରିବର୍ତ୍ତନ ଏବଂ ପ୍ରତ୍ୟକ୍ଷ ଫଳାଫଳ ଉପରେ ଗୁରୁତ୍ୱ ଦେଇଥାଏ। ଉନ୍ନତମାନର ସହରୀ ଭିତ୍ତିଭୂମି ନିର୍ମାଣ ପାଇଁ ୟୁସିଏଫ୍ ବଜାର ଆଧାରିତ ପାଣ୍ଠି, ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଏବଂ ନାଗରିକ କେନ୍ଦ୍ରିକ ସଂସ୍କାରର ବ୍ୟବହାର କରିବ। ଏହି ପାଣ୍ଠିର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ, ଉତ୍ପାଦନକ୍ଷମ, ସମାବେଶୀ ଏବଂ ଜଳବାୟୁ ସମ୍ବେଦନଶୀଳ ସହରାଞ୍ଚଳ ଭିତ୍ତିଭୂମି ଯୋଗାଇଦେବା। ଦେଶର ଆର୍ଥିକ ବିକାଶର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଏକ ବିବୃତିରେ କୁହାଯାଇଛି। ୟୁସିଏଫ୍ ୨୦୨୫-୨୬ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୦୩୩-୩୪ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ।

ଏହା ବ୍ୟତୀତ ବ୍ୟବସାୟରେ ବିନିଯୋଗ ପାଇଁ ପାଣ୍ଠି ଯୋଗାଡ଼ କରିବା ଏବଂ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳକୁ ସହାୟତା ପାଇଁ କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ଷ୍ଟାର୍ଟଅପ୍‌ଗୁଡ଼ିକ ନିମନ୍ତେ ୧୦,୦୦୦ କୋଟି ଟଙ୍କାର ପାଣ୍ଠିକୁ ☞ପୃଷ୍ଠା-୧୨

# ଚୌଦ୍ୱାର ଜେଲରୁ ଫେରାର କଏଦୀ ମଥୁରାରୁ ଗିରଫ

**ଭୁବନେଶ୍ୱର,୧୪।୨(ତ୍ରିନାଥ ମହାନ୍ତି)**

ଗତ ଅକ୍ଟୋବର ୨ତାରିଖ ବିଳମ୍ବିତ ରାତିରେ ଚୌଦ୍ୱାର ମଣ୍ଡଳ କାରାଗାରରୁ ଫେରାର ଦୁଇ ଅପରାଧୀଙ୍କ ମଧ୍ୟରୁ ଜଣଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଛି। ହାର୍ଡକୋର ଅପରାଧୀ ମଧୁକାନ୍ତ କୁମାର ରାନାଙ୍କୁ ମଥୁରା ବୃନ୍ଦାବନରୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ଅପରାଧୀ ରାଜା ସାହାଣୀଙ୍କୁ ଗିରଫ ପାଇଁ ସ୍ୱେଶାଲ୍ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଶନିବାର ପୋଲିସ ସେବା ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସିଂ କହିଛନ୍ତି, ହାର୍ଡକୋର ଅପରାଧୀ ମଧୁକାନ୍ତଙ୍କୁ ଧରିବାକୁ କଟକ ୟୁପିଡିର ୨୬ ଜଣ ସ୍ୱେଶାଲ ଟିମ୍ ଲାଗିଥିଲେ। ଡିଜିଟାଲ ଏଭିଡେନ୍ସ, ମାନବ ସୂଚନା, ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଏହି ଟିମ୍ ସଫଳ ହୋଇଛି। ହେଲେ ଅନ୍ୟତମ ଅପରାଧୀ ରାଜା ଫେରାର ହୋଇଛନ୍ତି। ସେ ପାତାଳରେ ଲୁଚିଥିଲେ ମଧ୍ୟ ଟିମ୍ ତାଙ୍କୁ ଖୁବ୍ ଶୀଘ୍ର ଗିରଫ କରିବ ବୋଲି ପୋଲିସ କମିଶନର କହିଛନ୍ତି। ଅକ୍ଟୋବର ୨-୩ ତାରିଖ ରାତି ୧ଟା ୪୫ରେ ଚୌଦ୍ୱାର ଜେଲରୁ ୨ ଅଭିଯୁକ୍ତ ମଧୁକାନ୍ତ ଏବଂ ରାଜା କମ୍ବଳ ସାହାଯ୍ୟରେ ଜେଲ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ପରେ ଜେଲ ପଛରେ ଥିବା ପାଣିରେ ପଶି ନିକଟ ଟ୍ରେନ୍ ଲାଇନ୍‌କୁ ଯାଇଥିଲେ। ଟ୍ରେନ୍ ଲାଇନରେ ଚାଲିଚାଲି ଏକ ଛୋଟ


ମଧୁକାନ୍ତ କୁମାର ରାନା

## ■ ଗେଷ୍ଟ ହାଉସ୍‌ରେ ମଧୁକାନ୍ତ ନାମ ବଦଳାଇ କାମ କରୁଥିଲେ

ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ପାସେଞ୍ଜର ଟ୍ରେନ୍ ଧରି ପୁରୀ ପଳାଇଥିଲେ। ପୁରୀରେ ବୁଲିବା ସହ ଏକ ଶୌଚାଳୟରେ ଲୁଚିଥିଲେ। କମିଶନରେଟ ପୋଲିସ ସୂଚନାଦାତାଙ୍କୁ ୫୦ ହଜାର ପୁରସ୍କାର ରାଶି ଘୋଷଣା କରିବା ପରେ ଉଭୟଙ୍କୁ ପୁରୀ ଷ୍ଟେଶନରେ କିଛି ଲୋକ ଦେଖି ପୋଲିସକୁ ଫଟୋ ପଠାଇଥିଲେ। ପୋଲିସ ଜାଣିବା ପରେ ସେମାନେ ଟ୍ରେନ୍ ଯୋଗେ ଦିଲ୍ଲୀ ପଳାଇଥିଲେ। ସେଠାରୁ ପୁଣି ଦୁହେଁ ୟୁପି ଏବଂ ବିହାର ଯାଇଥିଲେ। ଧରାପଡ଼ିବା ଭୟରେ ଉଭୟେ ପୁଣି ନେପାଳକୁ ଚାଲିଯାଇଥିଲେ। ସେଠାରେ କିଛିଦିନ ଉଭୟ ରହିବା ପରେ ଗୟାକୁ ଆସିଥିଲେ। ☞ପୃଷ୍ଠା-୧୨

# ଚୋର ସନ୍ଦେହ: ଯୁବକଙ୍କୁ ପିଟି ହତ୍ୟା

## ୨୦ ଗିରଫ, ଭୟରେ ଗାଁ ପୁରୁଷଶୂନ୍ୟ

**ଭଞ୍ଜନଗର,୧୪।୨(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର ସାର୍ଦ୍ଦୁଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅମାନବୀୟ ଘଟଣା ଘଟିଛି। ଚୋର ସନ୍ଦେହରେ ଗ୍ରାମର କେତେଜଣ ଲୋକ ଜଣେ ଯୁବକଙ୍କୁ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଉଛନ୍ତି ବାଣଧର ପ୍ରଧାନ(୪୦)। ତାଙ୍କ ଘର କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅନ୍ତର୍ଗତ କୁରୁମୁଙ୍ଗିଆ ଗ୍ରାମରେ ବୋଲି ଜଣାପଡ଼ିଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ୨୦ ଜଣଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଏଥିରେ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଗ୍ରାମରେ ଉତ୍ତେଜନା ଆଶଙ୍କାରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଅତିରିକ୍ତ ଏସ୍‌ପି ରଞ୍ଜନ ଦେ କହିଛନ୍ତି।

ଘଟଣାରୁ ପ୍ରକାଶ, ଶୁକ୍ରବାର ରାତି ପ୍ରାୟ ୧ଟାରୁ ୨ଟା ମଧ୍ୟରେ କେତେଜଣ ଦୁର୍ବୃତ୍ତ ସାର୍ଦ୍ଦୁଳ ଗାଁକୁ ଚୋରି କରିବାକୁ ଯାଇଥିଲେ। ସୁଶାନ୍ତ ଗୌଡ଼ଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଘରେ ଥିବା ବିଭିନ୍ନ ଜିନିଷ ଭଙ୍ଗାଭାଙ୍ଗି କରିବାବେଳେ ଶବ୍ଦ ଶୁଣି ପଡ଼ିଶା ଲୋକେ ଉଠିପଡ଼ି ହୋହଲ୍ଲା କରିଥିଲେ। ଏହି ସମୟରେ କେତେଜଣ ଦୌଡ଼ି ପଳାଇଥିଲେ। ☞ପୃଷ୍ଠା-୧୨


ମୃତ ବାଣଧର ପ୍ରଧାନ

# ୧୬ରୁ ଓକାକ୍‌ରେ ଆଧାର ଶୁଣାଣି

**ଭୁବନେଶ୍ୱର,୧୪।୨(ସୁଚିସ୍ମିତା ସାହୁ)**

ଆଧାର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ଆସନ୍ତା ୧୬ ତାରିଖ ସୋମବାରଠାରୁ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଓକାକ୍ ଟାୱାରର ତଳମହଲାରେ ଅଭିଯୋଗ ଶୁଣାଣି ଆରମ୍ଭ ହେବ। ଏଥିପାଇଁ ପ୍ରଥମେ ଓକାକ୍ ପୋର୍ଟାଲ https://www.ocac.inରେ ଦିଆଯାଇଥିବା ଲିଙ୍କ୍ ମାଧ୍ୟମରେ ପଞ୍ଜୀକରଣ କରିବାକୁ ପଡ଼ିବ। ପ୍ରତ୍ୟେକ ସୋମବାର (ସରକାରୀ କାର୍ଯ୍ୟଦିବସ) ପୂର୍ବାହ୍ନ ୧୦ଟା ୩୦ରୁ ଅଧିକାରୀମାନଙ୍କୁ ଆଧାର ସମ୍ବନ୍ଧୀୟ ଅଭିଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



# ପାରାଦୀପ ବେଳାଭୂମିରେ ବିଷାକ୍ତ ପଫର୍ ମାଛ

**ପାରାଦୀପ,୧୪।୨(ଶରତ ରାଉତ)**

ପାରାଦୀପ ବତିଘର ପାଖ ସମୁଦ୍ର ବେଳାଭୂମିରେ ଶନିବାର ଏକ ବିରଳ ମାଛ ଦେଖିବାକୁ ମିଳିଛି। ଏହାକୁ ପଫର୍ ମାଛ ବୋଲି ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଜଙ୍ଗଲୀ ଜୀବ ଝିଙ୍କ ଭଳି ଏହି ମାଛର ଦେହସାରା ବିଷାକ୍ତ କଣ୍ଟା ରହିଛି। ବେଳାଭୂମିରୁ ଜଣେ ଅଟୋଚାଳକ ତାକୁ ଦେଖି ଉଦ୍ଧାର କରିଥିଲେ। ପରେ ତାକୁ ବାଲିରେ ପକେଇ ପଳାଇ ଯାଇଥିଲେ। ବେଳାଭୂମିରେ ବହୁ ସଂଖ୍ୟାରେ ପଫର୍ ମାଛ ମରିପଡ଼ିଥିବା ଜଣାପଡ଼ିଛି। ଉକ୍ତ ମାଛ ସମ୍ପର୍କରେ ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ସୁବ୍ରତ କୁମାର ଦାଶଙ୍କୁ ପଚାରିଲେ କୁହନ୍ତି, ଏହି ମାଛଗୁଡ଼ିକ ଗଭୀର ସମୁଦ୍ରରେ ରୁହନ୍ତି। ଏହା ଅତ୍ୟନ୍ତ ବିଷାକ୍ତ ମାଛ। କ୍ୱଚିତ୍ ସମୟରେ ଏହି ମାଛ କୂଳକୁ ଆସିଥାନ୍ତି। ଏହାକୁ ମଣିଷ ଖାଇବା ଅନୁଚିତ। ଏହା ସାଧାରଣତଃ ସୁନ୍ଦରବନ ଅଞ୍ଚଳରେ ଦେଖାଯାଆନ୍ତି। ଓଡ଼ିଶା ଉପକୂଳରେ ଏହି ମାଛ ଦେଖାଯିବା ବିରଳ ବୋଲି ଦାଶ କହିଛନ୍ତି। ଏ ସମ୍ପର୍କରେ ବୋଟ ମାଲିକ ଅରବିନ୍ଦ ସ୍ୱାଇଁ କୁହନ୍ତି, ଏପରି ମାଛ ପାରାଦୀପରେ ପୂର୍ବରୁ କେବେ ଦେଖାଯାଇ ନ ଥିଲା।

"ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। – ଶ୍ରୀଅରବିନ୍ଦ

ମହାଶିବରାତ୍ରି ଓ ଜାଗର ଉପବାସ



# ଦେଶଭକ୍ତି ଚିନ୍ତା



ଆକାର ପଟେଲ

ଆମ ଦେଶରେ ଜାତୀୟତାବାଦର ଅତ୍ୟଧିକ ଚାହିଦା ରହିଛି, ହେଲେ ସବୁବେଳେ ଏଠାରେ ଏହାର ଅଭାବ ଥିବା ମନେହୁଏ। ମୋ ଜୀବନରେ ଅତିବାହିତ ସବୁ ଦଶନ୍ଧିରେ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ ସହ ସ୍ଥାନ ବା ଯୋଡ଼ିବା ପାଇଁ କୌଣସି ଦାବି ହୋଇଥିବା ମୁଁ ଜାଣି ନ ଥିଲି। କିନ୍ତୁ ଏବେ ଏହା ହେବା ଉଚିତ ବୋଲି ଆମକୁ କୁହାଯାଉଛି। ଏହି ଗୀତର ଛଅଟି ପଦ ଅଛି ଏବଂ ଆମ ମଧ୍ୟରୁ ଯେଉଁମାନେ ଜାଣିନାହାନ୍ତି ଏବେ ସେମାନଙ୍କୁ ଏହା ମନେରଖିବାକୁ ପଡ଼ିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି, ବନ୍ଦେ ମାତରମ୍ ଗୀତର ଆବୃତ୍ତି ୩ ମିନିଟ୍ ୧୦ ସେକେଣ୍ଡ ହେବା ଆବଶ୍ୟକ। ହେଲେ ଏହାକୁ ଗାଇବା ସ୍ୱେଚ୍ଛାକୃତ ନା ବାଧ୍ୟତାମୂଳକ ତାହା ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇ ନାହିଁ। ଏହି ଦ୍ୱନ୍ଦ୍ୱ ନିର୍ଦ୍ଦେଶର ଶବ୍ଦାବଳୀରୁ ସାମ୍ନାକୁ ଆସିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆମକୁ କହେ, ସରକାରୀ ଭାବେ ଜାତୀୟ ଗୀତର ବାଦନ ପରିବର୍ତ୍ତେ କେଉଁ ସ୍ଥିତିରେ ଗାନ କରିବାକୁ ଅନୁମତି ଦିଆଯାଇପାରିବ ତାହାର ଏକ ସମ୍ପୂର୍ଣ୍ଣ ତାଲିକା ଦେବା ସମ୍ଭବ ନୁହେଁ। କିନ୍ତୁ ଏହା ପୁଣି ଦର୍ଶାଇଛି, ଉପଯୁକ୍ତ ସମ୍ମାନ ସହିତ ଏହା କରାଗଲେ ଗାନରେ କୌଣସି ଆପତ୍ତି ନାହିଁ। ତେବେ ଉପଯୁକ୍ତ ସମ୍ମାନ କ'ଣ ସେ ବିଷୟରେ କୌଣସି ନିର୍ଦ୍ଦେଶାବଳୀ ନାହିଁ। କିନ୍ତୁ ନିଃସନ୍ଦେହ ଯେ, କ'ଣ ଉଲ୍ଲଂଘନ ହେବ ତାହା ଆମେ ଶୀଘ୍ର ଜାଣିପାରିବୁ। ତେବେ ଉଲ୍ଲଂଘନ କିଭଳି ନ ହେବ ସେଥିପାଇଁ ଆମମାନଙ୍କ ମଧ୍ୟରେ ଯେଉଁମାନେ ଅଧିକ ଜାତୀୟତାବାଦୀ ଭାବନା ରଖୁଛନ୍ତି, ସେମାନେ ଏଭଳି ବିଚାର ନ ଥିବା ଲୋକଙ୍କୁ ଶିକ୍ଷା ଦେବେ। ଗୀତ ଗାନ କରିବା ସ୍ୱେଚ୍ଛାକୃତ କି ନୁହେଁ ତାହା ଅସ୍ପଷ୍ଟ। ମୋର ଏଭଳି କହିବାର କାରଣ ହେଉଛି ଆଦେଶରେ ଉଲ୍ଲେଖ ରହିଛି ଯେ, ସମ୍ପୂର୍ଣ୍ଣ ଭାବରେ ଆନୁଷ୍ଠାନିକ ହୋଇ ନ ଥିଲେ ବି ଜାତୀୟ ଗୀତ ଗାନ କରାଯାଇପାରିବ, ଯଦିଓ ମନ୍ତ୍ରୀ ଇତ୍ୟାଦିଙ୍କ ଉପସ୍ଥିତିରେ ଏହାର ଗୁରୁତ୍ୱ ଅଧିକ ରହିବ। ଏହା ମଧ୍ୟ କୁହାଯାଇଛି, ସାମୂହିକ ସଂଗୀତ ଗାନ ଇଚ୍ଛିତ ବା ବାଞ୍ଛନୀୟ। ଏଠାରେ ନିର୍ଦ୍ଦେଶରେ ଉଲ୍ଲିଖିତ 'ଇତ୍ୟାଦି' ଶବ୍ଦରେ କେଉଁମାନେ ସାମିଲ ଅଛନ୍ତି ଏବଂ କାହାକୁ ବାଦ୍ ଦିଆଯାଇଛି? 'ବାଞ୍ଛନୀୟ'ର ପ୍ରକୃତ ମାନେ କ'ଣ? ତେବେ 'ଗାନ କରାଯାଇପାରେ' ଏବଂ 'ଇଚ୍ଛିତ' ଶବ୍ଦ ସ୍ୱେଚ୍ଛାକୃତ କାର୍ଯ୍ୟର ସୂଚକ ଏବଂ କେହି ଯଦି ଏହାର ବ୍ୟାଖ୍ୟା କରନ୍ତି ତେବେ ବାସ୍ତବରେ କ'ଣ ଘଟିବ ତାହା ଆମେ ଜାଣିପାରିବା। କିନ୍ତୁ ଶେଷରେ ଏହା ମୂଳ ବିଷୟରୁ ଦୂରେଇ ଯାଇଛି। ମୁଖ୍ୟ କଥା ହେଉଛି, ଆମ ଦେଶରେ ସର୍ବଦା ଜାତୀୟତାର ଅଭାବ ରହିଛି ଏବଂ ଏହି ନିର୍ଦ୍ଦେଶରେ ଅଭାବ ପୂରଣ କରାଯାଇପାରିବ ବୋଲି ସରକାର ମନେକରିଥାନ୍ତି। ଏହି ପ୍ରକାର ବିଷୟ ମଧ୍ୟ ଘଟିଥିବା ଇତିହାସ ଆମକୁ କହେ।

୫୦ ବର୍ଷ ପୂର୍ବେ, ୧୯୭୬ରେ, ତତ୍କାଳୀନ ସରକାର ସମ୍ବିଧାନରେ 'ମୌଳିକ କର୍ତ୍ତବ୍ୟ' ଯୋଡ଼ିଥିଲେ। ଧର୍ମୀୟ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ବର୍ଗୀୟ ବିବିଧତାର ଉପରକୁ ଉଠି ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସାମଞ୍ଜସ୍ୟ ଏବଂ ଭାଇଚାରା ଭାବନାକୁ ପ୍ରୋତ୍ସାହିତ କରିବା; ମହିଳାମାନଙ୍କ ମର୍ଯ୍ୟାଦା ପ୍ରତି ଅପମାନଜନକ ପ୍ରଥାଗୁଡ଼ିକୁ ପରିତ୍ୟାଗ କରିବା ଲାଗି ଏହି କର୍ତ୍ତବ୍ୟଗୁଡ଼ିକ ଉଦ୍ଦିଷ୍ଟ। ଏହା ଘଟିଛି ବୋଲି କିଏ ଅସ୍ୱୀକାର କରିପାରିବେ? ଯଦି ଏହିସବୁ ନିର୍ଦ୍ଦେଶ ଆମ ପାଖକୁ ଆସି ନ ଥାନ୍ତା, ତେବେ ଭାରତ ଭାଇଚାରା ଏବଂ ମହିଳାମାନଙ୍କ ସୁରକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ଉଦାହରଣ ହୋଇପାରି ନ ଥାନ୍ତା। କର୍ତ୍ତବ୍ୟ ତାଲିକାରେ ଅଛି, ଜଙ୍ଗଲ, ହ୍ରଦ, ନଦୀ ଏବଂ ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ବିକାଶ କରିବା ଏବଂ ଜୀବଜନ୍ତୁଙ୍କ ପ୍ରତି ଦୟାଭାବ ରଖିବା। ଏହାସହ ଏଥିରେ ବୈଜ୍ଞାନିକ ମନୋଭାବ, ମାନବବାଦ ଓ ଅନୁସନ୍ଧାନ ଏବଂ ସଂସ୍କାର ଭାବନା ବିକଶିତ କରିବା କଥା ରହିଛି, ଯାହା ମୋର ପ୍ରିୟ। ଏହି କର୍ତ୍ତବ୍ୟଗୁଡ଼ିକୁ ଯୋଡ଼ାଯାଇଥିଲା, କାରଣ ୧୯୭୬ରେ ଜାତୀୟତାବାଦର ଚାହିଦା ଅଧିକ ଥିଲା ଏବଂ ଅଭାବ ବି ଥିଲା, ଯାହା ବର୍ତ୍ତମାନ ସ୍ଥିତିରେ ଦେଖାଯାଉଛି। ଏବକାର ବ୍ୟବସ୍ଥାର ନିନ୍ଦୁକ ଏବଂ ଘୃଣାକାରୀମାନେ ଯୁକ୍ତି କରିବେ ଯେ, ଦେଶଭକ୍ତି ପ୍ରଦର୍ଶନ କରିବା ଲାଗି ଅନ୍ୟସବୁ ଉପାୟ ଅଛି। ସଙ୍ଗୀତ ଏବଂ ସ୍ଲୋଗାନଗୁଡ଼ିକ ଜାତୀୟ ପ୍ରଗତି ପାଇଁ କମ୍ ଗୁରୁତ୍ୱ ରଖେ। ଯଦି ଆମେ ଟ୍ରାଫିକ୍‌ରେ ଭଲ ବ୍ୟବହାର କରିବା ଏବଂ ଅଳିଆ ନ ପକାଇବା, ତେବେ ଆମେ ଏକ ଜାତି ଭାବରେ ଭଲ ରହିବା। ଜାତୀୟ ଗୀତ ନଦୀ ବିଷୟରେ କହେ ଏବଂ ଏପରି ଏକ ଦେଶର ନାମ ନେବା କଷ୍ଟକର; ଯେଉଁଠାରେ ଏହାର ନଦୀପାଣି ଅଧିକ ମଇଳା। ଆମେ ଲାଞ୍ଚ ନ ଦେବା ଓ ନ ନେବା କିମ୍ବା କର ଠକିବାକୁ ଚେଷ୍ଟା ନ କରିବା ଦ୍ୱାରା ଆମର ଦେଶଭକ୍ତି ଦେଖାଇପାରିବା ବୋଲି ଯୁକ୍ତି କରିବେ। କିନ୍ତୁ ଆମ ସରକାର ଏବଂ ତାହାର ସମର୍ଥକମାନେ କହିବେ ଯେ, ଏସବୁ ବିଷୟ ଅନ୍ୟସବୁ ଦେଶର ନାଗରିକ କରିପାରିବେ। ଏସବୁ ସ୍ୱତନ୍ତ୍ର ନୁହେଁ। ଆମକୁ ଆମ ଦେଶଭକ୍ତି ଦେଖାଇବା ପାଇଁ କିଛି ଅନନ୍ୟ ଏବଂ ସ୍ୱତନ୍ତ୍ର ବିଷୟ ଆବଶ୍ୟକ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ଆଦେଶ ସତର୍କ କରିଦେଇଛି ଯେ, ଜାତୀୟ ଗୀତ ଔପଚାରିକ ଭାବେ ଗାନ କିମ୍ବା ବଜାଇବାବେଳେ ଦର୍ଶକମାନେ ଧ୍ୟାନରେ ଠିଆ ହେବେ। ସମ୍ଭବତଃ ଏହାର ଅର୍ଥ ହେଉଛି ଯେଉଁ ସ୍ଥାନରେ ଗୀତ ବାଜିବ ଦର୍ଶକମାନେ ନିୟମ ପାଳନ କରିବାକୁ ପଡ଼ିବ ଏବଂ ସେଠାରେ ଆଉ ଅଂଶଗ୍ରହଣ ସ୍ୱେଚ୍ଛାକୃତ ରହିବ ନାହିଁ। ଯଦି ଏହା ହୁଏ, ତେବେ ଗୀତ ଏବଂ ସଂଗୀତ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି? ଆହୁରି ମଧ୍ୟ କିଛି ଅଛି। ସମସ୍ତ ବିଦ୍ୟାଳୟରେ ଜାତୀୟ ଗୀତ ଗାନ ସହିତ ଦିନର କାର୍ଯ୍ୟ ଆରମ୍ଭ ହୋଇପାରେ। ମୋ ମତରେ ଏହା ଆଗାମୀ ପିଢ଼ିରେ ଦେଶଭକ୍ତିର ସମାନ ସ୍ତର ଜାଗ୍ରତ କରିବା ପାଇଁ ଆବଶ୍ୟକ, ଯେପରି ଆମ ପିଢ଼ି ଏବଂ ଠିକ୍ ଆମ ପୂର୍ବ ପିଢ଼ିରେ ଦେଖିବାକୁ ମିଳିଛି। ଏହାର ଅନ୍ୟ ଲାଭ ମଧ୍ୟ ଅଛି। ବେରୋଜଗାରମାନେ ହେଉଛନ୍ତି ଛଅଟି ପଦ ମନେରଖିବା ପାଇଁ ସେମାନଙ୍କ ଫାଙ୍କା ସମୟକୁ ଉପଯୋଗ କରିବେ। ଅଳସୁଆମାନେ ଅତିରିକ୍ତ ୩ ମିନିଟ୍ ୧୦ ସେକେଣ୍ଡ ଠିଆ ହେବେ ଏବଂ ସେମାନଙ୍କର ଫିଟ୍‌ନେସ ଉନ୍ନତ କରିବେ। ଏଥିରେ ଦେଶର ପ୍ରଗତି ହେବ!

Email:aakar.patel@gmail.com

# ଚାଷୀ ଉପରେ ମଣ୍ଡିମାଡ଼



ବିଚିତ୍ର ବିଶ୍ୱାଳ

ଚାଷୀଙ୍କ ପରିଶ୍ରମ ଓ କଷଣ କଥା ଯେତେ କହିଲେ ମଧ୍ୟ ସରିବ ନାହିଁ। ଫସଲ ବୁଣିବାଠାରୁ ଅମଳ ପର୍ଯ୍ୟନ୍ତ ଚାଷୀଙ୍କ କଷଣର ଶେଷ ନାହିଁ। ଯଦିଓ ଏବେ ଚାଷବାସ ଯନ୍ତ୍ରଭିତ୍ତିକ ହେଲାଣି, ତଥାପି ବି ଚାଷୀଙ୍କ ପରିଶ୍ରମକୁ ନଜର ଅନ୍ଦାଜ କରିହେବ ନାହିଁ। କେବଳ କଠିନ ପରିଶ୍ରମ ନୁହେଁ, ଚାଷରେ ଚାଷୀର ଖର୍ଚ୍ଚ ମଧ୍ୟ ବଢ଼ିଛି। ଆଜିକାଲି ଯେତେବେଳେ ବିହନ, ସାରଠାରୁ ଯନ୍ତ୍ରପାତି ଓ ଶ୍ରମିକ ପର୍ଯ୍ୟନ୍ତ ସବୁକିଛି ପାଇଁ ବଜାର ଉପରେ ନିର୍ଭର କରିବାକୁ ପଡୁଛି, ସେତେବେଳେ ଚାଷରେ ନିବେଶ ଖର୍ଚ୍ଚ ଆହୁରି ଅଧିକ ବଢ଼ିଯାଇଛି। ଜ୍ଞାନକୌଶଳଭିତ୍ତିକ ଚାଷରେ କିଛି ପରିମାଣରେ ସିନା ଚାଷୀର ପରିଶ୍ରମ କମ୍ ହୋଇଛି, କିନ୍ତୁ ତା'ର ପରନିର୍ଭରଶୀଳତା ବଢ଼ିଛି ଓ ନିବେଶ ଖର୍ଚ୍ଚ ବହୁଗୁଣ ହୋଇଛି। ପରିଣାମ ସ୍ୱରୂପ କୌଣସି କାରଣ ପାଇଁ ଯଦି ଅମଳ ଭଲ ହେଉନାହିଁ ବା ଅମଳକୁ ଉପଯୁକ୍ତ ମୂଲ୍ୟ ମିଳୁନାହିଁ, ତେବେ ଚାଷୀର ସଙ୍କଟ ଦ୍ୱିଗୁଣିତ ହେଉଛି। ଏହା ଚାଷୀକୁ ଅଧିକ ବିପଦ ଭିତରକୁ ଠେଲି ଦେଉଛି।

ଏହା ସହିତ ଚାଷରେ ଚାଷୀ ଯେତିକି ରିସ୍କ ନେଉଛି, ଅନ୍ୟ କୌଣସି ବୃତ୍ତିରେ ସେତିକି ରିସ୍କ ନାହିଁ। ଚାଷରେ ପ୍ରଥମ ରିସ୍କ ହେଉଛି ଜଳବାୟୁ ବା ପାଣିପାଗ। ଯଦି ଠିକ୍ ଭାବେ ବର୍ଷା କିମ୍ବା ଖରା ହେଲା ନାହିଁ, ତେବେ ଚାଷୀର ଫସଲହାନିର ସମ୍ଭାବନା ଶତ ପ୍ରତିଶତ। ପୁନଶ୍ଚ ଖରା ବର୍ଷା ଶୀତରେ କାମ କରିବା ସମୟରେ ଚାଷୀ ଉପରେ ଘଡ଼ଘଡ଼ି ପଡ଼ିବା ଭୟ, ସାପ କାମୁଡ଼ିବା ଭୟ ଏବଂ କଠିନ ପରିଶ୍ରମ ଯୋଗୁ ସ୍ୱାସ୍ଥ୍ୟହାନିର ବି ଭୟ। ଏତେ ସବୁ ରିସ୍କ ସତ୍ତ୍ୱେ ଚାଷୀ ଚାଷ କରୁଛି ଓ ସମସ୍ତଙ୍କୁ ଆହାର ଯୋଗାଉଛି। ଚାଷୀର ବାସ୍ତବ ପରିସ୍ଥିତିକୁ ଆକଳନ କରିବାକୁ ହେଲେ ଗତ ପଚିଶ ବର୍ଷ ଭିତରେ ଚାଷୀ ଆତ୍ମହତ୍ୟାର ପରିସଂଖ୍ୟାନ ଓ ତା' ସହିତ ଚାଷରେ କ୍ଷତି ସହି ଗତ ପନ୍ଦର ବର୍ଷ ମଧ୍ୟରେ କେତେ ଚାଷୀ ଚାଷ ଛାଡ଼ି ଦିନ ମଜୁରିଆରେ ପରିଣତ ହୋଇଛନ୍ତି, ତାହା ଦେଖିବାକୁ ହେବ। ଗତ ପଚିଶ ବର୍ଷ ମଧ୍ୟରେ ଦୁଇ ଲକ୍ଷରୁ ଅଧିକ ଚାଷୀ ଆତ୍ମହତ୍ୟା କରିଛନ୍ତି ଓ ୨୦% ଚାଷୀ ଚାଷ ଛାଡ଼ି ଶ୍ରମିକରେ ପରିଣତ ହୋଇଛନ୍ତି। ଗୋଟିଏ ବୃତ୍ତିର ସଂକଟକୁ ଆକଳନ କରିବାକୁ ଏହାଠାରୁ ଅଧିକ କ'ଣ ତଥ୍ୟ ଦରକାର!

ଚାଷରେ ଚାଷୀ ଏତେ କଠିନ ପରିଶ୍ରମ କରୁଛି, ଏତେ ଅଧିକ ରିସ୍କ ନେଉଛି ଓ ତା'ର ପରିସ୍ଥିତି ଏପରି ସଂକଟଜନକ ସ୍ଥିତିରେ ପହଞ୍ଚିବା ସତ୍ତ୍ୱେ ବି ଚାଷୀଙ୍କ ପ୍ରତି ସରକାର ଓ ପ୍ରଶାସନର ମନୋଭାବ ଏବଂ ବ୍ୟବହାର ନ୍ୟାୟସଙ୍ଗତ ହେଉଥିବା ଦେଖାଯାଉନାହିଁ। ଫସଲ ବୁଣିବାଠାରୁ ଅମଳଯାଏ ଚାଷୀଙ୍କ କଷଣରେ ସରକାରଙ୍କର ମନ ବୁଝିଲା ନାହିଁ ଯେ, ଫସଲ ଅମଳ ପରେ ବିକ୍ରି କରିବା ସମୟରେ ସରକାର ଓ ପ୍ରଶାସନ ଚାଷୀ ଉପରେ ଦାଉ ସାଧିବାରେ କମ୍ କରୁନାହାନ୍ତି। ସଂପ୍ରତି ଆମ ରାଜ୍ୟରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ସମୟରେ ବହୁତ ହନ୍ତସନ୍ତ ହେଉଛନ୍ତି। ସରକାର ଚାହିଁଲେ ଏହି ବ୍ୟବସ୍ଥାକୁ ସହଜ ଓ ସରଳ କରିପାରନ୍ତେ। କିନ୍ତୁ ସରକାର ମଣ୍ଡିର ବ୍ୟବସ୍ଥାକୁ ଏପରି କରିଛନ୍ତି ଯେ, ଚାଷୀ ଫସଲ ବିକିବା ସମୟରେ କ୍ଷତି ସହୁଛି। ସଂପ୍ରତି ମଣ୍ଡିରେ ଚାଷୀମାନେ ଅନ୍ୟାୟପୂର୍ଣ୍ଣ ଭାବେ କଟ୍‌ନୀଛଟ୍‌ନୀର ଶିକାର ହେଉଛନ୍ତି। ଧାନର ଗୁଣବତ୍ତାକୁ ନିମ୍ନମାନର ଦର୍ଶାଇ ଚାଷୀର ଏକ କୁଇଣ୍ଟାଲ ଧାନରୁ ପ୍ରାୟ ୫ରୁ ୭ କିଲୋ କାଟି ଦେଉଛନ୍ତି। ଅର୍ଥାତ୍ କୁଇଣ୍ଟାଲ ପ୍ରତି ଏତିକି ଧାନର ମୂଲ୍ୟ ଚାଷୀକୁ ମିଳୁନାହିଁ। ପରିସ୍ଥିତି ଏପରି ହେଲାଣି ଯେ, ଅମଳ ପରେ ମଣ୍ଡିରେ ଧାନ କିଣିବାରେ ବହୁତ ବିଳମ୍ବ ହେଉଛି। ଚାଷୀଙ୍କୁ ଠିକ୍ ସମୟରେ ଅନ୍-ଲାଇନ ଟୋକନ ମିଳୁନାହିଁ। ଫଳରେ ଚାଷୀ ନିଜ ଉତ୍ପାଦକୁ ଧରି ବାରଦୁଆର ଶୁଣ୍ଢୀପିଣ୍ଡା ହେଉଛି। ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ, ଚାଷୀମାନେ ରାତାରାତି ଧାନ ଧରି ମଣ୍ଡି ଦୁଆରେ ଅପେକ୍ଷା କରୁଛନ୍ତି। ଏହା ଚାଷୀଙ୍କ ପ୍ରତି ଏକ ପ୍ରକାର ନିର୍ଯାତନା କହିଲେ ଅତ୍ୟୁକ୍ତି ହେବ ନାହିଁ। ସରକାର ଏକ ଏକର ଜମିରୁ ନିର୍ଦ୍ଦିଷ୍ଟ ପରିମାଣର ଧାନ କିଣିବାକୁ ନିୟମ କରିଛନ୍ତି, ଯାହାକି ଅତି ପୁରୁଣାକାଳିଆ ନିୟମ। ଚାଷୀଙ୍କ କହିବା କଥା, ସଂପ୍ରତି ଏକ ଏକର ଜମିରୁ ସରକାର ଧାର୍ଯ୍ୟ କରିଥିବା ପରିମାଣଠାରୁ ଅଧିକ ଅମଳ ହେଉଛି। ତେଣୁ ସରକାରଙ୍କ ଏହି ନିୟମ ଯୋଗୁ ଚାଷୀଙ୍କ ସବୁ ଧାନ ବିକ୍ରି ହୋଇ ପାରୁନାହିଁ।



ମିଲର, ଏଜେଣ୍ଟ ଓ ସରକାରୀ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଚାଷୀମାନେ ବିଭିନ୍ନ ପ୍ରକାର ହଇରାଣ ହରକତ ହେଉଛନ୍ତି। ତାଙ୍କର ଭଲ ଗୁଣବତ୍ତାର ଧାନକୁ ନିମ୍ନମାନର ଦର୍ଶାଇ ଟାଳଟୁଳ ନୀତି ଅବଲମ୍ବନ କରି ତାଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ କରାଯାଉଛି। ଅନେକ ସମୟରେ ଚାଷୀଙ୍କ ଧାନ ବାହାରେ ପଡ଼ିରହୁଛି। ଏପରି ହେବା ଯୋଗୁ ଗୋଟିଏ ପଟେ ଧାନର ଗୁଣବତ୍ତାରେ ପ୍ରଭାବ ପଡୁଛି। ମଣ୍ଡିରୁ ମିଲ୍‌କୁ ଧାନ ପରିବହନରେ ବି ଅଯଥାରେ ବିଳମ୍ବ ହେଉଛି। ଏଥିସହିତ ଟୋକନ ବଣ୍ଟନରେ ବି ଅନିୟମିତତା ହେଉଥିବା ଦେଖାଯାଉଛି। ଅନେକ କ୍ଷେତ୍ରରେ ଉପଯୁକ୍ତ ଚାଷୀ ଟୋକନ ପାଇବାରେ ବିଳମ୍ବ ହେଉଥିବା ବେଳେ ଅନୁପଯୁକ୍ତ ଲୋକମାନେ ଟୋକନ ପାଇଯାଉଛନ୍ତି। ଏଥିସହିତ କେତେକ କ୍ଷେତ୍ରରେ ନିୟମ ଅନୁସାରେ ୪୮ ଘଣ୍ଟା ମଧ୍ୟରେ ଧାନର ମୂଲ୍ୟ ଚାଷୀଙ୍କ ଆକାଉଣ୍ଟରେ ବି ପହଞ୍ଚୁ ନାହିଁ। ମଣ୍ଡିରେ ଏପରି ସବୁ ଅସୁବିଧା ଯୋଗୁ ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ତଥାପି ସରକାର ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉଥିବା ଦେଖାଯାଉ ନାହିଁ।

ଗୋଟିଏ ପଟେ ସରକାର କମ୍ପାନୀମାନଙ୍କ ପାଇଁ ନୀତି ନିୟମ ସହଜ କରୁଥିବା ବେଳେ ଚାଷୀମାନଙ୍କ ଲାଗି ଯେପରି ଭାବେ କଠିନ ନିୟମ ଲାଗୁ କରୁଛନ୍ତି, ଏଥିରୁ ସରକାରଙ୍କ ଚାଷୀ ବିରୋଧୀ ମନୋଭାବ ସ୍ପଷ୍ଟ ବୁଝିହେଉଛି। ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ଅନୁମତି ପ୍ରଦାନ କରିବା ପାଇଁ ସରକାର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରୁଛନ୍ତି। ସେମାନଙ୍କ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଏକର ପ୍ରତି କମ୍ ଟଙ୍କାରେ ଜମି ଦିଆଯାଉଛି। ଅତ୍ୟନ୍ତ କମ୍ ମୂଲ୍ୟରେ ପାଣି ଓ ବିଜୁଳି ଯୋଗାଇ ଦିଆଯାଉଛି। ସରକାର ନିଜ ଖର୍ଚ୍ଚରେ କମ୍ପାନୀର ସୁବିଧା ପାଇଁ ପ୍ରକଳ୍ପ ଅଞ୍ଚଳରେ ଉଚ୍ଚମାନର ମଜଭୂତିଆ ରାସ୍ତା ନିର୍ମାଣ କରୁଛନ୍ତି। କମ୍ପାନୀକୁ ଶୁଳ୍କ ଛାଡ଼ କରୁଛନ୍ତି। ବକେୟା ବିଜୁଳି ବିଲ୍ ଛାଡ଼ କରିଦେଉଛନ୍ତି। କିନ୍ତୁ ଅନ୍ୟପଟେ ଗରିବ ଚାଷୀମାନଙ୍କ ପ୍ରତି କଠିନରୁ କଠିନ ନିୟମ ଲାଗୁ କରୁଛନ୍ତି। କେତେବେଳେ ଧାନର ଗୁଣବତ୍ତା କଥା କହି ତାଙ୍କ ଧାନର ଉଚିତ ମୂଲ୍ୟ ଦେଉନାହାନ୍ତି ତ କେତେବେଳେ ଫସଲ ହାନିର କ୍ଷତିପୂରଣ ଦେବା ପାଇଁ ମାସ ମାସ ଗଡ଼େଇ ଦେଉଛନ୍ତି। କମ୍ପାନୀମାନଙ୍କ ଋଣଛାଡ଼ କରିବା ବେଳକୁ ସରକାର ତହବିଲ ଖୋଲି ଦେଉଛନ୍ତି ତ ଚାଷୀବେଳକୁ ବ୍ୟାଙ୍କ ବାଉନ୍ସର ପଠେଇ ଋଣ ଆଦାୟ କରୁଛି ଓ ପରିଣାମରେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ସରକାର ଯଦି ଧନିକ ବ୍ୟବସାୟୀ ଓ କମ୍ପାନୀମାନଙ୍କ ପ୍ରତି ଏତେ କୋହଳ ହୋଇ ପାରୁଛନ୍ତି, ତାହେଲେ ଅନ୍ନଦାତାଙ୍କ ବେଳକୁ ଏତେ ଆକ୍ରୋଶ କାହିଁକି?

– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ମହେନ୍ଦ୍ରଗିରିର ଶିବ ମହିମା



ଡ. ଭାଗ୍ୟଲିପି ମଲ୍ଲ

ମହେନ୍ଦ୍ରଗିରି ପର୍ବତ, ଯେଉଁ ପର୍ବତ ଦିନେ ଥିଲା ଶ୍ୱେତକମଣ୍ଡଳ ରାଜ୍ୟର ଅଂଶବିଶେଷ, ଯେଉଁ ପର୍ବତକୁ ନିଜ କବିତାରେ ସ୍ଥାନ ଦେଇଛନ୍ତି ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଦାସ ଏବଂ କବିବର ରାଧାନାଥ ରାୟ, ଯାହାର ଶିଖରରେ ରହିଛି ଦ୍ୱାପର ଯୁଗର 'ମହାଭାରତ' କଥା, ସେହି ମହେନ୍ଦ୍ରଗିରିର ମହିମା ଆଜି ଭାରତରେ ପୁଣ୍ୟ ତୀର୍ଥଭୂମି ରୂପେ ପରିଚୟ ଲାଭ କରିଛି। ମହେନ୍ଦ୍ରଗିରି ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ଏହାର ଆଧ୍ୟାତ୍ମିକ ଗୌରବ ଅତୁଳନୀୟ। ଏହା ଓଡ଼ିଶାର ଦକ୍ଷିଣରେ ଗଞ୍ଜାମ ଓ ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ସଦର ମହକୁମା ପାରଳାଖେମୁଣ୍ଡିରେ ଅବସ୍ଥିତ। ବହୁ ପ୍ରାଚୀନ ଯୁଗରୁ ଗଞ୍ଜାମ-ଗଜପତି ପର୍ବତ୍ୟାଞ୍ଚଳରେ ମହେନ୍ଦ୍ରଗିରି ଦେବଦେବ ମହାଦେବଙ୍କର ନିବାସସ୍ଥଳୀ ହୋଇଥିବାରୁ ଏଠାରେ ମହାଶିବରାତ୍ରି ମହାସମାରୋହରେ ପାଳନ ହୋଇଥାଏ। ଗୋଦାବରୀ ନଦୀ ନିକଟରେ ଥିବା ପୂର୍ବଘାଟ ପର୍ବତମାଳାକୁ ମହେନ୍ଦ୍ରଗିରି କୁହାଯାଏ। ପାଦଦେଶରେ ମହେନ୍ଦ୍ରତନୟା ନଦୀ। ସପ୍ତକୁଳ ପର୍ବତ ମଧ୍ୟରେ ଏହା ଅନ୍ୟତମ ଶ୍ରେଷ୍ଠ ପର୍ବତଭାବେ ପରିଗଣିତ। ସେହି ପର୍ବତଗୁଡ଼ିକ ହେଲା- ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ, ରୁକ୍ଷ ପର୍ବତ, ବିନ୍ଧ୍ୟ ପର୍ବତ ଓ ପାରିଜାତ। ହିନ୍ଦୁଙ୍କ ପବିତ୍ର କାର୍ଯ୍ୟରେ ବ୍ୟବହାର ହେଉଥିବା ପ୍ରାୟ ନଦୀଗୁଡ଼ିକ ମହେନ୍ଦ୍ରତନୟା ନାମରେ ପରିଚିତ; ଯଥା- ତ୍ରିସାମା, ଋଷିକୁଲ୍ୟା, ଇକ୍ଷୁଳା, ତ୍ରିଦିବା, ଅଚଳା, ଲାଙ୍ଗୁଳିନୀ, ବଂଶଧାରା ଓ ମହେନ୍ଦ୍ରତନୟା ଇତ୍ୟାଦି। ମହେନ୍ଦ୍ରଗିରି ଦେବଦେବ ମହାଦେବ ମହେନ୍ଦ୍ରଙ୍କର ଅନ୍ୟତମ ନିବାସ ସ୍ଥାନ ଏବଂ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ତପସ୍ୟାସ୍ଥଳୀ। ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ମହେନ୍ଦ୍ରଗିରିର ସୂର୍ଯ୍ୟୋଦୟ, ଖରା, ବର୍ଷା, ଶୀତର ଲୁଚକାଳି ଖେଳ, ସବୁଜବନାନୀ ଓ ଘଞ୍ଚ ଅରଣ୍ୟ ଆଦି ଅନସ୍ୱୀକାର୍ଯ୍ୟ। ଶୈଳୋଦ୍ଭବ ରାଜାମାନଙ୍କର ଅଭିଲେଖରୁ ମହେନ୍ଦ୍ରଗିରିର ପ୍ରାଚୀନତା ଜଣାପଡ଼େ। ମହେନ୍ଦ୍ର ଅର୍ଥାତ୍ ମହୀର ଯିଏ ଇନ୍ଦ୍ର ବା ଶ୍ରେଷ୍ଠ, ସେ ହେଉଛନ୍ତି ଦେବଦେବ ମହାଦେବ। ଏହି ମହେନ୍ଦ୍ରଗିରିର ଶିବ ହିଁ ଅଧିପତି ଦେବତା। ମହେନ୍ଦ୍ରଗିରିରେ ଷଡ଼ଋତୁଙ୍କର ଦିନକରେ ସମାଗମ ପରିଦର୍ଶକଙ୍କୁ ଯେତିକି ଚମତ୍କୃତ କରେ, ପର୍ବତ ଦେହରେ ଥିବା ପ୍ରାଚୀନ ମନ୍ଦିର ଯଥା-କୁନ୍ତୀ ମନ୍ଦିର, ଭୀମ ମନ୍ଦିର, ଯୁଧିଷ୍ଠିର ମନ୍ଦିର, ପର୍ଶୁରାମ କୁଟୀର, ପାଣ୍ଡବ ଗୁମ୍ଫା, ଗୋକର୍ଣ୍ଣେଶ୍ୱର ମନ୍ଦିର, ପୁଟେଶ୍ୱର ମନ୍ଦିର ଆଦିସ୍ଥ ସେତିକି ଆଧ୍ୟାତ୍ମିକ ଚେତନାରେ ବ୍ୟକ୍ତିର ହୃଦୟକୁ ସିକ୍ତ କରେ।

ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ଶୋଭା କେବଳ ଜନମନକୁ ହରଣ କରେନାହିଁ, ବରଂ ଯୁଗଯୁଗ ଧରି କବି, ସାହିତ୍ୟିକମାନଙ୍କୁ ଆକୃଷ୍ଟ କରିଛି। ମହେନ୍ଦ୍ରଗିରି କେବଳ ସାହିତ୍ୟ ବା ପୁରାଣରେ ସ୍ଥାନ ପାଇନାହିଁ, ବରଂ ତା'ର ଜୈବ ବିବିଧତା ପାଇଁ ପରିବେଶବିତ୍‌ଙ୍କୁ ଆକର୍ଷିତ କରିଛି। ତା'ର ଜୈବ ବିବିଧତା ଗଭୀର ଅଧ୍ୟୟନର ଅପେକ୍ଷା ରଖେ। ମହେନ୍ଦ୍ରଗିରି ପର୍ବତ ଓଡ଼ିଶାର ଦକ୍ଷିଣାଞ୍ଚଳର ପରିବେଶକୁ ସନ୍ତୁଳିତ କରି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ।

ମହେନ୍ଦ୍ରଗିରିର ଶିବ ମହିମା ମହାଭାରତ, ରାମାୟଣ, ବିଷ୍ଣୁ ପୁରାଣ, ବାୟୁ ପୁରାଣ, ଅଧ୍ୟାତ୍ମ ରାମାୟଣ, ସାରଳା ମହାଭାରତ ଓ ବିଭିନ୍ନ ଶିଳାଲେଖରେ ଦେଖିବାକୁ ମିଳେ। ମହେନ୍ଦ୍ରଗିରି



ସହିତ ଯୋଡ଼ିହୋଇ ରହିଛି ରାମାୟଣ, ମହାଭାରତ ଓ ଶିବଙ୍କର ଅପୂର୍ବ ମହିମାର କଥା। ଦେବଦେବ ମହାଦେବ ଏହି ଗିରିଶୃଙ୍ଗ ଉପରେ ଯେଉଁଠାରେ ଧ୍ୟାନମଗ୍ନ ଥିଲେ, ମାତା ସୀତାଙ୍କୁ ଠାବ କରିବା ପାଇଁ ସେହି ଶିଖରରୁ ହନୁମାନ ଲଙ୍କାକୁ ଲମ୍ଫ ପ୍ରଦାନ କରିଥିଲେ। ଏହାର ସ୍ମୃତିସ୍ୱରୂପ ମହେନ୍ଦ୍ରଗିରିରେ ହନୁମାନ କୁଦ, ହନୁମାନ ମନ୍ଦିର ଓ ହନୁମାନ ପଦଚିହ୍ନ ଦେଖିବାକୁ ମିଳେ। ଏଥିସହ ଶିବଙ୍କର ଅତୁଳନୀୟ ମହିମା ସେହିଯୁଗରୁ ହିଁ ରହିଆସିଛି।

ମହାଭାରତ ସମୟରେ ପାଣ୍ଡବମାନେ ଯେତେବେଳେ ଅଜ୍ଞାତବାସରେ ଥିଲେ, ସେତେବେଳେ ପିତା ପାଣ୍ଡୁଙ୍କର ଶ୍ରାଦ୍ଧଦିବସ ପଡ଼ିଥିବାରୁ ମାତା କୁନ୍ତୀଙ୍କର ଆଦେଶପୂର୍ବକ ସେମାନେ ମହେନ୍ଦ୍ରଗିରିର ଘଞ୍ଚଜଙ୍ଗଲ ଭିତରକୁ ପିଣ୍ଡଦାନ ନିମିତ୍ତ ଏକ ଗଣ୍ଡା ଶିକାର କରିବାକୁ ଆସିଥିଲେ। ମାତ୍ର ଗଣ୍ଡା ବଦଳରେ ସେଠାରେ ବୁଲୁଥିବା ଏକ ବିଚିତ୍ର ଗାଈକୁ ସେମାନେ ବଧ କରିଦେଇଥିଲେ। ପୁରାଣପ୍ରସିଦ୍ଧ ଏହି ପବିତ୍ର ଗାଈର ନାମ ଥିଲା କପିଳା। କପିଳା ଗାଈର ହତ୍ୟା ସମ୍ପର୍କରେ ମାତା କୁନ୍ତୀଙ୍କୁ ଜଣାଇବା ପରେ ଗୋହତ୍ୟା ଦୋଷରୁ ପୁତ୍ରମାନେ କିପରି ମୁକ୍ତି ପାଇବେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ତତ୍‌କ୍ଷଣାତ୍ ସଖା କୃଷ୍ଣ ଉପଗତ ହୋଇ ମହେନ୍ଦ୍ରଗିରିର ଶୃଙ୍ଗ ଉପରେ ପର୍ଶୁରାମ ଏବଂ ନାରଦ ମୁନିଙ୍କ ସହାୟତାରେ ଦେବସଭାର ଆୟୋଜନ ସହ ଯଜ୍ଞାଦି ଅନୁଷ୍ଠାନ କରାଇଲେ। ଏହି ସଭାରେ ବ୍ରହ୍ମା, ଶିବ, ବିଷ୍ଣୁ ଓ ବହୁ ଦେବଦେବୀଙ୍କ ସହ ମୁନିଋଷିମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଦେବଦେବୀଙ୍କ ମତାନୁସାରେ ତଥା କୁନ୍ତୀ ଓ ପାଣ୍ଡବଙ୍କ ପ୍ରାର୍ଥନାରେ ଯୋଗୀରାଜଙ୍କର ଧ୍ୟାନ ଭଙ୍ଗ ହେଲା ଓ ପାଣ୍ଡବଙ୍କ ପାପକୁ ସେ ନିଜ ଦେହରେ ବୋଲି ଗୋହତ୍ୟାଜନିତ ପାପରୁ ମୁକ୍ତ କରାଇଥିଲେ। ମୃତଧେନୁ କପିଳାର କର୍ଣ୍ଣ ଯେଉଁଠାରେ ପଡ଼ିଲା, ତାହା ଗୋକର୍ଣ୍ଣେଶ୍ୱର, ପୁଟି ଯେଉଁଠାରେ ପଡ଼ିଲା ତାହା ପୁଟେଶ୍ୱର ନାମରେ ମନ୍ଦିର ହେବା ସହ ବହୁ ଶିବଲିଙ୍ଗଯୁକ୍ତ ମନ୍ଦିର ଏହି ପର୍ବତଶ୍ରେଣୀରେ ଗଢ଼ିଉଠିଲା।

ଲୋକମାନଙ୍କ ବିଶ୍ୱାସ ସହିତ ଶିବଭକ୍ତ ଏବଂ ପ୍ରାୟତଃ ସବୁ ଦେବଦେବୀଙ୍କର ଏହି ପର୍ବତରେ ଦେବସଭା ଓ ଯଜ୍ଞଯୋଗୁ ମହେନ୍ଦ୍ରଗିରି ଏକ ଆଧ୍ୟାତ୍ମିକ ଗିରିଭାବେ ପ୍ରସିଦ୍ଧି ଅର୍ଜନ କରିପାରିଛି। ମହାଦେବ ଅକୁଣ୍ଠ ଚିତ୍ତରେ ପାଣ୍ଡବଙ୍କୁ ପାପମୁକ୍ତ କରାଇଥିବାରୁ ସେହି ନୀଳକଣ୍ଠଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ଯୋଗୁଁ ଏଠାରେ ମହାଶିବରାତ୍ରି ବହୁ ଆଡ଼ମ୍ବରରେ ପାଳନ ହୁଏ। ଏଥିସହିତ ଯୋଡ଼ି ହୋଇଯାଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କିମ୍ବଦନ୍ତୀ। ଏହି କିମ୍ବଦନ୍ତୀ ଅନୁସାରେ କଳିଙ୍ଗ ମହାରାଜାଙ୍କର ବିଦ୍ୟାପତିଙ୍କ ମାଧ୍ୟମରେ ନୀଳମାଧବଙ୍କ ଦର୍ଶନ ସହିତ ମହେନ୍ଦ୍ରଗିରିର ପାଦଦେଶରେ ଥିବା ଏକ ସୁନ୍ଦର ପୁଷ୍କରିଣୀ ନିକଟରେ ଆଦିବାସୀ ଲଳନା ଲଳିତାଙ୍କ ସହିତ ବିଦ୍ୟାପତିଙ୍କର ସାକ୍ଷାତ ହେବା ଯୋଗୁ ତାର ପ୍ରମାଣସ୍ୱରୂପ ଏବେ ମଧ୍ୟ ସେହି ଲଳିତା ପୁଷ୍କରିଣୀ ବିଦ୍ୟମାନ। ମହାଶିବରାତ୍ରିରେ ଏହି ପୁଷ୍କରିଣୀ ପରିଦର୍ଶନାର୍ଥେ ବହୁ ଜନସମାଗମ ହୋଇଥାଏ।

ତେଣୁ ମହେନ୍ଦ୍ରଗିରି କେବଳ ଏକ ପ୍ରାକୃତିକ ସୁଷମାଘେରା ସୁନ୍ଦର ପାହାଡ଼ଟିଏ ନୁହେଁ, ଏହା ମହାଦେବଙ୍କର ନିତ୍ୟ ନିବାସସ୍ଥଳୀ ଓ ପର୍ଶୁରାମଧାମ ହୋଇଥିବାରୁ ଏହାକୁ ଏକ ଆଧ୍ୟାତ୍ମିକ ସ୍ଥାନ ଭାବେ ଭକ୍ତମାନେ ଗ୍ରହଣ କରିଥା'ନ୍ତି। ଦେବଦେବ ମହେନ୍ଦ୍ର ଓ ପର୍ଶୁରାମଙ୍କର ସ୍ଥାୟୀ ଉପସ୍ଥିତି ଯୋଗୁ ଏଠାକୁ ବହୁ ଦେବଦେବୀ ଓ ଋଷିମାନଙ୍କର ଆତଯାତ ହୋଇଥାଏ।

– ସଂସ୍କୃତି ବିଶେଷଜ୍ଞ
ମୋ: ୮୯୧୭୩୩୨୫୮୫

## ଏଇ ଭାରତରେ

ଝାଡ଼ଖଣ୍ଡର ବରକୁଲି ଗାଁର ଜ୍ଞାନଲତା ହେମ୍ରମ୍ ଜୈବିକ ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି। ଜଣେ ସଫଳ ମହିଳା ଚାଷୀ ଭାବେ ସେ ଜୈବିକ ଚାଷରୁ ୧୦ ଲକ୍ଷ ଟଙ୍କାର ବିଜ୍‌ନେସ୍ କରିପାରିଛନ୍ତି। ସେ ଏବେ ୬ ଏକର ଜମିରେ ଟମାଟୋ, ବାଇଗଣ, କ୍ୟାପ୍‌ସିକମ୍, ଲଙ୍କା, କୋବି ଆଦି ଚାଷ କରୁଛନ୍ତି। ୨୦୨୧ରେ ସେ ଏହି ଚାଷ ଆରମ୍ଭ କରିଥିଲେ। ପ୍ରଫେଶନାଲ ଆସିଷ୍ଟାନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ ନାମକ ସଂସ୍ଥା ଏଥିରେ ଆରମ୍ଭରୁ ତାଙ୍କୁ ସହଯୋଗ କରିଥିଲା। ଏବେ ନିଜ ଅଞ୍ଚଳରେ ଏହି ସଂସ୍ଥାର ଦାୟିତ୍ୱରେ ରହିବା ପରେ ସ୍ଥାନୀୟ ଅଞ୍ଚଳରେ ଜୈବିକ କୃଷିରେ ମହିଳାଙ୍କୁ ସାମିଲ କରିବାରେ ଲାଗିଛନ୍ତି। ଏବେସୁଦ୍ଧା ସେ ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୧୨୦୦ ମହିଳାଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିପାରିଛନ୍ତି। ସେ ଚାଷୀଙ୍କୁ ଶସ୍ତାରେ ପନିପରିବା ଚାରା ଗଛ ଯୋଗାଇ ଦେଉଛନ୍ତି। ଏହା ସହ ମହିଳାମାନେ ଜିଆଖତ ପ୍ରସ୍ତୁତ କରି ଲାଭ ପାଉଛନ୍ତି। ପ୍ରଫେଶନାଲ ଆସିଷ୍ଟାନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ୍ ଦ୍ୱାରା ପରିଚାଳିତ ବାୟୋ ରିସୋର୍ସ ସେଣ୍ଟର(ବିଆର୍‌ସି) ମାଧ୍ୟମରେ ଜ୍ଞାନଲତା ପ୍ରାରମ୍ଭରେ ୬୦,୦୦୦ ଟଙ୍କାର ବିଜ୍‌ନେସ କରୁଥିଲେ, ହେଲେ ଏହା ଏବେ ୧୦ ଲକ୍ଷ ଟଙ୍କା ଛୁଇଁଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଫେବୃଆରୀ ୧୯୭୭**

- ରାଷ୍ଟ୍ରପତି ଜୁଲିୟସ ନିରେର ତାଞ୍ଜାନିଆର ନୂତନ ପ୍ରଧାନମନ୍ତ୍ରୀ ରୂପେ ଏଡ୍‌ୱାର୍ଡ ସୋକୋଇନଙ୍କୁ ନିଯୁକ୍ତ କରିଛନ୍ତି।
- ତୁର୍କୀ ଏୟାରଲାଇନ୍ସର ଗୋଟିଏ ବିମାନକୁ ଅପହରଣ କରିବା ସହ ପାଇଲଟଙ୍କୁ ଆହତ କରିଥିବା ଅଭିଯୋଗରେ ୧୭ ବର୍ଷ ବୟସ୍କ ପୋଲିସ କ୍ୟାଡେଟ୍ ଗିରଫ।
- ଭାରତର ବିଶିଷ୍ଟ ରାଜନୀତିଜ୍ଞ ତଥା ମିଳିତ ଜାତିସଂଘର ସଭାପତି ନେତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ୍‌ଙ୍କ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | 8 | 2 |
| 6 | | | | | | 4 | 7 | |
| 8 | 4 | | | | 1 | | 9 | 3 |
| 9 | | | | | 2 | 7 | 6 | 5 |
| | | | 1 | 8 | 5 | | 2 | |
| | | 4 | 6 | 9 | | | | |
| | | 2 | 9 | | | 8 | 4 | |
| | 9 | | | 1 | | | | |
| | 3 | | | 6 | 4 | 1 | 5 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 2 | 7 | 5 | 3 | 4 | 8 |
| 7 | 8 | 2 | 4 | 3 | 9 | 6 | 5 | 1 |
| 3 | 5 | 4 | 1 | 6 | 8 | 7 | 9 | 2 |
| 9 | 4 | 8 | 6 | 2 | 7 | 5 | 1 | 3 |
| 2 | 7 | 1 | 5 | 8 | 3 | 9 | 6 | 4 |
| 6 | 3 | 5 | 9 | 1 | 4 | 2 | 8 | 7 |
| 5 | 9 | 3 | 8 | 4 | 2 | 1 | 7 | 6 |
| 4 | 2 | 6 | 7 | 5 | 1 | 8 | 3 | 9 |
| 8 | 1 | 7 | 3 | 9 | 6 | 4 | 2 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ସମିତି ସଭ୍ୟ ପ୍ରସ୍ତାବ ଦେବାରେ ସୀମିତ

ମହାଶୟ,

ଓଡ଼ିଶାର ୩୧୪ ବ୍ଲକରେ ପ୍ରାୟ ୬୦୦୦ରୁ ଅଧିକ ସମିତି ସଭ୍ୟା/ସଭ୍ୟ ନିର୍ବାଚିତ ହୋଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ବିଜୁ ଜନତା ଦଳ ସରକାର ଯିବା ପୂର୍ବରୁ ମାସିକ ଭତ୍ତା ଟ.୨୩୫୦ରୁ ୯,୫୦୦ ଟଙ୍କାକୁ ବୃଦ୍ଧି କରି କ୍ଷମତାରୁ ଯାଇ ସାରିଛନ୍ତି। ପଞ୍ଚାୟତିରାଜ ନିୟମ ଅନୁସାରେ, ପ୍ରତି ଦୁଇ ମାସରେ ଅନ୍ତତଃ ଗୋଟିଏ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବା କଥା। ସେହି ହିସାବରେ ଗତ ୪ ବର୍ଷ ମଧ୍ୟରେ ଅତିକମ୍‌ରେ ୨୪ଟି ବୈଠକ ହେବା ଆବଶ୍ୟକ। କିନ୍ତୁ ଅଧିକାଂଶ ବ୍ଲକରୁ ଆସୁଥିବା ରିପୋର୍ଟ ଅନୁସାରେ, ୪ ବର୍ଷରେ ମାତ୍ର ୪ରୁ ୫ଟି ବୈଠକ ହେବା ମଧ୍ୟ କଷ୍ଟକର ହୋଇପଡ଼ିଛି। ବ୍ଲକକୁ ଆସୁଥିବା କୋଟି କୋଟି ଟଙ୍କାର ଅନୁଦାନ ପାଇଁ ସମିତି ବୈଠକର ଅନୁମୋଦନ ଲୋଡ଼ାଯାଉ ନାହିଁ। ସମିତି ସଭ୍ୟମାନେ କେବଳ କାଗଜପତ୍ରରେ ପ୍ରସ୍ତାବ ଦେବାରେ ସୀମିତ ରହିଛନ୍ତି। ଗତ ୩ ବର୍ଷରେ ଜଣେ ସଭ୍ୟ ହାରାହାରି ୧୦ ଲକ୍ଷ ଟଙ୍କାର ପ୍ରସ୍ତାବ ଦେଇଥିଲେ ହେଁ ସେଥିରୁ କେତୋଟି କାର୍ଯ୍ୟକାରୀ ହୋଇଛି ଏବଂ କେଉଁ ପାଣ୍ଠିରୁ ହୋଇଛି, ତାହା ସଭ୍ୟଙ୍କ ଅଗୋଚରରେ ରହୁଛି।

**– ସମରେନ୍ଦ୍ର ଦୀକ୍ଷିତ, ପୁରୀ, କାକଟପୁର**

## ଚିରନ୍ତନୀ

ଅଧର ସୁଷମା ନ ବଢ଼େ ଚିର
ରହିଲେ ମୂକ
ବାସନା ବିକାରେ ବିକଳେ ଖାଲି
ବଳଇ ଦୁଃଖ।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଧର୍ମ ବଦଳାଇବାରୁ ମୃତଦେହକୁ ମିଳିଲାନି ଶ୍ମଶାନ

## ଜମିରେ ପଡ଼ିଛି ଶବ, ଗାଁରେ ୨ ପ୍ଲାଟୁନ୍ ପୋଲିସ ମୁତୟନ

**ଉମରକୋଟ,୧୪ା୨(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ କୋପେନା ଗ୍ରାମରେ ମୃତଦେହକୁ ମିଳୁନାହିଁ ଶ୍ମଶାନ। ମୃତକଙ୍କ ପରିବାର ପୂର୍ବରୁ ହିନ୍ଦୁ ଧର୍ମ ପରିବର୍ତ୍ତନ କରି ଅନ୍ୟ ଧର୍ମ ଗ୍ରହଣ କରିଥିଲେ। ପୁଣି ହିନ୍ଦୁ ଧର୍ମକୁ ଫେରିଲେ ହିଁ ଗାଁ ଶ୍ମଶାନରେ ସତ୍କାର ପାଇଁ ଅନୁମତି ମିଳିବ ବୋଲି ହିନ୍ଦୁ ଧର୍ମାବଲମ୍ବୀମାନେ ଜିଦ୍‌ରେ ଅଟଳ ଅଛନ୍ତି, ଯାହାକୁ ନେଇ ଗାଁରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନି। ଖବର ଲେଖାଯିବା ବେଳକୁ ମୃତଦେହ ସତ୍କାର ହୋଇପାରି ନ ଥିଲା। ଗାଁରେ ପୋଲିସ ଛାଉଣୀ ରହିଛି।

କୋପେନା ଗ୍ରାମର ଟୁନା ସାନ୍ତାଙ୍କ ପୁଅ ଆୟାଂଶୁ (୧୪) କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ଶନିବାର ଭୋରରୁ ମୃତ୍ୟୁବରଣ କରିଥିଲେ। ତେବେ ଏହି ଗ୍ରାମରେ ଧର୍ମାନ୍ତରୀକରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ୧୫ ଦିନ ହେଲା ଅସନ୍ତୋଷ ଲାଗି ରହିଥିଲା। ଆୟାଂଶୁଙ୍କ ମୃତ୍ୟୁ ପରେ ଗାଁ ଶ୍ମଶାନରେ ସତ୍କାର କରିବାକୁ ଦେବୁନାହିଁ ବୋଲି ହିନ୍ଦୁ ଧର୍ମାବଲମ୍ବୀମାନେ ଜିଦ୍ କରିଥିଲେ। ଟୁନାଙ୍କ ପରିବାର ହିନ୍ଦୁ ଧର୍ମକୁ ଫେରି ଆସିଲେ ମୃତଦେହ ସତ୍କାର ପାଇଁ ଗାଁ ଶ୍ମଶାନରେ ଜାଗା ଦେବୁ ଓ ସହଯୋଗ କରିବୁ ବୋଲି ଗ୍ରାମର ହିନ୍ଦୁ ଧର୍ମାବଲମ୍ବୀମାନେ କହିଛନ୍ତି। ଖବରପାଇ ଉମରକୋଟ ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ କୁମାର ସେନ, ସରପଞ୍ଚ ପର୍ଶୁ ଗଣ୍ଡ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଆଇଆଇସି ବିପିନ କୁମାର ବାଗ, ରାଇଘର, ଝରିଗାଁ, କୁନ୍ଦେଇ ଥାନା ଅଧିକାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ସୁଫଳ ମିଳିନି। ହିନ୍ଦୁ ଧର୍ମକୁ ନ ଫେରିବା ଯାଏ ଗାଁ ପାଖ କୌଣସି ମୌଜାରେ ମଧ୍ୟ ମୃତଦେହ ପୋତିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ପୋଲିସ ସୁରକ୍ଷା ମଧ୍ୟରେ ଟୁନାଙ୍କ ପରିବାର ଲୋକେ ଆୟାଂଶୁଙ୍କ ମୃତଦେହ ନିଜ ଜମିରେ ପୋତିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ତାହା ସମ୍ଭବ ହୋଇପାରିଲା ନାହିଁ। ଗାଁରେ ମୃତଦେହ ପଡ଼ିଥିବା ଯୋଗୁ ସକାଳୁ କାହାରି ଘରେ ଚୁଲି ଜଳି ନାହିଁ, ପିଲାଠୁ ବୟସ୍କ ସମସ୍ତେ ଭୋକିଲା ଅଛନ୍ତି। ତୁରନ୍ତ ଗ୍ରାମରୁ ମୃତଦେହ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଖବର ଲେଖାଯିବା ବେଳକୁ ମୃତଦେହ ଟୁନା ସାନ୍ତାଙ୍କ ଜମିରେ ପଡ଼ି ରହିଛି। ଗଣ୍ଡଗୋଳ ଆଶଙ୍କାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ଉକ୍ତ ସ୍ଥାନରେ ମୁତୟନ ରହିଛି।


ଆୟାଂଶୁଙ୍କ ମୃତଦେହ ସତ୍କାର ନ ହୋଇପାରି ଟୁନାଙ୍କ ଜମିରେ ପଡ଼ି ରହିଛି।

# ବାପା ବିକିଥିବା ଅଢ଼େଇବର୍ଷର ଶିଶୁପୁତ୍ର ଉଦ୍ଧାର

**ନୀଳଗିରି,୧୪ା୨(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଜଣେ ଅଢ଼େଇବର୍ଷର ଶିଶୁପୁତ୍ରକୁ ବାପା ବିକିଦେବା ଘଟଣା ଲୋକଲୋଚନକୁ ଆସିବା ପରେ ପୋଲିସ ତତ୍ପରତା ଦେଖାଇଥିବାବେଳେ ପିଲାକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟକୁ ହସ୍ତାନ୍ତର କରାଯାଇଛି।

ନୀଳଗିରି ଏନ୍ଏସି ଅଧୀନ ବରିସାହି ଗ୍ରାମର ରାକେଶ କୁମାର ବେହେରା ଦୁଇଟି ବିବାହ କରିଥିଲେ। ଦ୍ୱିତୀୟ ସ୍ତ୍ରୀ ସ୍ୱାମୀଙ୍କ ଅତ୍ୟାଚାର ସହି ନ ପାରି ଅଲଗା ରହୁଥିଲେ। ତାଙ୍କର ଏକ ଅଢ଼େଇ ବର୍ଷର ଶିଶୁପୁତ୍ର ରାକେଶଙ୍କ ପାଖରେ ରହୁଥିଲେ। ଉକ୍ତ ଶିଶୁପୁତ୍ରକୁ ରାକେଶ ସଂଖାଲଘୁ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କୁ ୧ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିବା ଏବଂ ୫୦ହଜାର ଟଙ୍କା ଅଗ୍ରିମ ନେଇଥିବା ଜଣାପଡ଼ିଥିଲା। ନୀଳଗିରି ଅଞ୍ଚଳର କେତେଜଣ ସ୍ୱେଚ୍ଛାସେବୀ ରାକେଶଙ୍କଠାରେ ପହଞ୍ଚି ସତ୍ୟାସତ୍ୟ ଜାଣିବା ପରେ ଥାନାକୁ ଯାଇଥିଲେ। ରାକେଶ ଜଣେ ମଧ୍ୟସ୍ଥଙ୍କ ଜରିଆରେ ମୂଲଚାଲ କରି ଶିଶୁପୁତ୍ରକୁ ନିକଟସ୍ଥ ଷ୍ଟେଶନସାହି ଅଞ୍ଚଳରେ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ଅଭିଯୋଗ ପାଇ ପୋଲିସ ଶିଶୁପୁତ୍ରର ଖୋଜଖବର ନେଇଥିଲା। ପରେ ଶିଶୁପୁତ୍ରକୁ ଚିମିନିଭାଟି ଅଞ୍ଚଳରୁ ଉଦ୍ଧାର କରି ଶିଶୁମଙ୍ଗଳକୁ ହସ୍ତାନ୍ତର କରିଛି। ଏହାର ଅଧିକ ତଦନ୍ତ ଜାରିରହିଥିବା ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଛି।

# ଯୋଗ୍ୟ ଭୋଟର ବାଦ୍ ନ ପଡ଼ନ୍ତୁ : ସିଇଓ


ସିଇଓ ଆର. ଏସ. ଗୋପାଲନ୍ ଓ ଅନ୍ୟମାନଙ୍କ ସହ ରେଡିଓ ପ୍ରସାରକମାନେ।

## ନିର୍ବାଚନ ସଚେତନତା ନେଇ ରେଡିଓ ପ୍ରସାରକଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

**ଭୁବନେଶ୍ୱର,୧୪ା୨(ବନ୍ଦନା ସେଠୀ)**

ଜନସାଧାରଣଙ୍କ ପାଖରେ ଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ। ତେଣୁ ରେଡିଓ ପ୍ରସାରକମାନେ ଲୋକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଅଧିକରୁ ଅଧିକ ଜଣାଇବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର. ଏସ. ଗୋପାଲନ୍ ଆହ୍ୱାନ ଦେଇଛନ୍ତି। ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ 'ରେଡିଓ ପ୍ରସାରକଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା' ଶନିବାର ଓଡ଼ିଶା ସିଇଓଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଦ ସୋସିଓଜେନିକ ଫାଉଣ୍ଡେଶନ ଏବଂ ଆଉଟ୍‌ରିଚ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଇଓ ଗୋପାଲନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୋଟର ସୂଚୀର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ୍ଆଇଆର) ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟରତାଲିକାରେ ରହିବା ଅପରିହାର୍ଯ୍ୟ। କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟରତାଲିକାରୁ ବାଦ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଏଥିରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ଗୋପାଲନ୍ ପରାମର୍ଶ ଦେଇଥିଲେ।

କର୍ମଶାଳାର ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ମଧ୍ୟରେ '୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜୀକୃତ କରିପାରିବେ' ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ ଭୋଟରତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବା ପ୍ରକ୍ରିୟା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରେଡିଓ ପ୍ରସାରକମାନେ ସିଧାସଳଖ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଲନ୍‌ଙ୍କ ସହିତ ଏସ୍ଆଇଆର୍ ମ୍ୟାପିଂ ସମ୍ବନ୍ଧୀୟ ସିଧାସଳଖ ଆଲୋଚନା କରିଥିଲେ। କର୍ମଶାଳାରେ ବିଭିନ୍ନ ରେଡିଓ ଷ୍ଟେଶନର ପ୍ରତିନିଧି ଏବଂ ପ୍ରସାରକମାନେ ଅଂଶଗ୍ରହଣ କରି ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ବୈଷୟିକ ଦିଗ ଉପରେ ଧାରଣା ପାଇଥିଲେ। ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ବରିଷ୍ଠ ରେଡିଓ ପ୍ରସାରକ ଅଶୋକ ପାଣିଗ୍ରାହୀ, ଲୋକସମ୍ପର୍କ ଅଧିକାରୀ ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍କରେ ସାରିଦେଲେ

**ଭୁବନେଶ୍ୱର,୧୪ା୨(ସୁନିତ୍ ମିଶ୍ର)**


ଆଶିଷ ସିଂ


ଡି.ଏସ୍. କୁଟେ

**ଆଶିଷ ସିଂ କେନ୍ଦ୍ର ସରକାରଙ୍କ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି) ଆଇଜି ଭାବେ ନିଯୁକ୍ତି ପାଇଥିବାବେଳେ ଡି.ଏସ୍. କୁଟେ ପୁରସ୍କାର ସ୍ୱରୂପ ବର୍ଡର ସିକ୍ୟୁରିଟି ଫୋର୍ସ ଆଇଜି ରୂପେ କାର୍ଯ୍ୟରତ। ଏବେ ସେମାନଙ୍କ ବିଷୟରେ ଆଉ କେହି କିଛି ଅଭିଯୋଗ କରୁ ନ ଥିବାରୁ ଶେଷରେ କେନ୍ଦ୍ର ଗୋଟିଚାଳନା ରାଜ୍ୟ ନେତୃତ୍ୱଙ୍କୁ ଖୁସି ଦେଲା ବୋଲି କହିହେବ।**

୨୦୨୪ ନିର୍ବାଚନ ପରଠାରୁ ଅନେକ ବିଷୟକୁ ନେଇ ନାନା ରାଜନୈତିକ ଚର୍ଚ୍ଚା ଜାରି ରହିଛି। ବିଜେଡିର ଭବିଷ୍ୟତ କ'ଣ ହେବ, ବିରୋଧୀ ଦଳ ଭୂମିକା ଠିକ୍ ଭାବେ ତୁଲାଉଛି ନା ନାହିଁ ସେଭଳି ଅନେକ ପ୍ରସଙ୍ଗରେ ସବୁବେଳେ ଆଲୋଚନା ହେଉଆସୁଛି। ବିଜେଡି ଉପରେ ଭରସା ରଖୁଥିବା ଏବଂ ଆଞ୍ଚଳିକ ଦଳର ଆଧିପତ୍ୟ ବଢ଼ିବା ଦିଗରେ ଅପେକ୍ଷାକରି ରହିଥିବା ରାଜ୍ୟର ବହୁ ନେତା, କର୍ମୀ ଏବଂ ସାଧାରଣ ଲୋକ ବହୁ କିଛି ଜାଣିବାର ଆବଶ୍ୟକତା ରହିଛି। ସେଦିଗରେ 'ଧରିତ୍ରୀ' ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ତର୍ଜମା କରାଯାଇଛି। ଯାହା ତର୍ଜମା ହୋଇଛି ତାକୁ ଯଦି ପରଖାଯାଏ ତେବେ ଓଡ଼ିଶାରେ ଭାଜପା ରାଜନୈତିକ ଅଙ୍କରେ ତତ୍କାଳୀନ ବିଜେଡି ସରକାରକୁ ଯେ ସଫା କରିଦିଆଯାଇଛି, ଏକଥାକୁ ଏଡ଼ାଇଦିଆଯାଇ ନ ପାରେ। ଏ 'ସଫା' ଶବ୍ଦର ୨ଟି ଅର୍ଥ ବୁଝାଯାଇପାରେ। ପ୍ରଥମ 'ସଫା' ଟି ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ଦିଶୁଥିବା ବିଜୁ ଜନତା ଦଳ କ୍ଷମତା ହରାଇବସିଲା। ଦ୍ୱିତୀୟ 'ସଫା' ଟି ହେଉଛି, ଅନେକ ବୃହତ୍ ଦୁର୍ନୀତି ସହ ସରକାରୀ କ୍ଷମତା ଓ ଅର୍ଥ ଅପବ୍ୟବହାରର ଦୋଷାରୋପ ଲୋକଲୋଚନକୁ ଆସିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପୂର୍ବତନ ସରକାରର କୌଣସି ମୁଣ୍ଡିଙ୍କ ବିରୋଧରେ କିଞ୍ଚିତ୍ ମାତ୍ର କାର୍ଯ୍ୟାନୁଷ୍ଠାନ ଜାଣିଶୁଣି ଗ୍ରହଣ କରାଯାଇ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେଉଁମାନେ ସେହି ଅଙ୍କ କଷି ଭାଜପାକୁ ବିଜୟର ସ୍ୱାଦ ଦେଇଥିଲେ, ସେମାନେ ଏବେ ଖୁବ୍ ସୁରକ୍ଷିତ ଭାବେ କେନ୍ଦ୍ରରେ ଅଛନ୍ତି। ହେଲେ ସେମାନଙ୍କ କଥା ଆଉ ଚର୍ଚ୍ଚାକୁ ଆସୁନାହିଁ।

ରାଜ୍ୟର ମୋଟ୍ ୨୧ ଲୋକ ସଭା କ୍ଷେତ୍ର ମଧ୍ୟରୁ ୨୦ଟି ଆସନରେ ଭାଜପା ଏବଂ ଗୋଟିଏ ଆସନକୁ କଂଗ୍ରେସ ଦଖଲ କରିବାରେ ସଫଳ ହୋଇଛି। ହେଲେ ବିଗତ ଦିନରେ ୨୧ରୁ ୨୦ ଲୋକ ସଭା ଆସନରେ ବିଜୟୀ ହୋଇ ଜାତୀୟ ରାଜନୀତିରେ ପତିଆରା ରଖୁଥିବା ବିଜେଡି ୨୦୨୪ ସାଧାରଣ ନିର୍ବାଚନରେ 'ଶୂନ'ରେ ପହଞ୍ଚିଯାଇଛି। ଓଡ଼ିଶାର ପ୍ରାୟ ଅଧିକାଂଶ ଲୋକଙ୍କୁ ଜଣାଥିବ ଗତ ନିର୍ବାଚନରେ ଓଡ଼ିଶାରୁ ୨୦ ଲୋକ ସଭା ଆସନରେ ବିଜୟୀହେବା ଯୋଗୁ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଫଳ ହୋଇପାରିଲେ। ମାତ୍ର ୨୦୧୪ର ମୋଦି ହାୱା ଏବଂ ୨୦୧୯ ପୁଲ୍‌ୱାମା ପାଇଁ ଦେଶବ୍ୟାପୀ ପ୍ରବଳ ସମର୍ଥନ ସତ୍ତ୍ୱେ ସେତେବେଳେ ଓଡ଼ିଶା ଭୋଟରଙ୍କ ଏତିକି ସହଯୋଗ ଭାଜପାକୁ ମିଳି ନ ଥିଲା। ୨୦୨୪ରେ କିନ୍ତୁ ଦେଶର ରାଜନୈତିକ ପାଣିପାଗ ଏକ ଭିନ୍ନ ଦିଗ ଦେଇ ଗତି କରିବା ବେଳେ ଓଡ଼ିଶା କିପରି ବିପରୀତମୁଖୀ ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ। ଏଭଳି କଥା ଉପରେ ଦ୍ୱନ୍ଦ୍ୱରେ ରହିଥିବା ଅନେକ ରାଜନୈତିକ ବ୍ୟକ୍ତି ଜାଣନ୍ତି, ଓଡ଼ିଶାରେ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ଦୀର୍ଘବର୍ଷ ଧରି ଚାଲୁଥିବା ତ୍ରିମୁଖୀ ଲଢ଼େଇ ସବୁବେଳେ ବିଜୁ ଜନତା ଦଳକୁ ସୁହାଇଆସୁଥିଲା। କୌଶଳକ୍ରମେ ସେହି ରାଜନୈତିକ ଅଙ୍କ ଉପରେ ପ୍ରଥମେ ଶକ୍ତ ପ୍ରହାର କରାଗଲା। ଏପରି ଏକ ରାଜନୈତିକ ବାତାବରଣ ସୃଷ୍ଟି କରାଗଲା ଯେପରି 'ତ୍ରିମୁଖୀ' ଲଢ଼େଇ ଦ୍ୱିମୁଖୀ ହେବ। ଏଥିପାଇଁ ଭାଜପା ପକ୍ଷରୁ ୨୦୧୪ ପରଠାରୁ ଦିଆଯାଉଥିବା 'କଂଗ୍ରେସ ମୁକ୍ତ ଭାରତର' ନାରାକୁ ବିଜେଡିରେ ଶକ୍ତିଶାଳୀ କେତେଜଣ ଅଫିସରଙ୍କ ଜରିଆରେ ସଫଳ କରାଇବାର ଉଦ୍ୟମ ଆରମ୍ଭ ହେଲା। ଓଡ଼ିଶାର ସବୁ ଲୋକ ସଭା ଆସନରେ ବିଜେଡିର ପ୍ରାର୍ଥୀ ଚୟନ ଏବଂ ସେହି ସମୟରେ କଂଗ୍ରେସରେ ନିଜର ପତିଆରା ରଖୁଥିବା କେଉଁସବୁ ନେତା ବିଜୁ ଜନତା ଦଳକୁ ଆସି ପ୍ରାର୍ଥୀ ହୋଇଥିଲେ ତା' ଉପରେ ନଜର ପକାଇଲେ ସମସ୍ତେ ଏହା ବୁଝିପାରିବେ।

ଉଦାହରଣ ସ୍ୱରୂପ କେନ୍ଦ୍ରାପଡ଼ା ଲୋକ ସଭା ଆସନକୁ ଦେଖିବା। ଏହି ଲୋକ ସଭା ଆସନରୁ ୨୦୨୪ ନିର୍ବାଚନରେ ବୈଜୟନ୍ତ ପଣ୍ଡା ଭାଜପାରୁ ପ୍ରାର୍ଥୀ ହୋଇ ୬, ୧୫, ୭୦୫ ଖଣ୍ଡ ଭୋଟ ପାଇ ବିଜେଡି ଟିକେଟରେ ଲଢୁଥିବା ଅଂଶୁମାନ ମହାନ୍ତିଙ୍କୁ ୬୬, ୫୩୬ ଖଣ୍ଡ ଭୋଟରେ ହରାଇଲେ। କଂଗ୍ରେସରୁ ଆସି ବିଜେଡିରୁ ଟିକେଟ ନେଇଥିବା ଅଂଶୁମାନ ସେହି ନିର୍ବାଚନରେ ମୋଟ୍ ୫,୪୯,୧୬୯ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସିଦ୍ଧାର୍ଥ ସ୍ୱରୂପ ଦାସ ୯୪,୮୩୨ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଲେ। କଥା ହେଉଛି କେନ୍ଦ୍ରାପଡ଼ାରେ ଭାଜପା ପ୍ରାର୍ଥୀ ବାସ୍ତବରେ ୨୦୧୯ ନିର୍ବାଚନ ତୁଳନାରେ ୨୦୨୪ରେ କେତେ ଅଧିକ ଭୋଟ ପାଇ ଜିତିଲେ। ଏହାକୁ ଜାଣିବା ପାଇଁ ୨୦୧୯ ନିର୍ବାଚନର ଫଳାଫଳ ବିଷୟରେ ଜାଣିବା ଜରୁରୀ। ୨୦୧୯ରେ ବୈଜୟନ୍ତ ଭାଜପାରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ଠାରୁ ୧,୮୧,୪୮୩ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ସେଥର ଅନୁଭବଙ୍କୁ ମୋଟ୍ ୬,୨୮,୯୩୯ ଏବଂ ବୈଜୟନ୍ତଙ୍କୁ ୪,୪୭,୪୫୬ ଭୋଟ ମିଳିଥିଲା। କଂଗ୍ରେସରୁ ସେହି ସମୟରେ ଧରଣୀଧର ନାୟକ ପ୍ରାର୍ଥୀ ହୋଇ ମୋଟ୍ ୧,୧୩,୮୪୧ ଖଣ୍ଡ ଭୋଟ ପାଇଥିଲେ। ଭାଜପା ୨୦ ଲୋକ ସଭା ଆସନ କିପରି ନେଲା ତାହାକୁ ତର୍ଜମା କଲେ, ବିଜୁ ପରିବାରର ଗଡ଼ ଭାବେ ପରିଚିତ କେନ୍ଦ୍ରାପଡ଼ା ହେଉଛି ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଶାର ସବୁ ଲୋକ ସଭା ଆସନରେ ସମାନ ଢଙ୍ଗରେ ଏଭଳି କାର୍ଯ୍ୟକ୍ରମ ହୋଇଥିବା ଏଥିରୁ ବୁଝାପଡୁଛି। ନବରଙ୍ଗପୁରରେ ପ୍ରଦୀପ ମାଝୀଙ୍କୁ ଏବଂ ବଲାଙ୍ଗୀରରେ ସୁରେନ୍ଦ୍ର ସିଂଭୋଇଙ୍କୁ କଂଗ୍ରେସରୁ ଆଣି ପ୍ରାର୍ଥୀ କରିବା ଏହିଭଳି ଆହୁରି ୨ଟି ବଡ଼ ଉଦାହରଣ ଭାବେ ନିଆଯାଇପାରେ। ଏହି ୨ ଆସନରେ କଂଗ୍ରେସର ଟାଣୁଆ ନେତାଙ୍କୁ ଆଣି ବିଜେଡି ପ୍ରାର୍ଥୀ କରିବା ଦ୍ୱାରା ସିଧାସଳଖ ଲାଭ ଭାଜପାକୁ ଯିବା ସହ 'କଂଗ୍ରେସ ମୁକ୍ତ ଭାରତ'ର ନାରା ମଧ୍ୟ ସଫଳ ହୋଇପାରିଲା। ସେହି ସମୟରେ ରାଜ୍ୟ ରାଜନୀତିକୁ ବୁଝୁଥିବା ବହୁ ବିଜେଡି ନେତା ଏହା ଭୁଲ୍ ହେଉଛି ବୋଲି ଜାଣିବା ସତ୍ତ୍ୱେ କାହା ହାତରେ ଏହାକୁ ବଦଳାଇବାର ପଘା ନ ଥିଲା। ଏହା ଜାଣିବା ସତ୍ତ୍ୱେ ସମସ୍ତଙ୍କୁ ପୀଡ଼ା ହେଉଥିଲା। ୨ ଜଣ ବରିଷ୍ଠ ଆଇପିଏସ୍ ଅଫିସର ଜଣେ ତୃତୀୟ ମହଲାରେ ବସୁଥିଲେ ଏବଂ ଅନ୍ୟ ଜଣଙ୍କ ଗ୍ରାଉଣ୍ଡରେ ରହି ଯାହା ରିପୋର୍ଟ ପ୍ରସ୍ତୁତ କରି ଦେଉଥିଲେ ତାହା ବିଜେଡିରେ ସର୍ବମାନ୍ୟ ହେଉଥିଲା।

ସୂଚନାଯୋଗ୍ୟ, ବିଜେଡି ଶାସନ ସମୟରେ ବରିଷ୍ଠ ଆଇପିଏସ୍ ଅଫିସର ଆଶିଷ ସିଂ ଏବଂ ଡି.ଏସ୍. କୁଟେ ବହୁ କ୍ଷମତାଶାଳୀ ଥିବା କଥା ଭାଜପା ବାରମ୍ବାର ଅଭିଯୋଗ କରୁଥିଲା। ସେମାନେ ବିଜେଡି ପାଇଁ କାମ କରୁଛନ୍ତି ବୋଲି ଅଭିଯୋଗ କରି ସେମାନଙ୍କ ବିରୋଧରେ ନିର୍ବାଚନ କମିଶନ ଏବଂ ରାଜ୍ୟପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲା। ଅବଶ୍ୟ ଏବେ ସେମାନଙ୍କ ବିଷୟରେ ଆଉ କେହି କିଛି ଅଭିଯୋଗ କରୁନାହାନ୍ତି। କେବଳ ସେତିକି ନୁହେଁ, ଆଶିଷ ସିଂ ତାଙ୍କର ସଫଳତା ପାଇବା ଭଳି ଏବେ କେନ୍ଦ୍ର ସରକାରଙ୍କ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି)ର ଆଇଜି ଭାବେ ନିଯୁକ୍ତି ପାଇଛନ୍ତି। ସେହିଭଳି ଡି.ଏସ୍. କୁଟେ ପୁରସ୍କାର ସ୍ୱରୂପ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବର୍ଡର ସିକ୍ୟୁରିଟି ଫୋର୍ସ ଆଇଜି ଭାବେ ନିଯୁକ୍ତି ପାଇ ରାଜନୈତିକ ଦୋଷାରୋପର ଅନେକ ଦୂରରେ ଅଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡି ପ୍ରତି କେନ୍ଦ୍ରର ଆଭିମୁଖ୍ୟ ନେଇ ବର୍ତ୍ତମାନ ରାଜ୍ୟ ଶାସକ ଦଳର ଯେଉଁ ନେତାମାନେ କ୍ଷମତାରେ ଅଛନ୍ତି ସେମାନେ ସବୁ ଦ୍ୱନ୍ଦ୍ୱରେ ରହୁଥିଲେ। କିନ୍ତୁ ଶେଷରେ କେନ୍ଦ୍ର ଗୋଟିଚାଳନା ରାଜ୍ୟ ନେତୃତ୍ୱଙ୍କୁ ଖୁସି ଦେଲା ବୋଲି କହିହେବ।

## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

**କୋରାପୁଟ,୧୪ା୨(ଅମିତାଭ ବେହେରା)**

କୋରାପୁଟ ନିକଟରେ ଏକ ମାଲବାହୀ ଟ୍ରେନ୍‌ର ଗୋଟିଏ ବଗି ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଲାଇନଚ୍ୟୁତ ହୋଇଛି। କେ.କେ. ଲାଇନର ଦୟାନିଧିଗୁଡ଼ା-ମାନବାର ମଧ୍ୟରେ ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଟ୍ରେନ୍‌ଟି ଆଇରନ୍ ଓର୍ ନେଇ ଜଗଦଲପୁରରୁ ବିଶାଖାପାଟଣା ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଛି। ଖବରପାଇ ରେଲୱେର ଏକ ଯାନ୍ତ୍ରିକ ଦଳ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ କରୁଥିବା ଜଣାପଡ଼ିଛି।


ଯାନ୍ତ୍ରିକ ଦଳ ମରାମତି କାର୍ଯ୍ୟ କରୁଛନ୍ତି।

# ଦଳ ସଙ୍ଗଠିତ ହେଲେ ଆଗକୁ ନିର୍ବାଚନ ଜିତିପାରିବ: ଦେବାଶିଷ

**କଟକ,୧୪ା୨(ଶିଳ୍ପା ପ୍ରିୟଦର୍ଶିନୀ)**

ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ଓ ବିଜେଡିରେ ସାଂଗଠନିକ ଦାୟିତ୍ୱ ଏବଂ ନେତୃତ୍ୱ ପରିବର୍ତ୍ତନ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। ଶନିବାର ଆବାସିକ କାର୍ଯ୍ୟାଳୟରେ ଦେବାଶିଷ କହିଛନ୍ତି, ନବୀନ ବାବୁଙ୍କ ସହ କଳିକେଶ ଦେଖା କରିବା କିଛି ନୂଆ କଥାନୁହେଁ। କଳିକେଶ ପଶ୍ଚିମ ଓଡ଼ିଶାର ଜଣେ ନେତା। ତାଙ୍କୁ ସାଂଗଠନିକ ଦାୟିତ୍ୱ ଦେଲେ ସେ ତୁଲାଇ ପାରିବେ। ସେ ରାଜନୈତିକ ପରିବାରରୁ ଆସିଛନ୍ତି। ତାଙ୍କ ବାପା ବିଜୁ ଜନତା ଦଳର ଫାଉଣ୍ଡେଶନର ସଦସ୍ୟ ଥିଲେ। ଅନ୍ୟପଟେ ଦଳ ଭିତରେ ମନୋମାଳିନ୍ୟ କାହାରି ମଧ୍ୟରେ ନାହିଁ। ହେଲେ ଦଳ ଭିତରେ ଏପରି ଏକ ଗୋଷ୍ଠୀ ଅଛି, ଯେଉଁମାନଙ୍କ ଭୂମିକା ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ କଥା ଓ ଅଭିଯୋଗ ଦଳ ଶୁଣିବା ଜରୁରୀ।


ଦେବାଶିଷ ସାମନ୍ତରାୟ

ଏଭଳି କଲେ ବିଜେଡି ଆଗାମୀ ନିର୍ବାଚନରେ ବାଜିମାତ କରିବ। ଦଳ ସଂଗଠିତ ହେଲେ ହିଁ ଆଗକୁ ନିର୍ବାଚନ ଜିତିହେବ। ଭାଗ ଭାଗ ହୋଇ ରହିଲେ କିଛି ଲାଭ ହେବନାହିଁ। ମୁଁ ଭାବୁଛି ନବୀନ ବାବୁ ଏବେ କିଛି ଦକ୍ଷ ନେତୃବୃନ୍ଦଙ୍କ ଉପରେ ପୁଣି ଫୋକସ କରିବେ। ଏହାସହ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ସମ୍ପର୍କରେ ଦେବାଶିଷ କହିଛନ୍ତି, ଓଡ଼ିଶାରେ ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟରେ ରହିଛି। ହେଲେ ସେ ବିଷୟରେ ପ୍ରାୟତଃ କେହି ଅବଗତ ନାହାନ୍ତି। ରେଭେନ୍‌ଶା ଗୋଟିଏ ପୁରୁଣା ଶିକ୍ଷାନୁଷ୍ଠାନ। ଏପରିକି ଓଡ଼ିଶା ପ୍ରଦେଶ ଗଠନରେ ଏହାର ଭୂମିକା ରହିଛି, ଏହାକୁ ଅଣଦେଖା କରାଯାଉଛି। ଏହାକୁ ତୁରନ୍ତ ମାନ୍ୟତା ପ୍ରଦାନ କରାଯାଉ। ଗତ ସରକାର ରେଭେନ୍‌ଶାର ଦ୍ୱିତୀୟ କ୍ୟାମ୍ପସ ପାଇଁ ଜାଗା ଚିହ୍ନଟ କରି ଏହାର ଆରମ୍ଭ କରିଥିଲେ। ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଉ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦିଗରେ ସରକାର ଧ୍ୟାନ ଦିଅନ୍ତୁ ବୋଲି ସେ କହିଛନ୍ତି।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ODISHA STATE OPEN UNIVERSITY
SAMBALPUR
Calls for Admission
MASTER & BACHELOR DEGREE PROGRAMMES
• Master of Arts (Odia)
• Master of Arts (Hindi)
• Master of Arts (Sanskrit)
• Master of Arts (English)
• Master of Arts (Rural Development)
• Master of Arts (Sociology)
• Master of Arts (Economics)
• Master of Arts (History)
• Master of Arts (Public Administration)
• Master of Arts (Political Science)
• Master of Arts (Journalism & Mass Comm.)
• Master of Commerce
• MBA in Disaster Management
• Bachelor of Arts (Hons.) in Economics
• Bachelor of Arts (Hons.) in English
• Bachelor of Arts (Hons.) in Hindi
• Bachelor of Arts (Hons.) in History
• Bachelor of Arts (Hons.) in Odia
• Bachelor of Arts (Hons.) in Political Science
[Age: No Bar]
AS PER UGC GUIDELINE APRIL, 2022 NOW YOU CAN PURSUE TWO ACADEMIC PROGRAMMES SIMULTANEOUSLY
HURRY UP!
Apply Now
ADMISSIONS OPEN
ACADEMIC SESSION JAN-2026
Admission form is to be submitted through the online portal of OSOU.
Last date for Admission has been extended upto 06th March 2026
Headquarters: At- Badsinghari, P.O.- Goshala Chowk, Dist- Sambalpur, Pin 768024, Odisha, India
Phone: 0663-2521600, 0663-2521700
Toll Free Number: 1800-34567-58
E-mail ID: admission@osou.ac.in
Regional Centres: Bhubaneswar (0674-2970779) Berhampur (0680-2222169) Jeypore (06854-230213) Balasore (06782-263871) Sambalpur (0663-2548132) Rourkela (7978215022) Jagatsinghpur (8917372814)
VISIT OUR WEBSITE www.osou.ac.in

# ପାର୍କ ଫାଙ୍କା, ଶପିଂ ମଲ୍, ସିନେମା ହଲ୍‌ରେ ପ୍ରେମୀଯୁଗଳ

## ଭାଲେଣ୍ଟାଇନ୍ସ ଡେ'

ଭୁବନେଶ୍ୱର,୧୪।୨ (ସୌମ୍ୟରଞ୍ଜନ ରାଉତ) – ଶନିବାର ଥିଲା ଭାଲେଣ୍ଟାଇନ୍ସ ଡେ'। ପ୍ରେମ ସପ୍ତାହର ଶେଷ ଦିବସ। ପ୍ରେମକୁ ଆହୁରି ଗଭୀର କରିବାକୁ ଏକାଠି ହୋଇଥିଲେ ପ୍ରେମୀଯୁଗଳ। ଦିନଟିକୁ ଅଧିକ ସ୍ମରଣୀୟ କରିବା ପାଇଁ ନିଜ ପ୍ରେମିକା, ପ୍ରେମିକଙ୍କ ସହ ନିରୋଳାରେ କିଛି ସମୟ ବିତାଇବାକୁ ସମସ୍ତେ ଥିଲେ ଉତ୍ସାହିତ। ହେଲେ ଏହା ଭିତରେ ବି ରହିଥିଲା ଟିକିଏ ଡର। ସହର ଭିତରେ କେତେକ ସଙ୍ଗଠନ ବିରୋଧ କରିବେ ବୋଲି ପୂର୍ବରୁ ସତର୍କ କରିଥିଲେ। ଯେଉଁଥିପାଇଁ ପ୍ରେମୀମାନେ ପାର୍କ ଓ ପର୍ଯ୍ୟଟନସ୍ଥଳ ଭଳି ଖୋଲା ସ୍ଥାନକୁ ଯିବାକୁ ପସନ୍ଦ କରି ନ ଥିଲେ। ଫଳରେ ପାର୍କ ପ୍ରାୟତଃ ଫାଙ୍କା ରହିଥିଲା। ଶୃଙ୍ଖଳା ଓ ସୁରକ୍ଷା ପାଇଁ ପୋଲିସ ପାର୍କରେ ରହିଥିଲେ ମଧ୍ୟ ପ୍ରେମୀଯୁଗଳ ପାର୍କ ଛାଡ଼ି ଶପିଂ ମଲ୍ ଓ ସିନେମା ହଲ୍‌ରେ ଭିଡ଼ ଜମାଇଥିଲେ।



ଭୁବନେଶ୍ୱର ଇନ୍ଦିରାଗାନ୍ଧୀ ପାର୍କ।



## ମାତୃପିତୃ ପୂଜନ କଲେ ଛାତ୍ରୀଛାତ୍ର

ଭାଲେଣ୍ଟାଇନ୍ ଡେ'ରେ ମାତୃପିତୃଙ୍କୁ ପୂଜନ କଲେ ଛାତ୍ରୀଛାତ୍ର। ପିଲାଙ୍କ ଜୀବନରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତାପିତା ହେଉଛନ୍ତି ପିଲାଙ୍କ ପାଇଁ ସବୁଠୁ ବଡ ସୁରକ୍ଷା କବଚ। ସେମାନଙ୍କର ପୃଷ୍ଠପୋଷକତା ପିଲାମାନଙ୍କୁ ନିରାପଦ ଭାବେ ଆଗକୁ ବଢ଼ିବାକୁ ବାଟ ଦେଖାଇଥାଏ। କିନ୍ତୁ ଭାଲେଣ୍ଟାଇନ୍ ଡେ' ଭଳି ପାଶ୍ଚାତ୍ୟ ସଭ୍ୟତାକୁ ବର୍ତ୍ତମାନ ପିଢି ଆଗଉଥିବାବେଳେ ରସୁଲଗଡ଼ସ୍ଥିତ ବାଲିଆପଦା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ କୁନିକୁନି ପିଲାମାନେ ବେଶ୍ ଆନନ୍ଦ ଉଲ୍ଲାସରେ ମାତୃପିତୃ ପୂଜନ ଦିବସ ପାଳନ କରି ଦିନଟିକୁ ସ୍ମରଣୀୟ କରିଛନ୍ତି। ସେମାନେ ମାତାପିତାଙ୍କୁ ବନ୍ଦାପନା ସହ ପୂଜା କରି ଆଶୀର୍ବାଦ ନେଇଥିଲେ, ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିଲା।

## କଳା ଦିବସ ପାଳିଲା ଦୁଇ ସଙ୍ଗଠନ

ଭାଲେଣ୍ଟାଇନ୍ ଡେ'କୁ କଳା ଦିବସ ଭାବେ ପାଳନ କରିଛି ରାମସେନା ଜନସେବା ଓ ଟିମ୍ ଇନ୍‌ସାନିୟତ। ବାଇକ୍ ଶୋଭାଯାତ୍ରା ସହ ଶାନ୍ତିପୂର୍ଣ୍ଣ ଭାବରେ ଲୋୟର୍ ପିଏମ୍‌ଜି ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ସଙ୍ଗଠନ ସଭାପତି ପ୍ରଭାତ ଗୁପ୍ତା କହିଛନ୍ତି, ଭାରତରେ ୧୪ ଫେବୃଆରୀକୁ କୁହାଯାଏ ବ୍ଲାକ ଡେ'। କାରଣ ଏହିଦିନ ପୁଲ୍‌ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଦେଶର ୪୦ ବୀର ଯବାନ ଶହୀଦ ହୋଇଥିଲେ। ପ୍ରେମୀ ଯୁଗଳ କେବଳ ଭାଲେଣ୍ଟାଇନ୍‌ରେ ବୁଡି ନ ରହି ଦେଶ ପ୍ରତି ବଳିଦାନ ଦେଇଥିବା ଶହୀଦଙ୍କ କଥା ଟିକେ ଚିନ୍ତା କରିବା ଆବଶ୍ୟକ ବୋଲି ଗୁପ୍ତା କହିଥିଲେ।




## ଇ-ଅଟୋକୁ ଧକ୍କାଦେଲା ଟ୍ରାଭେଲର, ୪ ଆହତ

ଭୁବନେଶ୍ୱର,୧୪।୨ (ତ୍ରିନାଥ ମହାନ୍ତି)

ବଡ଼ଗଡ଼ ଥାନା ବ୍ରିଟ୍ କଲୋନି ରାସ୍ତାରେ ଶନିବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ହୋମଗାର୍ଡ ସମେତ ୪ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ବଡ଼ଗଡ଼ ଥାନା ପୋଲିସ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରାଭେଲର ଡ୍ରାଇଭରଙ୍କୁ ପୋଲିସ ଅଟକ ରଖିବା ସହ ଏକ ଅଟୋ ଜବତ କରି ତଦନ୍ତ କରୁଛି। ଟ୍ରାଭେଲର ଡ୍ରାଇଭର ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ି ଚଲାଉଥିବା ସ୍ଥାନୀୟ ଲୋକ କହିଛନ୍ତି।

ସୂଚନା ଅନୁସାରେ, ଶନିବାର ସକାଳ ପ୍ରାୟ ୮ଟା ସମୟରେ ଟ୍ରାଭେଲର ବଡ଼ଗଡ଼ ଗ୍ରାମ ଛକ ଆଡୁ ଦ୍ରୁତ ଗତିରେ ଆସି ପ୍ରଥମେ ଏକ ଡାଲା ଅଟୋକୁ ଧକ୍କା ଦେଇଥିଲା। ପରେ ଅଟୋଟି ଯାଇ ଏକ ବାଇକ୍‌କୁ ଧକ୍କା ଦେଲା। ଫଳରେ ଟ୍ରାଭେଲର୍ ଚାଳକ, ଅଟୋ ଚାଳକ ଓ ବାଇକ ଚାଳକ ତିନିହେଁ ଆହତ ହୋଇଥିଲେ। ଏଥିସହ ନିକଟରେ ଚା' ପିଉଥିବା ଟ୍ରାଫିକ ଥାନା-୨ରେ କାର୍ଯ୍ୟରତ ହୋମଗାର୍ଡ ଗୁଡୁ ପଲେଇଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଆହତ ୪ ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କ ଅବସ୍ଥା ସ୍ଥିର ରହିଛି। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

## କଲେଜ ଡାଟା ଏଣ୍ଟ୍ରି ପଦବୀକୁ ପୂର୍ଣ୍ଣ ଅନୁଦାନ ପରିସରଭୁକ୍ତ ଦାବି

ଭୁବନେଶ୍ୱର,୧୪।୨(ସୁବାସ ଚନ୍ଦ୍ର ପ୍ରଧାନ)

ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ କମିଟି ଏବଂ ଓଡ଼ିଶା ଅନୁଦାନପ୍ରାପ୍ତ କଲେଜ ଡାଟା ଏଣ୍ଟ୍ରି ଅପରେଟର ସଂଘ ମଧ୍ୟରେ ଏକ ଦ୍ୱିପାକ୍ଷିକ ଆଲୋଚନା ତୋଷାଳି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟରେ ଥିବା ଅନୁଦାନପ୍ରାପ୍ତ କଲେଜର ଡାଟା ଏଣ୍ଟ୍ରି ଅପରେଟରଙ୍କ ଚାକିରି ସର୍ତ୍ତାବଳୀ ଏବଂ ୨୦୦୮ ପରବର୍ତ୍ତୀ ସମୟରେ ଚାକିରିରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ପୂର୍ଣ୍ଣ ଅନୁଦାନ (ଜିଆଇଏ) ସମ୍ପ୍ରସାରଣ ବେଳେ ବିଚାରକୁ ନେବା ବିଷୟରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ କଲେଜଗୁଡ଼ିକରେ କାର୍ଯ୍ୟକରୁଥିବା ଡାଟା ଏଣ୍ଟ୍ରି ଅପରେଟରଙ୍କ ବିବିଧ କାର୍ଯ୍ୟାବଳୀକୁ ଦୃଷ୍ଟିରେ ରଖି ଉକ୍ତ ପଦବୀକୁ ପୂର୍ଣ୍ଣ ଅନୁଦାନ ପରିସରଭୁକ୍ତ କରିବାକୁ ସଂଘର ସଭାପତି ପ୍ରଶାନ୍ତ କୁମାର ଦାସ ଏବଂ ସାଧାରଣ ସମ୍ପାଦକ ଅରୁଣ କୁମାର ବାରିକ ଅନୁରୋଧ କରିଥିଲେ। ଏହି ଦାବିକୁ ବିଚାରକୁ ନେଇ ଏକ ସକାରାତ୍ମକ ସୁପାରିସ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସଂଘକୁ ଅବଗତ କରାଯାଇଥିଲା। ଆଲୋଚନାରେ କମିଟିର ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟ ସଦସ୍ୟ ଏବଂ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଯୁବପିଢ଼ି ସଂକଳ୍ପବଦ୍ଧ ହୋଇ ଉଦ୍ୟମକଲେ ଆମ ଅସ୍ମିତାର ଗୁରୁତ୍ୱ ବଜାୟ ରହିବ




ଶିବିରରେ ଅତିଥିମାନେ ପୁସ୍ତିକା 'ଅସ୍ମିତା'କୁ ଲୋକାର୍ପଣ କରୁଛନ୍ତି।

### ରାଜ୍ୟସ୍ତରୀୟ 'ଓଡ଼ିଆ ଅସ୍ମିତା ଶିବିର' ଉଦ୍‌ଯାପିତ

ଭୁବନେଶ୍ୱର,୧୪।୨ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ପକ୍ଷରୁ ରାଜ୍ୟସ୍ତରୀୟ ଓଡ଼ିଆ ଅସ୍ମିତା ଶିବିର ଓ ଜାତୀୟ ସେବା ଯୋଜନା ସାଂସ୍କୃତିକ ଉତ୍ସବ ଶନିବାର ବିଶ୍ୱବିଦ୍ୟାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଯୋଗଦେଇ ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟଭିତ୍ତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଯୋଗଦେଇ କହିଲେ, ଓଡ଼ିଆ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସମସାମୟିକ ଯୁବପିଢି ସଂକଳ୍ପବଦ୍ଧ ହୋଇ ଉଦ୍ୟମକଲେ ଆମ ଅସ୍ମିତାର ଗୁରୁତ୍ୱ ବଜାୟ ରହିବ। ସମ୍ମାନିତ ଅତିଥି ଭାବେ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସରିତା ପଟେଲ ଯୋଗଦେଇ ଶିବିରର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହ ଓ ଅସ୍ମିତାର ମହନୀୟତା ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଡ. ଚକ୍ରଧର ବେହେରା, ଅଧ୍ୟାପକ ଦୀନବନ୍ଧୁ ମହାନ୍ତି ଓ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ଓଡ଼ିଆ ଅସ୍ମିତା ଓ ଯୁବ ସ୍ୱେଚ୍ଛାସେବୀଙ୍କ ସାମାଜିକ ଦାୟିତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ଶିବିରର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ପୁସ୍ତିକା 'ଅସ୍ମିତା' ଲୋକାର୍ପିତ ହୋଇଥିଲା। ଆୟୋଜିତ ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟଭିତ୍ତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜାତୀୟ ସେବା ଯୋଜନା ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ଅଫିସ୍ ଯାଇଥିବା ବେଳେ କ୍ୱାର୍ଟର୍ସରୁ ଚୋରି, ୨ଗିରଫ

ଭୁବନେଶ୍ୱର,୧୪।୨(ତ୍ରିନାଥ ମହାନ୍ତି)

ସରକାରୀ କ୍ୱାର୍ଟର୍ସରୁ ଚୋରି କରିବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶବରସାହି ବସ୍ତିର ବଟକୃଷ୍ଣ ସ୍ୱାଇଁ ଏବଂ ବାଦଲ ବେହେରା। ସେମାନଙ୍କ ନିକଟରୁ ୮୨ହଜାର ଟଙ୍କା ଏବଂ ଲୁହାରଡ଼ ଜବତ କରାଯାଇଛି। ଗତ ୧୨ ତାରିଖରେ ଅଭିଯୋଗକାରୀ ଅଫିସ୍ ଯାଇଥିଲେ। ସେ ସନ୍ଧ୍ୟା ପ୍ରାୟ ୬ଟା ୪୫ମିନିଟରେ ନିଜର ସରକାରୀ କ୍ୱାର୍ଟର୍ସକୁ ଫେରିବାପରେ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ କ୍ୱାର୍ଟର୍ସର ମୁଖ୍ୟ ଦ୍ୱାରକୁ ଦୁର୍ବୃତ୍ତମାନେ ତାଡ଼ିବା ସହ ଭିତରେ ଥିବା ଲୁହା ଆଲମିରା ଭାଙ୍ଗି ୪ ଲକ୍ଷ ଟଙ୍କା ନଗଦ, ତିନିଯୋଡ଼ା ସୁନା କାନଫୁଲ, ଗୋଟିଏ ସୁନା ଲକେଟ ଏବଂ ଗୋଟିଏ ଆଇଫୋନ୍ ମୋବାଇଲ ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ। ତଦନ୍ତ ସମୟରେ, ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଏହି ଚୋରି ପଛରେ ଅଭିଯୁକ୍ତ ବାଦଲ ବେହେରାଙ୍କ ହାତ ଥିବା ପୋଲିସ ଜାଣିବାକୁ ପାଇ ତାଙ୍କୁ ଧରିବାରେ ସଫଳ ହୋଇଥିଲା। ତାଙ୍କୁ ଗିରଫ କରି ପଚରାଉଚରା କରିବା ପରେ ସେ ଅନ୍ୟ ଅଭିଯୁକ୍ତଙ୍କ ନାମ କହିଥିଲେ।

## 'ମାତାପିତାଙ୍କ ଆକଟ ବିନା ପିଲାଙ୍କ ଉନ୍ନତି ଅସମ୍ଭବ'

### ସରସ୍ୱତୀ ଶିଶୁ ମନ୍ଦିରରେ ମାତୃପିତୃ ଦିବସ

ବାଙ୍କୀ,୧୪।୨(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତସ୍ଥିତ ସୁବର୍ଣ୍ଣପୁର ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ଜ୍ୟୋତ୍ସ୍ନାରାଣୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଶୁ ମନ୍ଦିର ସମ୍ପାଦକ ପ୍ରକାଶ କୁମାର ଦାସ, ସହ ସମ୍ପାଦକ ପୁରନ୍ଦର ସାମନ୍ତରାୟ, କୋଷାଧ୍ୟକ୍ଷ ବନ୍ଧୁ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ମାତୃପିତୃ ଦିବସ ଉପଲକ୍ଷେ ନିଜ ମାତାପିତାଙ୍କୁ ନେଇ ପହଞ୍ଚିଥିଲେ। ପିଲାମାନେ ନିଜ ମାତାପିତାଙ୍କୁ ସମ୍ମୁଖରେ ବସାଇ ଫୁଲ, ଚନ୍ଦନ, ଦୀପ ଧୂପ ଦେଇ ପୂଜାର୍ଚ୍ଚନା କରିଥିଲେ। ମାତାପିତା ପିଲାମାନଙ୍କ ପ୍ରଥମ ଗୁରୁ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଥିଲେ। ମାତାପିତାଙ୍କ ବିନା ଆଶୀର୍ବାଦ ଓ ଆକଟରେ ପିଲାମାନଙ୍କ ଉନ୍ନତିଅସମ୍ଭବ। ତେଣୁପ୍ରଥମେ ମାତାପିତାଙ୍କୁ ସର୍ବଶ୍ରେଷ୍ଠ ଗୁରୁ ଏବଂ ଭଗବାନ ବୋଲି ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଜ୍ୟୋତିର୍ମୟୀ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିଶୁ ମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀଙ୍କ ସମେତ ମିଟନ ସେଠୀ ସହଯୋଗ କରିଥିଲେ।




ଭୁବନେଶ୍ୱର ସୂଚନା ଭବନରେ ଶୋଭନୀୟ ସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ନୃତତ୍ତ୍ୱ ବିଭାଗ ଛାତ୍ରୀ ଆନନ୍ଦିତା ମିଶ୍ରଙ୍କୁ 'ଅଲ୍‌ରାଉଣ୍ଡର ଟ୍ରଫି'

### ବିଜେବି ମହାବିଦ୍ୟାଳୟରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୨(ସୁଚିସ୍ମିତା ସାହୁ)

ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଏକ୍ସଟ୍ରାମୁରାଲ କମିଟି ଆନୁକୂଲ୍ୟରେ ବାର୍ଷିକ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଝୁମ୍‌କି ରଥ ଉଦଘାଟନ କରି ଛାତ୍ରୀଛାତ୍ରଙ୍କୁ ଜୀବନରେ ସୁଦକ୍ଷ ପ୍ରତିଯୋଗୀ ମନୋଭାବ ରଖି ଦେଶ ତଥା ରାଜ୍ୟର ନେତୃତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। କମିଟିର ସଂଯୋଜିକା ଆସୋସିଏଟ୍ ପ୍ରଫେସର ଡ. ମଧୁବ୍ରତା ଶତପଥୀ ସ୍ୱାଗତ ଭାଷଣ ଦେବା ସହ ଯଥାର୍ଥ ପ୍ରତିଭାର ଅନ୍ୱେଷଣ ପାଇଁ ପ୍ରତିଯୋଗିତାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ନୃତତ୍ତ୍ୱ ବିଭାଗର ଛାତ୍ରୀ ଆନନ୍ଦିତା ମିଶ୍ରଙ୍କୁ 'ଅଲରାଉଣ୍ଡର ଟ୍ରଫି' ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ର ସତ୍ୟବ୍ରତ




ନୃତତ୍ତ୍ୱ ବିଭାଗର ଛାତ୍ରୀ ଆନନ୍ଦିତା ମିଶ୍ରଙ୍କୁ 'ଅଲରାଉଣ୍ଡର ଟ୍ରଫି' ପ୍ରଦାନ କରାଯାଉଛି।

ଜେନା ସଙ୍ଗୀତ, ଛାତ୍ରୀ ଅଭୀପ୍ସା ପତି ଓଡିଶୀ ନୃତ୍ୟ ଓ ସମ୍ମିଳିତ ଭାବେ ବିଭିନ୍ନ ବିଭାଗର ଛାତ୍ରୀଗଣ ସାନ୍ତାଳୀ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପିକା ଡ. ମଧୁସ୍ମିତା ଜେନା ଏବଂ ଅନସୂୟା ନାୟକ ମଞ୍ଚ ପରିଚାଳନା କରିଥିଲେ । ଡ. ଜ୍ୟୋତିପ୍ରକାଶ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ୫୨ସପ୍ତାହରେ ୫୨ସୁଧାର ଆଣିବ ଭାରତୀୟ ରେଳ: ଅଶ୍ୱିନୀ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

୨୦୨୬ରେ ଭାରତୀୟ ରେଳପଥ ୫୨ ସପ୍ତାହରେ ୫୨ଟି ସୁଧାର ଆଣିବ ଏବଂ ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ଦୁଇଟି ନୂତନ ସୁଧାରକୁ ଅନୁମୋଦନ ଦିଆଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସୁଧାରଗୁଡ଼ିକ ଏକକାଳୀନ କରାଯିବ ନାହିଁ ବରଂ ଏକ ନିରନ୍ତର ପ୍ରକ୍ରିୟା ହେବ।

ବୈଷ୍ଣବ କହିଛନ୍ତି, ପ୍ରଥମ ସୁଧାର ଅଧୀନରେ ୨୦୨୬ରୁ ଦୀର୍ଘଦୂରଗାମୀ ଟ୍ରେନ୍ ସମେତ ସମସ୍ତ ଟ୍ରେନ୍‌ର ଏଣ୍ଡ୍-ଟୁ-ଏଣ୍ଡ୍ ସଫେଇ ନିଶ୍ଚିତ କରାଯିବ। ପୂର୍ବରୁ ସଫେଇ ମୁଖ୍ୟତଃ ରିଜର୍ଭ କୋଚ୍‌ରେ ସୀମିତ ଥିଲା, ମାତ୍ର ପ୍ରଥମ ଥର ପାଇଁ ସାଧାରଣ କୋଚ୍ (ଜେନେରାଲ କୋଚ୍)ର ସଫେଇକୁ ପୂରା ବ୍ୟବସ୍ଥାରେ ସାମିଲ କରାଯାଇଛି। 'କ୍ଲିନ୍ ଟ୍ରେନ୍ ଷ୍ଟେଶନ' ପରିବର୍ତ୍ତେ ଏଣିକି ଟ୍ରେନ୍‌ର ଉତ୍ପତ୍ତିସ୍ଥଳରୁ ଗନ୍ତବ୍ୟସ୍ଥଳ ପର୍ଯ୍ୟନ୍ତ ନିରନ୍ତର ସଫେଇ କରାଯିବ। ଟଏଲେଟ୍, ଡଷ୍ଟବିନ୍, କ୍ୟାବିନ୍ ଭିତର, ପାଣି ଉପଲବ୍ଧତା ଏବଂ ଛୋଟ ବିଦ୍ୟୁତ୍ ବା ଯାନ୍ତ୍ରିକ ତ୍ରୁଟିକୁ ଯାତ୍ରା ସମୟରେ ନିରନ୍ତର ସମାଧାନ କରାଯିବ। ଜୋନାଲ ରେଳବାଇ ସହ ପରାମର୍ଶ କରି ପ୍ରଥମ ୬ ମାସରେ ପ୍ରତି ଜୋନ୍‌ରେ ୪-୫ଟି ଦୀର୍ଘ ଓ ଅଧିକ ଯାତ୍ରୀ ଥିବା ଟ୍ରେନ୍ ଚିହ୍ନଟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୮୦ଟି ଟ୍ରେନ୍ ଚିହ୍ନଟ ହୋଇଛି। ୩ ବର୍ଷ ମଧ୍ୟରେ ସମସ୍ତ ଟ୍ରେନ୍‌ରେ ଏହି ସୁଧାର ଲାଗୁହେବ। ଏକ ପ୍ରଫେସନାଲ ଟିମ୍‌କୁ ଟେକ୍ନୋଲୋଜି ଆଧାରିତ ଭାବେ ନିଯୁକ୍ତି ଦିଆଯିବ, ଯାହା ସର୍ଭିସ୍ ଲେଭେଲ ଏଗ୍ରିମେଣ୍ଟ (ଏସ୍ଏଲ୍ଏ) ଅନୁଯାୟୀ ସଫେଇ ବ୍ୟବଧାନ ନିର୍ଦ୍ଧାରଣ କରିବ। ପିକ୍ ଆୱାରରେ ଅଧିକ ସଫେଇ ହେବ। ପୂର୍ବରୁ ବିଭିନ୍ନ ଏଜେନ୍ସିରେ ବିଭାଜିତ ଥିବା ଲିନେନ୍ ବଣ୍ଟନ, ସଂଗ୍ରହ ଓ ସଫେଇକୁ ଏକକ ଏଜେନ୍ସିକୁ ଦିଆଯିବ। ଏହି ସୁଧାରରେ ଏଆଇ ଆଧାରିତ ମନିଟରିଂ ବ୍ୟବସ୍ଥା ରହିବ, ଯେଉଁଥିରେ 'ୱାର୍ ରୁମ୍' କଣ୍ଟ୍ରୋଲ ସେଣ୍ଟରରେ ଏଆଇ ଚିତ୍ର ବିଶ୍ଳେଷଣ କରାଯିବ। ସଫେଇ ଠିକ୍ ନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଦ୍ୱିତୀୟ ସୁଧାର



୨୦୨୨ର ଗତିଶକ୍ତି କାର୍ଗୋ ଟର୍ମିନାଲ (ଜିସିଟି) ନୀତି ଉପରେ ଆଧାରିତ। ଏହା ଅନୁମୋଦନ ପ୍ରକ୍ରିୟାକୁ ସରଳ କରିଥିଲା ଏବଂ ୬ ବର୍ଷର କାମ ୩ ମାସରେ ସମ୍ପନ୍ନ ହେଉଥିଲା। ଏବେ ୧୨୪ଟି ମଲ୍ଟି ମୋଡାଲ ଟର୍ମିନାଲ ରହିଛି, ଯାହାର ଟ୍ରାଫିକ୍ ସମ୍ଭାବନା ୨୦୦ ମିଲିୟନ ଟନ୍ ଓ ବାର୍ଷିକ ଆୟ ସମ୍ଭାବନା ୨୦,୦୦୦ କୋଟି ଟଙ୍କା ରହିଛି। ନୂତନ ସୁଧାର ଅଧୀନରେ ପରବର୍ତ୍ତୀ ୫ ବର୍ଷରେ ୫୦୦ରୁ ଅଧିକ ଜିସିଟି ହେବ। ଟର୍ମିନାଲଗୁଡ଼ିକୁ 'କାର୍ଗୋ ପ୍ଲସ୍ ପ୍ରସେସିଂ' ହବ୍‌ରେ ପରିଣତ କରାଯିବ। ସିମେଣ୍ଟ କ୍ଲିଙ୍କରକୁ ଟର୍ମିନାଲରେ ଆଣି ସେଠାରେ ସିମେଣ୍ଟ କରାଯିବ, ବ୍ୟାଗିଂ କରାଯିବ କିମ୍ବା ରେଡି ମିକ୍ସ କଂକ୍ରିଟ ଯାନ ମାଧ୍ୟମରେ ପଠାଯିବ। ଅନ୍ୟ ଖାଦ୍ୟଶସ୍ୟ ପ୍ରକ୍ରିୟାକରଣ, ଷ୍ଟଫିଙ୍ଗ୍-ଡିଷ୍ଟଫିଙ୍ଗ୍ ଇତ୍ୟାଦି ସୁବିଧା ମଧ୍ୟ ରହିବ। ଅନେକଅବ୍ୟବହୃତ ଗୁଡ୍‌ସ ଶେଡ୍‌କୁ ଜିସିଟିରେ ପରିଣତ କରାଯିବ ବୋଲି ବୈଷ୍ଣବ କହିଛନ୍ତି। ପୁରୁଣା ସାଇଡିଂଗୁଡ଼ିକୁ ନୂତନ ଫ୍ରେମ୍‌ୱାର୍କରେ ସ୍ଥାନାନ୍ତର କରାଯିବ। ଏହି ସୁଧାର ୩ ବର୍ଷରେ ୩୦,୦୦୦ କୋଟି ଟଙ୍କା ଅଧିକ ଆୟ କରିବ ବୋଲି ଅନୁମାନ କରାଯାଇଛି। ସିମେଣ୍ଟ ପରିବହନରେ ନଭେମ୍ବର-ଡିସେମ୍ବରରେ ବଲ୍କ ସିମେଣ୍ଟ ଟନେଜ ଦ୍ୱିଗୁଣ ହୋଇଛି। ଜାନୁଆରୀରେ ୪୦,୦୦୦ରୁ ୯୫,୦୦୦ ଟନ୍ ହୋଇଛି। ଜମ୍ମୁ-କଶ୍ମୀରରେ ୩୦% ଓ ମିଜୋରାମରେ ପ୍ରାୟ ଅଧା ଖର୍ଚ୍ଚ ହ୍ରାସ ହୋଇଛି ଏବଂ ପ୍ରଦୂଷଣ ମଧ୍ୟ କମିଛି। ମନ୍ତ୍ରୀ କହିଛନ୍ତି, ଏହି ମାସରେ ଆଉ ଦୁଇଟି ସୁଧାର ଘୋଷଣା ହେବ ଏବଂ ମାର୍ଚ୍ଚ ଆରମ୍ଭରେ ଆଉ ତିନୋଟି ହେବ । ଆଉ ୩୦-୪୦ଟି ସୁଧାର ଉପରେ କାମ ଚାଲିଛି ବୋଲି ବୈଷ୍ଣବ କହିଛନ୍ତି।

# ୧୩୪ କେନ୍ଦ୍ରରେ ପରୀକ୍ଷା ଦେବେ ୨୮,୬୧୭ ଛାତ୍ରୀଛାତ୍ର

## ୧୯ରୁ ମାଟ୍ରିକ ପରୀକ୍ଷା

- ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ନଜର ରଖିବ ସିସିଟିଭି
- ୫୦ କେନ୍ଦ୍ର ସମ୍ବେଦନଶୀଳ, ହୋଇଛି ୧୨ ନୋଡାଲ ସେଣ୍ଟର

ଖୋର୍ଦ୍ଧା, ୧୪।୨ (ପ୍ରଭାତ ପାଣିଗ୍ରାହୀ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ବା ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପରୀକ୍ଷା ପୂର୍ବାହ୍ନ ୯ଟାରେ ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ ହେବ। କେବଳ ଗଣିତ ଦିନ ଅଧିକ ୪୫ ମିନିଟ ସମୟ ଦିଆଯିବ। ଚଳିତବର୍ଷ ୧୩୪ଟି ପରୀକ୍ଷା କେନ୍ଦ୍ରରେ ୩୩୮ଟି ବିଦ୍ୟାଳୟର ମୋଟ ୨୮,୬୧୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଖୋର୍ଦ୍ଧା ଉପଖଣ୍ଡରେ ୬୪ଟି ଏବଂ ଭୁବନେଶ୍ୱର ଉପଖଣ୍ଡରେ ୭୦ଟି କେନ୍ଦ୍ର ରହିଛି। ଖୋର୍ଦ୍ଧା ଶିକ୍ଷା ଜିଲାରେ ମୋଟ ୧୨ଟି ନୋଡାଲ ସେଣ୍ଟର କରାଯାଇଛି। ତନ୍ମଧ୍ୟରୁ ଭୁବନେଶ୍ୱର ଉପଖଣ୍ଡରେ କ୍ୟାପିଟାଲ ହାଇସ୍କୁଲ ୟୁନିଟ-୩, ଅଶୋକ ନଗର ସରକାରୀ ଉଚ୍ଚ ବିଦ୍ୟାଳୟ ୟୁନିଟ-୧, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ୟୁନିଟ-୮ ଭୁବନେଶ୍ୱର, ପି.ଏସ୍. ନୋଡାଲ ଉଚ୍ଚ ବିଦ୍ୟାଳୟ ବାଲକାଟୀ, ଏସ୍.ବି. ଉଚ୍ଚ ବିଦ୍ୟାଳୟ ବାଲିପାଟଣା ଏବଂ ପି.ଏନ୍. ଉଚ୍ଚ ବିଦ୍ୟାଳୟ ଜଟଣୀକୁ ମିଶାଇ ୬ଟି ନୋଡାଲ ସେଣ୍ଟର କରାଯାଇଛି। ଖୋର୍ଦ୍ଧା ଉପଖଣ୍ଡରେ ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧା, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ବେଗୁନିଆ, ବାମନ ଉଚ୍ଚ ବିଦ୍ୟାଳୟ ବୋଲଗଡ଼, ବଳରାମଦେବ ବିଦ୍ୟାପୀଠ ଟାଙ୍ଗୀ, ସରକାରୀ ଉଚ୍ଚ ବିଦ୍ୟାଳୟ ବାଲୁଗାଁ ଏବଂ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟ ବାଣପୁରକୁ ମିଶାଇ ୬ଟି ନୋଡାଲ ସେଣ୍ଟର କରାଯାଇଛି। ଚଳିତ ବର୍ଷ ୫୦ଟି ପରୀକ୍ଷା କେନ୍ଦ୍ର ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଥିବାବେଳେ ଉକ୍ତ କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି।

ସେହିପରି ଓଡ଼ିଶା ମୁକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରରେ ୩୩୨ ଏବଂ ବ୍ୟାକ୍ ପେପର ଥିବା ୪୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚାଇବା ଲାଗି ୪୦ ଟିମ୍ ଗଠନ କରାଯାଇଛି। ତନ୍ମଧ୍ୟରେ ଭୁବନେଶ୍ୱର ଉପଖଣ୍ଡରେ ୨୦ ଏବଂ ଖୋର୍ଦ୍ଧା ଉପଖଣ୍ଡରେ ୨୦ ଟିମ୍ ରହିଛି। ଏହି ଟିମ୍ କଡ଼ା ସୁରକ୍ଷାବଳୟ ଭିତରେ ପ୍ରଶ୍ନପତ୍ରକୁ ପରୀକ୍ଷାକେନ୍ଦ୍ରରେ ପହଞ୍ଚାଇବେ। ପରୀକ୍ଷା ସୁପରିଚାଳନା ପାଇଁ ଜିଲାରେ ଜଣେ ଅତିରିକ୍ତ ଏସ୍‌ପି ଏବଂ ଜଣେ ଡିଏସ୍‌ପିଙ୍କୁ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଛି। ମାଟ୍ରିକ ପରୀକ୍ଷାରେ ହେଉଥିବା ୭ଟି ଯାକ ବିଷୟର ସମସ୍ତ ପ୍ରଶ୍ନପତ୍ରରେ ୱାଟର ମାର୍କ ଓ କ୍ୟୁ-ଆର୍ କୋଡ୍ ରହିବ। ପରୀକ୍ଷା କେନ୍ଦ୍ରରେ କପି ରୋକିବାକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମାଧ୍ୟମିକ ବୋର୍ଡ ପରିଷଦ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍, ଜିଲା ପ୍ରଶାସନ ପକ୍ଷରୁ ଗୋଟିଏ ଜିଲାସ୍ତରୀୟ ସ୍କ୍ୱାଡ୍ ଏବଂ ଶିକ୍ଷା ବିଭାଗ ପକ୍ଷରୁ ଏକ ସ୍କ୍ୱାଡ୍ ଗଠନ କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ସୂଚନା ଦେଇଛନ୍ତି।

## ଶୃଙ୍ଖଳିତ ପରୀକ୍ଷା ଆୟୋଜନକୁ ଗୁରୁତ୍ୱ




ବୈଠକରେ ଯୋଗଦେଇଥିବା ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଏବଂ ଅନ୍ୟ ଅଧିକାରୀମାନେ।

ଖୋର୍ଦ୍ଧା, ୧୪।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଚଳିତବର୍ଷ ପରୀକ୍ଷା ଶୃଙ୍ଖଳିତ ଏବଂ ସୁପରିଚାଳନା ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶନିବାର ବିଜେବି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଅଧ୍ୟକ୍ଷତା କରି ପରୀକ୍ଷା ଶୃଙ୍ଖଳିତ ଓ ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଶୃଙ୍ଖଳିତ ପରୀକ୍ଷା ଆୟୋଜନ, କେନ୍ଦ୍ରରେ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା, ପରୀକ୍ଷା କେନ୍ଦ୍ରରେ ଯେଭଳି କୌଣସି ଅଘଟଣ ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ଅତିରିକ୍ତ ଏସ୍‌ପି ଅନାଦି ସେଠୀ ଶାନ୍ତିଶୃଙ୍ଖଳା ରକ୍ଷା ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା, ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ସମସ୍ତ ୧୩୪ ପରୀକ୍ଷା କେନ୍ଦ୍ରର ପରୀକ୍ଷା ନିୟନ୍ତ୍ରକ, ପ୍ରଧାନଶିକ୍ଷକ ପର୍ଯ୍ୟବେକ୍ଷକ, ନୋଡାଲ ଅଫିସରକୁ ପ୍ରଶିକ୍ଷଣ ଓ ପରାମର୍ଶ ଦିଆଯାଇଛି।



ଖୋର୍ଦ୍ଧା ଜଟଣୀ ହାଟବଜାର ଗୋପୀନାଥପୁରର ସୂକ୍ଷ୍ମ କଳାକାର ଶିଳ୍ପୀ ଏଲ୍.ଈଶ୍ୱର ରାଓ ଚକ୍ ଖଡ଼ିରେ କେଦାରନାଥ ମନ୍ଦିର ପ୍ରସ୍ତୁତ କରି ମହାଶିବରାତ୍ରିର ଶୁଭେଚ୍ଛା ଜଣାଇଛନ୍ତି। ଏହି ମନ୍ଦିର ଉଚ୍ଚତା ୭ ଇଞ୍ଚ, ଚଉଡ଼ା ସାଢ଼େ ୩ଇଞ୍ଚ ରହିଛି। ଏଥିଲାଗି ତାଙ୍କୁ ୩ଦିନ ସମୟ ଲାଗିଛି।

# ଶୃଙ୍ଖଳିତ ଦର୍ଶନ, ସଅଳ ନୀତିକାନ୍ତିକୁ ଗୁରୁତ୍ୱ

## ଗୁରୁଜଙ୍ଗ ଧବଳେଶ୍ୱର ପୀଠରେ ରାତି ୧୧ଟାରେ ଉଠିବ ମହାଦୀପ

ଖୋର୍ଦ୍ଧା, ୧୪।୨ (ପ୍ରଭାତ ପାଣିଗ୍ରାହୀ)

ମହାଶିବରାତ୍ରି ତଥା ଜାଗରଯାତ୍ରା ପାଇଁ ଖୋର୍ଦ୍ଧା ଜିଲାର ସମସ୍ତ ଶୈବପୀଠରେ ପ୍ରସ୍ତୁତି ଶେଷ ହୋଇଛି। ଗୁରୁଜଙ୍ଗର ଶ୍ରୀଧବଳେଶ୍ୱର ପୀଠ, ଅଟ୍ରିର ଏକାଦଶ ରୁଦ୍ର ଶ୍ରୀହଟକେଶ୍ୱର, ଗୋଡ଼ାର ଲୋକନାଥ, ଖୋର୍ଦ୍ଧାର ବାଲୁଙ୍କେଶ୍ୱର, ସିଦ୍ଧେଶ୍ୱର, ଭାଲିଆବାଡ଼ିର ଶ୍ରୀଲୋକେଶ୍ୱର ଦେବ, ଜେମାଦେଇର ବାଲୁଙ୍କେଶ୍ୱର, ମୁକୁନ୍ଦ ପ୍ରସାଦର ଅସୁରେଶ୍ୱର, ଟିଏଲ୍‌ସିର ତାରକେଶ୍ୱର, ଗଡ଼ଖୋର୍ଦ୍ଧା ସ୍ଥିତ ମହାଦେବ, ନିଜିଗଡ଼ ଟାପଙ୍ଗର ବାଲୁଙ୍କେଶ୍ୱର, ହରିପୁରଶାସନସ୍ଥିତ ଶ୍ରୀପଶ୍ଚିମାଶମ୍ଭୁ ଶୈବପୀଠ ଉତ୍ସବମୁଖର ହୋଇଉଠିଛି। ଶୈବପୀଠକୁ ରଙ୍ଗିନ ଆଲୋକମାଳା ଓ ଫୁଲରେ ସଜ୍ଜିତ କରାଯାଇଛି। ଶୈବପୀଠ ଗୁଡ଼ିକରେ ଶୃଙ୍ଖଳିତ ଦର୍ଶନ ଓ ସଅଳ ନୀତିକାନ୍ତି ଉପରେ ଗୁରୁତ୍ୱ ଦିଆଯାଇଛି।

ଗୁରୁଜଙ୍ଗସ୍ଥିତ ଧବଳେଶ୍ୱରଙ୍କ ପୀଠରେ ଭୋର ୩ଟାରେ ଦ୍ୱାରଫିଟା, ମଙ୍ଗଳ ଆଳତି ପରେ ୪ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ। ମଧ୍ୟାହ୍ନରେ ଶଙ୍ଖୁଡ଼ି ଭୋଗ ପରେ କିଛି ସମୟ ପହୁଡ଼ ଏବଂ ପରେ ଦର୍ଶନ ପୁନଃ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ଚାଲିବ। ସାଢ଼େ ୮ଟା ପରେ ଦର୍ଶନ ବନ୍ଦ ହୋଇ ମହାଦୀପ ପାଇଁ ପ୍ରସ୍ତୁତି ଆରମ୍ଭ ହେବ। ନିର୍ଦ୍ଧାରିତ ସମୟ ରାତି ୧୦ଟାରେ ହରିହର ଭେଟ ଏବଂ ୧୧ଟାରେ ମହାଦୀପ ଉଠିବ ବୋଲି ପରିଚାଳନା କମିଟି ଟ୍ରଷ୍ଟ ବୋର୍ଡ ସଦସ୍ୟ ବଦ୍ରି ନାରାୟଣ ସାହୁ କହିଛନ୍ତି। ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ସନ୍ଧ୍ୟାରେ ଡିଏସ୍‌ପି ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକ ପହଞ୍ଚି ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିଛନ୍ତି। ଶୃଙ୍ଖଳିତ ଦର୍ଶନ, ସଅଳ ନୀତିକାନ୍ତି ଓ ମହାଦୀପ ଉଠିବା ଉପରେ ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ଗୁରୁତ୍ୱ ଦେଇଛନ୍ତି।

# ରାତିର ଶେଷ ପ୍ରହରରେ ଉଠିବ ମହାଦୀପ

ବାଣପୁର, ୧୪।୨ (ଦିଲୀପ କୁମାର ସ୍ୱାଇଁ)

ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀଙ୍କ ପିତ୍ରାଳୟ ପ୍ରାଚୀନ ଦକ୍ଷ ପ୍ରଜାପତି ମନ୍ଦିର ବା ଶ୍ରୀଦକ୍ଷେଶ୍ୱର ଦେବଙ୍କ ମନ୍ଦିରରେ ଜାଗର ଯାତ୍ରା ରବିବାର ପାଳନ କରାଯିବ। ଜାଗର ଯାତ୍ରା ନିମନ୍ତେ ଏଠାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିବ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ପାଟଅଗଣାରେ ଦୀପ ପ୍ରଜ୍ୱଳନ ନିମନ୍ତେ ବ୍ୟବସ୍ଥା, ପରିଚାଳନା କମିଟି ପକ୍ଷରୁ ମନ୍ଦିରକୁ ରଙ୍ଗିନ୍ ଆଲୋକମାଳାରେ ସଜାଯାଇଥିବାବେଳେ ପାଲା, ଦାସକାଠିଆ ପରି ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଏଠାରେ ମା'ଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ ଦେବୀ କାଠି ଠାକୁରାଣୀ ଅବସ୍ଥାନ କରୁଥିବାରୁ ଶ୍ରଦ୍ଧାଳୁମାନେ ଉପବାସ ରହି ଜାଗର ଦୀପ ଜାଳିଥାନ୍ତି। ଜାଗର ଦିନ ପ୍ରତ୍ୟୁଷରୁ ଦ୍ୱାରଫିଟା, ଅବକାଶ, ବଲ୍ଲଭ ଖଇ, ମଧ୍ୟାହ୍ନଧୂପ, ସନ୍ଧ୍ୟାରେ ନିଶଙ୍କୁଡ଼ି ପରେ ଧୋପଖାଳ, ପଙ୍କୋଦ୍ଧାର, ଜଳାଭିଷେକ ଆଦି ସମସ୍ତ ବିଧିବିଧାନ ହେବ। ତୃତୀୟ ପ୍ରହରରେ ଘୃତ କମଳକେତକୀ ଅର୍ପଣ ଏବଂ ଚତୁର୍ଥ ପ୍ରହର ପୂଜାର୍ଚ୍ଚନା ପରେ ରାତିର ଶେଷ ପ୍ରହରରେ ମହାଦୀପ ଉଠିବ ବୋଲି ଶ୍ରୀ ଶ୍ରୀ ଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ସୂଚନା ଦେଇଛନ୍ତି।

# ରାତି ୧ଟାରେ ଉଠିବ ମହାଦୀପ

## ତାରେଶ୍ୱର ଦେବଙ୍କ ପୀଠରେ ଜାଗର ପାଇଁ ନୀତି ନିର୍ଘଣ୍ଟ

ବୋଲଗଡ଼, ୧୪।୨ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ଶ୍ରୀତାରେଶ୍ୱର ଦେବଙ୍କ ପୀଠରେ ଚଳିତ ବର୍ଷ ଜାଗର ପାଳନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ମହାଦୀପ ଦର୍ଶନ ପାଇଁ ଭକ୍ତଙ୍କ ଜନସମାଗମକୁ ଦୃଷ୍ଟିରେ ରଖି ରବିବାର ଟ୍ରଷ୍ଟି ଅଜୟ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମନ୍ଦିର ପରିଷ୍କାର ପରିଚ୍ଛନ୍ନତା, ଆଲୋକୀକରଣ, ପାନୀୟଜଳ, ପରିମଳ, ଶାନ୍ତିଶୃଙ୍ଖଳା ଓ ଗାଡ଼ି ଷ୍ଟାଣ୍ଡ ପାଇଁ ବ୍ୟବସ୍ଥା ହୋଇଛି। ନୀତିକାନ୍ତିରେ ଶୃଙ୍ଖଳା, ଭକ୍ତଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ତହସିଲ ଏବଂ ପୋଲିସ ପ୍ରଶାସନ ସମେତ ଅଗ୍ନିଶମ ବାହିନୀ, ବିଦ୍ୟୁତ୍ କର୍ମଚାରୀ ଓ ଜନସ୍ୱାସ୍ଥ୍ୟ କର୍ମଚାରୀ ସଜାଗ ରହିବେ। ନୀତିନିର୍ଘଣ୍ଟ ଅନୁଯାୟୀ ରବିବାର ବ୍ରାହ୍ମ ମୁହୂର୍ତ୍ତରୁ ମନ୍ଦିରରେ ଠାକୁରଙ୍କ ସର୍ବସାଧାରଣ ଦର୍ଶନ ଆରମ୍ଭହୋଇ ରାତି ୧୦ଟା ୩୦ ପର୍ଯ୍ୟନ୍ତ ଚାଲିବ। ରାତି ୧୦ଟା ୩୦ରୁ ଦର୍ଶନ ବନ୍ଦ ରହି ବିଶେଷ ନୀତି ଆରମ୍ଭ ହେବ। ରାତ୍ରି ୧ଟାରେ ସମସ୍ତ ନୀତିକାନ୍ତି ପରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ। ପ୍ରସ୍ତୁତି ବୈଠକରେ ସରପଞ୍ଚ ରଶ୍ମିତା ରାଉତରାୟ,



ସମିତିସଭ୍ୟ ରଞ୍ଜନ ଲେଙ୍କା, ପୂର୍ବତନ ସରପଞ୍ଚ ମାଧବ ବିଶ୍ୱାଳ, ସାମାଜିକକର୍ମୀ ଜୟକୃଷ୍ଣ ଫତେସିଂହ, ଶିବାଜୀ ଭୋଳ, ଶିବାଜୀ ମଙ୍ଗରାଜ, ପ୍ରାଣକୃଷ୍ଣ ଲେଙ୍କା, ସୁଦର୍ଶନ ସୁନ୍ଦରାୟ, ମନୋଜ ପାତ୍ର, ଶ୍ରୀତାରେଶ୍ୱର ଦେବ ମନ୍ଦିର ପୁରାଣପଣ୍ଡା ସେବାୟତ ମନୋରଞ୍ଜନ ମିଶ୍ର, ମହାପାତ୍ର ସେବାୟତ ଦୟାନିଧି ମହାପାତ୍ର, ମୀନକେତନ ସୁବୁଦ୍ଧି, ବ୍ରଜବନ୍ଧୁ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ଭାସ୍କର ମହାପାତ୍ର, ନବକିଶୋର ରଣା, ବିଜୟ ମହାପାତ୍ର, ବୌଧାନ୍ୟ ମହାପାତ୍ର, ସୁବଳ ମହାପାତ୍ର, ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ପାଇଁ ସଚେତନତା



ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

ଟାଙ୍ଗୀ, ୧୪।୨ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକର ମଙ୍ଗଳାଯୋଡ଼ିସ୍ଥିତ ଚିଲିକା କୂଳରେ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନ ଲକ୍ଷ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ୍ ପ୍ରଦୂଷଣର କୁପ୍ରଭାବ ଓ ପରିବେଶ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଇକୋ କ୍ଲବ୍, ଭୁବନେଶ୍ୱରର ସୂଚନା ଅଧିକାରୀ ପ୍ରଶାନ୍ତ ନାୟକ ଯୁବପିଢ଼ିଙ୍କୁ ପ୍ଲାଷ୍ଟିକ୍‌ବିରୋଧୀ ଆନ୍ଦୋଳନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ ଦେଇଥିଲେ। ଟାଙ୍ଗୀ ଫରେଷ୍ଟର ମୀନା କୁମାରୀ ନାୟକ, ଅଜୟ କୁମାର ମହାରଣା ପ୍ରମୁଖ ଜଳାଶୟ ଓ ପକ୍ଷୀ ସୁରକ୍ଷା ପାଇଁ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ଜରୁରୀ ବୋଲି କହିଥିଲେ। ଇକୋ କ୍ଲବ୍ ପ୍ରୋଗ୍ରାମ ଅଫିସର ବିଶ୍ୱରଞ୍ଜନ ଦାସ ଏବଂ ଏନ୍‌ସିସି, ୟୁଥ୍ ରେଡ୍‌କ୍ରସ୍ ପ୍ରୋଗ୍ରାମ ଅଫିସର ରଞ୍ଜନ କୁମାର ମହାପାତ୍ରଙ୍କ ନେତୃତ୍ୱରେ ମୋଟ ୧୫୦ ଜଣ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ 'ପ୍ଲାଷ୍ଟିକ୍ ବନ୍ଦ କର, ପ୍ରକୃତିକୁ ରକ୍ଷାକର' ଆଦି ସ୍ଲୋଗାନ୍ ଦେଇ ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। ଏଥିସହ ଜଳାଶୟ ପରିସରକୁ ସଫେଇ କରି ପ୍ଲାଷ୍ଟିକ୍ ଅବଶିଷ୍ଟ ସଂଗ୍ରହ କରାଯାଇଥିଲା। ଶେଷରେ ସମସ୍ତେ ପ୍ଲାଷ୍ଟିକ୍ ବ୍ୟବହାର ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।

# ଅନୁସନ୍ଧାନଭିତ୍ତିକ ଶିକ୍ଷଣ, ସଂସ୍କୃତି ଆଧାରିତ ଶିକ୍ଷାଦାନ ସଂକ୍ରାନ୍ତ ଆଲୋଚନା

ଖୋର୍ଦ୍ଧା, ୧୪।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୁଇଦିନିଆ ଜିଲାସ୍ତରୀୟ ଆଲୋଚନାଚକ୍ର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଅନୁସନ୍ଧାନଭିତ୍ତିକ ଶିକ୍ଷଣ ଓ ସଂସ୍କୃତି ଆଧାରିତ ଶିକ୍ଷାଦାନ ପ୍ରକ୍ରିୟା ବିଷୟବସ୍ତୁ ଉପରେ ଆୟୋଜିତ ଏହି ଆଲୋଚନାଚକ୍ରରେ ୮୦ ଜଣ ଶିକ୍ଷକ ଯୋଗଦେଇଥିଲେ। ୨୦ ଜଣ ଶିକ୍ଷକ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା ଯୋଗଦେଇ ଶିକ୍ଷକମାନେ କିପରି ପିଲାମାନଙ୍କ ମନରେ ଅନୁସନ୍ଧିତ୍ସୁ ମନୋବୃତ୍ତିର ବିକାଶ ହୋଇପାରିବ ତାହା କହିଥିଲେ। ଢେଙ୍କାନାଳ ଡିଆଇଇଟିର ପୂର୍ବତନ ଅଧ୍ୟକ୍ଷ ଡ. ସୁସନ୍ଧ୍ୟା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉଭୟ ଦିବସରେ ୨୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସେମାନେ ବିଦ୍ୟାଳୟରେ କରିଥିବା ଅଭିନବ କାର୍ଯ୍ୟଗୁଡ଼ିକୁ ଉପସ୍ଥାପନ କରିଥିଲେ। ସେଗୁଡିକୁ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରବଣ ବାଗ, ନଳିନୀ ଦେବୀ ବି. ଇଡ଼ି କଲେଜର ଅଧ୍ୟାପିକା ଡ. ରୂପମ ପ୍ରିୟା, ରାଜଧାନୀ ମହାବିଦ୍ୟାଳୟର ଅଧ୍ୟାପିକା ଡ. ସୁଚିସ୍ମିତ ବଳ, ଏସ୍‌ସିଇଆର୍‌ଟିର ସହନିର୍ଦ୍ଦେଶକ ଡ. ପ୍ରସନ୍ନ କୁମାର ସାହୁ ଏବଂ ଲିପିକା ସାହୁ, ଅନୁଗୋଳ ବି. ଇଡ଼ି କଲେଜର ଅଧ୍ୟାପିକା ଡ. ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ମତାମତ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ତାପସ କୁମାର ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ଅନୁଷ୍ଠାନର ପ୍ରଶିକ୍ଷକ ମୋନାଲିସ ପଣ୍ଡା, ମୌସୁମୀ ମହାନ୍ତି, ଦିପ୍ତି ପ୍ରଭା ଦାସ, ରଶ୍ମୀରେଖା ସ୍ୱାଇଁ, ବୀଣାପାଣି ପାଢ଼ୀ, ଆଏଶା ତନବୀର, ମହେଶ କୁମାର ବେହେରା, ମଞ୍ଜୁଲତା ହାସଦା , ଅକ୍ଷୟ କୁମାର ମହାନ୍ତି ପରିଚାଳନା କରିଥିଲେ। ପ୍ରଶିକ୍ଷକ ଶିକ୍ଷା ଶିଅଳ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଶିକ୍ଷୟିତ୍ରୀ ଶିକ୍ଷକ।

# ଗଣେଶଙ୍କ କିଡ଼୍‌ନୀ ନଷ୍ଟ: ଚିକିତ୍ସାରେ ଅର୍ଥ ବାଧକ

କୃଷ୍ଣପ୍ରସାଦ, ୧୪।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗିଳିନାସି ଗ୍ରାମର ଶ୍ରମିକ ଗଣେଶ ଚନ୍ଦ୍ର ପ୍ରଧାନ(୪୦)ଙ୍କର ଦୁଇଟି କିଡ଼୍‌ନୀ ନଷ୍ଟ ହୋଇଯାଇଛି। ଡାଏଲିସିସ୍ ହେବା ସହ କିଡ଼୍‌ନୀ ନୂଆ ଲାଗିବ ବୋଲି ଡାକ୍ତର କହିଥିବାବେଳେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ପରିବାର ଭରଣପୋଷଣ ପାଇଁ ବାଙ୍ଗାଲୋରରେ ସେ ଶ୍ରମିକ ଭାବେ ୮ବର୍ଷ ହେବ କାର୍ଯ୍ୟ କରୁଥିଲେ। ଦେହ ଅସୁସ୍ଥ ପରେ ଏବେ ଘରକୁ ଫେରି ମୁଣ୍ଡରେ ହାତଦେଇ



ଗଣେଶ ପ୍ରଧାନ।

ବସିଛନ୍ତି। ଅର୍ଥ ପାଇଁ କାକୁତିମିନତି ହୋଇ ସମସ୍ତଙ୍କୁ ହାତପାତି ଗୁହାରି କରୁଛନ୍ତି। ପ୍ରଶାସନର ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ଆବଶ୍ୟକ ସମ୍ବଳ ସଂଗ୍ରହ ହୋଇପାରିନାହିଁ। ସ୍ୱାମୀଙ୍କୁ ଚିକିତ୍ସା ସହାୟତା ଯୋଗାଇଦେବା ପାଇଁ ସ୍ତ୍ରୀ ଭାରତୀ ପ୍ରଧାନ ସରକାରଙ୍କୁ ନିବେଦନ କରିଛନ୍ତି। ତାଙ୍କୁ ସହଯୋଗ ଯୋଗାଇଦେବାକୁ ଗ୍ରାମର ଯୁବଗୋଷ୍ଠୀ ଅଣ୍ଟା ଭିଡ଼ିଛନ୍ତି। ଏକ ହୁଣ୍ଡି ଧରି ବୁଲି ବୁଲି ଅର୍ଥ ସଂଗ୍ରହ କରୁଛନ୍ତି। ଫୋନ୍ ପେ' ନମ୍ବର ୭୩୨୭୮୬୨୪୭୩ରେ ଅର୍ଥ ସାହାଯ୍ୟ କରି ଗଣେଶଙ୍କ ଜୀବନ ବଞ୍ଚାଇବାକୁ ଗ୍ରାମର ଯୁବକମାନେ ନିବେଦନ କରିଛନ୍ତି।

# ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକଙ୍କ ସ୍ମୃତିଚାରଣ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାଘମାରି, ୧୪।୨ (ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସିମୋରସ୍ଥିତ କୁଞ୍ଜବିହାରୀ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଆମ୍ରକାନନ ପରିସରରେ ସୁରେନ୍ଦ୍ରନାଥ ସ୍ମୃତି ସଂସଦ ଆନୁକୂଲ୍ୟରେ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ରନାଥ ମହାନ୍ତିଙ୍କ ୩୧ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରତିଭାରାଣୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ବିଦ୍ୟାଳୟ ପରିସରସ୍ଥିତ ଶ୍ରୀ ଶ୍ରୀ କୁଞ୍ଜବିହାରୀ ଦେବଙ୍କୁ ପୂଜାର୍ଚ୍ଚନା ପରେ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ, ଶିକ୍ଷାବିତ ହରିବନ୍ଧୁ ତ୍ରିପାଠୀ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ପ୍ରବଚକ ବୀରକିଶୋର ପଣ୍ଡା, ଶିକ୍ଷାବିତ୍ ଦେବରାଜ ପ୍ରହରାଜ, ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ନୀଳମଣି ମାଝୀ, ଗଁପୁର ଗ୍ରାମ୍ୟକମିଟି ସଭାପତି ନୀଳମଣି ପ୍ରଧାନ, ପ୍ରାକ୍ତନ ରେଳ ସୁରକ୍ଷା କର୍ମଚାରୀ ଗୋପୀନାଥ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷକ, ଛାତ୍ରୀଛାତ୍ରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶିକ୍ଷକ ଦାଶରଥି ସୁବୁଦ୍ଧି ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପୁତ୍ରୀ ଶାନ୍ତିଲତା ମହାନ୍ତି ଶ୍ରଦ୍ଧାଞ୍ଜଳି କବିତା ପାଠ କରିଥିଲେ। ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀର ପ୍ରଥମ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ତୁଷାରକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିଜେତା ୱାରିୟର୍ସଙ୍କୁ ହରାଇଲା ଟିସିସି

## ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ

ଯାଁଳା, ୧୪।୨ (ବୁଲା ବାରିକ)

ତମାଣ୍ଡୋ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଅଷ୍ଟମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟର ସପ୍ତମ ଲିଗ୍ ମ୍ୟାଚ୍‌ରେ ଶନିବାର ବିଜେତା ୱାରିୟର୍ସଙ୍କୁ ୪ ଉଇକେଟ୍‌ରେ ହରାଇ ଟିସିସି ବିଜୟୀ ହୋଇଛି। ବିଜେତା ୱାରିୟର୍ସ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୧ ରନ୍ କରିଥିଲା। ଦଳ ପକ୍ଷରୁ ଜି. ଲାବଣ୍ୟ ୫୦ ଓ ଆଦର୍ଶ ବର୍ମା ୫୨ ରନ୍ କରିଥିଲେ। ବିପକ୍ଷ ଦଳର ନିରଞ୍ଜନ




ନିରଞ୍ଜନ ବେହେରାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ଦିଆଯାଉଛି।

ବେହେରା ୪ ଓଭରରେ ୩୦ ରନ୍ ଦେଇ ୩ ଉଇକେଟ୍ ଏବଂ ସୁଶୀଲ ବାରିକ ୪ ଓଭରରେ ୨୩ ରନ୍ ଦେଇ ୨ ଉଇକେଟ୍ ନେଇଥିଲେ। ଜବାବରେ ଟିସିସି ଦଳ ମାତ୍ର ୧୦.୧ ଓଭରରେ ୬ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ୨୩ ବଲ୍‌ରେ ୩୭ ରନ୍ ଏବଂ ସିଦ୍ଧାନ୍ତ ଜେନା ୧୦ ବଲ୍‌ରେ ୩୨ ରନ୍ କରିଥିଲେ। ବିଜେତା ୱାରିୟର୍ସ ପକ୍ଷରୁ ପ୍ରଶାନ୍ତ ଆଲୁ ୪ ଓଭରରେ ୪୯ ରନ୍ ଦେଇ ୪ ଉଇକେଟ୍ ନେଇଥିଲେ। ବିଜୟୀ ଦଳର ନିରଞ୍ଜନ ବେହେରା 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇ ଅତିଥି ବିଏମ୍‌ସିର ୫୨ ନମ୍ବର ୱାର୍ଡ କର୍ପୋରେଟର ଧୀରେନ୍ଦ୍ର ବେହେରାଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସୁମେନ୍ଦ୍ର ପାତ୍ର ଓ ବିଭୂପ୍ରସାଦ ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୨।୨୦୨୬

| | |
|---|---|
| ୧୦,୩୮,୮୩୧ ଟଙ୍କା | |
| ସୁନା | ୩.୮୦୦ ଗ୍ରାମ୍ |
| ରୁପା | ୭୨.୮୦୦ଗ୍ରାମ୍ |

# ଆତ୍ମନିର୍ଭର ଭାରତ, ସ୍ୱଦେଶୀ ମେଳା ଉଦ୍‌ଯାପିତ

ପୁରୀ,୧୪।୨(ଅଜିତ୍ କୁମାର ମହାନ୍ତି)

ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସଫଳ କରିବାର ଏକ ସୁନ୍ଦର ପଦକ୍ଷେପ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ଶନିବାର ସନ୍ଧ୍ୟାରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ୫ଦିନିଆ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଲକ୍ଷ୍ୟ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ଆର୍ଥିକ ବିକାଶରେ ସାମିଲ କରିବ ବୋଲି ବେହେରା କହିଥିଲେ। ଏହି ମେଳା ଆମ କଳାକାର ଓ ଶିଳ୍ପୀମାନଙ୍କ ଦକ୍ଷତା ଓ ପ୍ରତିଭାକୁ ପ୍ରଦର୍ଶିତ କରୁଛି। ସେମାନଙ୍କ ଉତ୍ପାଦକୁ ଏହି ମେଳାରେ ପ୍ରଦର୍ଶନ ଓ ବିକ୍ରି ଦ୍ୱାରା ଶିଳ୍ପୀମାନେ ଆର୍ଥିକ ଦୃଷ୍ଟିରୁ ଉପକୃତ ହେବା ସହ କଳାର ପରିଚୟ ମିଳିପାରୁଛି ବୋଲି ବେହେରା କହିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏଥିରେ ଯୋଗଦେଇ ନିଜର ପରିଶ୍ରମ ଓ ନିଷ୍ଠା ଯୋଗୁ ଆଜି ମା'ମାନେ ଉନ୍ନତି ପଥରେ ଚାଲିଛନ୍ତି। ମେଳାରେ ପ୍ରାୟ ୧କୋଟି ଟଙ୍କାର ବ୍ୟବସାୟ ହୋଇଛି ବୋଲି ପୃଷ୍ଟି ସୂଚନା ଦେଇଥିଲେ।





ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଜଣେ ମହିଳାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ସିଡିଭିଓ ଡା. ଶରତ କୁମାର ବେହେରା, ଜିଏମ୍ ଡିଆଇସି ମାନସ କୁମାର ବାରିକ, ଜିଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ଅତିଥିମାନେ ମହାପ୍ରଭୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ମେଳାରେ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମେଳା, ହସ୍ତଶିଳ୍ପ ମେଳା, ବୁକ୍ କାଫେ ଇତ୍ୟାଦିର ୧୯୪ଟି ଷ୍ଟଲ୍ ବ୍ୟବସ୍ଥା ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ସହ ବିଭିନ୍ନ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ କରିଥିଲେ। ସେହିପରି ସଂସ୍କୃତି ବିଭାଗ ପକ୍ଷରୁ ବୁକ୍ କାଫେ, ତଥ୍ୟଭିତ୍ତିକ ପ୍ରଦର୍ଶନୀ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓର୍‌ମାସର ଡେପୁଟି ସିଇଓ ନିଗମ ଚରଣ ଦାସ ଓ ଅନ୍ୟ ଅଧିକାରୀ କର୍ମଚାରୀମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ସେବା ସବୁବେଳେ ସମର୍ପିତ

ପୁରୀ,୧୪।୨(ଅଜିତ୍ କୁମାର ମହାନ୍ତି)

**ହୋପ୍ ଇଜ୍ ଲାଇଫ୍‌ର ୬ଷ୍ଠ ବାର୍ଷିକୋତ୍ସବ**

ସାମାଜିକ ଅନୁଷ୍ଠାନ 'ହୋପ୍ ଇଜ୍ ଲାଇଫ୍ ଚାରିଟେବଲ ଟ୍ରଷ୍ଟ'ର ୬ଷ୍ଠ ବାର୍ଷିକ ଉତ୍ସବ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମା, ବିଶିଷ୍ଟ ଚିନ୍ତକ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ବରିଷ୍ଠ ସ୍ତମ୍ଭକାର ଦେବେନ୍ଦ୍ର ପୃଷ୍ଟି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଏବଂ ଇ-୨୪ ହସ୍ପିଟାଲର ନିର୍ଦ୍ଦେଶକ ଇଂ. ରାଜେଶ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେବାରେ ଆନନ୍ଦ ଥାଏ। ସେବା ସବୁବେଳେ ସମର୍ପିତ। ସମର୍ପଣ ଭାବ ନ ରହିଲେ ସେବାକୁ ପୂର୍ଣ୍ଣତା ମିଳେ ନାହିଁ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ସୁରେଶ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ଅମରେନ୍ଦ୍ର ପାଇକରାୟ ଅତିଥି ପରିଚୟ ପ୍ରଦାନ ଏବଂ ସମ୍ପାଦକ ଗଦାଧର ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରତିଭାଧାରୀ ବ୍ୟକ୍ତି ଏବଂ ସାମାଜିକ ସଂଗଠନଗୁଡ଼ିକୁ ସମ୍ମାନିତ କରାଯାଇଥିଲା। ଐତିହ୍ୟ ଗ୍ରାମ ରଘୁରାଜପୁରର 'ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ' ପକ୍ଷରୁ ଗୁରୁ ଲକ୍ଷ୍ମଣ ମହାରଣାଙ୍କ ନିର୍ଦ୍ଦେଶନାରେ କଳାକାରମାନେ ମଙ୍ଗଳାଚରଣ, ଗୁରୁବନ୍ଦନା ଓ ବନ୍ଧନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ପରିଚାଳିତ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ନେଇ ପିତୃମାତୃ ପୂଜନ ସଦସ୍ୟା, ସଦସ୍ୟଙ୍କ ଦ୍ୱାରା କରାଯାଇଥିଲା। ସାମାଜିକ ସଂଗଠନ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ବହୁସଂଖ୍ୟାରେ ଉପସ୍ଥିତ ଥିଲେ।

# ନାରାୟଣ ପତିତପାବନ ବାନା ବାନ୍ଧି ବନ୍ଧୁତ୍ୱ କଲେ

ପୁରୀ,୧୪।୨(ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଭିଆଇପି ରୋଡ୍‌ସ୍ଥିତ ୱାଇଲ୍ଡ ଗ୍ରାସ୍‌ଠାରେ ନାରାୟଣଙ୍କ ଜନ୍ମଦିନ ନିଆଁରା ଢଙ୍ଗରେ ପାଳିତ ହୋଇଯାଇଛି। ନିଜ ଜନ୍ମଦିନରେ ସିଦ୍ଧବକୁଳ ମଠର ମଠାଧୀଶ ମହାରାଜ ଶ୍ରୀନିବାସ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଦସ୍ୟମାନଙ୍କ ଭିତରେ କିପରି ବନ୍ଧୁତ୍ୱ ସୁଦୃଢ଼ ରହୁ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଓଡ଼ିଶା ପରମ୍ପରା ପିଠା, ପଣା, ଭଜା, ମଣ୍ଡା, ଆରିସା ପିଠା, କାକେରା ଓ କଦଳୀ ପ୍ରଭୃତି ସଦସ୍ୟମାନଙ୍କୁ ବଣ୍ଟା ଯାଇଥିଲା।

ନାରାୟଣଙ୍କ ଜନ୍ମଦିନରେ ପ୍ରତିବର୍ଷ ନିଆଁରା ଢଙ୍ଗରେ ପାଳିତ ହୋଇଥାଏ। କେବେ ଗୀତା ବହି ତ ନିର୍ମାଲ୍ୟ ବଣ୍ଟନ, କେବେ ମହାପ୍ରସାଦ ଓ ଜଗନ୍ନାଥଙ୍କ ପଟ୍ଟଚିତ୍ର କେବେ ତୁଳସୀ ଚାରା ବଣ୍ଟନ କରି ପାଳନ କରିଥାନ୍ତି। ଚଳିତବର୍ଷ ପତିତପାବନ ବାନା ବାନ୍ଧି ବନ୍ଧୁତ୍ୱ ସ୍ଥାପନ କରିଛନ୍ତି। ଉକ୍ତ ଜନ୍ମଦିନ ଉତ୍ସବରେ ଡା. ବରେନ୍ ପଟ୍ଟନାୟକ, ଉମାବଲ୍ଲଭ ମହାପାତ୍ର, ବାସୁଦେବ ସାହୁ, ବିନୟ ମହାନ୍ତି, ମଦନ ଜେନା, ଧ୍ରୁବବ୍ରତ କର, ଶାନ୍ତିରଞ୍ଜନ ମିଶ୍ର, ଶଶାଙ୍କ ରାଏ, ସୂର୍ଯ୍ୟନାରାୟଣ ମହାରଣା, ରବିନାରାୟଣ ପଣ୍ଡା, ରବିନାରାୟଣ ମହାନ୍ତି, ରାଧାକାନ୍ତ ଦାସ, ଶରତ ଦାସ, ସୁଧାକର ମହାପାତ୍ର, ବିଜୟ ସେନାପତି, ସୁବାସ ମହାପାତ୍ର, କମଲ ଅଗ୍ରୱାଲ, ବିରଜା ମିଶ୍ର, ପୂର୍ଣ୍ଣ ସାମନ୍ତ, ପୂର୍ଣ୍ଣ ମହାପାତ୍ର, ପବିତ୍ର ମହାରଣା, ଯଯାତି କେଶରୀ ନାୟକ ଓ ବିକ୍ରମ ବେହେରା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲାସ୍ତରୀୟ ଜାତୀୟ ପେନ୍‌ସନ ପ୍ରଶିକ୍ଷଣ ଶିବିର

ପୁରୀ,୧୪।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଜାତୀୟ ପେନ୍‌ସନ ପ୍ରଶିକ୍ଷଣ ଶିବିର ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ତଥା କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ଭୁବନେଶ୍ୱରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଡିଡିଓ ଏବଂ ପେନ୍‌ସନଭୋକ୍ତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା କୋଷାଗାର ଅଧିକାରୀ ମନ୍ମଥ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ କୋଷାଗାର ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ କିଶୋର କୁମାର ନାୟକ ଓ ଏନ୍‌ପିଏସ୍ ସେଲର ବିଭୁଦତ୍ତ ଜେନା ଉପସ୍ଥିତ ରହି ଜାତୀୟ ପେନ୍‌ସନ ଯୋଜନା ଉପରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଫଳରେ ଜାତୀୟ ପେନ୍‌ସନ ଉପରେ ଥିବା ବିବିଧ ସନ୍ଦେହ ଦୂର ହୋଇପାରିଥିଲା। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସରକାରୀ କର୍ମଚାରୀଟି ନିଜର ବେତନ ଉପରେ ନିର୍ଭରଶୀଳ ଥିବାରୁ ଏଥିରେ ତାହାର ବିନିଯୋଗ ଓ ସଞ୍ଚୟ ସମ୍ପର୍କରେ ବିସ୍ତାରିତ ଭାବେ ଅବଗତ ହେବା ସମ୍ପର୍କରେ ମତ ରଖିଥିଲେ। କୋଷାଗାର ନିର୍ଦ୍ଦେଶାଳୟର ରିସୋର୍ସ ପର୍ସନମାନେ ଯୋଗ ଦେଇଥିଲେ। ଏଥିରେ ବ୍ଲକ, ତହସିଲଠାରୁ ଆରମ୍ଭ କରି ଜିଲାର ବିଭିନ୍ନ ବିଭାଗର ଡିଡିଓମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କୋଷାଗାର ଅଧିକାରୀ ରଶ୍ମିରଞ୍ଜନ ସେନାପତି, ଜୀବନଜ୍ୟୋତି ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

### ଯୋଗ ପ୍ରଶିକ୍ଷଣ ଶିବିର

ସାକ୍ଷୀଗୋପାଳ,୧୪।୨(ଭରତ ରାଉତ)

ଆତ୍ମନିର୍ଭର ଭାରତ ଯୋଜନାରେ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସାମୂହିକ ଯୋଗ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ରୋଗ ପାଇଁ ଭିନ୍ନ ଭିନ୍ନ ଯୋଗ ଦର୍ଶାଯାଇ ସୁସ୍ଥ ରହିବା ଲାଗି ପରାମର୍ଶ ଦିଆଯାଇଥିଲା। ଡା. ବିଶ୍ୱଜିତ୍ ମିଶ୍ର, ଆୟୁଷ ଡାକ୍ତର ଦେବାଶିଷ କାନୁନ୍‌ଗୋ, ଡା. ଯୋଗେନ୍ଦ୍ର ନାୟକଙ୍କ ସହ ନିରାମୟ କର୍ମୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରଶିକ୍ଷଣ ଦେଇଥିଲେ।

# ୪୧ ଲକ୍ଷ ଟଙ୍କାର ଜମାରାଶି ସୁଧରେ ବିଦ୍ୟାର୍ଥୀଙ୍କୁ ପ୍ରତିଭା ପୁରସ୍କାର



ପୁରସ୍କୃତ ବିଦ୍ୟାର୍ଥୀମାନଙ୍କ ସହ ଅତିଥିମାନେ ।

ପୁରୀ,୧୪।୨(ଅଜିତ୍ କୁମାର ମହାନ୍ତି)

ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟର ପ୍ରତିଭା ପ୍ରୋତ୍ସାହନ ଉତ୍ସବ ୨୦୨୬ ରଘୁନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭବମ ପ୍ରଧାନ ଯୋଗଦେଇ ବିଦ୍ୟାର୍ଥୀଙ୍କର ଶିକ୍ଷାର ବିକାଶ ପାଇଁ ପ୍ରତିଭା ପ୍ରୋତ୍ସାହନ ଉତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ପୋଲିସ ଡିଜି ଡ. ସତ୍ୟଜିତ ମହାନ୍ତି, ରେଡିଏସନ ଅଙ୍କୋଲୋଜି ବିଭାଗର ମୁଖ୍ୟ ଡ. ସୁରେନ୍ଦ୍ରନାଥ ସେନାପତି, ଓଡ଼ିଶା ହାଇକୋର୍ଟର ଅତିରିକ୍ତ ରେଜିଷ୍ଟ୍ରାର ତ୍ରିଲୋଚନ ଗୁରୁ, ଝାଡ଼ଖଣ୍ଡର ପ୍ରାକ୍ତନ ଡାଇରେକ୍ଟର ଜେନେରାଲ ଗୌରୀଶଙ୍କର ରଥ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟର ସଂଗୃହୀତ ଅର୍ଥରାଶି ୪୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁଧରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର, ଗରିବ ମେଧା ଛାତ୍ରୀଛାତ୍ର, ସର୍ବଶ୍ରେଷ୍ଠ ବିଦ୍ୟାର୍ଥୀ କନେଶ୍ୱର ବଡ଼ମୁଣ୍ଡି (ବିଶ୍ୱମ୍ଭର ଶ୍ରୀ), ଦିବ୍ୟାଂଶୁ ବାହିନୀପତି (ଛାତ୍ର ରତ୍ନ), ସ୍ନେହା ସାହୁ (କନ୍ୟା ରତ୍ନ), ଅର୍ପିତା ପ୍ରିୟଦର୍ଶିନୀ (ସୁକନ୍ୟା), ଅସ୍ମି ଆରାଧ୍ୟା (ବିଜ୍ଞାନ ଶ୍ରୀ) ଇତ୍ୟାଦି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଧ୍ରୁବ ଚରଣ କର ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଟ୍ରଷ୍ଟର ସମ୍ପାଦକ ତଥା ପ୍ରଧାନଶିକ୍ଷକଙ୍କ ତରଫରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ଦାଶଙ୍କ ନେତୃତ୍ୱରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ପଲ୍ଲବୀ ସତରୂପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ ସଭ୍ୟାସଭ୍ୟ ଯୋଗ ଦେଇଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଶହୀଦ ମନୋଜ ବେହେରାଙ୍କ ୭ମ ଶ୍ରାଦ୍ଧ ଦିବସ

ଚାରିଛକ,୧୪।୨(ଶିଶିର କୁମାର ସ୍ୱାଇଁ)

୨୦୧୯ ଫେବୃଆରୀ ୧୪ ତାରିଖ ଦିନ ପୁଲୱାମାଠାରେ ଆତଙ୍କବାଦୀଙ୍କ ବିସ୍ଫୋରଣରେ ୪୦ଜଣ ଯବାନ ଶହୀଦ ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ନିଆଳି ଥାନା ଅନ୍ତର୍ଗତ ରତନପୁର ଗ୍ରାମର ମନୋଜ କୁମାର ବେହେରା। ଶହିଦ୍ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅମରେଶ୍ୱର ନୋଡାଲ୍ ଉଚ୍ଚବିଦ୍ୟାଳୟ ପରିସରରେ ତାଙ୍କ ସହପାଠୀଙ୍କ ଦ୍ୱାରା ଆୟୋଜିତ ସ୍ମୃତିସଭାରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସହପାଠୀ ଧନୁର୍ଦ୍ଧର ମିଶ୍ର, ମନୋରଞ୍ଜନ ନନ୍ଦ, ମହେଶ କୁମାର ବାଲ୍, ସୁବାସ ଚନ୍ଦ୍ର ସାହୁ, ହିମାଂଶୀ ଦାସ, ପ୍ରମୋଦ ସାହୁ, ଗଗନ ମଲ୍ଲିକ, ଜିତାପ୍ରିୟ ତ୍ରିପାଠୀ, ଗୋକୁଳାନନ୍ଦ ବେହେରା, ପଦ୍ମଚରଣ ଭୋଇ, ଡ. ସତ୍ୟଭୂଷଣ ନାୟକ, ଦିଲୀପ କୁମାର ଦାସ, ସୁରେଶ ସାହୁ, କବି ସେଠୀ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ରତନପୁର ଗଜାବରଠାରେ ପରିବାର ପକ୍ଷରୁ ଶହୀଦଙ୍କ ବଳିଦାନ ଦିବସ ପାଳନ ଅବସରରେ ଆତ୍ମାରାମ ବାଳାଶ୍ରମ ନୂଆଗାଁ ମଠର ଗଣେଶ ବାବା ଓ ସଦସ୍ୟମାନେ ପହଞ୍ଚି ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ନାମ ସଂକୀର୍ତ୍ତନ ଓ ଗୀତାପାଠ କରିଥିଲେ। କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଶହୀଦ ମନୋଜ କୁମାର ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଅଗ୍ରଣୀ ସଂଗଠନ ଭଗବାନ ସାହୁ ଚାରିଟେବଲ ଟ୍ରଷ୍ଟର ପ୍ରଫୁଲ୍ଲ କୁମାର ସାହୁ, ଚାରିଛକ ପ୍ରେସ କ୍ଲବରୁ ସାମ୍ବାଦିକ ଶିଶିର କୁମାର ସ୍ୱାଇଁ, ବସନ୍ତ କୁମାର ମଲ୍ଲ, ପ୍ରଶାନ୍ତ କୁମାର ସାହୁ, ସଭାପତି ପ୍ରଫୁଲ୍ଲ କୁମାର କର ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ସେମିରେ ପୁରୀ ଏକାଦଶ



ଅତିଥିମାନେ କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

କୋଣାର୍କ,୧୪।୨(ଜ୍ୟୋତିରାଜ ମହାନ୍ତି)

**୨୭ତମ ରାଜ୍ୟସ୍ତରୀୟ କୋଣାର୍କ କପ୍ କ୍ରିକେଟ**

କୋଣାର୍କ ସ୍ପୋର୍ଟସ୍ ଏକାଡେମୀ ଦ୍ୱାରା କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ସ୍କାନ୍ ସ୍ପୋର୍ଟିଂକୁ ପୁରୀ ଏକାଦଶ ୯ ରନ୍‌ରେ ପରାସ୍ତକରି ସେମିଫାଇନାଲରେ ପ୍ରବେଶ କରିଛି।

ଟସ୍ ଜିତି ପ୍ରଥମେ ପୁରୀ ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ୍ ସଂଗ୍ରହ କରିଥଲା। ଦଳ ପକ୍ଷରୁ ଟୁକୁନା ସାହୁ ସର୍ବାଧିକ ୪୪ ବଲ୍‌ରୁ ୬୫ ରନ୍, ସୂର୍ଯ୍ୟଦେବ ମହାପାତ୍ର ୧୭ ବଲ୍‌ରୁ ୧୮ ରନ୍ କରିଥିଲେ। ଏହାର ଜବାବରେ ସ୍କାନ୍ ସ୍ପୋର୍ଟିଂ ଭୁବନେଶ୍ୱର ୨୨.୧ ଓଭରରେ ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ କୁମାର ୧୯ ବଲରୁ ୨୪ ରନ୍, ରଣଜୀ ଖେଳାଳି ସୁଜିତ୍ ଲେଙ୍କା ୨୨ ବଲରୁ ୨୨ ରନ୍ ସଂଗ୍ରହ କରିଥିବାବେଳେ ଦୀନେଶ କୁମାର ୩ଟି ଉଇକେଟ ନେଇଥିଲେ। ପୁରୀ ଏକାଦଶ ପକ୍ଷରୁ ଦେବ ରଇତା ୫ ଓଭର ବୋଲିଂ କରି ୨୨ ରନ୍ ବିନିମୟରେ ୩ ଉଇକେଟ, ଅନିଲ ପ୍ରଧାନ ୨ ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ଉନ୍ନତ ବ୍ୟାଟିଂ ପାଇଁ ଟୁକୁନା ସାହୁଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି କୋଣାର୍କ ଭାଜପାର ପୂର୍ବତନ ମଣ୍ଡଳ ସଭାପତି ସୁକାନ୍ତ କୁମାର ନାୟକ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଶନିବାର ମ୍ୟାଚ୍‌କୁ ଅମ୍ପାୟର ପ୍ରମୋଦ ସିହ୍ନା ଏବଂ ସତ୍ୟସାଗର ଦାଶ ପରିଚାଳନା କରିଥିଲେ।

# କୁଳମଣି ସଂଯୁକ୍ତ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

କଣାସ,୧୪।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ବଡ଼ାଲ ପଞ୍ଚାୟତରେ ଅଡ଼ାଲ ବଡ଼ାଲରେ ପ୍ରତିଷ୍ଠିତ କୁଳମଣି ସଂଯୁକ୍ତ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଶିକ୍ଷାବିତ୍ ଯୁଧିଷ୍ଠିର ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଏବଂ ପ୍ରାଧ୍ୟାପକ ଡ. କୈବଲ୍ୟ ଚରଣ ପତିଙ୍କ ସମେତ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ପ୍ରଧାନ, ଶିକ୍ଷାବିତ୍ ନିର୍ମଳ ଚନ୍ଦ୍ର ସାମନ୍ତରାୟ, ରବୀନ୍ଦ୍ର କୁମାର ଶତପଥୀ, ପ୍ରଧାନଶିକ୍ଷକ ଶିଶିର ମହାନ୍ତିଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅନେକ ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହର ଅନେକ ବିନ୍ଦୁ ଉପରେ ଆଲୋକପାତ କରାଯାଇଥିବାବେଳେ ବିଦ୍ୟାଳୟର ଏକ ସ୍ମରଣିକା ଉନ୍ମୋଚନ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଚଳିତବର୍ଷ ନଭେମ୍ବରରେ ଏହି ଜୟନ୍ତୀ ପାଳନ କରାଯିବା ପାଇଁ ସ୍ଥିର ହୋଇଛି। ଛାତ୍ରୀଛାତ୍ରଙ୍କର କାର୍ଯ୍ୟକାରୀ ସଭାପତି ଅଶୋକ ବାହୁବଳେନ୍ଦ୍ର ଧନ୍ୟବାଦ ଦେଇଥିଲେ।

# ମହାପ୍ରଭୁଙ୍କୁ ଦର୍ଶନକରି ଆତ୍ମବିଭୋର ହେଲେ ଶ୍ରଦ୍ଧାଳୁ

ପୁରୀ,୧୪।୨(ଅଜିତ୍ କୁମାର ମହାନ୍ତି)

**ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୫ ଜିଲାର ୫୦୦ ଶ୍ରଦ୍ଧାଳୁ କଲେ ଦର୍ଶନ**

ମହାପ୍ରଭୁଙ୍କୁ ଦର୍ଶନ କରି ଆମେ ଅତ୍ୟନ୍ତ ଖୁସି ବୋଲି ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଆସିଥିବା ଶ୍ରଦ୍ଧାଳୁମାନେ କହିଛନ୍ତି। ଗଞ୍ଜାମ ଦିଗପହଣ୍ଡିର ବି. ସାବିତ୍ରୀ, ଡି. ସେତମ, ରମ୍ଭାର ନାରାୟଣ ବେହେରା, ଭଞ୍ଜନଗରର ପି. ଲକ୍ଷ୍ମୀ ପାତ୍ର, ବେଲଗୁଣ୍ଠାର ରବି ସାହୁ, ମୟୂରଭଞ୍ଜ ଚିତ୍ରଡ଼ାର ତିଳୋତ୍ତମା ଖମାରୀ, ଗଡ଼ିଗାଁର ଶକୁନ୍ତଳା ମହାନ୍ତ, କରତପଟାର ବୈଜୟନ୍ତୀ ନାୟକ, ଭଦ୍ରକ ଖପରପଦାର ସୁଦାମ ଚରଣ ସାହୁ, ଆନନ୍ଦପୁରର ଦାମୋଦର ବେହେରା, ଭଣ୍ଡାରୀପୋଖରୀର କୃଷ୍ଣଚନ୍ଦ୍ର ସେନାପତି, ଇଚ୍ଛାପୁରର ପର୍ଶୁରାମ ଜେନା, ଗଞ୍ଜାମର ପ୍ରମିଳା ରାଉତ, ପି. ଦମୟନ୍ତୀ ରେଡ୍ଡୀ ଓ ପଦ୍ମାବତୀ ପତି ପ୍ରମୁଖ ସରକାର ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା କରିବାରୁ ଆଶା ବଢ଼ିଲା ଓ ଭାଗ୍ୟକୁ ପ୍ରଥମ ବ୍ୟାଚ୍‌ରେ ଆମେ ପୁରୀ ଆସିଥିଲୁ ବୋଲି କହିଥିଲେ।

ଜୀବନରେ ପ୍ରଥମ ଥର ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛୁ। ବହୁଦିନର ଅଭିଳାଷ ପୂରଣ ହୋଇଥିବାରୁ ଲୁହରେ ଆଖି ଭିଜେଇ ଦେଇଥିଲେ। ଏ ପରିଣତ ବୟସରେ ଠାକୁରଙ୍କୁ ଦେଖି ଯେଉଁ ଆନନ୍ଦ ଓ ଶାନ୍ତି ପାଇଲୁ ତାହା ଅବର୍ଣ୍ଣନୀୟ ବୋଲି କୋହଭରା କଣ୍ଠରେ କହି ସରକାର ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୫ଜିଲାର ୫ଶହ ଶ୍ରଦ୍ଧାଳୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶନିବାର ପ୍ରତ୍ୟୁଷରୁ ଗଞ୍ଜାମ ଓ ଭଦ୍ରକର ଶ୍ରଦ୍ଧାଳୁଙ୍କୁ ଏବଂ ପରେ ନବରଙ୍ଗପୁର, ସମ୍ବଲପୁର ଓ ମୟୂରଭଞ୍ଜର ଶ୍ରଦ୍ଧାଳୁଙ୍କୁ ମନ୍ଦିର ଦର୍ଶନ କରାଯାଇଥିଲା। ବିଦାୟ ସମୟରେ ସମସ୍ତ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଶୁଖିଲା ଭୋଗ ପ୍ରଦାନ କରାଯାଇଥିଲା।



'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'ରେ ଆସିଥିବା ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଯାଉଛନ୍ତି ।

# ପଥପ୍ରାନ୍ତ ସୁବିଧାକେନ୍ଦ୍ର ପର୍ଯ୍ୟଟକଙ୍କ ପାଇଁ ସହାୟକ ହେବ

**ପର୍ଯ୍ୟଟନ ବିଭାଗର ନିଆରା ପ୍ରୟାସ**

ନିମାପଡ଼ା,୧୪।୨(ବିଚିତ୍ରାନନ୍ଦ ସାହୁ)

ପର୍ଯ୍ୟଟନ ବିଭାଗ ପକ୍ଷରୁ ନିମାପଡ଼ା ଏନ୍‌ଏସିର ୧୦ନଂ. ୱାର୍ଡର ତଳଅଣ୍ଡିଆ ଛକଠାରେ ୯କୋଟିଟଙ୍କା ବ୍ୟୟ ଅଟକଳରେ ଖୁବ୍‌ଶୀଘ୍ର ଏକ ନୂତନ ପଥପ୍ରାନ୍ତ ସୁବିଧାକେନ୍ଦ୍ର ନିର୍ମାଣ କରାଯିବ। ଏହି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ପର୍ଯ୍ୟଟନ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପଥପ୍ରାନ୍ତ ସୁବିଧା କେନ୍ଦ୍ର ପର୍ଯ୍ୟଟକଙ୍କ ପାଇଁ ବହୁଳଭାବେ ସହାୟକ ହୋଇପାରିବ ଓ ପର୍ଯ୍ୟଟନ ବିଭାଗର ଏହା ଏକ ନିଆରା ପ୍ରୟାସ ବୋଲି ଭିତ୍ତିପ୍ରସ୍ତର ସମାରୋହରେ ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।





ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଅନ୍ୟପକ୍ଷରେ ଏହି ନିଆରା ନୂତନ ପ୍ରକଳ୍ପ ନିର୍ମାଣ ନିମାପଡ଼ା ବିକାଶରେ ଏକ ମାଇଲଖୁଣ୍ଟ ସଦୃଶ ବୋଲି କୁହାଯାଇଛି। ନିମାପଡ଼ା ବ୍ଲକ ଅନ୍ତର୍ଗତ ଚଅଁରପଦା ପଞ୍ଚାୟତର ହଂସପଡ଼ାଠାରେ ୪୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ ହଂସପଡ଼ା ଉପସ୍ୱାସ୍ଥ୍ୟ କେନ୍ଦ୍ରର ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉଦ୍‌ଘାଟନ କରିଥିବାବେଳେ ନିମାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ୧କୋଟି ଟଙ୍କା ବ୍ୟୟରେ ଚଅଁରପଦା ମାଇନର କେନାଲ ଦକ୍ଷିଣପାର୍ଶ୍ୱ ବନ୍ଧର ଓ କୋଳିପୋଖରୀ ଅନୁଶାଖା କେନାଲର ବାମପାର୍ଶ୍ୱ ବନ୍ଧର ଉନ୍ନତୀକରଣ କାର୍ଯ୍ୟର ଓ ଜଳସମ୍ପଦ ବିଭାଗ ପ୍ରାଚୀ ଡିଭିଜନ ପକ୍ଷରୁ ୩୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମିତେଇପୁର ପଞ୍ଚାୟତର ରଙ୍ଗମଠଠାରେ କୁଶଭଦ୍ରା ନଦୀର ବାମପାର୍ଶ୍ୱ ବନ୍ଧ ରାସ୍ତାର ଓ ସାତପୁରୀ ସବ୍‌ମାଇନର କେନାଲର ପୁନରୁଦ୍ଧାର ଓ ଉନ୍ନତୀକରଣ କାର୍ଯ୍ୟର ଓ ରଙ୍ଗମଠ ମାଇନର କେନାଲବନ୍ଧ ରାସ୍ତାର ଉନ୍ନୀକରଣ କାର୍ଯ୍ୟ ସମେତ ମୋଟରେ ୧୦କୋଟି ୭୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬ଟି ନୂତନ ପ୍ରକଳ୍ପର ଉପମୁଖ୍ୟମନ୍ତ୍ରୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁନୀଲ କୁମାର ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଶାନ୍ତ ଜେନା, ସହକାରୀ ଯନ୍ତ୍ରୀ ରାକେଶ ଧର, ନିମାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ପ୍ରାଚୀ ଡିଭିଜନ ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ କୁମାର ଷଡ଼ଙ୍ଗୀ, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ବେହେରା, ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଭାଜପା ନେତା ଭକ୍ତବନ୍ଧୁ ବିଶ୍ୱାଳ, ସରପଞ୍ଚ ତପନ କୁମାର ମଲ୍ଲିକ, ସମିତିସଭ୍ୟା ଶକୁନ୍ତଳା ନାୟକ ପ୍ରମୁଖ ଯୋଗଦେଇଥିଲେ।

**ଲବକୁଶ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ମୌଜା ଅନ୍ତର୍ଗତ ଦଧିବାମନପୁରସ୍ଥିତ ଲବକୁଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ମଣିରାଜ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରଣାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଦୀପ୍ତ ମହାନ୍ତି, ବିଦ୍ୟା ବିକାଶ ସମିତି ଉପସଭାପତି ସୁରେଶ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଆଲୋକ କୁମାର ସାହୁ, ମୁଖ୍ୟବକ୍ତା ଭାବରେ ବିଦ୍ୟା ବିକାଶ ସମିତି ଓଡିଶାର ସହସମ୍ପାଦକ ଅଶୋକ କୁମାର ପଣ୍ଡା, କଟକ ସଦରର ଉପାଧ୍ୟକ୍ଷ ଅମ୍ବିକା ପାତ୍ର, ଦଧିବାମନପୁର ସରପଞ୍ଚ ସୁମିତ୍ରା ଗୋଛାୟତ, ବିଦ୍ୟାଳୟ ସମ୍ପାଦିକା ମୋନାଲିସା ସାହୁ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଧାନ ଆଚାର୍ଯ୍ୟା ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ଆଜି ଜାଗର**

# ରଙ୍ଗିନ ଆଲୋକମାଳାରେ ଝଲସୁଛି ଶୈବପୀଠ

କଟକ,୧୪।୨(ଶିଳ୍ପା ପ୍ରିୟଦର୍ଶିନୀ)



**ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ଜଗିବେ ୧୩ ପ୍ଲାଟୁନ ପୋଲିସ ଫୋର୍ସ**

ରବିବାର ଜାଗର ବା ମହାଶିବରାତ୍ରି। ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ। ଏଥିପାଇଁ କଟକ ଜିଲାରେ ଥିବା ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇ ଉଠିଛି। ଶନିବାର ସୁଦ୍ଧା ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରଙ୍ଗିନ ଆଲୋକମାଳାରେ କଟକର ଗଡ଼ଗଡ଼େଶ୍ୱର, ଅମରେଶ୍ୱର ମନ୍ଦିର ସମେତ ବିଭିନ୍ନ ଶୈବପୀଠ ଝଲସି ଉଠିଛି। କେତେକ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳାରେ ଦର୍ଶନ କରିବେ ସେନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ସହରରେ ଥିବା ବିଭିନ୍ନ ଶୈବପୀଠରେ ୧୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଏହାସହ କନ୍ଦରପୁର ଥାନା ଅନ୍ତର୍ଗତ ପରମହଂସନାଥ ମନ୍ଦିରରେ ୬ ପ୍ଲାଟୁନ ପୋଲିସ ଫୋର୍ସ ସମେତ ୧୦ଜଣ ମହିଳା କନଷ୍ଟେବଲ ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି। କଟକ ଗଡ଼ଗଡ଼େଶ୍ୱର ମନ୍ଦିରରେ ଭୋର ୪ଟାରୁ ଦ୍ୱାର ଫିଟାଯାଇ ଠାକୁରଙ୍କ ନୀତିକାନ୍ତି କରାଯିବ। ରାତି ୧ଟା ୩୦ ମିନିଟ୍ ମଧ୍ୟରେ ମହାଦୀପ ଉଠିବ। ଗଡ଼ଗଡ଼େଶ୍ୱର ମହାଦେବ ହେରିଟେଜ୍ ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ଦିର ପୂଜକ ବିଶ୍ୱରଞ୍ଜନ ପଣ୍ଡା କହିଛନ୍ତି। ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିର ସର୍ବପ୍ରାଚୀନ ବୋଲି କୁହାଯାଏ। ଏହି ମନ୍ଦିରରେ ଜାଗରରେ ଶିବଲିଙ୍ଗରେ ଶୋଭା ପାଇଥାଏ ୧ କିଗ୍ରା ୬ଶହ ଗ୍ରାମ୍ ଚାନ୍ଦିର ମୁକୁଟ। ରବିବାର ଭୋର ୪ଟାରୁ ପହଡ଼ ଖୋଲି ମଙ୍ଗଳ ଆଳତି ପରେ ସର୍ବସାଧାରଣ ଦର୍ଶନ ରାତି ୧୦ଟା ପର୍ଯ୍ୟନ୍ତ କରିବା ବ୍ୟବସ୍ଥା କରାଯାଇଛି। ଏହାପରେ ପୁନଃ ପହଡ଼ ରାତି ୧୨ଟାରେ କରାଯିବ। ଠାକୁରଙ୍କ ମହାସ୍ନାନ ନୀତି ପରେ ଗଙ୍ଗାସ୍ନାନ, ବଡ଼ସିଂହାର ବେଶ ଓ ହରିହର ଭେଟ ହୋଇ ଭୋଗ ଲାଗି କରାଯିବ। ପରେ ଆଳତି କରାଯାଇ ଭୋର ୪ଟା ୩୦ରେ ମହାଦୀପ ଉଠିବ। ଜାଗର ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ଦିର ପୂଜକ ସ୍ୱରୂପ ଦାସ କହିଛନ୍ତି। ଜିଲାର ସର୍ବପୁରାତନ ପରମହଂସନାଥ ଶୈବପୀଠରେ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାତି ୩ଟାରୁ ଠାକୁରଙ୍କ ପହଡ଼ ଖୋଲାଯିବ। ପରେ ବିଭିନ୍ନ ନୀତିକାନ୍ତି କରାଯାଇ ଭୋର ୪ଟା ୩୦ରେ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ବିଡ଼ାନାସୀ ନିକଟ ଚହଟେଶ୍ୱର ମନ୍ଦିରରେ ଭୋର ୪ଟାରୁ ପହଡ଼ ଖୋଲାଯାଇ ନୀତିକାନ୍ତି କରାଯିବ। ମଧ୍ୟାହ୍ନରେ ଠାକୁରଙ୍କୁ ଭୋଗ ଲାଗି କରାଯାଇ ବିଭିନ୍ନ ନୀତି କରାଯିବ। ସନ୍ଧ୍ୟାରେ ଚାରି ପ୍ରହର ପୂଜା ସହ ଅନ୍ୟାନ୍ୟ ନୀତି କରାଯାଇ ହରିହର ଭେଟ କରାଯିବ। ରାତି ୨ଟା ୨୫ରେ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

## ଜଳିବ ପିତ୍ତଳର ଦେଢ଼ କୁଇଣ୍ଟାଲ ଘିଅ ଦୀପ

**ଅଷ୍ଟଶମ୍ଭୁ ମନ୍ଦିର**

ଜାଗରରେ ଚଳିତବର୍ଷ ପ୍ରଥମକରି ଚାନ୍ଦିନୀଚୌକ ଅଞ୍ଚଳର ଅଷ୍ଟଶମ୍ଭୁ ମନ୍ଦିରରେ ଜଳିବ ଏକ ସାଢ଼େ ଚାରି ଫୁଟ୍‌ର ପିତ୍ତଳର ଘିଅଦୀପ। ଏଥିରେ ଦେଢ଼ କୁଇଣ୍ଟାଲ ଘିଅ ଜଳିବାର କ୍ଷମତା ରହିଛି। ଏହି ପିତଳ ଦୀପକୁ ଶନିବାର ସନ୍ଧ୍ୟାରେ କଟକ ଚଣ୍ଡୀମନ୍ଦିରରେ ପୂଜା କରାଯାଇଛି। ଚାନ୍ଦିନୀଚୌକ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରି ସମଗ୍ର ଅଞ୍ଚଳ ପରିକ୍ରମା କରିବା ପରେ ଅଷ୍ଟଶମ୍ଭୁ ମନ୍ଦିରରେ ସ୍ଥାପନ କରାଯାଇଥିଲା। ରବିବାର ଜାଗରରେ ଏହି ଅଖଣ୍ଡ ଦୀପ ଜଳାଯିବ। ଶୋଭାଯାତ୍ରାରେ ମନ୍ଦିରର ମୁଖ୍ୟ ପୂଜକ ବିଜୟ କୁମାର ପଣ୍ଡାଙ୍କ ସମେତ ସାହିର ବରିଷ୍ଠ ମୁରବି ଏବଂ ଯୁବକମାନେ ଉପସ୍ଥିତ ଥିଲେ।

# ଏଆଇ କ୍ୟାମେରା ନଜରରେ ରହିବ ହବ୍ ସେଣ୍ଟର



ହବ୍ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବା ପରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

**ଚୌଦ୍ୱାର କଲେଜରେ ପହଞ୍ଚିଲା ଯୁକ୍ତ୨ ପ୍ରଶ୍ନପତ୍ର**

ଚୌଦ୍ୱାର,୧୪।୨(ଆଶୁତୋଷ ଦାସ)

ଆସନ୍ତା ୧୮ତାରିଖରୁ ଆରମ୍ଭ ହେବ ଯୁକ୍ତ ୨ ପରୀକ୍ଷା। ଏହି ପରିପ୍ରେକ୍ଷୀରେ ଶନିବାର ଯୁକ୍ତ ୨ ବାର୍ଷିକ ପରୀକ୍ଷା ପ୍ରଶ୍ନପତ୍ର ଚୌଦ୍ୱାର କଲେଜ ହବ ସେଣ୍ଟରରେ ପହଞ୍ଚିଛି। ଏହି ହବ୍ ସେଣ୍ଟର ଅଧୀନରେ ସ୍ଥାନୀୟ ୧୧ଟି ଉଚ୍ଚ ମାଧ୍ୟମିକ ସ୍କୁଲର ୨୨୩୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଚୌଦ୍ୱାର ଉଚ୍ଚ ମାଧ୍ୟମିକ ସ୍କୁଲ ସହ ସ୍ଥାନୀୟ ବାଲି, ଗୁରୁଡିଝାଟିଆ, ଖୁଣ୍ଟୁଣୀ, ଶଙ୍କରପୁର, ବିଶ୍ୱନାକାହାଣ, ଭଗତପୁର, ଚୌଦ୍ୱାର ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, ଶକ୍ତି ଜୁନିୟର କଲେଜ, ଡ୍ରିମସ୍ ଜୁନିୟର ଓ ଓଡିଶା ବିଜ୍ଞାନ ଜୁନିୟର ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରଶ୍ନପତ୍ର ଏହି ହବସେଣ୍ଟରରେ କଡା ପୋଲିସ ସୁରକ୍ଷା ଏବଂ ଏଆଇ କ୍ୟାମରା ନଜରରେ ରଖାଯାଇଛି। ପରୀକ୍ଷା କାର୍ଯ୍ୟସୂଚୀ ଅନୁଯାୟୀ ସକାଳ ୭ଟା ୩୦ ମିନିଟ୍‌ରେ ପରୀକ୍ଷା କେନ୍ଦ୍ରଗୁଡିକୁ ପୋଲିସ ସୁରକ୍ଷା ମଧ୍ୟରେ ପଠାଯିବ ବୋଲି ଅଧ୍ୟକ୍ଷା ରଶ୍ମି ରାଉତରାୟ ସୂଚନା ଦେଇଛନ୍ତି। ଚୌଦ୍ୱାର ଉଚ୍ଚ ମାଧ୍ୟମିକ ସ୍କୁଲ ଅଧୀନରେ ୧୧୨୨ଜଣ ଛାତ୍ରୀଛାତ୍ର କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଦେବେ ବୋଲି ହବ୍ ଦାୟିତ୍ୱରେ ଥିବା ଅଧ୍ୟାପକ ସୁମନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ପୂର୍ବତନ ମେୟର ସୌମେନ୍ଦ୍ରଙ୍କୁ ଭେଟିଲେ ସୁବାସ



ପୂର୍ବତନ ମେୟର ସୌମେନ୍ଦ୍ରଙ୍କୁ ମେୟର ଓ ଡେପୁଟି ମେୟର ଭେଟୁଛନ୍ତି।

କଟକ,୧୪।୨(କୁମାରଶ୍ରୀ)

**ସିଏମ୍‌ସିର ଅଭିଯାନ କାର୍ଯ୍ୟକ୍ରମ 'ଆପଣ କେମିତି ଅଛନ୍ତି'**

ସହରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଭେଟି ସେମାନଙ୍କ ଭଲମନ୍ଦ ବୁଝିବା, ରୌପ୍ୟନଗରୀର ବିକାଶମୂଳକ ପନ୍ଥା ବାବଦରେ ଆଲୋଚନା କରିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଅଭିନବ କାର୍ଯ୍ୟକ୍ରମ 'ଆପଣ କେମିତି ଅଛନ୍ତି' ଜାରି ରହିଛି। ଗତ କିଛି ମାସ ହେବ ଏହି ଅଭିଯାନ ବନ୍ଦ ରହିଥିଲା। ଶନିବାର ମେୟର ସୁବାସ ସିଂ ଓ ଡେପୁଟି ମେୟର ଦମୟନ୍ତୀ ମାଝୀ ପୁନର୍ବାର ଅଭିଯାନ ଜରିଆରେ ପୂର୍ବତନ ମେୟର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟିଥିଲେ। ସାଆନ୍ତସାହିସ୍ଥିତ ସୌମେନ୍ଦ୍ରଙ୍କ ବାସଭବରେ ତାଙ୍କୁ ଭେଟି ନବୀକରଣ ହେଉଥିବା କଟକ ସହର ବାବଦରେ ଆଲୋଚନା କରିଥିଲେ।

ସୌମେନ୍ଦ୍ର କେବଳ କଟକ ସହର ନୁହେଁ ବରଂ ବିଜେଡିର ଜଣେ ଆଗ ଧାଡ଼ିର ଟାଣୁଆ ନେତା ଭାବେ ପରିଚିତ। ୧୯୬୪ରେ ଜନ୍ମଗ୍ରହଣ କରିଥିବା ସୌମେନ୍ଦ୍ର ୨୦୦୯ ମସିହା କଟକ ମହାନଗର ନିଗମ କାଉନସିଲ ନିର୍ବାଚନରେ ୱାର୍ଡ ନଂ. ୨୧ରୁ ନିର୍ବାଚିତ ହୋଇଥିଲେ। ନିଗମର ଦ୍ୱିତୀୟ ତଥା ପ୍ରଥମ ପୁରୁଷ ମେୟର ଭାବରେ ଶପଥ ନେଇଥିଲେ। ସୌମେନ୍ଦ୍ର ନିଜ କାର୍ଯ୍ୟକାଳ ମଧ୍ୟରେ ନାଳନର୍ଦ୍ଦମା ସଫେଇକୁ ଗୁରୁତ୍ୱ ଦେବା ସହିତ ନୂତନ ଡ୍ରେନେଜ ନିର୍ମାଣ କରି କଟକ ସହରକୁ ଜଳବନ୍ଦୀରୁ ମୁକ୍ତି କରିବାକୁ ପ୍ରଚେଷ୍ଟା କରିଥିଲେ। ତାଙ୍କ ସମୟରେ କଟକ ସହରରେ ସହରୀ ଭିତ୍ତିଭୂମିର ବିକାଶ ହୋଇଥିଲା। ବାଣିଜ୍ୟ ମେଳାର ଆୟୋଜନ ତଥା ସହରର ୱାର୍ଡଗୁଡିକରେ ନାଗରିକ ଭିତ୍ତିଭୂମି ରକ୍ଷଣାବେକ୍ଷଣରେ ଉନ୍ନତି ଆଣିବା ପାଇଁ ସେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଥିଲେ। ଫଳସ୍ୱରୂପ ତାଙ୍କ କାର୍ଯ୍ୟକାଳ ଶେଷ ପରେ ବିଜେଡି ପରବର୍ତ୍ତୀ ସମୟରେ ପୁଣି କଟକ ମହାନଗର ନିଗମ ନିର୍ବାଚନରେ ସଫଳତା ସାଉଁଟିଥିଲା। ଭେଣ୍ଡିଂ ଜୋନ୍ ନିର୍ମାଣ, କଦମ-ଏ-ରସୁଲର ନବୀକରଣ ସହିତ ସହରର ବିଭିନ୍ନ ଐତିହାସିକ ସ୍ଥାନର ନବୀକରଣ ପାଇଁ ସେ ଉଦ୍ୟମ କରିଥିଲେ। କଟକ ସହର ପ୍ରତି ସୌମେନ୍ଦ୍ରଙ୍କ ଭଳି ଜଣେ ଟାଣୁଆ ନେତାଙ୍କ ପରାମର୍ଶ ଆବଶ୍ୟକ ରହିଛି ବୋଲି ମେୟର ସୁବାସ ଭେଟିବା ପରିପ୍ରେକ୍ଷୀରେ କହିଛନ୍ତି। ତାଙ୍କୁ ଭେଟିବା ସମୟରେ କର୍ପୋରେଟର ଚନ୍ଦନ ଜେନା ମଧ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ କାର୍ ଚାଳକ ମୃତ

ଖୁଣ୍ଟୁଣୀ,୧୪।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ପାନିଆମା ଗ୍ରାମ ନିକଟ ୫୫ ନମ୍ବର ଜାତୀୟ ରାଜପଥରେ ଶନିବାର ସନ୍ଧ୍ୟାରେ ଏକ କାର ସହିତ ଅଜଣା ଗାଡି ଧକ୍କା ହେବାରୁ କାର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ କାର୍ ଚାଳକ ରାଉରକେଲା ଅଞ୍ଚଳର ଦୀପକ ରଞ୍ଜନ ପାତ୍ର ବୋଲି ଖୁଣ୍ଟୁଣୀ ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ ଖୁଣ୍ଟୁଣୀ ପଟୁ କଟକକୁ ଯାଉଥିବା କାର୍ ପାନିଆମା ଗ୍ରାମ ନିକଟରେ ଆଗକୁ ହଠାତ ଏକ ଗାଈ ଚାଲି ଆସିବାରୁ ଚାଳକ ଗାଈକୁ ବଞ୍ଚାଇବାକୁ କାରର ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇ ବିପରୀତ ପଟ ରାସ୍ତାକୁ ଚାଲିଯାଇଥିଲା। ସେହି ରାସ୍ତାରେ ଆସୁଥିବା ଏକ ଗାଡି ସହ ଧକ୍କା ହୋଇଥିଲା। ଫଳରେ କାର୍ ଚାଳକ ଦୀପକ ଗୁରୁତର ହୋଇପଡ଼ିଥିଲେ। ଖୁଣ୍ଟୁଣୀ ପୋଲିସ ପହଞ୍ଚି କାର୍ ଚାଳକଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର କାର୍ ଚଳକଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା କାର୍‌କୁ ଜବତ କରିଥିବା ଆଇଆଇସି ସୂଚନା ଦେଇଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡି ଫେରାର ହୋଇଯାଇଛି।

### ରମଜାନ ପାଇଁ ସିଏମ୍‌ସିର ପ୍ରସ୍ତୁତି

କଟକ,୧୪।୨(କୁମାରଶ୍ରୀ)

କଟକ ମହାନଗର ନିଗମ ସମ୍ମିଳନୀ କକ୍ଷରେ ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆସନ୍ତା ପବିତ୍ର ରମଜାନ ମାସକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସହରର ଭିନ୍ନଭିନ୍ନ ଅଞ୍ଚଳରୁ ମୁସଲିମ ସମ୍ପ୍ରଦାୟର ଲୋକ ଯୋଗଦେଇଥିଲେ। ମୁସଲିମ ସମ୍ପ୍ରଦାୟ ବାସ କରୁଥିବା ଅଞ୍ଚଳ, ମସଜିଦ ଆଖପାଖ ଅଞ୍ଚଳର ରାସ୍ତାଘାଟ ମରାମତି, ପରିମଳ, ନାଳନର୍ଦ୍ଦମାର ସଫେଇ, ସ୍ୱଚ୍ଛତା, ଆଲୋକୀକରଣ, ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ବାବଦରେ ଆଲୋଚନା ହୋଇଥିଲା। ଏ ଦିଗରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ମେୟର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ, କମିଶନର କିରଣ ଦୀପ କୌର ସାହୋତା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ପ୍ରଦୀପ କୁମାର ରାଉତ, ଏ. ଶ୍ରୀଦେବୀ, ଦୀପ୍ତିମୟୀ ମୂଳିଆ, ମୋନାଲିସା ଦାସ, ପ୍ରଳୟା ବେଉରା ପ୍ରମୁଖ ଉପସ୍ଥିତ ଥିଲେ।



ସିଡିଏ ସେକ୍ଟର-୧୧ସ୍ଥିତ କୋକୋ ସିଏନ୍‌ଜି ଷ୍ଟେଶନଠାରେ ଶନିବାର ଅନୁଷ୍ଠିତ ସିଏନ୍‌ଜି ଅଟୋ ରିକ୍ସା ରାଲିକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି । (ଫଟୋ: ରାଜକିଶୋର ମହାନ୍ତି)

# ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର

ମଙ୍ଗୁଳି-ଜଗତପୁର,୧୪।୨(ମାନସ ସାମଲ)

**ନ୍ୟାୟ ନ ପାଇ ଚାଷୀ ଫାଣ୍ଡିରେ ବିଷ ପିଇବା ଘଟଣା**

- ୪ ଦିନ ପରେ ଚେତାଶୂନ୍ୟ ହେଲେ ଚାଷୀ
- ୪ ଦିନ ପରେ ବି ସିସିଟିଭି ଯାଞ୍ଚ ହେଲାନି

କଟକ ଜିଲା ଜଗତପୁର ଥାନା ଅଧୀନ ପାଗା ଫାଣ୍ଡିରେ ମଙ୍ଗଳବାର ରାମେଶ୍ୱର ପଞ୍ଚାୟତ ଚାହାପଡା ଗ୍ରାମର ଚକ୍ରଧର ପରିଡା ନାମକ ଚାଷୀ ନ୍ୟାୟ ନ ପାଇ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରି ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଧରିତ୍ରୀରେ ଖବର ପ୍ରକାଶ ପରେ ଚକ୍ରଧରଙ୍କ ଚିକିତ୍ସା ଖର୍ଚ୍ଚ ପୋଲିସ ବହନ କରିଥିଲା। କିନ୍ତୁ ପୋଲିସ ଓ ଚିକିତ୍ସାରେ ଅବହେଳା ପାଇଁ ଘଟଣାର ୪ ଦିନ ପରେ ଚକ୍ରଧର ଚେତାଶୂନ୍ୟ ହୋଇପଡିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଖବର ପ୍ରଚାର ହେବା ପରେ ଜଗତପୁର ଥାନା ଅଧିକାରୀ ଓ ଜୋନ୍ ୧ ଏସିପି ଅରୁଣ କୁମାର ସ୍ୱାଇଁ ଘରୋଇ ଚିକିତ୍ସାଳୟରେ ପହଞ୍ଚି ଚକ୍ରଧରଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହିତ ଆଲୋଚନା କରି ଫେରିଯାଇଛନ୍ତି। ସୂଚନା ମୁତାବକ, ଗତ ଜାନୁଆରୀ ୧୨ରେ ୧୨ ବସ୍ତା ଧାନ ଚୋରି ହୋଇଥିବା ନେଇ ଚକ୍ରଧର ପାଗା ଫାଣ୍ଡିରେ ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ ମାମଲା ରୁଜୁ କରି ନ ଥିଲା। ଫାଣ୍ଡି ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ ନ କରି ବାରମ୍ବାର ଚକ୍ରଧର ଓ ପୁଅ ନରେନ୍ଦ୍ରଙ୍କୁ ଥାନାକୁ ଡାକି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ପୁଅ ନରେନ୍ଦ୍ର ଗଣମାଧ୍ୟମରେ ପ୍ରକାଶ କରିଥିଲେ। ଫାଣ୍ଡି ଅଧିକାରୀ ଚକ୍ରଧର ଓ ପୁଅ ନରେନ୍ଦ୍ରଙ୍କୁ ଗାଳିଗୁଲଜ କରି ଆପୋସ ସମାଧାନ କର ନଚେତ ମିଛ କେସ୍‌ରେ ଫସେଇଦେବି ବୋଲି କହିବାରୁ ସେ ନିରାଶ ହୋଇ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ। ଜଗତପୁର ଥାନା ଅଧିକାରୀ ପ୍ରଶାନ୍ତ ସାସମଲଙ୍କୁ ପଚାରିବାରୁ ଫାଣ୍ଡିର ସିସିଟିଭି ଯାଞ୍ଚ ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। କିନ୍ତୁ ଘଟଣାର ୪ଦିନ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଏ ନେଇ ଜୋନ୍ ୧ ଏସ୍‌ପି ଅରୁଣ କୁମାର ସ୍ୱାଇଁ କହିଛନ୍ତି, ଚକ୍ରଧର ବିଷ ପିଇବା କ'ଣ ଠିକ ଥିଲା କି, ଫାଣ୍ଡି ଅଧିକାରୀ ଯଦି ନ୍ୟାୟ ନ ଦେଲେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବାର ଥିଲା। ତଦନ୍ତ ପରେ ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପ୍ରଥମ ଆଡଭୋକେଟ୍ ଜେନେରାଲ ଅଫିସ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କଟକ,୧୪।୨(କାର୍ତ୍ତିକ ସାହୁ)

କଟକ ସହର ଉପକଣ୍ଠ ନିମପୁର ଖେଳପଡ଼ିଆରେ ପ୍ରଥମ ଆଡଭୋକେଟ୍ ଜେନେରାଲ ଅଫିସ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସୂଚନାନୁସାରେ, ଟୁର୍ନାମେଣ୍ଟରେ ଆଡ୍‌ଭୋକେଟ୍ ଜେନେରାଲ କାର୍ଯ୍ୟାଳୟର ଅଫିସର ଓ କର୍ମଚାରୀଙ୍କୁ ନେଇ ୧୮ ଜଣିଆ ଖେଳାଳି ବିଶିଷ୍ଟ ୮ଟି ଟିମ୍ ଗଠନ କରାଯାଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ସନ୍ ରାଇଜର୍ସ ଏକାଦଶର ୧୧୮/୩ ରନ୍ ଜବାବରେ ଡାଇମଣ୍ଡ ୱାରିୟର୍ ୬.୫ ଓଭରରେ ୩ ଉଇକେଟ୍ ହରାଇ ୧୧୯ ରନ୍ କରି ବିଜୟୀ ହୋଇଛି। ସେହିପରି ୨ୟ ମ୍ୟାଚ୍‌ରେ ରୟାଲ ଟାଇଗର ଦଳର ୮୧/୭ ରନ୍ ଜବାବରେ ଟେକ୍ ୱାରିୟର ଦଳ ୬.୩ ଓଭରରେ ଗୋଟିଏ ଉଇକେଟ୍ ହରାଇ ବିଜୟ ହାସଲ କରିଥିଲା। ୩ୟ ମ୍ୟାଚ୍‌ରେ ଗୋଲ୍ଡେନ ୱାରିୟର ଦଳର ୬୯/୬ ରନ୍‌କୁ ପିଛା କରି ଡ୍ରାଗନ ୱାରିୟର ଦଳ ୭ ଉଇକେଟ୍ ହରାଇ ୭୦ ରନ୍ କରି ବିଜୟୀ ହୋଇଛି। ଅନ୍ତିମ ମ୍ୟାଚରେ ସୁପର ପାୱାର ୱାରିୟର ଦଳ ୧୧୪/୫ ରନ୍‌ର ପିଛା କରି ବ୍ଲୁ ଏକାଦଶ ୱାରିୟର ୪ ଉଇକେଟ୍‌ରେ ୯୧ ରନ୍ କରି ୨୩ ରନ୍‌ରେ ପରାସ୍ତ ହୋଇଥିଲା। ଏହାର ପରବର୍ତ୍ତୀ ମ୍ୟାଚ୍ ବାରବାଟୀରେ ଖେଳାଯିବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

# ଜଣେ ଆଇଏଏସ୍ ଅଧିକାରୀ କିଭଳି ପ୍ରୋଟୋକଲ ଭୁଲିଗଲେ: ଦେବାଶିଷ

କଟକ,୧୪।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକରେ ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କୁ ନିମନ୍ତ୍ରଣ କରା ନ ଯିବା ଓ ଫଳକରେ ନାଁ ନ ରହିବା ଘଟଣା ନେଇ ରାଜ୍ୟ ସଭାରେ ଉକ୍ତ ପ୍ରସଙ୍ଗ ଉଠାଇଥିଲେ ଦେବାଶିଷ ସାମନ୍ତରାୟ। ଏହି ପ୍ରସଙ୍ଗ ନେଇ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ତଥା ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ୭ଜଣ ରାଜ୍ୟ ସଭା ସଦସ୍ୟ ଦାବିପତ୍ର ଦେଇଥିଲେ। ଉକ୍ତ ପ୍ରସଙ୍ଗରେ ଦେବାଶିଷ ଶନିବାର କଟକସ୍ଥିତ ଆବାସିକ କାର୍ଯ୍ୟାଳୟରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପୂର୍ବରୁ କାର୍ଯ୍ୟକ୍ରମର ଉଦ୍‌ଘାଟନ ସମୟରେ ମୋତେ ନିମନ୍ତ୍ରଣ କରିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପୂର୍ବରୁ ମୋତେ ଅଭିଭାଷଣ ଦେବା ନେଇ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଥିଲେ। ହେଲେ ଏବେ କେଉଁଠି ସମସ୍ୟା ତାଙ୍କର ରହିଲା ଜାଣିହେଉନାହିଁ। କାର୍ଯ୍ୟକ୍ରମରେ କଂଗ୍ରେସ ଓ ଭାଜପାର ବିଧାୟକମାନେ ଉପସ୍ଥିତ ଥିବାବେଳେ ଏହି ନିମନ୍ତ୍ରଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ କୌଣସି ତ୍ରୁଟି ରହିନାହିଁ। କିନ୍ତୁ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ତାଙ୍କ ଗୃହର ସଦସ୍ୟଙ୍କୁ ଜିଲାପାଳ ଜାଣତରେ ଅଣଦେଖା କରିଛନ୍ତି। ଏପରିକି ଏକ ଗାଇଡ୍‌ଲାଇନ ମଧ୍ୟ ରହିଛି, ଯେଉଁଥିରେ ଏମ୍‌ପି ଓ ବିଧାୟକ କୌଣସି ଜିଲାପାଳଙ୍କ କାର୍ଯ୍ୟାଳୟ ଯାଆନ୍ତି ତେବେ ଜିଲାପାଳ ଏମ୍‌ପି ଓ ବିଧାୟକଙ୍କୁ ସ୍ୱାଗତ କରିବା ସହ ତାଙ୍କୁ ସସମ୍ମାନର ସହ ଛାଡ଼ିବେ। ହେଲେ ଜଣେ ଆଇଏଏସ୍ ଅଧିକାରୀ ହୋଇ କିପରି ପ୍ରୋଟୋକୋଲ ଭୁଲିଗଲେ ବୋଲି ସେ କହିଛନ୍ତି। ଗତ ୨୫ ବର୍ଷର ସରକାର ସମୟରେ ବହୁ ଜିଲାପାଳ କଟକରେ କାମ କରିଛନ୍ତି। ହେଲେ ଏଭଳି ପୂର୍ବରୁ କେହି ଲୋକପ୍ରତିନିଧିଙ୍କୁ ଅଣଦେଖା କରିନାହାନ୍ତି। ଜିଲାପାଳ କୌଣସି ନିମନ୍ତ୍ରଣ ଦେଇନାହାନ୍ତି କିମ୍ବା ମୋତେ ବ୍ୟକ୍ତିଗତ ଭାବେ କୌଣସି ଫୋନ କରିନାହାନ୍ତି ବୋଲି ସେ କହିଛନ୍ତି।

# ପ୍ଲାଷ୍ଟିକ୍‌ମୁକ୍ତ ବଣଭୋଜିସ୍ଥଳ ଆହ୍ୱାନ ଅଭିଯାନ

କଟକ,୧୪।୨(କାର୍ତ୍ତିକ ସାହୁ)



ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକମୁକ୍ତ ସଚେତନତା ନେଇ ଶୋଭାଯାତ୍ରାରେ ବାହାରିଛନ୍ତି।

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, କଟକ ବନାଞ୍ଚଳ, ନଗର ବନଖଣ୍ଡ, ଭୁବନେଶ୍ୱର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ କଟକସ୍ଥିତ ଜୋବ୍ରା ପାର୍କଠାରେ ପ୍ଲାଷ୍ଟିକ୍‌ମୁକ୍ତ ବଣଭୋଜିସ୍ଥଳ ଆହ୍ୱାନ ଅଭିଯାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କାଳିଆବୋଦାସ୍ଥିତ କମଳାକାନ୍ତ ବିଦ୍ୟାପୀଠରୁ ସ୍କୁଲର ଛାତ୍ରୀଛାତ୍ରମାନେ ବ୍ୟାନର, ପ୍ଲାକାର୍ଡ ଧରି, ସ୍ଲୋଗାନ ଦେଇ ପ୍ରଚାର କରି ଜୋବ୍ରା ପାର୍କ ପର୍ଯ୍ୟନ୍ତ ଯାଇ ସେଠାରେ ଏବଂ ପରେ ସ୍କୁଲ ପରିସର ମଧ୍ୟରେ ଏକକ ବ୍ୟବହାର ପ୍ଲାଷ୍ଟିକ ଆବର୍ଜନାଗୁଡ଼ିକୁ ସଫା କରିଥିଲେ। ଏହାପରେ ବିଦ୍ୟାପୀଠ ସଭାଗୃହରେ ଏକ ସଭା ହୋଇଥିଲା। ବକ୍ତା ଭାବେ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକମୁକ୍ତ ପରିବେଶ ଗଠନ ଦିଗରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ନଗର ବନଖଣ୍ଡର ସହ ବନ ସଂରକ୍ଷକ ସିଦ୍ଧାର୍ଥ ଶଙ୍କର ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର୍ ସହ ବୈଜ୍ଞାନିକ ଡ. ଶୁଭାଶିଷ ମାହାରୀ, କମଳାକାନ୍ତ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଦର୍ଶିନୀ ନନ୍ଦ ଯୋଗଦେଇ ପରିବେଶ ଉପରେ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ଆବର୍ଜନାଗୁଡ଼ିକର କୁପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। କଟକ ବନାଞ୍ଚଳର ବନାଞ୍ଚଳ ଅଧିକାରିଣୀ ଶର୍ମିଳୀ ନାଏକ ସଭା ପରିଚାଳନା କରିଥିଲେ। ସ୍କୁଲର ଛାତ୍ରୀଛାତ୍ର, କର୍ମଚାରୀ ତଥା ବନ କର୍ମଚାରୀମାନେ ଉପସ୍ଥିତ ଥିଲେ। ବନପାଳ ରାକେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ହାଇୱାରୁ ବ୍ୟାଟେରି ଚୋରି, ଥାନାରେ ଅଭିଯୋଗ

ବାରଙ୍ଗ, ୧୪।୨ (ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଗୋଡିସାହି ଫାଣ୍ଡି ଅଞ୍ଚଳରେ ହାଇୱାରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତ୍ରିରେ ପଦ୍ମନାଭନଗର ପେଟ୍ରୋଲ ପମ୍ପ ପଛପଟେ ଥିବା ଏକ ଗ୍ୟାରେଜରେ ରହୁଥିବା ରାମଚନ୍ଦ୍ର ସ୍ୱାଇଁଙ୍କର ୩ଟି ହାଇୱାରୁ ୬ଟି ବ୍ୟାଟେରି ଚୋରି ହୋଇଛି। ଶନିବାର ସକାଳେ ରାମଚନ୍ଦ୍ର ଗ୍ୟାରେଜକୁ ଆସିବା ପରେ ଗାଡ଼ିରୁ ବ୍ୟାଟେରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ ବୋଲି ରାମଚନ୍ଦ୍ର କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## 'ଔଷଧର ପ୍ରସ୍ତୁତି ମୂଲ୍ୟ ଉପରେ ବିକ୍ରି ଦର ନିର୍ଦ୍ଧାରଣ କରାଯାଉ'




### ଏଫ୍ଏମ୍ଆର୍ଏଆଇର ସର୍ବଭାରତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୨ (ବନ୍ଦନା ସେଠୀ)

ଫେଡେରେଶନ ଅଫ୍ ମେଡିକାଲ ଆଣ୍ଡ୍ ସେଲ୍ସ ରିପ୍ରେଜେଣ୍ଟେଟିଭ୍ସ ଆସୋସିଏଶନ୍ ଅଫ୍ ଇଣ୍ଡିଆ (ଏଫ୍ଏମ୍ଆର୍ଏଆଇ)ର ସର୍ବଭାରତୀୟ ସମ୍ମିଳନୀ ଶୁକ୍ରବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀରେ ସଂଘର ସର୍ବଭାରତୀୟ ନେତୃବୃନ୍ଦ ଏବଂ ପଦାଧିକାରୀ ଯୋଗଦେଇ ଔଷଧ ଶିଳ୍ପ ବିକ୍ରେତା ପ୍ରତିନିଧିଙ୍କ ଉପରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ଉପରେ ଆଲୋଚନା କରିଥିଲେ। ସଭାପତି କ୍ରିଷ୍ଣାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଭ୍ୟର୍ଥନା କମିଟି ଅଧକ୍ଷ ସଞ୍ଜୀବ ଚନ୍ଦ୍ର ହୋତା ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମାନଙ୍କୁ ସମ୍ବୋଧନ କରିଥିଲେ। ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ଜ୍ଞାନ ଶଙ୍କର ମଜୁମଦାର ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ସଂହିତାକୁ ଶ୍ରମିକ ବିରୋଧୀ କହି ବିରୋଧ କରିଥିଲେ। ଏଥିସହ ଔଷଧର ପ୍ରସ୍ତୁତି ମୂଲ୍ୟ ଉପରେ ଔଷଧର ବିକ୍ରି ଦର ନିର୍ଦ୍ଧାରଣ କରିବା ପାଇଁ ଦାବି କରିଥିଲେ। ଏ ଫ୍ ଏ ମ୍ ଆ ର୍ ଏ ଆ ଇ ର ସାଧାରଣ ସମ୍ପାଦକ ସାଥୀ ପାର୍ଥ ରକ୍ଷିତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୌଶିକ ରାୟ ଚୌଧୁରୀ ବାର୍ଷିକ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ୩ଦିନ ଧରି ଏହି ସମ୍ମିଳନୀ ଚାଲିବ ବୋଲି ସୂଚନା ଦିଆଯାଇଛି।

## ସୁରକ୍ଷା ବଳୟରେ ଲିଙ୍ଗରାଜ ମନ୍ଦିର



ଭୁବନେଶ୍ୱର, ୧୪।୨ (ତ୍ରିନାଥ ମହାନ୍ତି)

- ମୁତୟନ ହେବେ ୪୧ ପ୍ଲାଟୁନ୍ ଫୋର୍ସ
- ଜାଲ ପାସ୍ ଧରାପଡ଼ିଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ: ସିପି
- ମନ୍ଦିର ପ୍ରଶାନ ପକ୍ଷରୁ ସେବାୟତଙ୍କୁ ପାସ୍ ଦିଆଯାଇଛି

ଜାଗର ଯାତ୍ରା ଓ ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ହୋଇଉଠିଛି ଲିଙ୍ଗରାଜ ମନ୍ଦିର। ମନ୍ଦିର ଏବଂ ଏହାର ପରିସରକୁ ସଜାଇ ଦିଆଯାଇଛି। ରାତି ୧୦ଟାରେ ବାବା ଲିଙ୍ଗରାଜ ପ୍ରଭୁଙ୍କ ମହାଦୀପ ଉଠିବ। ଲକ୍ଷାଧିକ ଲୋକଙ୍କ ସମାଗମକୁ ନଜର ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାକୁ ଧ୍ୟାନ ଦିଆଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ଉଭୟ ମନ୍ଦିର ବାହାରେ ଓ ଭିତରେ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି। ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଆଖି ଆଗରେ ରଖି ୪୧ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଟ୍ରାଫିକ ପରିଚାଳନାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ଟ୍ରାଫିକ ପରିଚାଳନା ଲାଗି କଟକଣା ଜାରି କରାଯାଇଥିବାବେଳେ ଗାଡ଼ି ରଖିବା ଲାଗି ମୋଟ ୧୨ଟି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। ସେପଟେ ମହାଶିବରାତ୍ରିରେ ଜାଲ୍ ପାସ୍ ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଆଗୁଆ ସତର୍କ କରିଛନ୍ତି। ସେ କହିଛନ୍ତି, ପାସ ବିକ୍ରି ନେଇ ସୋସିଆଲ ମିଡିଆ କଥାକୁ ଗ୍ରହଣ କରନ୍ତୁ ନାହିଁ। ମନ୍ଦିର ପ୍ରଶାସନ ପକ୍ଷରୁ କେବଳ ସେବାୟତଙ୍କୁ ପାସ ଦିଆଯାଇଛି। ପାସ୍‌ରେ କ୍ୟୁଆର୍ କୋଡ୍ ବ୍ୟବସ୍ଥା କରାଯାଇଛି। ଜାଲ୍ ପାସ୍ ନେଇ କିଛି ସେବାୟତ ସିପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ଏଭଳି ପାସ୍ ବିକ୍ରି ହେଉ ନ ଥିବା ସିପି କହିବା ସହ ଯେଉଁମାନେ ନକଲି ପାସ୍ ଧରି ଭିତରକୁ ପଶିଥିବା ଧରାପଡ଼ିବେ, ସେମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସିପି କହିଛନ୍ତି।

## ମହାଶିବରାତ୍ରୀ, ଜାଗରଯାତ୍ରା

ଭୁବନେଶ୍ୱର, ୧୪।୨ (ସୌମ୍ୟରଞ୍ଜନ ରାଉତ)

ପବିତ୍ର ମହାଶିବରାତ୍ରୀରେ ବିଭିନ୍ନ ଶୈବାଳୟରେ ଶୃଙ୍ଖଳିତ ଦର୍ଶନ ସହ ପୂଜାର୍ଚ୍ଚନା ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ପୋଲିସ ଓ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ୟୁନିଟ-୮ ଜଳେଶ୍ୱର ମନ୍ଦିରରେ ସକାଳୁ ଭକ୍ତଙ୍କ ପ୍ରବଳ ଗହଳି ଲାଗୁଥିବାରୁ ମନ୍ଦିରରେ ବାଉଁଶ ବ୍ୟାରିକେଡ୍ କରାଯାଇ ଧାଡ଼ି ଦର୍ଶନ ବ୍ୟବସ୍ଥା ହୋଇଛି। ସେହିପରି ଖଣ୍ଡଗିରି ଅଞ୍ଚଳରେ ଥିବା ଦ୍ୱାଦଶ ଶିବଲିଙ୍ଗ ମନ୍ଦିର, ବାବା ବାଲୁଙ୍କେଶ୍ୱର, ନୀଳକଣ୍ଠେଶର, ପଞ୍ଚଲିଙ୍ଗେଶର, କଳିଙ୍ଗବିହାର ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ରାତି ୧୦ଟା ୩୦ରେ ମହାଦୀପ ଉଠିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଗଣ୍ଡମୁଣ୍ଡା, ପଞ୍ଚସଖାନଗର ବେଲେଶ୍ୱର, ଜାଗମରା, ଡୁମୁଡୁମା, ବରମୁଣ୍ଡା, ଘାଟିକିଆ, ଆଇଗିଣିଆ, ସରକନ୍ତରା, ପାତ୍ରପଡ଼ା, ନୟାପଲ୍ଲୀ, ମେଘେଶ୍ୱର, ବ୍ରହ୍ମେଶ୍ୱର ସମେତ ଅନ୍ୟାନ ମନ୍ଦିରରେ ବ୍ୟାପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେତେକ ସ୍ଥାନରେ ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରସାଦ ସେବନାର ଆୟୋଜନ କରାଯାଇଛି।



ଖୋର୍ଦ୍ଧା ଜଟଣୀ ହାଟବଜାର ଗୋପୀନାଥପୁରର ସୂକ୍ଷ୍ମ କଳାକାର ଶିଳ୍ପୀ ଏଲ୍.ଈଶ୍ୱର ରାଓ ଚକ୍ ଖଡ଼ିରେ କେଦାରନାଥ ମନ୍ଦିର ପ୍ରସ୍ତୁତ କରି ମହାଶିବରାତ୍ରୀର ଶୁଭେଚ୍ଛା ଜଣାଇଛନ୍ତି। ଏହି ମନ୍ଦିର ଉଚ୍ଚତା ୭ ଇଞ୍ଚ, ଚଉଡ଼ା ସାଢ଼େ ୩ଇଞ୍ଚ ରହିଛି। ଏଥିଲାଗି ତାଙ୍କୁ ୩ଦିନ ସମୟ ଲାଗିଥିବା ଈଶ୍ୱର କହିଛନ୍ତି।

## ଅଜଗର ଛୁଆ ଉଦ୍ଧାର



ବାରଙ୍ଗ, ୧୪।୨ (ଲିଙ୍ଗରାଜ ରାଉତ)

ରାମଦାସପୁର ପଞ୍ଚାୟତର ରତାଗଡ ଗ୍ରାମ ନିକଟରୁ ଗୋଟିଏ ଅଜଗର ଛୁଆକୁ ଉଦ୍ଧାର କରାଯାଇଛି। ପରେ ତାକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଶନିବାର ସକାଳ ପ୍ରାୟ ସାଢେ ୯ଟାରେ ରତାଗଡ ଗ୍ରାମ ନିକଟସ୍ଥ ଏକ ଇଟାଭାଟିରେ ଶ୍ରମିକମାନେ କାମ କରୁଥିଲେ। ସାପଟି ଚାଲିଆସି ଇଟାଭାଟିର ଏକ ଖାଲରେ ରହିଯାଇଥିଲା। ଏହା ଶ୍ରମିକଙ୍କ ନଜରକୁ ଆସିବା ପରେ ସେମାନେ ଏହା ଦେଖି ସ୍ଥାନୀୟ ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କୁ ସୂଚନା ଦେଇଥିଲେ। ୨ଜଣ ସଦସ୍ୟ ଆସି ଘଟଣାସ୍ଥଳରୁ ଅଜଗର ଛୁଆକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଡମପଡ଼ା ଅଭୟାରଣ୍ୟ ଅଧିକାରୀଙ୍କୁ ଅବଗତ କରାଇ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡିଛି। ଖାଦ୍ୟ ଅନ୍ୱେଷଣରେ ସାପଟି ଇଟାଭାଟିକୁ ଚାଲି ଆସିଥିବା କୁହାଯାଉଛି।

## ପୁଲ୍‌ୱାମା ଶହୀଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନେଶ୍ୱର, ୧୪।୨ (ସୁଚିସ୍ମିତା ସାହୁ)

ପୁଲ୍‌ୱାମାରେ ୨୦୧୯ ଫେବୃୟାରୀ ୧୪ରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ସ୍ମୃତିରେ ପଟିଆ ଇନ୍‌ଫୋସିଟି ଛକରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। କ୍ୟାଣ୍ଡେଲ ଶୋଭାଯାତ୍ରାକୁ ଯୁବନେତା ଅମିୟ ନାୟକ ଓ ତାପସ ଦେ' ପରିଚାଳନା କରିଥିଲେ। ଏଥିରେ ବହୁ ସାମାଜିକ କର୍ମୀ, ଯୁବ, ଛାତ୍ର ନେତୃତ୍ୱମାନେ ସାମିଲ ହୋଇ ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋଭାଯାତ୍ରାରେ ଅଂଶଗ୍ରହଣକାରୀମାନେ ହାତରେ ପ୍ରଦୀପ ଧରି ଶହୀଦ ଅମର ରହେ ଧ୍ୱନିରେ ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବନେତା ନଳିନୀକାନ୍ତ ନାୟକ ଓ ମୀର ଅହମ୍ମଦ ଅଲ୍ଲୀ ଯୋଗଦେଇ ଦେଶର ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ଯବାନଙ୍କ ପରିବାରଙ୍କ ପ୍ରତି ସହାନୁଭୂତି ସହ ଶହୀଦଙ୍କ ତ୍ୟାଗ ଓ ବଳିଦାନ ଦେଶବାସୀଙ୍କୁ ସଦା ପ୍ରେରଣା ଦେବ ଓ ଯୁବପିଢ଼ିଙ୍କୁ ଦେଶପ୍ରେମର ମୂଲ୍ୟ ବୁଝାଇବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତିରଞ୍ଜନ ମଲ୍ଲ, ଆଦିତ୍ୟ ରାଉତ, ସ୍ୱସ୍ତିକ ବିଶୋଇ, ବିଶ୍ୱଜିତ ପଣ୍ଡା, ଚନ୍ଦା ଚୌହାନ, ପ୍ରିୟଙ୍କା ମଣ୍ଡଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




ପୁଲ୍‌ୱାମା ଶହୀଦଙ୍କ ସ୍ମୃତିରେ ଇନ୍‌ଫୋସିଟି ଛକରେ ଅନୁଷ୍ଠିତ କ୍ୟାଣ୍ଡେଲ ଶୋଭାଯାତ୍ରା।

## ୱାନ୍ ମ୍ୟାନ୍ ଆର୍ମି ଚୋର

### ୮୧ ଗ୍ରାମର ସୁନା ଅଳଙ୍କାର ଲୁଟିନେଲେ

ଭୁବନେଶ୍ୱର, ୧୪।୨ (ତ୍ରିନାଥ ମହାନ୍ତି)

ରାଜଧାନୀରେ ୱାନ୍ ମ୍ୟାନ୍ ଆର୍ମି ଚୋର। ଏକୁଟିଆ ଆସି ଘରେ ପଶି ଲକ୍ଷ ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଉଛନ୍ତି। ଖଣ୍ଡଗିରି ଅଞ୍ଚଳର ଏକାଧିକ ଘରୁ ସେ କଳାକନା ବୁଲାଇଲେଣି। ଡୁମୁଡୁମା ରଣସିଂହପୁରରେ ଗ୍ରାମର ମାନବେନ୍ଦ୍ର ବିଶୋଇଙ୍କ ଘରୁ ପ୍ରାୟ ୮୧ ଗ୍ରାମ ସୁନା ଅଳଙ୍କାର ସହ ୨୦ହଜାର ଟଙ୍କା ଚୋରି ହୋଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ଚୋର ଏକାକି ଚୋରି କରି ଚମ୍ପଟ ମାରୁଥିବାରୁ ପୋଲିସ ଧରିବାରେ ବିଫଳ ହେଉଛି। ଅଭିଯୁକ୍ତ ଗଞ୍ଜାମ କିମ୍ବା ନୟାଗଡ଼ର ହୋଇଥିବା ପୋଲିସ ସନ୍ଦେହ କରିବା ସହ ଏକାଧିକ ଚୋରିର ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

## ଲୁଲୁ ମହାପାତ୍ରଙ୍କ ଜୟନ୍ତୀ, ଗୋଶାଳାକୁ ବ୍ୟାଟେରି ଅଟୋ ପ୍ରଦାନ

ଭୁବନେଶ୍ୱର, ୧୪।୨ (ସୁଚିସ୍ମିତା ସାହୁ)

ଏ. କେ. ଦାସ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ରାଜନେତା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଓରଫ ଲୁଲୁ ମହାପାତ୍ରଙ୍କ ୬୨ତମ ଜୟନ୍ତୀ ଶନିବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଯୁବ ସେନା ଗୋଶାଳାଠାରେ ଆୟୋଜିତ ହୋଇଥିଲା। ଲୁଲୁଙ୍କ ଦାମ୍ଭିକତା, ନିର୍ଭୀକତା, ଅପ୍ରିୟ ସତ କହିବାର ସାହସ ଓ ରାଜନୀତିରେ ଦୁଃସାହସିକତା ପ୍ରଦର୍ଶନ କରିବାର ପ୍ରବଣତା ଅନନ୍ୟ ପ୍ରେରଣା ପ୍ରଦାନ କରିଥିଲା। ଛାତ୍ର ସଂଗଠନର ଦାୟିତ୍ୱ ନେଇ ଛାତ୍ର ସମାଜକୁ ଆଗେଇ ନେବାରେ ଲୁଲୁଙ୍କର ରହିଥିଲା ବଡ଼ ଭୂମିକା। ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ତାଙ୍କ ସହ ଯୋଡି ହୋଇ ରହିଥିଲେ ବୋଲି ଅମୀୟ ଦାସ କହିଛନ୍ତି। ଲୁଲୁ ମହାପାତ୍ରଙ୍କ ସହ ଛାତ୍ର ଜୀବନରୁ ଜଡିତ ଥିବା ଅମିୟ ପ୍ରତିବର୍ଷ ତାଙ୍କ ଜୟନ୍ତୀକୁ ସ୍ମରଣୀୟ ଭାବେ ପାଳନ କରନ୍ତି। ଚଳିତ ବର୍ଷ ସେ ଏକ ବ୍ୟାଟେରି ଚାଳିତ ଅଟୋ କଳିଙ୍ଗ ଯୁବ ସେନାକୁ ପ୍ରଦାନ କରିଛନ୍ତି। ୩୬୫ଦିନ ଅସହାୟ ଗୋମାତାଙ୍କୁ ଖାଦ୍ୟ ବଣ୍ଟନ କରିବା ଏବଂ ଆଘାତପ୍ରାପ୍ତ ବୁଲା ଗୋମାତାଙ୍କୁ ଗୋଶାଳା ଆଣି ମାଗଣା ଚିକିତ୍ସା ଯୋଗାଇଦେବା, ଗୋବର ଗଣେଶ, ଗୋବର ଡଙ୍ଗା ଭଳି ଅନେକ କାର୍ଯ୍ୟ କଳିଙ୍ଗ ଯୁବ ସେନା ନିଜ ହାତକୁ ନେଇଛି। ଏହି ବ୍ୟାଟେରି ଚାଳିତ ଅଟୋ ଆସିବା ଦ୍ୱାରା ଖାଦ୍ୟ ବଣ୍ଟନଠାରୁ ଆରମ୍ଭ କରି ଅନେକ ସେବା କାର୍ଯ୍ୟରେ ସହାୟକ ହେବ ବୋଲି କଳିଙ୍ଗ ଯୁବ ସେନାର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଦାସ କହିଛନ୍ତି।

## ପଞ୍ଚାନନ, ସଂଘମିତ୍ରାଙ୍କୁ 'ଜଗବନ୍ଧୁ ସିଂହ ସମ୍ମାନ'

### ସାହିତ୍ୟିକ ଜଗବନ୍ଧୁ ସିଂହଙ୍କ ୧୫୦ତମ ଜୟନ୍ତୀ

ଭୁବନେଶ୍ୱର, ୧୪।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସାହିତ୍ୟ ଏକାଡେମୀ ଓ ଜଗବନ୍ଧୁ ସିଂହ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସାହିତ୍ୟିକ ଜଗବନ୍ଧୁ ସିଂହଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଶନିବାର ବୁଦ୍ଧମନ୍ଦିରଠାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଜଗନ୍ନାଥ ସଂସ୍କୃତି ଗବେଷକ ଡ. ପ୍ରଫୁଲ୍ଲ କୁମାର ସାହୁ, ସାହିତ୍ୟିକ ସୁରେଶ କୁମାର ନାୟକ, ସାହିତ୍ୟିକ ଦେବେନ୍ଦ୍ର ମାନସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ପଞ୍ଚାନନ ମହାନ୍ତିଙ୍କୁ 'ଜଗବନ୍ଧୁ ସିଂହ ସ୍ମୃତି ସମ୍ମାନ' ଓ ଲେଖିକା ଡ. ସଂଘମିତ୍ରା ଭଞ୍ଜଙ୍କୁ 'ଜଗବନ୍ଧୁ ସିଂହ ଯୁବ ଗବେଷକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଜଗବନ୍ଧୁ ସିଂହ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜଗବନ୍ଧୁ ସିଂହଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ୮ ମିନିଟ୍‌ର ଏକ ବୃତ୍ତଚିତ୍ର ଉପସ୍ଥାପନ କରାଯାଇଥିଲା। 'ଧାରା ଶ୍ରୀରାଧା ଟ୍ରଷ୍ଟ' ପକ୍ଷରୁ ଜଗବନ୍ଧୁ ସିଂହଙ୍କ ଲିଖିତ 'ପ୍ରାଚୀନ ଉତ୍କଳ', ୩ଖଣ୍ଡ ଗୃହଲକ୍ଷ୍ମୀ ଓ ପ୍ରବନ୍ଧସାର ପୁସ୍ତକଗୁଡିକର ପୁନଃ ପ୍ରକାଶିତ କରାଯାଇଛି। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଓ ଉପସଚିବ ସଞ୍ଜୟ ଛୁଆଳ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଶନିବାର ସୂଚନା ଭବନଠାରେ 'ଭୁବନେଶ୍ୱର ସାହିତ୍ୟ ପର୍ବ'ର ଉଦ୍‌ଘାଟନ ଅବସରରେ ଅତିଥିମାନେ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**MCL** ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5286

**छत्तीसगढ़ शासन वन विभाग, बलरामपुर वनमण्डल, बलरामपुर (छत्तीसगढ़)**

**नीलाम सूचना**

सर्व साधारण को सूचनार्थ प्रकाशित किया जाता है कि बलरामपुर वनमंडल के अन्तर्गत काष्ठागार वाड्रफनगर में रखी इमारती लकड़ी / जलाऊ काष्ठ को निम्नलिखित तिथि व समय में ई-ऑक्शन द्वारा निर्वर्तन किया जाना है। इच्छुक व्यापारि ई-ऑकसन में अवश्य भाग लेवें। ई-ऑक्शन की शर्ते एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार वाड्रफनगर से प्राप्त कर सकते है।

डिपो का नाम - काष्ठागार वाड्रफनगर
ई-नीलाम दिनांक - 25.02.2026
समय - प्रातः 09.00 बजे से

| क्र. | वनोपज का विवरण | नया काष्ठ लट्ठा घ.मी. | नया काष्ठ बल्ली / डेंगरी नग | पुराना काष्ठ लट्ठा (घ.मी.) | पुराना काष्ठ बल्ली / डेंगरी नग |
|---|---|---|---|---|---|
| 1 | 2 | 3 | 4 | 5 | |
| A | इमारती काष्ठ | | | | |
| 1 | सागौन | 1.799 | 14 | 96.639 | 559 |
| 2 | साल | 312.255 | - | 2213.617 | 694 |
| 3 | साजा | 82.224 | - | 167.125 | 126 |
| 4 | तिन्सा | - | - | - | - |
| 5 | बीजा, शीशम, खम्हार | 3.462 | - | 16.844 | 9 |
| 6 | हल्दु, मुडी, बांसा | 29.648 | - | 49.824 | 2 |
| 7 | धावड़ा | 1.486 | - | 14.728 | 84 |
| 8 | अन्य मिश्रित (सेमल) | 55.679 | - | 35.305 | 123 |
| 9 | नीलगिरी | 19.123 | - | - | - |
| 10 | सलया | - | - | - | - |
| 11 | खैर काष्ठ | 5.889 | - | - | - |
| | योग:- | 511.565 | 14 | 2594.082 | 1597 |
| क्र | प्रजाति विवरण | | | | |
| 1 | जलाऊ चट्टा मिश्रित प्रजाती सा. 2.00 मी. × 1.25 × 0.80 मी. | 200 चट्टा | | 363 चट्टा | |

टीप: 1. क्रेता को ई-ऑक्सन के पूर्व एम.एस.टी.सी. ई-कोमर्स पोर्टल में रजिस्ट्रेशन करना अनिवार्य हैं।
2. क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉगईन करके देख सकते है।

G-252606660/3
स्वा. / - वनमंडलाधिकारी, बलरामपुर वनमण्डल, बलरामपुर

No.9001/11/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
*************
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.16.02.2026ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9014/1/25-26/0004

**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

No. ୩୮୮୨/୨୦୨୫ Date: ୨୪।୧୨।୨୦୨୫

No. 24001/33/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ରେ ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୦/୨୦୨୨, ତା: ୨୮।୦୭।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା – ୨୬୭୯୩/୨୫, ତାରିଖ: ୨୮।୦୭।୨୦୨୫ ଅନୁଯାୟୀ ତା୩୧।୧୨।୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୈପାରିଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧।୧୨।୨୦୨୫।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**
ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା ନଂ. ୧୦୨, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୮ | ରୟତି | ୧ | ୧.୭୩୦ | ୦.୯୧୪ | ଡଙ୍ଗର | କାଞ୍ଚନମାଳା ଗୌଡ଼, ସ୍ୱା.: ଯୁଧିଷ୍ଠିର ଗୌଡ଼, ଜା: ଗୌଡ଼, ବା: ନିଜଗାଁ |
| ୨୮୯/ ୩୫୫ | ରୟତି | ୩ | ୦.୮୪୦ | ୦.୦୮୯ | ଧାନ ଅଣଜଳସେଚିତ ଦୁଇ | ତ୍ରିଲୋଚନ ଜେନା, ପି.: ଘାସିରାମ ଜେନା, ଜା: କାଳିଞ୍ଜି, ବା: ଗୌଡ଼ସାହି, ବୈପାରିଗୁଡ଼ା |
| ୧୦୯ | ରୟତି | ୨ | ୧.୦୦୧ | ୦.୪୫୫ | ଡଙ୍ଗର | ନୀରୋଦ ଚନ୍ଦ୍ର ରଥ, ପି.: ଗଙ୍ଗାଦର ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ମୋଟ | | ୧.୪୫୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | – |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧.୪୫୮ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | – |
| ଜଙ୍ଗଲ ଅଧିକାରୀ ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | – |
| | | ମୋଟ | | | | ୧.୪୫୮ |

Sd./- Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda
OIPR-24001/24221/3/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
E.Mail - rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO. ONLINE-SESNG-24 of 2025-26**

**No.25001/140/2526** : 1. Name of the Work : Road Work, 2. Total No. of works : 2 no. Road, 3. Estimated cost : From Rs.67.29 Lakhs to 87.79 Lakhs, 4. Class of contractor : Only 'B', 5. Period of completion : 06 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding From | Availability of Tender On-line for bidding To |
|---|---|---|---|
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-SESNG-24 of 2025-26 | 18.02.2026 11.00 A.M. | 06.03.2026 05.00 P.M. |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
Sundargarh
OIPR-25001/25046/1/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION-II, MALKANGIRI**
No.25001/162/2526
E-mail : ruralworksdivisioniimalkangiri@yahoo.in

**INVITATION FOR BIDS (SHORT NOTICE)**

**"E" PROCUREMENT NOTICE NO. RWDSE_MKG_II_ONLINE_20/2025-26**

1. Name of the work : Roads works in the District of Malkangiri for the year 2025-26
2. Total No. of work : 01 Number of Road Work
3. Estimated Cost : Rs.69.92 Lakhs
4. Period of Completion : As Specified in the Annexure
5. Class of Contractor : As Specified in the Annexure
6. Cost of Tender Paper : Cost of tender is to be remitted ONLINE as specified in column-6 of the Annexure
7. Details Projects : As Specified in the Annexure

**Other details as follows**

a) Procurement Officer : Superintending Engineer, Rural Works Division-II, Malkangiri
b) Availability of Tender Online : 18.02.2026 at 11.00 A.M. to 25.02.2026 up to 5.30 P.M.
c) Last date & time of seeking of Tender clarification : 24.02.2026 up to 5.00 P.M.
d) Technical Bid Opening : 26.02.2026 at 11.00 P.M.
e) Financial Bid Opening : **To be intimated Separately**
f) Decision to conduct Lottery : If required to decide the agency, transparent Lottery shall be conducted on date 28.02.2026 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Malkangiri
OIPR-25001/25079/1/25-26/0024

### ୩ ହାଇୱାରୁ ବ୍ୟାଟେରି ଚୋରି, ଥାନାରେ ଅଭିଯୋଗ

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଗୋପିସାହି ଫାଣ୍ଡି ଅଞ୍ଚଳରେ ହାଇୱାରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତ୍ରିରେ ପଡ଼ୁଆଭଜନପୁର ପେଟ୍ରୋଲ ପମ୍ପ ପଛପଟେ ଥିବା ଏକ ଗ୍ୟାରେଜରେ ରଖୁଥିବା ରାମଚନ୍ଦ୍ର ସ୍ୱାଇଁଙ୍କ ମାଲିକ ହାଇୱାରୁ ୬ଟି ବ୍ୟାଟେରି ଚୋରି ହୋଇଛି। ଶନିବାର ସକାଳେ ରାମଚନ୍ଦ୍ର ଗ୍ୟାରେଜକୁ ଆସିବା ପରେ ଗାଡ଼ିରୁ ବ୍ୟାଟେରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ ବୋଲି ରାମଚନ୍ଦ୍ର କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ସଂକ୍ଷେପରେ

### ୫୦୦ ଲିଟର ମଦ, ଗାଡ଼ି ଜବତ

#### ନାଟକୀୟ ଢଙ୍ଗରେ ଧରାପଡ଼ିଲା

ଆଠଗଡ଼, ୧୪।୨(ସତ୍ୟ ପ୍ରସାଦ ରଥ) : ଆଠଗଡ଼ ଚାନ୍ଦବାଲି ଛକରେ ଅବକାରୀ ବିଭାଗ ପକ୍ଷରୁ ନାଟକୀୟ ଢଙ୍ଗରେ ଶନିବାର ଗୋଟିଏ ମଦ ବୋଝେଇ କାର୍ ଜବତ କରାଯାଇଛି। ସେଥିରୁ ୫୦୦ ଲିଟରରୁ ଊର୍ଦ୍ଧ୍ୱ ଚୋରାମଦ ଜବତ କରାଯାଇଛି। ଏହି ଅଭିଯୋଗରେ ଆଠଗଡ଼ ଏନ୍ଏସି ଅନ୍ତର୍ଗତ ହେମମାଳପୁରର ସୌମ୍ୟକାନ୍ତ ଜେନା(୨୫)ଙ୍କୁ ଗିରଫ କରାଯାଇଛି।
ସନ୍ଧ୍ୟାବେଳେ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ସମୟରେ ଗୋଟିଏ ସୌଖୀନ କାର୍‌ରେ ଦେଶୀ ରନ୍ଧାମଦ ବୋଝେଇହୋଇ ଶଙ୍କରପୁର ପଟରୁ ଆଠଗଡ଼ ଆସୁଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଚାନ୍ଦବାଲି ଛକରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ସାଦା ପୋଷାକରେ ଅପେକ୍ଷା କରିଥିଲେ। ଗାଡ଼ିଟି ଚାନ୍ଦବାଲି ଛକରେ ପହଞ୍ଚିବା ପରେ ତାକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାଡ଼ିଟି ନ ରହି ଓଲଟା ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିଲା। ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ମଦ ବୋଝେଇ କାର୍ ଧରାପଡ଼ିଛି ବୋଲି ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

### ୩୧,୨୪୬ଙ୍କୁ କୃମି ନାଶକ ଔଷଧ ପ୍ରଦାନ

ବାଙ୍କୀ,୧୪।୨(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଉପଖଣ୍ଡ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଜାତୀୟ କୃମି ନାଶକ ଦିବସ ସରଣ୍ଡା ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡ. ଅମରେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଜନ ସମ୍ପ୍ରସାରଣ ଅଧିକାରୀ ମାନ ଭଞ୍ଜନ ଦଳେଇ ଉପସ୍ଥିତ ଛାତ୍ରୀଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ଜନିତ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୧୩୮ ଜଣ ଛାତ୍ରୀଛାତ୍ରମାନଙ୍କୁ କୃମି ଔଷଧ ସେବନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଶେଫାଳିକା ଦାଶ, ଶିକ୍ଷକ ମନୋଜ କୁମାର ସାହୁ, ପ୍ରିତିମିତା ବେଉରା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିପିଏମ ଚିତ୍ତ ରଞ୍ଜନ ଦାଶ, ଡ. ମୋନାଲିସା ବେଉରା, ସୁପର୍ ଭାଇଜର ମୋହନ ଚନ୍ଦ୍ର ସାହୁ, ସି ଏଥ ଓ ମେରିନା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଏତଦ ବ୍ୟତୀତ ବାଙ୍କୀ ଉପଖଣ୍ଡର ୧୧୨ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ୧୮୧ ଅଙ୍ଗନୱାଡ଼ି କେନ୍ଦ୍ରର ୧ ବର୍ଷରୁ ୧୯ ବର୍ଷର ବାଳକ ବାଳିକା ଏବଂ ୨୦ରୁ ୨୪ ବର୍ଷ ପ୍ରଜନନ କ୍ଷମ ମହିଳା ମାନଙ୍କ ସମେତ ମୋଟ ୩୧ ହଜାର ୨୪୬ ଜଣଙ୍କୁ କୃମି ନାଶକ ଔଷଧ ପ୍ରଦାନ କରାଯାଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡ. ଅମରେଶ ସାହୁ ସୂଚନା ଦେଇଛନ୍ତି।

# 'ଇନ୍ଦ୍ରିୟ ଉପରେ ସଙ୍ଗୀତର ପ୍ରଭାବ ରହିଛି'

### ସତ୍ୟବାଦୀ କଳାମନ୍ଦିର ବାର୍ଷିକ ଉତ୍ସବ, ଖଣ୍ଡୁଆ ସମ୍ମାନ ପ୍ରଦାନ



ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥି ଖଣ୍ଡୁଆ ସମ୍ମାନ ପ୍ରଦାନ କରୁଛନ୍ତି।

ତିଗିରିଆ,୧୪।୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାର ସୁନାମଧନ୍ୟ ସଙ୍ଗୀତ ଶିକ୍ଷା ଅନୁଷ୍ଠାନ ସତ୍ୟବାଦୀ କଳାମନ୍ଦିରର ୩୨ ତମ ବାର୍ଷିକ ଉତ୍ସବ ଓ ଖଣ୍ଡୁଆ ସମ୍ମାନ ୨୦୨୬ ପ୍ରଦାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୂଆପାଟଣା ପଞ୍ଚାୟତ ଅଧୀନ ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏହା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗୀରଥି ନନ୍ଦଙ୍କ ସଭାପତିତ୍ୱରେ ଓ ସମ୍ପାଦକ ପ୍ରକାଶ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିଗିରିଆ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗଦେଇଥିଲେ। ମନୁଷ୍ୟ ଶରୀର ପାଇଁ ସଙ୍ଗୀତର ଆବଶ୍ୟକ ବୋଲି କହିବା ସହିତ ଇନ୍ଦ୍ରିୟ ଉପରେ ସଙ୍ଗୀତର ପ୍ରଭାବ ରହିଥାଏ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ମାଣିଆବନ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ପରିଡ଼ା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ କୁମାର ପାତ୍ର, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ସୁନାମଧନ୍ୟ କଣ୍ଠଶିଳ୍ପୀ ଆଲୋକ କୁମାର କୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ନନ୍ଦ ଅତିଥି ପରିଚୟ ପ୍ରଦାନ କରିବା ବେଳେ ସମ୍ପାଦକ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଆଜିର ଦିନରେ ସଙ୍ଗୀତର ଆବଶ୍ୟକତା ସହ ଅନୁଷ୍ଠାନ ପକ୍ଷରୁ ଦୀର୍ଘ ବର୍ଷ ଧରି ଅଞ୍ଚଳ ତଥା ଅଞ୍ଚଳ ବାହାରର ଛୋଟ ଛୋଟ ଛାତ୍ରଛାତ୍ରୀଙ୍କୁ ସଙ୍ଗୀତ ଶିକ୍ଷା ଦେବା ସହ ଅନେକ ସୁନାମଧନ୍ୟ କଳାକାର ସୃଷ୍ଟି କରିବାରେ ସକ୍ଷମ ହୋଇଛି ବୋଲି ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ତରଫରୁ ନିଜର ଉଲ୍ଲେଖଯୋଗ୍ୟ କାର୍ଯ୍ୟ ସମ୍ପାଦନ ନିମନ୍ତେ ଜିଲ୍ଲାସ୍ତରରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ତିଗିରିଆ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଈପ୍ସିତା, ଖବରଦାତା ରାଜକିଶୋର ବେହେରାଙ୍କ ସମେତ ସଙ୍ଗୀତ ଗୁରୁ ପ୍ରଫୁଲ୍ଲ କୁମାର ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସୁନାମଧନ୍ୟ ବାଦ୍ୟକାର ଅର୍ଜୁନ ପାଲ, ବୁଣାକାର ଦୀନବନ୍ଧୁ ବେହେରା, ବୁଣାକାର ଚିନ୍ତାମଣି ଦାସ, ବାଦ୍ୟକାର ଶ୍ରୀବତ୍ସ କନ୍ଥୁଆଳ, ବାଦ୍ୟକାର ସବ୍ୟସାଚୀ ପାତ୍ରଙ୍କୁ ଖଣ୍ଡୁଆ ସମ୍ମାନ ୨୦୨୬ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ଅତିଥିମାନଙ୍କ ତରଫରୁ ଅନୁଷ୍ଠାନର ଛାତ୍ର ଇନ୍ଦ୍ରଜିତ ଚାନ୍ଦ, ଛାତ୍ରୀ ସୁପ୍ରଭା ରାଉତଙ୍କୁ ସଙ୍ଗୀତ ଭାସ୍କର ଓ ଛାତ୍ରୀ ଶତାବ୍ଦୀ ସ୍ୱାଇଁଙ୍କୁ ସଙ୍ଗୀତ ବିଶାରଦ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନ ଛାତ୍ରୀ ସମୃଦ୍ଧି ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସତ୍ୟବାଦୀ କଳାମନ୍ଦିର ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଭାଗୀରଥି ବେହେରା, ଉପସଭାପତି ପ୍ରଦୀପ କୁମାର ବର୍ଦ୍ଧନ, ସହ ସମ୍ପାଦକ ଛବିଳ ବେହେରା, ଆଇନଜୀବୀ ସଞ୍ଜୟ କୁମାର କରଙ୍କ ସମେତ ଅନୁଷ୍ଠାନ ଛାତ୍ରଛାତ୍ରୀ, ଅଭିଭାବକ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା।

# ବଧୂହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

### ଶାଶୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆଶୀର୍ବାଦୀ ଟଙ୍କା ଦିଆ ନ ଯିବାରୁ ମାରିଦେଲେ



ନମିତା ମଲ୍ଲିକ।

ବାଙ୍କୀ,୧୪।୨(ଶୁଭେନ୍ଦୁ ମହାପାତ୍ର): କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ବିଲିପଡ଼ା ଗ୍ରାମରେ ବଧୂହତ୍ୟା ନେଇ ଶନିବାର ଅଭିଯୋଗ ହୋଇଛି। ମୃତା ହେଲେ ବାଙ୍କୀ ଥାନା ଅନ୍ତର୍ଗତ ସାହାଡ଼ାପଦା ଗ୍ରାମର ସ୍ୱର୍ଗତ ଶ୍ରୀନିବାସ ଦାସଙ୍କ ଝିଅ ନମିତା ମଲ୍ଲିକ। ମା' ରଞ୍ଜନା ଦାସଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରାଯାଇଛି। ସେ ହେଲେ ବିଲିପଡ଼ା ଗ୍ରାମର ଚନ୍ଦ୍ରମଣି ମଲ୍ଲିକ। କଟକରୁ ଏକ ଅନୁସନ୍ଧାନକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ରଞ୍ଜନାଙ୍କ ଅଭିଯୋଗ ଅନୁଯାୟୀ, ୨୦୧୨ରେ ନମିତାଙ୍କ ସହ ଚନ୍ଦ୍ରମଣିଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ବର ଘର ପକ୍ଷର ଦାବି ମୁତାବକ ସମସ୍ତ ଆସବାବପତ୍ର ଦିଆଯାଇଥିଲା। ଏହାସତ୍ତ୍ୱେ ଏକ ସୁନାଚେନ ଓ ମୋଟର ସାଇକେଲ ଦେବା ପାଇଁ ଚନ୍ଦ୍ରମଣିଙ୍କ ବାପା ଜୟଦେବ ମଲ୍ଲିକ ଦାବି କରିଥିଲେ। ଦାବି ମୁତାବକ କନ୍ୟାଘର ପକ୍ଷରୁ ଏକ ସୁନାଚେନ୍ ଦିଆଯାଇଥିବାବେଳେ ମୋଟରସାଇକେଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ଏନେଇ ଅନେକ ସମୟରେ ଶ୍ୱଶୁର ଘର ପକ୍ଷରୁ ନମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏହି ଘଟଣାକୁ ନେଇ ବାଙ୍କୀ ଥାନାରେ ଝିଅ ଘର ପକ୍ଷରୁ ୨ ଥର ଅଭିଯୋଗ କରାଯାଇଥିଲା। ଘରର ଭଦ୍ରଲୋକଙ୍କ ଉପସ୍ଥିତିରେ ଏହାର ସମାଧାନ ହୋଇଥିଲା। ଶୁକ୍ରବାର ନମିତାଙ୍କ ଶାଶୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଥିଲା। ଏନେଇ ନମିତାଙ୍କ ବାପଘର ପକ୍ଷରୁ ଲୁଗାପଟା, ପରିବା ଓ କିଛି ଟଙ୍କା ଦିଆଯାଇଥିଲା। ତେବେ ଅନ୍ୟ ଘର ବୋହୂଙ୍କ ଭଳି ଶ୍ରାଦ୍ଧ କାର୍ଯ୍ୟରେ ୧୦ ହାଜାର ଟଙ୍କା ଦିଆ ନ ଯିବାରୁ ନମିତାଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ନେଇ ରଞ୍ଜନା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୮୫/୨୬) ରୁଜୁ କରିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି।

# ସାହେଶ୍ୱରୀ ଫୁଟ୍‌ବଲ: ଚାନ୍ଦ କ୍ଲବ ଚାମ୍ପିୟନ

ସାଲେପୁର,୧୪।୨(ଅରବିନ୍ଦ ଭୂୟାଁ): ସାଲେପୁର ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ସାଲେପୁର ହାଇସ୍କୁଲ ପଡିଆଠାରେ ଚାଲିଥିବା ସାହେଶ୍ୱରୀ ଫୁଟ୍‌ବଲ କପ୍, ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଚାନ୍ଦ କ୍ଲବ କେନ୍ଦ୍ରାପଡା ଓ ୟଙ୍ଗ୍ ଉତ୍କଳ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳ ଚିତ୍ତାକର୍ଷକ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ନ ଥିଲେ। ଶେଷରେ ଟାଇବ୍ରେକର ଜରିଆରେ କେନ୍ଦ୍ରାପଡା ୪-୩ ଗୋଲରେ କଟକକୁ ହରାଇ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍ ସ୍ପୋର୍ଟ୍ସ ଏକାଡେମୀ ସଭାପତି ପ୍ରଦୀପ୍ତ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଗୋଲଖ ଚନ୍ଦ୍ର ପରିଡ଼ା ଯୋଗଦେଇ ଖେଳକୁଦ ଦ୍ୱାରା ବ୍ୟକ୍ତିର ଶାରୀରିକ ଓ ମାନସିକ ବିକାଶ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ନଗଦ ୧୫୦୦୦ ଟଙ୍କା ସହ ଟ୍ରଫି ଓ ରନରଅପ୍ ଟିମ୍‌କୁ ନଗଦ ୧୦ ହଜାର ଟଙ୍କା ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହି ଖେଳରେ ଚାନ୍ଦ କ୍ଲବ କେନ୍ଦ୍ରାପଡା ଦଳର ମ୍ୟାନ୍ ଅଫ୍ ଦ ସିରିଜ ରାହୁଲ ସାମଲ ଓ ୟଙ୍ଗ୍ ଉତ୍କଳ କ୍ଲବ କଟକର ମ୍ୟାନ ଅଫ୍ ଦ ମ୍ୟାଚ୍ ଭାବେ ଲୁହାର ବିନ୍ଧାଣି ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଖେଳକୁ ଅବଦୁଲ ମାଟିନ, ଜୀବନଜ୍ୟୋତି ନାୟକ, ସଞ୍ଜୀବ ଦାଶ ପରିଚାଳନା କରିଥିବାବେଳେ ରସାନନ୍ଦ ସାମଲ ଚତୁର୍ଥ ରେଫରି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମ୍ୟାଚ୍ ପରିଚାଳନାରେ ସ୍ପୋର୍ଟ୍ସ ଏକାଡେମୀ ସମ୍ପାଦକ ରାଜେଶ ଭୂୟାଁ, ଉପ ସଭାପତି ଜୟନ୍ତ କୁମାର ଦାସ, ପରବେଶ ଅଲ୍ଲୀ, ଉପଦେଷ୍ଟା ଅକ୍ଷୟ କୁମାର ଦାଶ, ମିହିର ଜେନା, ପ୍ରସନ୍ନ କୁମାର ମଲ, ପ୍ରେମାନନ୍ଦ ଜେନା, ସୟଦ ନବି, ରାଧାନାଥ ସାହୁ, ପ୍ରଦୀପ୍ତ କର, ମଦନମୋହନ ଜେନା,ଗୋପବନ୍ଧୁ ଭୂୟାଁ, ଭାସ୍କର ସେଠୀ, ସେକ୍ ରହିମ ବକ୍ସ, ମୀନକେତନ ବେହେରା, ତୁଷାର ଦାସ, ପାପେନ୍ଦ୍ର କାଣ୍ଡି, ରାଧାମୋହନ ନାୟକ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଅଜଗର ଛୁଆ ଉଦ୍ଧାର

ବାରଙ୍ଗ, ୧୪।୨(ଲିଙ୍ଗରାଜ ରାଉତ): ରାମଦାସପୁର ପଞ୍ଚାୟତର ରତାଗଡ ଗ୍ରାମ ନିକଟରୁ ଗୋଟିଏ ଅଜଗର ଛୁଆକୁ ଉଦ୍ଧାର କରାଯାଇଛି। ପରେ ତାକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଶନିବାର ସକାଳେ ରତାଗଡ ଗ୍ରାମ ନିକଟସ୍ଥ ଏକ ଇଟାଭାଟିରେ ଶ୍ରମିକମାନେ କାମ କରୁଥିଲେ। ସାପଟି ଚାଲିଆସି ଇଟାଭାଟିରେ ଏକ ଖାଲରେ ରହିଯାଇଥିଲା। ଶ୍ରମିକମାନେ ଏହା ଦେଖି ସ୍ଥାନୀୟ ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କୁ ସୂଚନା ଦେଇଥିଲେ। ୨ ଜଣ ସଦସ୍ୟ ଆସି ଘଟଣାସ୍ଥଳରୁ ଅଜଗର ଛୁଆକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଡମପଡ଼ା ଅଭୟାରଣ୍ୟ ଅଧିକାରୀଙ୍କୁ ଅବଗତ କରାଇ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5286

# ଭାରତର ଐତିହ୍ୟ, ପରମ୍ପରା ପଢ଼ାଇବାକୁ ଗୁରୁତ୍ୱ

### ଦ୍ୱିତୀୟ ପର୍ଯ୍ୟାୟ ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ

ବଡମ୍ବା,୧୪।୨(ମାୟାଧର ମଲ୍ଲିକ):

ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡମ୍ବା ପରିସରରେ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟର ପ୍ରବୋଧନ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ୧୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନେଇ ଆରମ୍ଭ ହୋଇଥିବା ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ତତ୍ତ୍ୱାବଧାନରେ ଏବଂ ମଣ୍ଡଳ ସହ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମାଙ୍କ ସଂଯୋଜନାରେ ଏହି ଶିବିର ଆୟୋଜନ କରାଯାଇଥିଲା। ସମ୍ବଳ ଶିକ୍ଷକ ଭାବେ ଗୋବିନ୍ଦ ଚନ୍ଦ୍ର ଗୋଛି, ରାଜେଶ କୁମାର ମହାପାତ୍ର, ରମେଶ ଚନ୍ଦ୍ର ନାୟକ ଓ ବଳଭଦ୍ର ଜେନା ୫ ଦିନ ଧରି ଏଡି ତାଲିମ ପ୍ରଦାନ କରିଥିଲେ। ଭାରତର ଐତିହ୍ୟ ଓ ପରମ୍ପରା ଆଧାରରେ ଚଳିତ ବର୍ଷ ଶିକ୍ଷା ଆରମ୍ଭରୁ ପିଲାମାନଙ୍କୁ ଏହି ପୁସ୍ତକକୁ କିପରି ପଢ଼ାଯିବ ସେ ଉପରେ ସମ୍ପୂର୍ଣ୍ଣ ତାଲିମ ପ୍ରଦାନ କରାଯାଇଥିଲା। ଭାରତ ପରାଧୀନତା ସ୍ୱୀକାର କରିବା ପୂର୍ବରୁ ପଢ଼ାଯାଉଥିବା ଗୁରୁକୁଳ ଶିକ୍ଷା ଏବଂ ସେହି ସମୟରେ ଶିକ୍ଷାର୍ଥୀମାନଙ୍କର ମାନସିକତା ଏବଂ ବୃତ୍ତି ଆଧାରିତ ତଥ୍ୟ ମଧ୍ୟ ପ୍ରଦାନ କରାଯାଇଥିଲା।

# ପିଲାଙ୍କ ଭିତରେ ସଂସ୍କାର ଜରୁରୀ




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ,୧୪।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଘରୋଇ ହିଂସାକୁ ରୋକିବା ପାଇଁ ଯୁବ ସମାଜର ଭୂମିକା ଉପରେ ଏକ ଆଲୋଚନାଚକ୍ର ଶନିବାର ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚକାପଦାସ୍ଥିତ ଆଦର୍ଶ ଯୁବ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅକ୍ଷୟ କୁମାର ସାମଲ ଏଥିରେ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ମନୋନୀତ ଶରତ କୁମାର ପାତ୍ର ଯୋଗଦେଇ ମା'ବାପାମାନେ ସେମାନଙ୍କ ପିଲାମାନଙ୍କୁ ସଂସ୍କାର ଶିଖାଇବା ଆବଶ୍ୟକ ଓ ଏଥିସହ ମୋବାଇଲଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସମର୍ପଣ ଅନୁଷ୍ଠାନର ମୁଖ୍ୟ ଇଂ. ପ୍ରଭାତ କୁମାର ପ୍ରଧାନ, ବିଶିଷ୍ଟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବରେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ କୁମର ପ୍ରଧାନ, କିଶୋର ନୀଳମାଧବ ମିଶ୍ର, ଲଲାଟେନ୍ଦୁ ପଣ୍ଡା, ବିଶ୍ୱରଞ୍ଜନ ସ୍ୱାଇଁ, ସବିତା ମଲିକ, ଶ୍ରୀନିବାସ ବେହେରା, ଯାଜ୍ଞସେନୀ ରଣା, ଖବରଦାତା ଅନନ୍ତ ପଟ୍ଟନାୟକ, ଅର୍ପିତ ରାଉତ, ସୁଲଗ୍ନା ନନ୍ଦ, ଶଶୀ ଭୂଷଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପରିବାର ମଧ୍ୟରେ ମାତାପିତା ସର୍ବଶ୍ରେଷ୍ଠ ବୋଲି କହିଥିଲେ। ପିତାମାତାଙ୍କ ଆଦର୍ଶରେ ଅନୁପ୍ରାଣିତ ନ ହେଲେ ଯୁବସମାଜ ପଥଭ୍ରଷ୍ଟ ହୋଇଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ହୋଇଥିବା ନୂଆପାଟଣା ଗ୍ରାମର ବିଶିଷ୍ଟ ବାଦ୍ୟଶିଳ୍ପୀ ଶରତ କୁମାର ପାତ୍ରଙ୍କୁ ଆଦର୍ଶ ଯୁବ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରସନ୍ନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## छत्तीसगढ़ शासन वन विभाग, बलरामपुर वनमण्डल, बलरामपुर (छत्तीसगढ़)

**नीलाम सूचना**

सर्व साधारण को सूचनार्थ प्रकाशित किया जाता है कि बलरामपुर वनमंडल के अन्तर्गत काष्ठागार वाड्रफनगर में रखी इमारती लकड़ी / जलाऊ काष्ठ को निम्नलिखित तिथि व समय में ई-ऑक्शन द्वारा निर्वर्तन किया जाना है। इच्छुक व्यापारि ई-ऑकसन में अवश्य भाग लेवें। ई-ऑक्शन की शर्ते एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार वाड्रफनगर से प्राप्त कर सकते है।

डिपो का नाम - काष्ठागार वाड्राफनगर
ई-नीलाम दिनांक - 25.02.2026
समय - प्रातः 09.00 बजे से

| क्र. | वनोपज का विवरण | नया काष्ठ | | पुराना काष्ठ | |
|---|---|---|---|---|---|
| | | लट्ठा घ.मी. | बल्ली / डेंगरी नग | लट्ठा (घ.मी.) | बल्ली / डेंगरी नग |
| 1 | 2 | 3 | 4 | 5 | |
| A | इमारती काष्ठ | | | | |
| 1 | सागौन | 1.799 | 14 | 96.639 | 559 |
| 2 | साल | 312.255 | - | 2213.617 | 694 |
| 3 | साजा | 82.224 | - | 167.125 | 126 |
| 4 | तिन्सा | - | - | - | - |
| 5 | बीजा, शीशम, खम्हार | 3.462 | - | 16.844 | 9 |
| 6 | हल्दु, मुडी, बांसा | 29.648 | - | 49.824 | 2 |
| 7 | धावड़ा | 1.486 | - | 14.728 | 84 |
| 8 | अन्य मिश्रित (सेमल) | 55.679 | - | 35.305 | 123 |
| 9 | नीलगिरी | 19.123 | - | - | - |
| 10 | सलया | - | - | - | - |
| 11 | खैर काष्ठ | 5.889 | - | - | - |
| | योग:- | 511.565 | 14 | 2594.082 | 1597 |
| क्र | प्रजाति विवरण | | | | |
| 1 | जलाऊ चट्टा मिश्रित प्रजाती सा. 2.00 मी. × 1.25 × 0.80 मी. | 200 चट्टा | | 363 चट्टा | |

टीप: 1. क्रेता को ई-ऑक्सन के पूर्व एम.एस.टी.सी. ई-कोमर्स पोर्टल में रजिस्ट्रेशन करना अनिवार्य हैं।
2. क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉगईन करके देख सकते है।

G-252606660/3
स्वा. / - वनमंडलाधिकारी, बलरामपुर वनमण्डल, बलरामपुर

No.9001/11/2526

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

***********

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.16.02.2026ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9014/1/25-26/0004

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
### ଘୋଷଣା

No. ୩୮୮୨/୨୦୨୫ Date: ୨୪।୧୨।୨୦୨୫

No. 24001/33/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୦/୨୦୨୨, ତା: ୨୮।୦୭।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା – ୨୭୭୯୩/୨୫, ତାରିଖ: ୨୮।୦୭।୨୦୨୫ ଅନୁଯାୟୀ ତା୩୧।୧୨।୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: କୋରାପୁଟ — ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୈପାରିଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: କୋରାପୁଟ — ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧।୧୨।୨୦୨୫।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**

**ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା ନଂ. ୧୦୨, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୮ | ରୟତି | ୧ | ୧.୭୩୦ | ୦.୯୧୪ | ଡଙ୍ଗର | କାଞ୍ଚନମାଳା ଗୌଡ଼, ସ୍ୱା.: ଯୁଧିଷ୍ଠିର ଗୌଡ଼, ଜା: ଗୌଡ଼, ବା: ନିଜଗାଁ |
| ୨୮୯/ ୩୫୫ | ରୟତି | ୩ | ୦.୮୪୦ | ୦.୦୮୯ | ଧାନ ଅଣଜଳସେଚିତ ଦୁଇ | ତ୍ରିଲୋଚନ ଜେନା, ପି.: ଘାସିରାମ ଜେନା, ଜା: କାଳିଞ୍ଜି, ବା: ଗୌଡ଼ସାହି, ବୈପାରିଗୁଡ଼ା |
| ୧୦୯ | ରୟତି | ୨ | ୧.୦୦୧ | ୦.୪୫୫ | ଡଙ୍ଗର | ନୀରୋଦ ଚନ୍ଦ୍ର ରଥ, ପି.: ଗଙ୍ଗାଦର ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ମୋଟ | | ୧.୪୫୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | – |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧.୪୫୮ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | – |
| ଜଙ୍ଗଲ ଅଧିକାରୀ ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | – |
| | | ମୋଟ | | | | ୧.୪୫୮ |

Sd./- Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24001/24221/3/25-26/0001

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, SUNDARGARH

E.Mail - rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO. ONLINE-SESNG-24 of 2025-26**

**No.25001/140/2526** : 1. Name of the Work : Road Work, 2. Total No. of works : 2 no. Road, 3. Estimated cost : From Rs.67.29 Lakhs to 87.79 Lakhs, 4. Class of contractor : Only 'B', 5. Period of completion : 06 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-SESNG-24 of 2025-26 | 18.02.2026 11.00 A.M. | 06.03.2026 05.00 P.M. |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
Sundargarh

OIPR-25001/25046/1/25-26/0001

## GOVERNMENT OF ODISHA
## OFFICE OF THE SUPERINTENDING ENGINEER,
## RURAL WORKS DIVISION-II, MALKANGIRI

No.25001/162/2526

E-mail : ruralworksdivisioniimalkangiri@yahoo.in

**INVITATION FOR BIDS (SHORT NOTICE)**

**"E" PROCUREMENT NOTICE NO. RWDSE_MKG_II_ONLINE_20/2025-26**

1. Name of the work : Roads works in the District of Malkangiri for the year 2025-26
2. Total No. of work : 01 Number of Road Work
3. Estimated Cost : Rs.69.92 Lakhs
4. Period of Completion : As Specified in the Annexure
5. Class of Contractor : As Specified in the Annexure
6. Cost of Tender Paper : Cost of tender is to be remitted ONLINE as specified in column-6 of the Annexure
7. Details Projects : As Specified in the Annexure

**Other details as follows**

a) Procurement Officer : Superintending Engineer, Rural Works Division-II, Malkangiri
b) Availability of Tender Online : 18.02.2026 at 11.00 A.M. to 25.02.2026 up to 5.30 P.M.
c) Last date & time of seeking of Tender clarification : 24.02.2026 up to 5.00 P.M.
d) Technical Bid Opening : 26.02.2026 at 11.00 P.M.
e) Financial Bid Opening : **To be intimated Separately**
f) Decision to conduct Lottery : If required to decide the agency, transparent Lottery shall be conducted on date 28.02.2026 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Malkangiri

OIPR-25001/25079/1/25-26/0024

# ବାଲୁଗାଁ: ଗୋଟିଏ ରାତିରେ ୮ ମନ୍ଦିରରୁ ଚୋରି

## ଲୁଟିନେଲେ ସୁନା ଓ ରୁପା ଅଳଙ୍କାର ସହ ଲକ୍ଷାଧିକ ଟଙ୍କା

ବାଲୁଗାଁ,୧୪।୨(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳରେ ଶୁକ୍ରବାର ରାତ୍ରିରେ ୮ଟି ମନ୍ଦିରରୁ ଚୋରି ହୋଇଛି। ୫ଟି ସ୍ଥାନରେ ଥିବା ୮ଟି ମନ୍ଦିରରୁ ଦୁର୍ବୃତ୍ତମାନେ ସମାନ ଢଙ୍ଗରେ ତାଲା ଭାଙ୍ଗି ଠାକୁରଙ୍କ ରୁପା ଏବଂ ସୁନା ଅଳଙ୍କାର ସମେତ ଦାନବାକ୍ସରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ପୋଲିସକୁ ଚ୍ୟାଲେଞ୍ଜ ଦେଲା ଭଳି ଏହି ସିରିଜ ଚୋରି ଘଟଣା ଘଟିଥିବାରୁ ବାଲୁଗାଁ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଶନିବାର ପୋଲିସ ସମ୍ପୃକ୍ତ ମନ୍ଦିରଗୁଡ଼ିକୁ ଯାଇ ତଦନ୍ତ ଆରମ୍ଭ କରିଛି। ବାଲୁଗାଁ ବଜାର ଅଞ୍ଚଳରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରି ତଦନ୍ତ ଜାରିରଖିଛି।

ସୂଚନା ଅନୁଯାୟୀ, ବାଲୁଗାଁ ସାମନ୍ତରାପୁର ସାହିସ୍ଥିତ ଦଧିବାମନ ଦେବଙ୍କ ମନ୍ଦିର ପରିସରରେ ୪ ଦେବଦେବୀ ମନ୍ଦିର ରହିଛି। ପୂଜକ ଗୋଲୋକ ବିହାରୀ ପଣ୍ଡା ଶୁକ୍ରବାର ରାତ୍ରିରେ ପୂଜା କାର୍ଯ୍ୟ ସାରି ପହୁଡ଼ ପରେ ତାଲା ପକାଇ ଘରକୁ ଫେରିଥିଲେ। ଶନିବାର ଭୋରରୁ ସେ ଆସି ମନ୍ଦିର ପରିସରସ୍ଥ ଶ୍ରୀଗୁପ୍ତେଶ୍ୱର ଦେବ, ଶ୍ରୀହନୁମାନ ଦେବ,



ଶ୍ରୀଦଧିବାମନ ଦେବ ମନ୍ଦିରରେ ପୋଲିସ ତଦନ୍ତ କରୁଛି।

ଶ୍ରୀଦଧିବାମନ ଦେବ ଏବଂ ଶ୍ରୀମହାଲକ୍ଷ୍ମୀଙ୍କ ମନ୍ଦିର ଫାଟକ ତାଲା ଭଙ୍ଗାଯାଇଥିବା ଦେଖି ଚୋରି ହୋଇଥିବା ସନ୍ଦେହରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସୁଧୀର କୁମାର ପଣ୍ଡା ଅନ୍ୟମାନଙ୍କ ସହ ପହଞ୍ଚି ଦେଖିବାରୁ ସମସ୍ତ ମନ୍ଦିରରେ ଠାକୁରଙ୍କ ରୁପା କିରିଟି, ଛତି, ବାହୁଟି, ବଂଶୀ ଏବଂ ସୁନା ଟିତା,ମଙ୍ଗଳସୂତ୍ର ଆଦି ବହୁ ମୂଲ୍ୟବାନ ଅଳଙ୍କାର ସମେତ ଦାନବାକ୍ସରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଘଟଣା ପ୍ରଘଟ ନ ହେଉଣୁ, ବାଲୁଗାଁ ସରଳାପଦର ଛକସ୍ଥିତ ମା' ଉତ୍ତରାୟଣୀ ମନ୍ଦିର, ମାଛ ମାର୍କେଟସ୍ଥିତ ମା' କାଳିଜାଈ ମନ୍ଦିର, ଗାନ୍ଧୀନଗରସ୍ଥିତ ମା' ଗିରିଦୁର୍ଗା ମନ୍ଦିର ଏବଂ ବିଦ୍ୟାଧରପୁର ସାହିସ୍ଥିତ ମା' ଖିଲାମୁଣ୍ଡାଙ୍କ ମନ୍ଦିରରୁ ମଧ୍ୟ ଅନୁରୂପ ଭାବେ ଦୁର୍ବୃତ୍ତମାନେ ଠାକୁରଙ୍କ ମଥାରୁ ରୁପା ଓ ସୁନା ଅଳଙ୍କାର ଆଦି ଚୋରାଇ ନେଇଥିବା ଜଣାପଡ଼ିଥିଲା। ସମ୍ପୃକ୍ତ ମନ୍ଦିରଗୁଡ଼ିକର କର୍ତ୍ତୃପକ୍ଷଙ୍କଠାରୁ ଅଭିଯୋଗ ପାଇ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ ପଟ୍ଟନାୟକ, ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ସମେତ ପୋଲିସ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅପରାହ୍ଣରେ ପୋଲିସ ସନ୍ଧାନୀ କୁକୁର ଟିମ୍ ପହଞ୍ଚି ଅନୁସନ୍ଧାନ କରିଛି। ସମସ୍ତ ମନ୍ଦିରରୁ ଚୋରି ଅଳଙ୍କାରର ମୂଲ୍ୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବାଲୁଗାଁ ଅଞ୍ଚଳରେ ଏଭଳି ଘଟଣା ପ୍ରଥମ ବୋଲି କୁହାଯାଇଛି। ରାତ୍ର ପାଟ୍ରୋଲିଂ ସତ୍ତ୍ୱେ ଦୁର୍ବୃତ୍ତମାନେ ସିରିଜ ଚୋରି କରିବା ପୋଲିସ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ପାଲଟିଛି। ବିଳମ୍ବିତ ରାତ୍ରିରେ ୭ରୁ ୮ଜଣ ଯୁବକ ମୁଣ୍ଡରେ କମ୍ବଳ ଘୋଡ଼ାଇ ହୋଇ ମନ୍ଦିର ଆଖପାଖ ଅଞ୍ଚଳରେ ବୁଲୁଥିଲେ ବୋଲି କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ବାହାରୁ ଆସି ଏଠାରେ ଫେରି ବ୍ୟବସାୟ କରୁଥିବା ଲୋକଙ୍କ ଉପରେ ସନ୍ଦେହ ଉପୁଜିଛି ଏବଂ ଏ ନେଇ ତଦନ୍ତ ଚାଲିଥିବା ଆଇଆଇସି ପରିଡ଼ା କହିଛନ୍ତି।

# ଆଧ୍ୟାତ୍ମିକ ଜ୍ଞାନ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବ



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପସେବାକେନ୍ଦ୍ର ପକ୍ଷରୁ ବାଚସ୍ପତି ସୁରମା ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମରେ ୯୦ତମ ଶିବ ଜୟନ୍ତୀ

ବୋଲଗଡ଼,୧୪।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ରାଜସୁନାଖଳାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପସେବାକେନ୍ଦ୍ର ପରିସରରେ ଶନିବାର ୯୦ତମ ତ୍ରିମୂର୍ତ୍ତି ଶିବଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଲେ, ପରମାତ୍ମା ଶିବ ନିରାକାର। ସାରା ସଂସାରର ନିୟାମକ ଓ ଭାଗ୍ୟବିଧାତା। ସମର୍ପଣ ଭାବ ନେଇ ତାଙ୍କୁ ଧ୍ୟାନ କଲେ ତାଙ୍କର ଅମାପ ଶକ୍ତି ଓ ଦିବ୍ୟଗୁଣ ଆମ୍ଭ ଆତ୍ମାକୁ ପ୍ରାପ୍ତ ହେବ, ଯାହା ଆମ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ପ୍ରେରଣା ଯୋଗାଇବ। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗ ଧ୍ୟାନ ଓ ଆଧ୍ୟାତ୍ମିକ ଜ୍ଞାନର ଦର୍ଶନ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ସେ ପ୍ରକାଶ କରିଥିଲେ। ସେ ବ୍ରହ୍ମାକୁମାରୀ ଭଉଣୀମାନଙ୍କ ନିଃସ୍ୱାର୍ଥ ସେବାର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିରୂପେ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଓ ସମିତିସଭ୍ୟ ତପନ ପ୍ରଧାନ ଉପସ୍ଥିତ ଥିଲେ। ବରିଷ୍ଠ ରାଜଯୋଗୀ ବ୍ରହ୍ମାକୁମାର ଡାକ୍ତର ସତ୍ୟାନନ୍ଦଙ୍କ ମଞ୍ଚ ପରିଚାଳନାରେ ଏହି ସବ୍‌ଜୋନର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. ନିରୁପମା ଆଶୀର୍ବାଦ ପ୍ରଦାନ କରିବା ସହ ସମସ୍ତଙ୍କୁ ଶିବରାତ୍ରିର ଶପଥ ପାଠ କରାଇଥିଲେ। ଏହି ଅବସରରେ ବାଚସ୍ପତି ଆଶ୍ରମ ପରିସରରେ ତପସ୍ୟା ଧାମର ଶିଳାନ୍ୟାସ ସହ ବୃକ୍ଷରୋପଣ କରିଥିଲେ।

# ଭାଲେଣ୍ଟାଇନ ଡେ'କୁ ଶହୀଦ ଦିବସ ଭାବେ ପାଳନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତାମାନେ।

## ମା' ଉଗ୍ରତାରା ୟୁଥ୍ ଫୋରମ୍‌ର ନିଆରା ପଦକ୍ଷେପ

ନିରାକାରପୁର,୧୪।୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ବୋଡ଼ଙ୍ଗରା ପାଟଣାସ୍ଥିତ ମା' ଉଗ୍ରତାରା ୟୁଥ୍ ଫୋରମ ପକ୍ଷରୁ ଶନିବାର ବଡ଼ପୋଖରିଆ ପଞ୍ଚାୟତ ଅଧୀନ ବୋଡ଼ଙ୍ଗରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଅତିଥିଭାବେ ସାମାଜିକ କର୍ମୀ ଡ. ସଞ୍ଜୟ ପଟ୍ଟନାୟକ ଯୋଗଦେଇ କହିଥିଲେ, ରାଜ୍ୟବ୍ୟାପୀ ଯୁବପିଢ଼ି ପାଶ୍ଚାତ୍ୟ ସଭ୍ୟତାକୁ ଆପଣେଇ ଭାଲେଣ୍ଟାଇନ ଡେ' ପାଳନ କରୁଥିବାବେଳେ ବୋଡ଼ଙ୍ଗରାର ଯୁବକମାନେ ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୪୦ଜଣ ଯବାନଙ୍କ ଉଦ୍ଦେଶ୍ୟରେ ଶହୀଦ ଦିବସ ପାଳନ କରିଛନ୍ତି, ଯାହା ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟକ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ଗୀତାଞ୍ଜଳି ପ୍ରଧାନ, ଫାର୍ମାସିଷ୍ଟ ଶକ୍ତିନାଥ ତରାଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ଦଳସିଂହାର, ଶିକ୍ଷାବିତ୍ ଶିବ ପ୍ରସାଦ ମହାପାତ୍ର, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ନୂଆଗଡ଼ ସ୍ୱୟଂସେବକ ସଂଘ, ହରିପୁରର ଉପଦେଷ୍ଟା ସନ୍ତୋଷ କୁମାର ରାୟ ପ୍ରମୁଖ ଯୋଗଦେଇଥିଲେ। ସୁରେନ୍ଦ୍ର କୁମାର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଫୋରମ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା।

# ବିଲରୁ ମିଳିଲା ନିଖୋଜ ବୃଦ୍ଧଙ୍କ ମୃତଦେହ

ବୋଲଗଡ଼,୧୪।୨(ଦେବବ୍ରତ ହୋତା)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ରାଜସୁନାଖଳା-ପାନନଗର ରାସ୍ତାଠାରୁ ପ୍ରାୟ ୨୦୦ ମିଟର ଦୂର ଏକ ବିଲରୁ ଶନିବାର ଜଣେ ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଏହି ଥାନା ଅଧୀନ ସାଗରଗୁଆଁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାୟଗୁରୁ (୯୭)। ସେ ଭୁବନେଶ୍ୱରସ୍ଥିତ ତାଙ୍କ ଭାଣିଜୀ ଘରକୁ ଯାଇ ୧୧ ତାରିଖରେ ଗାଁକୁ ଫେରୁଥିଲେ। ତାଙ୍କୁ ଭାଣିଜୀ ଜ୍ୱାଇଁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ନୟାଗଡ଼ ବସ୍‌ରେ ବସାଇ ଦେଇଥିଲେ। ମାତ୍ର ସେ ଘରେ ନ ପହଞ୍ଚିବାରୁ ୧୨ତାରିଖରେ ତାଙ୍କର ନିଖୋଜ ନେଇ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଥିଲା। ତେବେ ସ୍ଥାନୀୟ ପାନନଗରର ଜଣେ ଯୁବକ ବିଲକୁ ଗାଈ ଚରାଇବାକୁ ଯାଇଥିବାବେଳେ ମୃତଦେହ ଦେଖିଥିଲେ। ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ରଙ୍କ ସମ୍ପର୍କୀୟ ମୃତଦେହ ଚିହ୍ନଟ କରି ତାଙ୍କ ପରିବାରବର୍ଗଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଓ ପୋଲିସ ପହଞ୍ଚିବା ପରେ ତଦନ୍ତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ପାନନଗରସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

# ସିକୋରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୧୪।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିକୋସ୍ଥିତ ଶ୍ରୀପତିତପାବନଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ ହେଉଛି। ଏଗାର କଳସ ଯାତ୍ରାରେ ମନ୍ଦାକିନୀରୁ ପାଣି ନେଇ ଠାକୁରଙ୍କ ନିକଟରେ କଳସ ସ୍ଥାପନ କରାଯାଇଥିଲା। ପଣ୍ଡିତ ଜଗନ୍ନାଥ ମିଶ୍ର, ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ବେଦ ପାଠ କରିଥିଲେ। କର୍ତ୍ତା ଭାବେ ରାଜକିଶୋର ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ରତିକାନ୍ତ ପ୍ରଧାନ ଓ ଆନନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

**ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5286

# କଲେଜ ଡାଟା ଏଣ୍ଟ୍ରି ପଦବୀକୁ ପୂର୍ଣ୍ଣ ଅନୁଦାନ ପରିସରଭୁକ୍ତ ଦାବି

ଭୁବନେଶ୍ୱର,୧୪।୨(ସୁବାସ ଚନ୍ଦ୍ର ପ୍ରଧାନ)

ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ କମିଟି ଏବଂ ଓଡ଼ିଶା ଅନୁଦାନପ୍ରାପ୍ତକଲେଜଡାଟାଏଣ୍ଟ୍ରିଅପରେଟରସଂଘମଧ୍ୟରେ ଏକଦ୍ୱିପାକ୍ଷିକ ଆଲୋଚନା ତୋଷାଳି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟରେ ଥିବା ଅନୁଦାନପ୍ରାପ୍ତ କଲେଜର ଡାଟା ଏଣ୍ଟ୍ରି ଅପରେଟରଙ୍କ ଚାକିରି ସର୍ତ୍ତାବଳୀ ଏବଂ ୨୦୦୮ ପରବର୍ତ୍ତୀ ସମୟରେ ଚାକିରିରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ପୂର୍ଣ୍ଣ ଅନୁଦାନ (ଜିଆଇଏ) ସମ୍ପ୍ରସାରଣ ବେଳେ ବିଚାରକୁ ନେବା ବିଷୟରେ ବିଷଦ୍ ଭାବେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ କଲେଜଗୁଡ଼ିକରେ କାର୍ଯ୍ୟକରୁଥିବା ଡାଟା ଏଣ୍ଟ୍ରିଅପରେଟରଙ୍କ ବିବିଧ କାର୍ଯ୍ୟାବଳୀକୁ ଦୃଷ୍ଟିରେ ରଖି ଉକ୍ତ ପଦବୀକୁ ପୂର୍ଣ୍ଣ ଅନୁଦାନ ପରିସରଭୁକ୍ତ କରିବାକୁ ସଂଘର ସଭାପତି ପ୍ରଶାନ୍ତ କୁମାର ଦାସ ଏବଂ ସଧାରଣ ସମ୍ପାଦକ ଅରୁଣ କୁମାର ବାରିକ ଅନୁରୋଧ କରିଥିଲେ। ଏହି ଦାବିକୁ ବିଚାରକୁ ନେଇ ଏକ ସକରାତ୍ମକ ସୁପାରିସ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସଂଘକୁ ଅବଗତ କରାଯାଇଥିଲା। ଆଲୋଚନାରେ କମିଟିର ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟ ସଦସ୍ୟ ଏବଂ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**छत्तीसगढ़ शासन वन विभाग, बलरामपुर वनमण्डल, बलरामपुर (छत्तीसगढ़)**

**नीलाम सूचना**

सर्व साधारण को सूचनार्थ प्रकाशित किया जाता है कि बलरामपुर वनमंडल के अन्तर्गत काष्ठागार वाड्रफनगर में रखी इमारती लकड़ी / जलाऊ काष्ठ को निम्नलिखित तिथि व समय में ई-ऑक्शन द्वारा निर्वर्तन किया जाना है। इच्छुक व्यापारि ई-ऑकसन में अवश्य भाग लेवें। ई-ऑक्शन की शर्ते एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार वाड्रफनगर से प्राप्त कर सकते है।

डिपो का नाम - काष्ठागार वाड्राफनगर
ई-नीलाम दिनांक - 25.02.2026
समय - प्रातः 09.00 बजे से

| क्र. | वनोपज का विवरण | नया काष्ठ | | पुराना काष्ठ | |
|---|---|---|---|---|---|
| | | लट्ठा घ.मी. | बल्ली / डेंगरी नग | लट्ठा (घ.मी.) | बल्ली / डेंगरी नग |
| 1 | 2 | 3 | 4 | 5 | |
| A | इमारती काष्ठ | | | | |
| 1 | सागौन | 1.799 | 14 | 96.639 | 559 |
| 2 | साल | 312.255 | - | 2213.617 | 694 |
| 3 | साजा | 82.224 | - | 167.125 | 126 |
| 4 | तिन्सा | - | - | - | - |
| 5 | बीजा, शीशम, खम्हार | 3.462 | - | 16.844 | 9 |
| 6 | हल्दु, मुडी, बांसा | 29.648 | - | 49.824 | 2 |
| 7 | धावड़ा | 1.486 | - | 14.728 | 84 |
| 8 | अन्य मिश्रित (सेमल) | 55.679 | - | 35.305 | 123 |
| 9 | नीलगिरी | 19.123 | - | - | - |
| 10 | सलया | - | - | - | - |
| 11 | खैर काष्ठ | 5.889 | - | - | - |
| | योग:- | 511.565 | 14 | 2594.082 | 1597 |
| क्र | प्रजाति विवरण | | | | |
| 1 | जलाऊ चट्टा मिश्रित प्रजाती सा. 2.00 मी. × 1.25 × 0.80 मी. | 200 चट्टा | | 363 चट्टा | |

टीप: 1. क्रेता को ई-ऑक्सन के पूर्व एम.एस.टी.सी. ई-कोमर्स पोर्टल में रजिस्ट्रेशन करना अनिवार्य हैं।
2. क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉगईन करके देख सकते है।

G-252606660/3

स्वा. / - वनमंडलाधिकारी, बलरामपुर वनमण्डल, बलरामपुर

No.9001/11/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.16.02.2026ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9014/1/25-26/0004

# ମନ୍ଦିର ସଫେଇ, ଚାରାରୋପଣ କାର୍ଯ୍ୟକ୍ରମ



ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

ବେଗୁନିଆ,୧୪।୨(ସନ୍ଧ୍ୟାରାଣୀ ମିଶ୍ର)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆର୍ଥିକ ସହାୟତାରେ ପିଏମଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ,ବେଗୁନିଆ ଆନୁକୂଲ୍ୟରେ ଶନିବାର ମନ୍ଦିର ସଫେଇ ସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱ ଏବଂ ବେଗୁନିଆ ଗ୍ରାମ୍ୟ କମିଟି ତଥା ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନର ଅଧ୍ୟକ୍ଷ ମାୟାଧର ମାର୍ଥା ଓ ଉପାଧ୍ୟକ୍ଷ ଭବାନୀ ଶଙ୍କର ଜୟସିଂହଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଲୁଙ୍କେଶ୍ୱର ମନ୍ଦିର ହତା ବାହାରେ ୨ଟି ଡଷ୍ଟବିନ୍ ରଖାଯିବା ସହ ମନ୍ଦିର ପରିସର ସଫେଇ କରାଯାଇ ଗୁଆ ଗଛ ଚାରା ରୋପଣ କରାଯାଇଛି। ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର, ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା ଓ ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନର ସଭ୍ୟାସଭ୍ୟ, ବେଗୁନିଆ ଗ୍ରାମ୍ୟ କମିଟି ଏବଂ ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ଥିଲେ। ବେଗୁନିଆ ଗୋଷ୍ଠୀ ଶିକ୍ଷାଧିକାରୀ ଅର୍ଣ୍ଣବ କୁମାର ବେଉରା, ବେଗୁନିଆ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି, ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ସ୍ୱାଇଁ, ବାଘମାରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବାକର ସାହୁ, ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସହଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ସେଠୀ, ବେଗୁନିଆ ମଣ୍ଡଳର ସମସ୍ତ ସାଧନ କେନ୍ଦ୍ର ସଂଯୋଜକ, ସାମାଜିକ କର୍ମୀ ରାମମାନସ ପଣ୍ଡା, ପ୍ରଭାତ ପ୍ରହରାଜ, ସର୍ବେଶ୍ୱର ସାହୁ, ଜୟଦେବ ବେହେରା,ମାନସ ରଞ୍ଜନ କର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

No. ୩୮୮୨/୨୦୨୫ Date: ୨୪।୧୨।୨୦୨୫

No. 24001/33/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୦/୨୦୨୨, ତା: ୨୮।୦୭।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା - ୨୭୭୯୩/୨୫, ତାରିଖ: ୨୮।୦୭।୨୦୨୫ ଅନୁଯାୟୀ ତା୩୧।୧୨।୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୈପାରିଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧।୧୨।୨୦୨୫।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./- ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**

ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା ନଂ. ୧୦୨, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୮ | ରୟତି | ୧ | ୧.୭୩୦ | ୦.୯୧୪ | ଡଙ୍ଗର | କାଞ୍ଚନମାଳା ଗୌଡ଼, ସ୍ୱା.: ଯୁଧିଷ୍ଠିର ଗୌଡ଼, ଜା: ଗୌଡ଼, ବା: ନିଜଗାଁ |
| ୨୮୯/ ୩୫୫ | ରୟତି | ୩ | ୦.୮୪୦ | ୦.୦୮୯ | ଧାନ ଅଣଜଳସେଚିତ ଦୁଇ | ତ୍ରିଲୋଚନ ଜେନା, ପି.: ଘାସିରାମ ଜେନା, ଜା: କାଳିଞ୍ଜି, ବା: ଗୌଡ଼ସାହି, ବୈପାରିଗୁଡ଼ା |
| ୧୦୯ | ରୟତି | ୨ | ୧.୦୦୧ | ୦.୪୫୫ | ଡଙ୍ଗର | ନୀରୋଦ ଚନ୍ଦ୍ର ରଥ, ପି.: ଗଙ୍ଗାଧର ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ମୋଟ | | ୧.୪୫୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | - |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧.୪୫୮ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | - |
| ଜଙ୍ଗଲ ଅଧିକାରୀ ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | - |
| | | ମୋଟ | | | | ୧.୪୫୮ |

Sd./- Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24001/24221/3/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**

E.Mail - rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO. ONLINE-SESNG-24 of 2025-26**

**No.25001/140/2526** : 1. Name of the Work : Road Work, 2. Total No. of works : 2 no. Road, 3. Estimated cost : From Rs.67.29 Lakhs to 87.79 Lakhs, 4. Class of contractor : Only 'B', 5. Period of completion : 06 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-24 of 2025-26** | **18.02.2026 11.00 A.M.** | **06.03.2026 05.00 P.M.** |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
Sundargarh

OIPR-25001/25046/1/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION-II, MALKANGIRI**

No.25001/162/2526

E-mail : ruralworksdivisioniimalkangiri@yahoo.in

**INVITATION FOR BIDS (SHORT NOTICE)**

**"E" PROCUREMENT NOTICE NO. RWDSE_MKG_II_ONLINE_20/2025-26**

1. Name of the work : Roads works in the District of Malkangiri for the year 2025-26
2. Total No. of work : 01 Number of Road Work
3. Estimated Cost : Rs.69.92 Lakhs
4. Period of Completion : As Specified in the Annexure
5. Class of Contractor : As Specified in the Annexure
6. Cost of Tender Paper : Cost of tender is to be remitted ONLINE as specified in column-6 of the Annexure
7. Details Projects : As Specified in the Annexure

**Other details as follows**

a) Procurement Officer : Superintending Engineer, Rural Works Division-II, Malkangiri
b) Availability of Tender Online : 18.02.2026 at 11.00 A.M. to 25.02.2026 up to 5.30 P.M.
c) Last date & time of seeking of Tender clarification : 24.02.2026 up to 5.00 P.M.
d) Technical Bid Opening : 26.02.2026 at 11.00 P.M.
e) Financial Bid Opening : **To be intimated Separately**
f) Decision to conduct Lottery : If required to decide the agency, transparent Lottery shall be conducted on date 28.02.2026 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Malkangiri

OIPR-25001/25079/1/25-26/0024

# ତ୍ରିଦିବସୀୟ ସପ୍ତମ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

## ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟରେ ଆତ୍ମବିଭୋର ଦର୍ଶକ

କୋଣାର୍କ,୧୪।୨ (ଜ୍ୟୋତିରାଜ ମହାନ୍ତି)



ମହୋତ୍ସବରେ ବିଧାୟକ ତୁଷାରକାନ୍ତି ବେହେରା ଓ ନୃତ୍ୟଶିଳ୍ପୀମାନେ ।

କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ କୋଣାର୍କର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ସପ୍ତମ ଲୋକକଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ସାମ୍ପ୍ରତିକ ସମୟରେ ବିଲୁପ୍ତ ଲୋକକଳାର ପୁନରୁଦ୍ଧାର ଓ ପ୍ରସାର ଦିଗରେ ନାଟ୍ୟଦୀପର ଭୂମିକା ଅତୁଳନୀୟ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶିକା ଡ. ସଙ୍ଗୀତା ଗୋସାଇଁ ଯୋଗଦେଇ କହିଛନ୍ତି, କୋଣାର୍କ ହେଉଛି କଳା ଓ ସଂସ୍କୃତିର ଏନ୍ତୁଡ଼ିଶାଳ। ଏହି କଳାର ପୃଷ୍ଠଭୂମିଠାରେ ପ୍ରାଚୀନ ଲୋକନୃତ୍ୟ ଓ ଲୋକ କଳାକୁ ଜୀବନ୍ତ ଓ ଋଦ୍ଧିମନ୍ତ କରିବା ସହ ବିଶ୍ୱରେ ଏହାର ପ୍ରଚାର ପ୍ରସାର କରିବା ଦିଗରେ ଏହା ବିଶେଷ ସହାୟକ ହେବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ସିମିଳି ପଞ୍ଚାୟତ ସମିତିସଭ୍ୟା ମିନତି ସାହୁ, ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ କୋଣାର୍କ ନାଟ୍ୟଦୀପର କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ପରିପ୍ରେକ୍ଷୀରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ମା' ତାରିଣୀ ଘୋଡ଼ାନାଚ ଗ୍ରୁପ୍‌ର ମୁଖ୍ୟ ଗାୟକ ଚନ୍ଦ୍ରମଣି ମଲ୍ଲିକ ଓ ସାଥୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଶେଷରେ ଧନିତ୍ରୀ ଗ୍ରାମର ଗାୟକ ପ୍ରବୀଣ ସ୍ୱରସୁଧା ହରେକୃଷ୍ଣ ମହାରଣା ଓ ସାଥୀ କଳାକାରଙ୍କ ଦ୍ୱାରା ଚେତନାଧର୍ମୀ ପାଲା ପରିବେଷଣ କରାଯାଇଥିଲା। ସଂଗଠନର ସଦସ୍ୟା ମିନତି ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ନିତ୍ୟାନନ୍ଦ ମହାରଣାଙ୍କ ସମେତ ସଂଗଠନର କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଉନ୍ନତୀକରଣ ନାଁରେ କାଟିଦେଲେ ମୂଲ୍ୟବାନ ଗଛ

କାକଟପୁର/ଅସ୍ତରଙ୍ଗ,୧୪।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ସ୍ଥାନୀୟ ଅଞ୍ଚଳରେ ଉନ୍ନତୀକରଣ ହେଉ ଅବା ରାସ୍ତା ନିର୍ମାଣ ନାଁରେ ବଳିପଡ଼ିଛି ୫୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛ। ଅସ୍ତରଙ୍ଗ ତହସିଲ ଅଧୀନ ବାଲିଆପଟାସ୍ଥିତ ବିରଞ୍ଚି ନାରାୟଣୀଙ୍କ ପୀଠ ନିକଟରେ ଆକାଶିଆ ଗଛ କଟାହେବାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି। ଗଛ କାଟିବା ପୂର୍ବରୁ କାର୍ଯ୍ୟାଳୟ ଅଧିକାରୀ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ବନ ବିଭାଗ ଅନୁମତି ନେଇ ନ ଥିବା ଜଣାପଡ଼ିଛି।

ଅସ୍ତରଙ୍ଗ ତହସିଲ ନିକଟସ୍ଥ ବାଲିଆପଟାସ୍ଥିତ ବିରଞ୍ଚି ନାରାୟଣୀଙ୍କ ପୀଠ ନିକଟରେ ଶତାଧିକ ମୂଲ୍ୟବାନ ଗଛ ଲଗାଯାଇଥିଲା। ଏବେ ସେହି ଗଛଗୁଡ଼ିକ ବିଶାଳ ରୂପଧାରଣ କରିଥିବା ବେଳେ ଚତୁଃପାର୍ଶ୍ୱ ପରିବେଶ ସବୁଜିମାରେ ଭରି ଦେଇଥିଲା। କିଛି ମୁଷ୍ଟିମେୟ ବ୍ୟକ୍ତି ପ୍ରଶାସନକୁ ନ ଜଣାଇ ଆକାଶିଆ ଭଳି ମୂଲ୍ୟବାନ ଗଛକୁ କାଟି ସଫା କରି ଦେଇଛନ୍ତି। ଖୁଲମଖୁଲା ଚାଲୁଥିବା ବେଆଇନ କରତକଳ ବନବିଭାଗ ଆଖି ସାମ୍ନାରେ ଚାଲୁଥିବା ବେଳେ କାହିଁକି ସବୁଜାଣି ନୀରବଦ୍ରଷ୍ଟା ପାଲଟିଛି, ଏହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଶେଷ ସୂତ୍ରରୁ ଖବରପାଇ ଅସ୍ତରଙ୍ଗ ପୋଲିସ କର୍ମଚାରୀ, ବନବିଭାଗ ଓ ରାଜସ୍ୱ କର୍ମଚାରୀ ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଛନ୍ତି । ଏ ସମ୍ପର୍କରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି କହିଛନ୍ତି, ମୂଲ୍ୟବାନ କାଠଗୁଡ଼ିକ ଜବତ କରାଯାଇଛି। ଗଛକଟା ଘଟଣାରେ ଯେଉଁମାନେ ସମ୍ପୃକ୍ତ ରହିଛନ୍ତି, ସେମାନଙ୍କୁ ଚିହ୍ନଟ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ବନବିଭାଗ କର୍ମଚାରୀ କହିଛନ୍ତି, ଗଛକଟାକୁ ନେଇ ଆମ ପାଖରେ ଖବର ନ ଥିଲା। ତେବେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ବନବିଭାଗର ଏକ ଟିମ୍ ଘଟଣାସ୍ଥଳ ଯାଇ ଅନୁଧ୍ୟାନ କରିଛନ୍ତି। ପୁରୀ ବନଖଣ୍ଡ ଅଧିକାରୀ ମକର ଧନୁଜ ରାସୋ କହିଛନ୍ତି, ଗଛକଟା ହୋଇଥିବା ଅଞ୍ଚଳ ବନବିଭାଗ ଅଧୀନରେ ଯାଉନାହିଁ। ଏହା ରାଜସ୍ୱ ବିଭାଗ ଅଧୀନରେ ରହିଛି।

# କବାଡ଼ିଆ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ

ନିମାପଡ଼ା,୧୪।୨ (ବିଚିତ୍ରାନନ୍ଦ ସାହୁ)


ଅଗ୍ନିକାଣ୍ଡରେ ଜଳି ଯାଇଥିବା କବାଡ଼ିଆ ଗୋଦାମର ଆସବାବପତ୍ର।

ନିମାପଡ଼ା ଥାନା ଅନ୍ତର୍ଗତ ବିଷ୍ଣୁପୁର ଦେଉଳିସାହି ଗ୍ରାମଠାରେ ଥିବା ଶ୍ରୀନିବାସ ଦଳେଇଙ୍କ କବାଡ଼ିଆ ଗୋଦାମରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ କବାଡ଼ିଆ ସାମଗ୍ରୀ ପୋଡ଼ି ଭସ୍ମ ହୋଇଯାଇଥିବା ମାଲିକ ଶ୍ରୀନିବାସ ଦଳେଇ କହିଛନ୍ତି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବାସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଦେଖି ଗୋଦାମରେ କାମ କରୁଥିବା କର୍ମଚାରୀ ଭୟଭୀତ ହୋଇ ଗୋଦାମ ଛାଡ଼ି ଚାଲି ଯାଇଥିଲେ। ଅଗ୍ନିକାଣ୍ଡର ଏହି ଭୟାବହତା ଯୋଗୁ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇପଡ଼ିଥିବା ବେଳେ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଏହି ଅଗ୍ନିକାଣ୍ଡର କାରଣ ସ୍ପଷ୍ଟଭାବେ ଜଣାପଡ଼ି ନାହିଁ। କେହି ଦୁର୍ବୃତ୍ତ ଉଦ୍ଦେଶ୍ୟମୂଳକ ଭାବେ ଗୋଦାମରେ ନିଆଁ ଲଗାଇ ଦେଇଥିବା କେତେକ ମହଲରେ ଚର୍ଚ୍ଚା ହେଉଛି। ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା।

# କଣାସରେ ପହଞ୍ଚିଲା ଡାକ୍ତରୀ ଦଳ

କଣାସ,୧୪।୨ (ବିଭୂତି ଭୂଷଣ ତ୍ରିପାଠୀ)

ଚଳିତବର୍ଷ ପୁଣିଥରେ କଣାସ ଅଞ୍ଚଳର ଲୋକେ ଦୟାନଦୀର ଦୂଷିତଜଳ ବ୍ୟବହାର କରି ନୂଆଗାଁ ଗ୍ରାମରେ ଝାଡ଼ାବାନ୍ତି ଆରମ୍ଭ ହୋଇ ୫ ଜଣରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ଖବର ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିଲା। ପରେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ନୂଆଗାଁ ଓ ଆଖପାଖ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ଚିକିତ୍ସା କରିବା ସହ ନଳକୂପରେ ବ୍ଲିଚିଂ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ଡାକ୍ତର ଏବଂ ଆଶାକର୍ମୀ ନୂଆଗାଁ ଗ୍ରାମରେ ପହଞ୍ଚି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କୁ ଦୟାନଦୀର ଦୂଷିତ ଜଳ ବ୍ୟବହାର ନ କରିବା ପାଇଁ ସଚେତନ କରିଥିଲେ। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ଝାଡ଼ାବାନ୍ତି ଲାଗିଥିବା ଗ୍ରାମ ଏବଂ ଆଖପାଖ ଗ୍ରାମରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେବାରୁ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳଯୋଗଣ ହୋଇଛି। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଗଡ଼ିଶାଗୋଦା ଓ ଗୋପୀନାଥପୁର ସରପଞ୍ଚଙ୍କୁ ଡେଙ୍ଗୁରା ମାଧ୍ୟମରେ ଦୟାନଦୀର ଦୂଷିତ ଜଳ ବ୍ୟବହାର ନ କରିବା ପାଇଁ ଡେଙ୍ଗୁରା ଯୋଗେ ସଚେତନ କରିଥିଲେ।

# ରାସ୍ତାକଡ଼ରେ ଜଳିଗଲା ବାଇକ୍

ନିମାପଡ଼ା,୧୪।୨ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଗୋଲେଇ ଛକରେ ଶନିବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ୟାରେଜ୍‌ରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ବାଇକ୍ ଓ୍ୱେଲ୍ଡିଂ କରୁଥିବା ବେଳେ ବ୍ୟାଟେରିରୁ ଶର୍ଟ୍‌ସର୍କିଟ୍ ହୋଇ ନିଆଁଲାଗି ବାଇକ୍‌ଟି ଜଳିଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବାସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାସ୍ତାକଡ଼ରେ ବାଇକ୍‌ଟି ହୁତୁ ହୁତୁ ହୋଇ ଜଳୁଥିବାର ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ ସ୍ତବ୍ଧ ହୋଇଯାଇଥିଲେ। ବାଇକ୍‌ଟି ସ୍ଥାନୀୟ ମହାବୀର କଲୋନୀର ରାଜେଶ କୁମାର ମିଶ୍ରଙ୍କର ଓ ନିଆଁରେ ପୋଡ଼ିଯାଇଥିବା ବାଇକ୍ ନମ୍ବର(ଓଡି–୦୭–୧୩୧୭) ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ଜଣାପଡ଼ିଛି।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**MCL**
**ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା–୭୬୮୦୨୦, ଜିଲ୍ଲା–ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)–୦୬୬୩–୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ–ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5286

# ପୁଲ୍‌ୱାମା ଶହୀଦ ଯବାନଙ୍କ ପାଇଁ ଦୀପଦାନ

ସାକ୍ଷୀଗୋପାଳ,୧୪।୨ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ଜମ୍ମୁ–କଶ୍ମୀରର ପୁଲ୍‌ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଦେଶମାତୃକାର ସେବାରେ ନିୟୋଜିତ ଶହୀଦ ହୋଇଥିବା ୪୦ ଯବାନଙ୍କ ସ୍ମୃତିରେ ଶନିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶହୀଦଙ୍କ ମଧ୍ୟରେ ସତ୍ୟବାଦୀର ୨ ଜଣ ଯବାନ ଥିଲେ। ସେମାନେ ହେଲେ ଦେବାଶିଷ ବିଶ୍ୱାଳ ଓ ଶ୍ୟାମସୁନ୍ଦର ବାରିକ। ପ୍ରତ୍ୟେକ ଶହୀଦଙ୍କ ସ୍ମୃତିଉଦ୍ଦେଶ୍ୟରେ ଗୋଟିଏ ଲେଖାଏ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ବୁଦ୍ଧିଜୀବୀ ଗୋପୀନାଥ ରଥ, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ, ଆଇନଜୀବୀ ସୁଶାନ୍ତ କୁମାର ରଥ, ଖବରଦାତା କିଶୋର ଚନ୍ଦ୍ର ମହାପାତ୍ର, ଅଶୋକ ବେହେରା, ପ୍ରଶାନ୍ତ କୁମାର ବାରିକ, ଦୁର୍ଗେଶ୍ ପ୍ରସାଦ ମିଶ୍ର, ରମାବଲ୍ଲଭ ବରାଳ, ରାଜକିଶୋର ସେନାପତି, ଭବାନୀ ଶଙ୍କର ନନ୍ଦ, କୈଳାସ ଚନ୍ଦ୍ର ବାରିକ, ରମେଶ ଚନ୍ଦ୍ର ସାହୁ, ସୁରେନ୍ଦ୍ର ନାଥ ପଣ୍ଡା, ଯୋଗୀ ବେତାଳ, ଦୀପକ ବାରିକ, ବାଳକୃଷ୍ଣ ପଟ୍ଟନାୟକ ଓ ବନ୍ଦନା ମହାପାତ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇ ପୁଲ୍‌ୱାମା ଶହୀଦଙ୍କ ସହ ସତ୍ୟବାଦୀ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ।



ଦୀପଦାନରେ ଯୋଗଦେଇଥିବା ବୁଦ୍ଧିଜୀବୀମାନେ।

**छत्तीसगढ़ शासन वन विभाग, बलरामपुर वनमण्डल, बलरामपुर (छत्तीसगढ़)**

**नीलाम सूचना**

सर्व साधारण को सूचनार्थ प्रकाशित किया जाता है कि बलरामपुर वनमंडल के अन्तर्गत काष्ठागार वाड्रफनगर में रखी इमारती लकड़ी / जलाऊ काष्ठ को निम्नलिखित तिथि व समय में ई-ऑक्शन द्वारा निर्वर्तन किया जाना है। इच्छुक व्यापारि ई-ऑकसन में अवश्य भाग लेवें। ई-ऑक्शन की शर्ते एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार वाड्रफनगर से प्राप्त कर सकते है।

डिपो का नाम - काष्ठागार वाड्रफनगर
ई-नीलाम दिनांक - 25.02.2026
समय - प्रातः 09.00 बजे से

| क्र. | वनोपज का विवरण | नया काष्ठ | | पुराना काष्ठ | |
|---|---|---|---|---|---|
| | | लट्ठा घ.मी. | बल्ली / डेंगरी नग | लट्ठा (घ.मी.) | बल्ली / डेंगरी नग |
| 1 | 2 | 3 | 4 | 5 | |
| A | इमारती काष्ठ | | | | |
| 1 | सागौन | 1.799 | 14 | 96.639 | 559 |
| 2 | साल | 312.255 | - | 2213.617 | 694 |
| 3 | साजा | 82.224 | - | 167.125 | 126 |
| 4 | तिन्सा | - | - | - | - |
| 5 | बीजा, शीशम, खम्हार | 3.462 | - | 16.844 | 9 |
| 6 | हल्दु, मुडी, बांसा | 29.648 | - | 49.824 | 2 |
| 7 | धावड़ा | 1.486 | - | 14.728 | 84 |
| 8 | अन्य मिश्रित (सेमल) | 55.679 | - | 35.305 | 123 |
| 9 | नीलगिरी | 19.123 | - | - | - |
| 10 | सलया | - | - | - | - |
| 11 | खैर काष्ठ | 5.889 | - | - | - |
| | योग:- | 511.565 | 14 | 2594.082 | 1597 |
| क्र | प्रजाति विवरण | | | | |
| 1 | जलाऊ चट्टा मिश्रित प्रजाती सा. 2.00 मी. × 1.25 × 0.80 मी. | 200 चट्टा | | 363 चट्टा | |

टीप: 1. क्रेता को ई-ऑक्सन के पूर्व एम.एस.टी.सी. ई-कोमर्स पोर्टल में रजिस्ट्रेशन करना अनिवार्य हैं।
2. क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉगईन करके देख सकते है।

G-252606660/3
स्वा. / - वनमंडलाधिकारी, बलरामपुर वनमण्डल, बलरामपुर

No.9001/11/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**************
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.16.02.2026ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9014/1/25-26/0004

# ଏକତା ସୃଷ୍ଟି କରିବାର ମାଧ୍ୟମ ମହୋତ୍ସବ

## ବେଗୁନିଆ ଛକ ମହୋତ୍ସବ ଉଦ୍‌ଯାପିତ

ଗୋପ,୧୪।୨ (ଭାରତୀ ଭୂଷଣ ଉପାଧ୍ୟାୟ)

ମହୋତ୍ସବ ମାଧ୍ୟମରେ କେବଳ ସଂସ୍କୃତି ପରମ୍ପରାର ବାର୍ତ୍ତା ସୃଷ୍ଟି ହୁଏନାହିଁ। ଏହା ହେଉଛି ଏକତା ସୃଷ୍ଟି କରିବାର ଏକ ସୁଯୋଗ ବୋଲି ବେଗୁନିଆ ଛକ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଥିଲେ। ମହାବୀର ଯାତ୍ରା କମିଟିର ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ବରିଷ୍ଠ ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ପାଢ଼ୀ, ଗୋପ ଥାନା ଏସ୍‌ଆଇ ବୁଦ୍ଧରାୟ ମାଝୀ, ଏଏସ୍‌ଆଇ ମହନ୍ତ ବିଭୁପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଓଡ଼ିଆ ସଂସ୍କୃତି, ପରମ୍ପରା ଆମ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ମାଇଲଖୁଣ୍ଟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶେଷଭାଗରେ କୁନି କୁନି ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ୫ଦିନିଆ ମହୋତ୍ସବକୁ ମହାବୀର ଯାତ୍ରା କମିଟିର ସଦସ୍ୟ ମଦନ ମୋହନ ହାଜରା, ସଞ୍ଜୟ ବେହେରା, ଅଜୟ ସାହୁ, ଜଗନ୍ନାଥ ମଲ୍ଲିକ, କୃଷ୍ଣଚନ୍ଦ୍ର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।


ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

No. ୩୮୮୨/୨୦୨୫ Date: ୨୪।୧୨।୨୦୨୫

No. 24001/33/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୦/୨୦୨୨, ତା: ୨୮।୦୭।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା – ୨୭୭୯୩/୨୫, ତାରିଖ: ୨୮।୦୭।୨୦୨୫ ଅନୁଯାୟୀ ତା୩୧।୧୨।୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୈପାରିଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧।୧୨।୨୦୨୫।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**
**ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା ନଂ. ୧୦୨, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ**
**ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୮ | ରୟତି | ୧ | ୧.୭୩୦ | ୦.୯୧୪ | ଡଙ୍ଗର | କାଞ୍ଚନମାଳା ଗୌଡ଼, ସ୍ୱା.: ଯୁଧିଷ୍ଠିର ଗୌଡ଼, ଜା: ଗୌଡ଼, ବା: ନିଜଗାଁ |
| ୨୮୯/ ୩୫୫ | ରୟତି | ୩ | ୦.୮୪୦ | ୦.୦୮୯ | ଧାନ ଅଣଜଳସେଚିତ ଦୁଇ | ତ୍ରିଲୋଚନ ଜେନା, ପି.: ଘାସିରାମ ଜେନା, ଜା: କାଳିଞ୍ଜି, ବା: ଗୌଡ଼ସାହି, ବୈପାରିଗୁଡ଼ା |
| ୧୦୯ | ରୟତି | ୨ | ୧.୦୦୧ | ୦.୪୫୫ | ଡଙ୍ଗର | ନୀରୋଦ ଚନ୍ଦ୍ର ରଥ, ପି.: ଗଙ୍ଗାଦର ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ମୋଟ | | ୧.୪୫୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | – |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧.୪୫୮ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | – |
| ଜଙ୍ଗଲ ଅଧିକାରୀ ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | – |
| | | ମୋଟ | | | | ୧.୪୫୮ |

Sd./- Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24001/24221/3/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**

E.Mail - rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO. ONLINE-SESNG-24 of 2025-26**

**No.25001/140/2526** : 1. Name of the Work : Road Work, 2. Total No. of works : 2 no. Road, 3. Estimated cost : From Rs.67.29 Lakhs to 87.79 Lakhs, 4. Class of contractor : Only 'B', 5. Period of completion : 06 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-24 of 2025-26** | **18.02.2026 11.00 A.M.** | **06.03.2026 05.00 P.M.** |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
Sundargarh

OIPR-25001/25046/1/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION-II, MALKANGIRI**

No.25001/162/2526

E-mail : ruralworksdivisioniimalkangiri@yahoo.in

**INVITATION FOR BIDS (SHORT NOTICE)**

**"E" PROCUREMENT NOTICE NO. RWDSE_MKG_II_ONLINE_20/2025-26**

1. Name of the work : Roads works in the District of Malkangiri for the year 2025-26
2. Total No. of work : 01 Number of Road Work
3. Estimated Cost : Rs.69.92 Lakhs
4. Period of Completion : As Specified in the Annexure
5. Class of Contractor : As Specified in the Annexure
6. Cost of Tender Paper : Cost of tender is to be remitted ONLINE as specified in column-6 of the Annexure
7. Details Projects : As Specified in the Annexure

**Other details as follows**

a) Procurement Officer : Superintending Engineer, Rural Works Division-II, Malkangiri
b) Availability of Tender Online : 18.02.2026 at 11.00 A.M. to 25.02.2026 up to 5.30 P.M.
c) Last date & time of seeking of Tender clarification : 24.02.2026 up to 5.00 P.M.
d) Technical Bid Opening : 26.02.2026 at 11.00 P.M.
e) Financial Bid Opening : **To be intimated Separately**
f) Decision to conduct Lottery : If required to decide the agency, transparent Lottery shall be conducted on date 28.02.2026 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Malkangiri

OIPR-25001/25079/1/25-26/0024




ଭୁବନେଶ୍ୱର ଜନତା ମଇଦାନରେ ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳାର ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ହସ୍ତଶିଳ୍ପୀମାନେ। (ଫଟୋ- ବିକାଶ ନାୟକ)

# ଆରମ୍ଭ ହେଲା 'ଭବ୍ୟ ତୋଷାଳି ସ୍ୱଦେଶୀ ମେଳା'

**ଆମ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ସମୃଦ୍ଧ ଐତିହ୍ୟର ପରିଚୟ: ଉପମୁଖ୍ୟମନ୍ତ୍ରୀ**

- ୯୦୫ ଷ୍ଟଲ୍, ଯୋଗଦେଲେ ୨୦ ରାଜ୍ୟର ବୁଣାକାର ଓ କାରିଗର
- ୧୨ ହସ୍ତଶିଳ୍ପୀ ସମ୍ମାନିତ, ୪ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୪।୨ (ସୌମ୍ୟରଞ୍ଜନ ରାଉତ)

ଆମ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହା ଆମ ସମୃଦ୍ଧ ଐତିହ୍ୟର ପରିଚୟ ଏବଂ ଆମ ଅସ୍ମିତାର ନିଦର୍ଶନ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଶନିବାର ଜନତା ମୈଦାନଠାରେ '୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା'କୁ ଉଦ୍‌ଘାଟନ କରି କହିଛନ୍ତି। ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ଏହି ମେଳା ଆୟୋଜନର ପ୍ରମୁଖ ଲକ୍ଷ୍ୟ ବୋଲି ମତପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଲେ, ବୁଣାକାର ଓ କାରିଗରଙ୍କ ପାଇଁ ଓଡ଼ିଆ ଜାତି ଗର୍ବିତ। ଆମ ବୁଣାକାର ବନ୍ଧୁମାନେ ବୟନ ଅସ୍ମିତାର ସମର୍ଥ ସାରଥି ସାଜିଥିବା ବେଳେ ହସ୍ତଶିଳ୍ପୀ କାରିଗରମାନେ ଉତ୍କୃଷ୍ଟ କଳାର ବାର୍ତ୍ତାବହ ସାଜିଛନ୍ତି। ସେମାନଙ୍କ ଜୀବନ ଜୀବିକାକୁ ଅଧିକ ସଶକ୍ତ କରିବା ପାଇଁ ଆମ ସରକାର ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ୧୨ଜଣ ହସ୍ତଶିଳ୍ପୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହିତ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱର ଓ ଆଇଆଇପି ମୁମ୍ବାଇ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଓ ଆଇସିଏଆର୍-ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନାଚୁରାଲ୍ ଫାଇବର ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଏବଂ ଓୟୁଟିଆର୍ ଭୁବନେଶ୍ୱର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ଚଳିତବର୍ଷ ମେଳାରେ ୯୦୫ ଷ୍ଟଲ ଖୋଲିଥିବା ବେଳେ ୨୦ଟି ରାଜ୍ୟର ବୁଣାକାର ଓ କାରିଗର ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାବଲମ୍ବୀ ଅଭିଯାନର କ୍ଷେତ୍ରୀୟ ସଂଯୋଜକ ପ୍ରମୁଖ ସାରଦା ଶତପଥୀ, ପ୍ରସିଦ୍ଧ ବାନ୍ଧଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ର, ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ଡ. ନିବେଦିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ ପକ୍ଷରୁ ସୂଚନା ରହିଛି।




ମେଳାର ଏକ ଷ୍ଟଲ୍‌ରେ ଲୋକେ କିଣାକିଣି କରୁଛନ୍ତି।

# ହଜାରରେ ୮ ଶିଶୁ ଜନ୍ମଗତ ହୃଦ୍‌ରୋଗର ଶିକାର

**କେୟାର ହସ୍ପିଟାଲରେ ସିଏଚ୍‌ଡି ସଚେତନତା ଦିବସ**

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

କେୟାର ହସ୍ପିଟାଲ୍ସ ଭୁବନେଶ୍ୱରରେ ଜନ୍ମଗତ ହୃଦ୍‌ରୋଗ (ସିଏଚଡି) ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାହସୀ ସିଏଚ୍‌ଡି ଯୋଦ୍ଧାମାନଙ୍କୁ ଆରୋଗ୍ୟ ଏବଂ ସ୍ଥିରତାଆଡ଼କୁ ସେମାନଙ୍କର ପ୍ରେରଣାଦାୟକ ଯାତ୍ରାକୁ ସମ୍ମାନିତ କରାଯାଇଛି। ଶିଶୁ ହୃଦ୍‌ରୋଗର ବରିଷ୍ଠ ପରାମର୍ଶଦାତା ଡା. ସୌମ୍ୟକାନ୍ତି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହୃଦ୍‌ରୋଗ ବିଭାଗ ମୁଖ୍ୟ ତଥା କ୍ଲିନିକାଲ ନିର୍ଦ୍ଦେଶକ ଡାକ୍ତର ମହେନ୍ଦ୍ର ପ୍ରସାଦ ତ୍ରିପାଠୀ, ଆନାସ୍ଥେସିଓଲୋଜି ବିଭାଗ ମୁଖ୍ୟ ତଥା ବରିଷ୍ଠ ପରାମର୍ଶଦାତା ଡା. ମନୋରଞ୍ଜନ ପାଢ଼ୀ ଯୋଗଦେଇଥିଲେ। ରୋଗର ବର୍ଦ୍ଧିତ ଭାର ସମ୍ପର୍କରେ ଡାକ୍ତରମାନେ କହିଲେ, ଭାରତରେ ପ୍ରତି ୧,୦୦୦ ଶିଶୁଙ୍କ ମଧ୍ୟରୁ ପ୍ରାୟ ୮ଜଣ ଜନ୍ମଗତ ହୃଦରୋଗ ସହିତ ଜନ୍ମଗ୍ରହଣ କରନ୍ତି। ସେମାନଙ୍କ ହାର୍ଟର ଚାମ୍ବର, ଭାଲ୍‌ଭ କିମ୍ବା ପ୍ରମୁଖ ରକ୍ତବାହୀନଳୀ ଠିକ୍ ଭାବରେ ବିକଶିତ ହୁଏନାହିଁ। ଏହା ସାଧାରଣ ରକ୍ତ ପ୍ରବାହ ଏବଂ ଅମ୍ଳଜାନ ଯୋଗାଣକୁ ପ୍ରଭାବିତ କରେ। ଡା. ସୌମ୍ୟକାନ୍ତି ମହାପାତ୍ର କହିଛନ୍ତି, ହାର୍ଟ ଦିନକୁ ପ୍ରାୟ ୧ ଲକ୍ଷ ଥର ସ୍ପନ୍ଦିତ ହୁଏ, ସାରା ଶରୀରରେ ଅମ୍ଳଜାନଯୁକ୍ତ ରକ୍ତ ପମ୍ପ କରେ। ଯେତେବେଳେ ଏକ ସଂରଚନାଗତ ତ୍ରୁଟି ଥାଏ, ଅମ୍ଳଜାନ ସ୍ତର ହ୍ରାସ ପାଇପାରେ କିମ୍ବା ରକ୍ତ ପ୍ରବାହ ବାଧାପ୍ରାପ୍ତ ହୋଇପାରେ। ଶିଶୁର ଦ୍ରୁତ ଶ୍ୱାସକ୍ରିୟା, ନୀଳ ଓଠ କିମ୍ବା ନଖ, ଖାଦ୍ୟ ଖାଇବାରେ ଅସୁବିଧା, ଖାଦ୍ୟ ଖାଇବା ସମୟରେ ଅତ୍ୟଧିକ ଝାଳ ବାହାରିବା କିମ୍ବା କମ୍ ଓଜନ ବୃଦ୍ଧି ଭଳି ପ୍ରାରମ୍ଭିକ ସତର୍କତା ସଙ୍କେତ ବିଷୟରେ ମାତାପିତା ସଚେତନ ହେବା ଉଚିତ ବୋଲି ସେ କହିଥିଲେ। କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିସ୍‌ଲେ ଆନନ୍ଦ କହିଛନ୍ତି, ଏହି ଦିନଟି ଆମର ଯୁବ ସିଏଚ୍‌ଡି ଯୋଦ୍ଧା ଏବଂ ସେମାନଙ୍କ ପରିବାରର ସାହସ ପ୍ରତି ସମ୍ମାନ।




# କୁଶପଲ୍ଲା ଜଙ୍ଗଲରୁ ହାତୀ ମୃତଦେହ ଜବତ

ଟାଙ୍ଗୀ/ଖୋର୍ଦ୍ଧା/ନୟାଗଡ଼/ରଣପୁର,୧୪।୨
(ରଘୁନାଥ ସାହୁ/ପ୍ରଭାତ ପାଣିଗ୍ରାହୀ/
ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

- ହତ୍ୟା ପରେ ଶିକାରୀ ଦାନ୍ତ କାଟିନେଇଥିବା ସନ୍ଦେହ
- ତରବରିଆ ବ୍ୟବଚ୍ଛେଦ କରାଇ ପୋତିଦେଲା ବନବିଭାଗ

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ପଟିଆମାଳ ସେକ୍ସନ ଅନ୍ତର୍ଗତ କୁଶପଲ୍ଲା ଜଙ୍ଗଲରୁ ଶନିବାର ଗୋଟିଏ ଦନ୍ତାହାତୀର ଗଳିତ ମୃତଦେହ ଜବତ କରାଯାଇଛି। ଶିକାରୀ ଏହି ହାତୀକୁ ହତ୍ୟା କରି ଦାନ୍ତ କାଟିନେଇଥିବା ସନ୍ଦେହ ପ୍ରକାଶ ପାଇଛି। ବନବିଭାଗ ଓ ପ୍ରାଣୀ ଚିକିତ୍ସକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ତେବେ ବନବିଭାଗ କର୍ମଚାରୀ ରଣପୁର ବ୍ଲକ ପ୍ରାଣୀଧନ ଅଧିକାରୀଙ୍କୁ ଡକାଇ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତରବରିଆ ଭାବେ ଜଙ୍ଗଲରେ ପୋତିଦେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ହାତୀର କଙ୍କାଳ ଓ ଶରୀରର କିଛି ଅଂଶ ଏଣେତେଣେ ପଡ଼ିରହିଥିଲା। କେହି ଶିକାରୀ ହାତୀ ଶିକାର କରି ଦାନ୍ତ କାଟିନେଇଥିବା ଶୁଣିବାକୁ ମିଳୁଛି। ହାତୀର ଗତିବିଧି ଉପରେ ନଜର ରଖିବା ସହ ନିୟନ୍ତ୍ରଣ ପାଇଁ ବନ କର୍ମଚାରୀ ଓ ଗଜସାଥି ରହିଛନ୍ତି। ଏଭଳି ସ୍ଥିତିରେ ହାତୀର ମୃତଦେହ ଜବତ ସହ ଦାନ୍ତ କାଟିନିଆଯିବା ଘଟଣା ଏବେ ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଟାଙ୍ଗୀ ରେଞ୍ଜ ଦାୟିତ୍ୱରେ ଥିବା ଖୋର୍ଦ୍ଧା ଏସିଏଫ୍ ଦେବାଶିଷ ଭୋଇ କହିଛନ୍ତି, ମୃତହାତୀକୁ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ମୃତ୍ୟୁ ସମ୍ପର୍କରେ କିଛି ତଥ୍ୟ ମିଳି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବୟସ, ଦାନ୍ତ ଥିଲା କି ନାହିଁ, କିପରି ମୃତ୍ୟୁ ହେଲା ତାହା ଜଣାପଡ଼ିବ।



ଜବତ ହୋଇଥିବା ହତୀ ଦେହବାଶେଷ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରିୟଙ୍କା



@ କୃଷ୍ଣଚନ୍ଦ୍ର



@ ଶୁଭଲକ୍ଷ୍ମୀ



@ ସୁପ୍ରିୟା



@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୦ରୁ ରାଜ୍ୟବ୍ୟାପୀ ନିର୍ମାଣ ବନ୍ଦ କରିବ ଠିକାଦାର ମିଳିତ ମହାମଞ୍ଚ

ଭୁବନେଶ୍ୱର, ୧୪।୨ (ବନ୍ଦନା ସେଠୀ)

ଅଲ୍ ଓଡ଼ିଶା ଠିକାଦାର ମହାସଂଘ, ଅଲ ଓଡ଼ିଶା ଠିକାଦାର ୱେଲ୍‌ଫେୟାର ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଆସୋସିଏଶନର ମିଳିତ ମହାମଞ୍ଚ ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଏଥିସହ ମଞ୍ଚ ଆବାହକ ଅନିଲ କୁମାର ମହାଲିକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ଫେବୃଆରୀ ୧୮ ସୁଦ୍ଧା ସରକାର ମହାମଞ୍ଚର ଦାବିଗୁଡ଼ିକ ଉପରେ ବିଚାର ନ କଲେ ୨୦ ତାରିଖରୁ ରାଜ୍ୟର ସମସ୍ତ ନିର୍ମାଣ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯିବ। ଏଥିସହ ରାଜରାସ୍ତାରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ମହାମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଓଡ଼ିଆ ଠିକାଦାରଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ସରକାର ଆଲୋଚନା ମାଧ୍ୟମରେ ଏହାର ସ୍ଥାୟୀ ସମାଧାନ ନ କଲେ ପ୍ରାୟ ୭୪ଲକ୍ଷ ଲୋକଙ୍କ ଜୀବିକା ବିପଦରେ ପଡ଼ିବ। ଆଗାମୀ ଦିନରେ କାର୍ଯ୍ୟବନ୍ଦ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଲେ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ମହାମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ସମ୍ମିଳନୀରେ ଏଓସିଏ ଅଧ୍ୟକ୍ଷ ପ୍ରଭାତ ଦାସ, ଅନିଲ ମହାଲିକ, ଏଓସିଡବ୍ଲ୍ୟୁଏର ଅଧ୍ୟକ୍ଷ ଜଗଦୀଶ ପାତ୍ର, ଏଓସିଇଏ ଅଧ୍ୟକ୍ଷ ଆଶିଷ କୁମାର ସୋମ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମହାଶିବରାତ୍ରି, ଚଳଚଞ୍ଚଳ ଶୈବପୀଠ

ପୁରୀ,୧୪।୨(ଅଜିତ୍ କୁମାର ମହାନ୍ତି)

**ଲୋକନାଥ ପୀଠରେ ଭୋର୍‌ରେ ମହାଦୀପ ଦର୍ଶନ**

ଫାଲ୍‌ଗୁନ ଚତୁର୍ଦ୍ଦଶୀ ରବିବାର ଅବସରରେ ସାରାଦେଶରେ ମହାଶିବରାତ୍ରି ପାଳନ ହେବ। ଶ୍ରଦ୍ଧାଳୁମାନେ ବିଭିନ୍ନ ଶୈବପୀଠରେ ଉପବାସ ସହ ଉଜାଗର ରହି ଜାଗର ଜାଳିବେ। ପୁରୀର ପ୍ରମୁଖ ଶୈବପୀଠ ବାବା ଲୋକନାଥଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିପାଇଁ ଶ୍ରୀଲୋକନାଥ ପୀଠ ସମେତ ସହରର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିବାବେଳେ ପ୍ରଶାସନଠାରୁ ଆରମ୍ଭ କରି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ବିଶେଷକରି ଶ୍ରୀକ୍ଷେତ୍ରୀ ପଞ୍ଚମହାଦେବ ଭାବେ ବିବେଚିତ ଯମେଶ୍ୱର, ଶ୍ରୀଲୋକନାଥ, ମାର୍କଣ୍ଡେଶ୍ୱର କପାଳମୋଚନ, ନୀଳକଣ୍ଠେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ଜମିବ। ଶ୍ରୀଲୋକନାଥଙ୍କ ପୀଠରେ ଦ୍ୱାରଫିଟାଠାରୁ ଆରମ୍ଭକରି ମହାଦୀପ ଉଠିବା ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ। ମହାଶିବରାତ୍ରି ପାଇଁ ଲୋକନାଥ ମନ୍ଦିରକୁ ବିଭିନ୍ନ ଫୁଲ ଏବଂ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ନୀତିନିର୍ଘଣ୍ଟ ଅନୁଯାୟୀ, ରାତି ୧୨ଟା ୩୦ରୁ ଦ୍ୱାରଖୋଲା, ରାତି ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା, ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରୁ ଶ୍ରୀଲୋକନାଥଙ୍କ ଶ୍ରୀବିଗ୍ରହ ବିଭିନ୍ନ ସ୍ଥାନ ପନ୍ତି ମଣୋହି ହୋଇ ରାତି ୧୧ଟା ୩୦ ବେଳକୁ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚି ବେଢ଼ା ପରିକ୍ରମା କରିବେ। ପରେ ଅନ୍ୟାନ୍ୟ ନୀତି ହୋଇ ରାତ୍ର ମହାସ୍ନାନ ଓ ବେଶ ସମ୍ପନ୍ନ ହେବା ପରେ ଯାତ୍ରାଙ୍ଗୀ ଭୋଗ କରାଯିବ। ଘଣ୍ଟଛତା ଭୋଗ, ହରିହର ଭେଟ, ହରିହର ପୂଜା କରାଯିବା ପରେ ଚନ୍ଦନଲାଗି, ବଡ଼ଶୃଙ୍ଗାର ବେଶ କରାଯିବ। ଚତୁର୍ଦ୍ଦଶୀ ଭୋଗ ହୋଇ ବଡ଼ଶୃଙ୍ଗାର ଭୋଗ କରାଯାଇ ଭୋର ସମୟରେ ମହାଦୀପ ଉଠିବ। ମହାଦୀପ ଉଠିବା ପରେ ଭୋର ରାତ୍ର ପହୁଡ଼ ଅନୁଷ୍ଠିତ ହେବା ନେଇ ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଭିନ୍ନ ଛକରୁ ଗାଡ଼ିଗୁଡ଼ିକୁ ଲୋକନାଥ ମନ୍ଦିର ଆଡ଼କୁ ଛଡ଼ାଯିବ ନାହିଁ। ଚଳିତ ବର୍ଷ ମହାଶିବରାତ୍ରିରେ ଲୋକନାଥଙ୍କ ମନ୍ଦିର ଗମ୍ଭୀରା ତଥା ଗର୍ଭଗୃହରେ ଦର୍ଶନ ବନ୍ଦ ରହିବ। ଭିତର କାଠ ନିକଟରେ ଭକ୍ତ ଦର୍ଶନ କରିବେ। ଶୀଘ୍ର ଦର୍ଶନ ପାଇଁ ୧୦୦ ଟଙ୍କା ଟିକେଟ ରଖାଯାଇଛି।







ବାଲୁକା କଳା ମାଧ୍ୟମରେ ମହାଶିବରାତ୍ରି ଉପଲକ୍ଷେ ଶୁଭେଚ୍ଛା ଜଣାଇଛନ୍ତି ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଧର୍ମ ପରିବର୍ତ୍ତନ କରିବାକୁ ପ୍ରବର୍ତ୍ତାଇବା ଅଭିଯୋଗରେ ୨ ଗିରଫ


ଗିରଫ ୨ ଅଭିଯୁକ୍ତ

କାଳିମେଳା, ୧୪।୨ (ଜାବର କୃଷ୍ଣ ଦାସ)

ହିନ୍ଦୁଧର୍ମରୁ ଖ୍ରୀଷ୍ଟଧର୍ମକୁ ପରିବର୍ତ୍ତନକରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା ଅଭିଯୋଗରେ ମାଲକାନଗିରି ଜିଲ୍ଲା କାଳିମେଳା ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କୁ ହେଲେ କାଳିମେଳା ବ୍ଲକ ଭେଙ୍କଟପାଲମ ପଞ୍ଚାୟତ ଅନ୍ତର୍ଗତ ମାର୍ଙ୍ଗିଗୁଡ଼ାର ସନିଆ ମାଡକାମି ଏବଂ କୋୟାଗୁଡ଼ା ପଞ୍ଚାୟତ ତୁମସାପଲ୍ଲୀ ଗ୍ରାମର ସୁବାସ ମାଡକାମି। ଉଭୟ ଯୁବକ ଆଦିବାସୀ କୋୟା ସମ୍ପ୍ରଦାୟର ଗ୍ରାମବାସୀଙ୍କୁ ପ୍ରବର୍ତ୍ତାଇବା ସହ ଧର୍ମ ପରିବର୍ତ୍ତନ କରିବା ପାଇଁ କହୁଥିଲେ। ଏଥିସହ ଏହି ଗ୍ରାମଗୁଡିକରେ ଖ୍ରୀଷ୍ଟଧର୍ମ ପ୍ରଚାରକରି ଲୋକଙ୍କୁ ଯିଶୁଖ୍ରୀଷ୍ଟଙ୍କ ମଙ୍ଗଳ ସମାଚାର ପୁସ୍ତକ ବାଣ୍ଟୁଥିବା ଅଭିଯୋଗ ହୋଇଥିଲା । ଉଭୟ ଯୁବକ ଗ୍ରାମକୁ ବାରମ୍ବାର ଆସି ଲୋକଙ୍କୁ ହଇରାଣ କରୁଥିବାରୁ ଅଞ୍ଚଳର କେତେଜଣ ସାମାଜିକ କର୍ମୀ ଏବଂ ଗ୍ରାମବାସୀ ୨ ଜଣଙ୍କୁ କାବୁକରି କାଳିମେଳା ଥାନାରେ ଜିମାଦେଇଥିଲେ। ସେହି ଗାଁର ସୋମନାଥ ମାଡକାମି, ରଘୁନାଥ କରାମି, ମୁଡା ମାଡକାମି, ଦେବା ମାଡକାମି, ଦେବେନ୍ଦ୍ର ମାଡକାମି, ଗଙ୍ଗା ମାଡ଼ି, ସୁବାସ ମାଡ଼ି ପ୍ରମୁଖ ୨ ଯୁବକଙ୍କ ବିରୋଧରେ ଅଭିଯୋଗ କରିବା ପରେ ପୋଲିସ ଏ ନେଇ କାଳିମେଳା ଥାନାରେ ୩୨/୨୬ରେ ଏକ ମାମଲା ରୁଜୁକରିଛି। ଏଥିସହ ସେମାନଙ୍କ ନିକଟରୁ ଖ୍ରୀଷ୍ଟଧର୍ମ ପ୍ରଚାର ପୁସ୍ତକ ଏବଂ ଏକ ବାଇକ୍ ଜବତକରି ଘଟଣାର ତଦନ୍ତ ଜାରି ରଖିଛି ।

# ମିଶନ ମୋଡ୍‌ରେ ଜମିପଟ୍ଟା ସଂଶୋଧନ ନ ସାରିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୪।୨ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ରାଜ୍ୟର ସମସ୍ତ ଜିଲାରେ ଜମିପଟ୍ଟା ବା ରେକର୍ଡ ଅଫ୍ ରାଇଟ୍ସ(ଆର୍‌ଓଆର୍)ର ୨ ଖାନା ସଂଶୋଧନ ସମ୍ବନ୍ଧୀୟ ଅପେକ୍ଷିତ ମାମଲାଗୁଡିକୁ ସମୟସୀମା ଭିତରେ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଏନେଇ ଜିଲାପାଳମାନେ ବ୍ୟକ୍ତିଗତ ଭାବେ ଏହାର ନିରୀକ୍ଷଣ କରିବାକୁ କୁହାଯାଇଛି। ଗତ ୧୩ରେ ଜାରି କରାଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଅପେକ୍ଷିତ ମାମଲାକୁ ମିଶନ ମୋଡ୍‌ରେ ସମାଧାନ କରିବା ଓ କୌଣସି ପ୍ରକ୍ରିୟାଗତ ବିଳମ୍ବ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଭିତ୍ତିକ ସମୀକ୍ଷା ପରେ ନୂଆପଡ଼ା, କୋରାପୁଟ, ବୌଦ୍ଧ, କଳାହାଣ୍ଡି, ମାଲକାନଗିରି ଓ ସମ୍ବଲପୁର ଆଦି ଜିଲାର ସକ୍ରିୟ ଅଗ୍ରଗତିକୁ ନେଇ ରାଜସ୍ୱ ସଚିବ ସନ୍ତୋଷ ପ୍ରକାଶ କରିଥିବା ବେଳେ କେତେକ ଜିଲାରେ ଅଧିକ ବିଳମ୍ବ ଓ ଅସନ୍ତୋଷଜନକ ପ୍ରଗତି ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଏନେଇ ପାଢ଼ୀ କହିଛନ୍ତି, କଲମ-୨ ବା ଖତିଆନରେ ୨ ଖାନା ସଂଶୋଧନ କେବଳ ଏକ ସାଧାରଣ ସରକାରୀ ପ୍ରକ୍ରିୟା ନୁହେଁ। ଏହା ଜମି ମାଲିକାନାର ସୁରକ୍ଷା ଓ ସରକାରୀ ସେବା ପ୍ରଦାନ ସହ ସିଧାସଳଖ ଭାବରେ ସମ୍ପୃକ୍ତ। ଠିକ୍ ସଂଶୋଧନ ଓ ଚାଷୀ ପଞ୍ଜୀକରଣ ମାଧ୍ୟମରେ ଚାଷୀମାନେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଓ ଅନ୍ୟାନ୍ୟ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର(ଡିବିଟି) ଯୋଜନାର ସିଧାସଳଖ ସୁଫଳ ପାଇପାରିବେ। ମାତ୍ର ଏଥିରେ ବିଳମ୍ବ ହେଲେ ନାଗରିକମାନେ ସିଧାସଳଖ ପ୍ରଭାବିତ ହେବେ ଏବଂ ପ୍ରଶାସନିକ କାର୍ଯ୍ୟକୁଶଳତା ହ୍ରାସ ପାଇବ। ଏହି ପରିପ୍ରେକ୍ଷୀରେ ବଳକା ମାମଲାଗୁଡିକ ମିଶନ ମୋଡ୍‌ରେ ଶେଷ କରିବାକୁ ଗୁରୁତ୍ୱ ଦିଆଯାଇଛି। ଅଧିକ ବଳକା ଥିବା ତହସିଲଦାରମାନଙ୍କୁ ଚିହ୍ନଟକରି ଆବଶ୍ୟକ ନିର୍ଦ୍ଦେଶ ଓ ଚେତାବନୀ ଜାରି କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଉପଜିଲାପାଳମାନେ ନିୟମିତ ନିରୀକ୍ଷଣ ପାଇଁ ଉତ୍ତରଦାୟୀ ରହିବା ସହ ବଳକା ମାମଲା ଶୀଘ୍ର ସାରିବା ପ୍ରକ୍ରିୟାର ପର୍ଯ୍ୟବେକ୍ଷଣ ପାଇଁ ଡ୍ୟାସ୍‌ବୋର୍ଡ ବ୍ୟବସ୍ଥା ଆରମ୍ଭ ହେବ। ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କିତ ସଂଯୁକ୍ତ ରିପୋର୍ଟ ନିୟମିତ ଭାବେ ଦାଖଲକରିବା ସହ ଏହାସହ ସମ୍ପୃକ୍ତ ସମସ୍ୟାଗୁଡିକୁ ବିଭାଗକୁ ଅବଗତ କରାଇବା ପାଇଁ କୁହାଯାଇଛି। ଏହାସହ ସବୁ ଆର୍‌ଡିସିଙ୍କୁ ବ୍ୟକ୍ତିଗତ ଭାବେ ସବୁ କାର୍ଯ୍ୟର ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କଂଗ୍ରେସର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କମିଟି ଜିଲା ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ନିଷ୍ପତ୍ତି ବିରୋଧରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଏବଂ ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ୩୫ଟି କଂଗ୍ରେସ ସାଙ୍ଗଠନିକ ଜିଲାସ୍ତରୀୟ ସଂଯୋଜକ ନିଯୁକ୍ତି ହୋଇଛନ୍ତି। ସଂଯୋଜକମାନେ ଜିଲା ସ୍ତରରେ ବିଭିନ୍ନ ପ୍ରତିବାଦ ସଭା ଓ ଜନସଚେତନତା ସୃଷ୍ଟି କରିବାରେ କାର୍ଯ୍ୟ କରିବେ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏହି କ୍ରମରେ ଅନୁଗୋଳ ଜିଲା ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜକ ଭାବେ ତପନ ପ୍ରଧାନ ନିଯୁକ୍ତି ପାଇଥିବା ବେଳେ ବାଲେଶ୍ୱରରେ ନିଶିତ କୁମାର ବାରିକ, ବରଗଡ଼ ଦଣ୍ଡ ରଣବୀର, ଭଦ୍ରକ ପ୍ରଦ୍ୟୁମ୍ନ କୁମାର ଦାସ, ଭୁବନେଶ୍ୱର ଦେବାଶିଷ ମିଶ୍ର, ବଲାଙ୍ଗୀର ଅଶୋକ ବାରିକ, ବୌଦ୍ଧ ମହେଶ୍ୱର ପ୍ରଧାନ, କଟକ ଦେବେନ୍ଦ୍ର ସାହୁ, କଟକ ସିଟିରେ ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି।


OHPC

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
**ODISHA HYDRO POWER CORPORATION LTD.** (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com/md@ohpcltd.com.
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER NO. UIHEP-52/2025-26 DATE: 13.02.2026**

No. 32001/94/2526 :- Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the **Reputed Manufacturers or its Channel Partners/ Authorized dealers** for supply of the following materials / providing services as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| **Supply of 03 nos. of 220 KV single phase Potential Transformers (PTs) for 220 KV Bus at Switchyard of UIHEP, Mukhiguda** | 7,080/- (inclusive of GST) | 13,517/- | From 21.02.2026 to 06.03.2026 upto 12:00 Hrs. | 06.03.2026 (upto 13.00 Hrs) | 06.03.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com
OIPR-32001/32136/1/25-26/0038 Sd./- C&P Head, UIHEP, Mukhiguda


# ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ବିଷୟରେ ଭାଜପା ଚୁପ୍: ବିଜେଡି



ଖବରଦାତା ସମ୍ମିଳନୀରେ ବିଜେଡି ନେତା ପ୍ରିୟବ୍ରତ ମାଝୀ, ସସ୍ମିତ ପାତ୍ର ଓ ଲେଲିନ୍ ମହାନ୍ତି।

ଭୁବନେଶ୍ୱର, ୧୪।୨(ସୁନିତ୍ ମିଶ୍ର)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରସଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ଦାବି ହୋଇଆସିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତତ୍କାଳୀନ ବିଜୁ ଜନତା ଦଳ ସରକାର ଦ୍ୱାରା ନିୟମିତ ଭାବେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପାଇଁ ଦୃଢ଼ ଦାବି କରାଯାଇଆସୁଛି। ୨୦୧୨ରେ ନୂଆଦିଲ୍ଲୀ ସ୍ଥିତ ଲାଲକିଲ୍ଲା ପଡ଼ିଆଠାରେ ଏକ ବିଶାଳ ଜନସଭା ଆୟୋଜନକରି ଏହି ଦାବିକୁ ଭାରତ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ ଭାବେ ଜଣାଥିବା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ ଓଡ଼ିଶାର ଭିତ୍ତିଭୂମି ଏବଂ ଜନଜାତି ସମ୍ପ୍ରଦାୟର ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ସହାୟକ ହେବ ବୋଲି ଯୁକ୍ତି କରାଯାଉଛି। ୨୦୧୪ ବିଧାନସଭା ନିର୍ବାଚନର ଭାଜପା ଇସ୍ତାହାରରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଦାବି କରାଯିବ ଏବଂ ଏହା ହାସଲ ନ ହେବା ଯାଏଁ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ରାଜ୍ୟରେ ଭାଜପା ଏକାକୀ ସରକାର ଗଢ଼ିବାର ୨ ବର୍ଷ ହେବାକୁ ବସିଥିବା ବେଳେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ବିଷୟରେ ଶାସକ ଦଳ ନୀରବ ରହିବା ଦୁଃଖର ବିଷୟ ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସସ୍ମିତ କହିଛନ୍ତି, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ କୌଣସି ପ୍ରସ୍ତାବ ରହିଛି ନା ନାହିଁ ବୋଲି ରାଜ୍ୟ ସଭାରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ କହିଥିଲେ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ କୌଣସି ପ୍ରସ୍ତାବ ନାହିଁ। ତେଣୁ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏ ସମ୍ବନ୍ଧରେ ରାଜ୍ୟର ଭାଜପା ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ସେ କହିଛନ୍ତି।

# ରାଜ୍ୟର ପ୍ରଗତି ସହି ନ ପାରି ବିଜେଡି ନିନ୍ଦୁକ ସାଜିଛି: ଭାଜପା

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)

ସଂକଳ୍ପପତ୍ର ହେଉଛି ଭାଜପା ପାଇଁ ଗୀତା ସଦୃଶ। ୨୦୨୪ ସାଧାରଣ ନିର୍ବାଚନ ସମୟରେ ଦଳ ଜାରି କରିଥିବା ସଂକଳ୍ପପତ୍ରର ସମସ୍ତ ପ୍ରତିଶ୍ରୁତି ପାଳନ କରିବାକୁ ଭାଜପା ସଂକଳ୍ପବଦ୍ଧ। ମାତ୍ର ୧୯ ମାସରେ ଦଳ ପକ୍ଷରୁ ଦିଆଯାଇଥିବା ଅର୍ଦ୍ଧାଧିକ ପ୍ରତିଶ୍ରୁତି ପାଳନ ହୋଇସାରିଛି। ବାକି ଥିବା ପ୍ରତିଶ୍ରୁତିଗୁଡ଼ିକୁ ମଧ୍ୟ ଯଥା ସମୟ ଭିତରେ ପୂରଣ କରାଯିବା ସହ ସେହି ସଂକଳ୍ପପତ୍ରକୁ ଗ୍ରହଣ କରିବା ପରେ ଦଳ ରାଜ୍ୟରେ ଏକାକୀ ସରକାର ଗଠନ କରିଛି। ରାଜ୍ୟବାସୀଙ୍କ ଆଶୀର୍ବାଦରୁ ସେବା କରିବାର ସୁଯୋଗ ମଧ୍ୟ ମିଳିଛି। ଓଡ଼ିଶାକୁ ୨୦୩୬ ସୁଦ୍ଧା ସମୃଦ୍ଧ ରାଜ୍ୟ ଗଢ଼ି ତୋଳିବା ପାଇଁ ବିକାଶମୂଳକ କାର୍ଯ୍ୟ ଦ୍ରୁତଗତିରେ ଆରମ୍ଭ ହୋଇଛି। ହେଲେ ରାଜ୍ୟର ପ୍ରଗତିକୁ ସହି ନ ପାରି ବିଜେଡି ଏବେ ନିନ୍ଦୁକ ସାଜିଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିରଞ୍ଚି କହିଛନ୍ତି, ଲୋକଙ୍କୁ ବିଭ୍ରାନ୍ତ କରିବା ହେଉଛି ବିଜେଡିର ଚରିତ୍ର । ବକ୍ତବ୍ୟ ଦେବା ପୂର୍ବରୁ ବିଜେଡି ନେତାମାନେ ତାଙ୍କ ଅତୀତକୁ ଭୁଲିଯାଉଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗରେ ୨୦୧୮ ଏପ୍ରିଲ ୧୨ରେ ବିଧାନସଭାରେ ତତ୍କାଳୀନ କଂଗ୍ରେସ ବିଧାୟକ କୈଳାସ ଚନ୍ଦ୍ର କୁଲେସିକାଙ୍କ ପ୍ରଶ୍ନର ଉତ୍ତରକୁ ବିଜେଡି ସାଂସଦ କେମିତି ଭୁଲିଯାଉଛନ୍ତି। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇବାକୁ ଯେଉଁ ମାନଦଣ୍ଡ ଆବଶ୍ୟକ ଓ ତାହା ପୂରା ହେଉନାହିଁ ବୋଲି ସେତେବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ତରଫରୁ କୁହାଯାଇଥିଲା। ଏହାକୁ ଯଦି ବିଜେଡି ସାଂସଦ ଜାଣିପାରୁନାହାନ୍ତି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଦୁର୍ଭାଗ୍ୟଜନକ ବୋଲି ବିରଞ୍ଚି କହିଛନ୍ତି।


**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. 25001/172/2526 **"e" Procurement Notice for Bridge Work**
Identification No. Online Tender - Bridge NCB No. 60 of 2025-26
Letter No. 630/WE Date: 07.02.26

1. Name of the Work : Bridge Works
2. Total No. of Work : As per annexure
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 60 of 2025-26 | 18.02.2026 at 11.00 A.M. | 06.03.2026 upto 5.00 P.M. | 05.03.2026 upto 5.00 P.M. | 07.03.2026 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in**.
OIPR-25001/25105/1/25-26/0005 Sd./- Er. Durjyodhan Behera, Chief Construction Engineer, R.W. Circle, Balasore



**GANGADHAR MEHER UNIVERSITY**
**AMRUTA VIHAR, SAMBALPUR-768004 (ODISHA)**
No. 648 /GMU/2026 Date 14.02.2026
**RECRUITMENT NOTICE**

Gangadhar Meher University is seeking applications from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the mentioned departments: (Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library and Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology) as per the Letter No. 5322/HE, Dated 31.01.2026 of Department of Higher Education, Government of Odisha, Bhubaneswar. The online application form and department-wise reservation details will be made available on the University website **www.gmuniversity.ac.in** from 28th February 2026 onwards. For details of the terms and conditions, guidelines for applying etc. please visit the University website.

Application open date : 28th February 2026
Application closing date : 13th April 2026

Sd./- Registrar



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
(WALK-IN-INTERVIEW) FOR IN-HOUSE TRANSFER
**Advt. No : 505 /DPMU** **Dt:11.02.2026**

Interested candidates may attend the **In-House transfer Walk-in-interview** of the Block Data Manager (BDM) positions under In-House transfer of NHM contractual employees.

| Sl No | Name of the Post | Vacancy | Walk-In-Interview |
|---|---|---|---|
| 01 | Block Data Manager (BDM) | 02 | 25.02.2026 |

The application format and details are available in the website **https://puri.odisha.gov.in**.

**Sd./- Chief District Medical & Public Health Officer, Puri**
No. 10001/59/2526 OIPR-10001/10021/1/25-26/0001



**OFFICE OF THE MUNICIPAL COUNCIL**
**BHAWANIPATNA, DIST.: KALAHANDI, PIN - 766001**
**'e' Procurement NOTICE**
**Bid Identification No. BPM/06/2025-26**
**Bid Identification No. BPM/393/2025-26**

No. 13001/247/2526: The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. website i.e. **https://tendersodisha.gov.in**.

1. Number of Civil Works : 8 (Eight) Numbers
2. Estimated Costs : 8.47 lakhs to 16.95 lakhs
3. Period of Completion : As per NIT
4. Date and time of availability of the bid documents in the portal : From 11.00 A.M. of 13.02.2026 to 05.00 P.M. of 21.02.2026
5. Last date/time for receipt of bids in the portal : 05.00 P.M. of 21.02.2026
6. Bids will be opened on : 5.30 P.M. of Dt.21.02.2026
7. Name and address of the Officer Inviting Bid : Executive Officer, Bhawanipatna Municipality

**Sd./- Executive Officer**
OIPR-13001/13100/1/25-26/0015 **Bhawanipatna Municipality**



**MUNICIPAL COUNCIL, RAIRANGPUR**
No. 13001/251/2526 Phone No.: 06794-222054
E-Mail ID: rairangpurn.hud@ori.nic.in/rrpurnac@gmail.com
**"e" PROCUREMENT NOTICE**
**TENDER CALL NOTICE NO : 308/dt. 12.02.2026**
**BID IDENTIFICATION NO. - T9RRP2025-26**

1. Name of the Work : Civil Works
2. Total No. Works : 2 Nos.
3. Estimated Cost : 65.97 to 72.43 lakhs
4. Class of Contractors : As per DTCN
5. Period of Completion : As per DTCN
6. Availability of tender online for bidding : 13.02.2026 at 11 A.M. to 19.02.2026 upto 5.00 P.M.
7. Tender Box offline documents dropping : 20.02.2026 upto 5.00 P.M.
8. Date & time of opening of tender : 21.02.2026 at 11.00 A.M.

Other detail can be seen from the website **www.tendersorissa.gov.in**. Authority reserves the right to reject any of all the tendres without assigning any reasons thereof.

**Sd./- Executive Officer**
OIPR-13001/13106/1/25-26/0002 **Rairangpur Municipality**



**OFFICE OF THE MUNICIPAL COUNCIL, BELPAHAR**
Ph.: 06645-356292, Fax: 06645-250236
Email: municipalitybelpahar@gmail.com
No. 412 Dt.11.02.2026
**1st CORRIGENDUM NOTICE TO EXPRESSION OF INTEREST (EOI) FOR ARRIVAL OF RATES OF VEHICLES & MACHINERIES REQUIRED FOR BELPAHAR MUNICIPALITY**

No. 13001/230/2526: In partial modification to this office EOI Notice No. 299 Dtd. 05.02.2026, it is hereby notified that the time period of submission of rate has been extended upto 17.02.2026 by 5.00 P.M. instead of 12.02.2026 by 5.00 P.M. All previous terms and conditions of this EOI notice remain unchanged.

**Sd./- Executive Officer**
OIPR-13001/13050/1/25-26/0039 **Belpahar Municipality**



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
**ସୂଚନା**

No. 13001/258/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ. 13-3B/871ଟିକୁ ଶ୍ରୀ ସୁନନ୍ଦନ ପ୍ରଧାନ, ପିତା: ୰ମଦନ ମୋହନ ପ୍ରଧାନ, ସା/ପୋ.: ତଳ ତେଲେଙ୍ଗା ବଜାର, ଥା: ପୁରୀଘାଟ, ଜିଲ୍ଲା: କଟକ-୭୫୩୦୦୯ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁନନ୍ଦନ ପ୍ରଧାନ ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଋଷି କୁମାର କୟାଲ, ପିତା: ରାଜ କୁମାର କୟାଲ, ସା: ଓଲ୍ଡ କଲେଜ ଲେନ୍, ନିମଚଉଁରି, ଥା: ଲାଲବାଗ, ଜିଲ୍ଲା: କଟକ-୭୫୩୦୦୨, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/25-26/0041 ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)



ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପଦ୍ମପୁର
**OFFICE OF THE NOTIFIED AREA COUNCIL, PADAMPUR**
At/P.O./P.S.: Padampur, Dist.: Bararh (Odisha), PIN - 768036
E_Mail ID: nac.padampur@gmail.com
**"e" Procurement Notice**
**Bid Identification No. NAC-PDP-11/2025-26**

No. 13001/248/2526: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. **www.tendersodisha.gov.in**.

1. Nature of Work : Civil Works
2. No. of Works : 01 No.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 10.00 hours of 13.02.2026 to 17.00 hours of 25.02.2026
6. Last date/time for receipt of bids in the portal : Dt.25.02.2026 upto 17 hours
7. Bids received online shall be opened on : Dt.26.02.2026 at 11 hours
8. Name and address of the Officer Inviting Bid : Executive Officer, Padampur NAC

Further, the details can be seen from the e-procurement portal **www.tendersodisha.gov.in**.

**Sd./- Executive Officer**
OIPR-13001/13118/1/25-26/0027 **N.A.C., Padampur**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
E.Mail - rw_sundargarh@yahoo.co.in
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-25 of 2025-26**

**No.25001/143/2526** : 1. Name of the Work : Building Work, 2. Total No. of works : 1 no. Building, 3. Estimated cost : Rs. 8.47 Lakhs, 4. Class of contractor : Only 'D' & 'C', 5. Period of completion : 01 calendar month, 6. Type of Tender : Single Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-25 of 2025-26** | **17.02.2026 11.00 A.M.** | **24.02.2026 05.00 P.M.** |

Further details can be seen from the website www.tendersorissa.gov.in.

**Sd./-Executive Engineer**
**Rural Works Division,**
OIPR-25001/25046/1/25-26/0002 **Sundargarh**



OHPC
**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN: U40101OR1995SGC003963
REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022
Phone: 91-0674-2542983, 2542802, 2545526,
Fax- 2542102; E-mail: ohpc.co@gmail.com
No. OHPC: TECH: C&P: 16/2025-26/1103 Date: 10.02.2026
**INVITATION FOR EXPRESSION OF INTEREST**

No. 4001/18/2526:- Odisha Hydro Power Corporation Ltd. Bhubaneswar (OHPC), a Gold rated State PSU under Govt. of Odisha invites Expression of Interest (EOI) in sealed envelope from eligible interested IT Experts having experience in ERP implementation at least in S/4HANA for temporary engagement as IT consultant on contractual basis for a minimum period of 01 year.

**For details related to eligibility criteria, scope of the work, evaluation criteria etc. please visit our website www.ohpcltd.com from Dated. 16.02.2026**

OIPR-4001/4012/1/25-26/0001 **C&P Head**



No. 452/DPP, Dt.11/2/26 No.1001/22/2526
**OFFICE OF THE DIRECTOR OF PHYSICAL PLANTS**
**OUAT, BHUBANESWAR**
**"e-Procurement Notice No. 05/2025-26"**

| | | | |
|---|---|---|---|
| 1. | Name of the work | : | Construction of 60 seated Boys Hostel along with furnishing at OUAT, Bhubaneswar (Composite) (construction portion only) |
| 2. | Total no of Work | : | 01 No |
| 3. | Estimated cost | : | Rs. 264.67 lakhs approximate |
| 4. | Class of Contractor | : | As per DTCN |
| 5. | Period of Completion | : | As per DTCN |
| 6. | Type of tender | : | Double Cover system |
| 7. | Date and Time of availability of Bid documents in the portal | : | From Dt. 16.02.2026 to 17.00 hrs of dt. 02.03.2026 |
| 8. | Last date/Time for receipt of bids in the portal | : | Dt. 02.03.2026 upto 17.00 hrs |
| 9. | Submission of Original documents (TP cost, EMD, Affidavit etc as per DTCN) | : | During office hours from dt. 05.03.2026 to dt. 06.03.2026 upto 17.00 hrs in the office of the undersigned. |
| 10. | Date of opening of Bid (Cover-I) through online | : | Dt. 07.03.2026 at 11.30 hrs in the office of the undersigned. |
| 11. | Name & address of the O.I.T (Officer Inviting tender) | : | Director of Physical Plants, OUAT, BBSR. |

Further details can be seen from the e-procurement portal **https://tendersodisha.gov.in**
**N.B. Subsequent corrigendum/addendum if required shall be available in the website as indicated above.**

**Sd./- Director of Physical Plants, OUAT, Bhubaneswar**
OIPR-1001/1554/1/25-26/0003



**OFFICE OF THE CHIEF CONSTRUCTION ENGINEER**
**BRUTANG & HADUA IRRIGATION PROJECT, DASPALLA**
E-mail : ccebhip@gmail.com
No.137 Date : 11.02.2026
**NOTICE INVITING TENDER**
**"e" Procurement Notice No.CCE-BHIP-05(01-05)/2025-26 Dt.11.02.2026**

**No.32001/98/2526** : Invites online percentage rate tender in double cover through e-procurement for execution of the Civil, PH & Electrical works.

| | | | |
|---|---|---|---|
| 1 | Name of Works | : | 02 (Two) number of buildings work and 03 (Three) number of Road Work |
| 2 | Approximate Estimated cost | : | **1.26 Crores to Rs.3.17 Crore** |
| 3 | Period of Completion | : | **11 (eleven) months** |
| 4 | date and time of availability of bid document in the portal | : | **From 11.00 hours of Dt.20.02.2026 to 17.00 hours of Dt.13.03.2026** |
| 5 | Last date/time for receipt of bids in the portal | : | **17.00 hours of Dt.13.03.2026** |
| 6 | Date of Opening of Technical Bid | : | **11:00 Hours of 16.03.2026** |
| 7 | Name and address of the Officer inviting Bid | : | Chief Construction Engineer, Brutang & Hadua Irrigation Project, Daspalla, Nayagarh-752084. e-mail id : ccebhip@gmail.com |

Further details can be seen from the e-Procurement portal of Odisha Government https://tendersodisha.gov.in. All information, notices, addendum, corrigendum, cancellation notice etc. if required, will be published in this portal.

**Sd./- Chief Construction Engineer**
**Brutang & Hadua Irrigation Project,**
OIPR-32001/32535/1/25-26/0001 **Daspalla**



**MADHUSUDAN LAW UNIVERSITY, CUTTACK**
**(State University Established under the Odisha Universities Act, 1989)**
**Station Road, Cuttack, Odisha - 753003, Website: www.mlu.ac.in**
**Letter No. MLU/Estt./492/2026** **Date: 13.02.2026**
**ADVERTISEMENT FOR THE RECRUITMENT OF TEACHING POSTS**

No. 11001/17/2526: Applications are invited from eligible candidates for the filling up of following regular teaching posts of the University.

1. **Professor** : **06 Posts (Law)**
2. **Associate Professor** : **12 Posts (Law) and**
3. **Assistant Professor** : **32 Posts (24 for Law and 8 for Non-Law)**

- Last date of submission of application and payment of application fee through online mode : **17th March, 2026 till 11.59 P.M.**
- Last date for receiving the hard copy of application along with the attested copies of Testimonials to the University Office : **06th April, 2026 till 5.00 P.M.**

After successfully applying online, the self-attested copies of all the required documents along with application form should reach the undersigned on or before last date as mentioned above.
Applications received after last date will not be considered.
For details visit the University website: **www.mlu.ac.in.**
**(Form shall be available online from 17th February, 2026)**
**Place: Cuttack** **Sd./- Registrar**
**Date: 14.02.2026** **Madhusudan Law University, Cuttack**
**OIPR-11001/11051/1/25-26/0001**



**CHILIKA DEVELOPMENT AUTHORITY**
Chilika
**PLOT NO. 493(P), PALASPALLI, POKHARIPUT ROAD, BHUBANESWAR-751020, ODISHA**
**Phone : 91-674-2591544, Fax : 91-674-2590485, Email : chilika@chilika.com**
**No.8001/70/2526** **e-PROCUREMENT**
**Re-Tender Call Notice No.228/CDA/2026 Dtd.11.02.2026**

| | | | |
|---|---|---|---|
| 01 | Name of the Work | : | **Repair of R.C.C. Jetty at village Gabakunda** |
| 02 | Estimated Cost | : | **Rs.11,05,500.00 (Excluding GST)** |
| 03 | Period of completion | : | **2 (Two) Calendar Months** |
| 04 | Date & Time of availability of Bid Document in the portal | : | **14.02.2026 at 11.00 A.M. to 27.02.2026 upto 5.00 P.M.** |
| 05 | Last Date/Time for submission of Bids in the portal | : | **27.02.2026 upto 5.00 P.M.** |
| 06 | Date & Time of opening of Bids | : | **02.03.2026 at 11.30 A.M. in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020** |
| 07 | Name and Address of the Officer Inviting Tender (O.I.T) | : | **Addl. Chief Executive, Chilika Development Authority, Odisha, Bhubaneswar, Plot No.493(P), Palaspalli, Pokhariput Road, Bhubaneswar-751020** |

Further information and other details are available for downloading from the e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in"

**Sd./- Addl. Chief Executive**
**OIPR-8001/8138/1/25-26/0001** **Chillika Development Authority**

# ଜେଲ ଫେରନ୍ତାଙ୍କୁ ହତ୍ୟା, ରାସ୍ତା ପାର୍ଶ୍ୱରୁ ମିଳିଲା ମୃତଦେହ

## ୨୦୨୨ରେ ମା'ଙ୍କୁ ହତ୍ୟା କରି ଜେଲ ଯାଇଥିଲେ

ଛେଣ୍ଡିପଦା,୧୪।୨ (ଅଜିତ ଧଳ)



ମୃତଦେହ ପଡ଼ିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଭେଜିଡିହ ଗାଁ ନିକଟସ୍ଥ ୧୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଶୁକ୍ରବାର ରାତି ୯ଟାରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ମୃତକ ହେଲେ ବାଗଡ଼ିଆ ଗାଁ ଦେହୁରୀ ସାହିର ତୁଷାରକାନ୍ତ ଦେହୁରୀ (୨୮)। ତୁଷାର ୨୦୨୨ ମସିହାରେ ମା'ଙ୍କୁ ହତ୍ୟା ଅଭିଯୋଗରେ ଜେଲ୍ ଯାଇ ଜାମିନରେ ଫେରିଥିଲେ। ତେବେ ଧାରୁଆ ଅସ୍ତ୍ରରେ କେହି ତାଙ୍କୁ ହାଣି ହତ୍ୟା କରିଥିବା ମୃତକଙ୍କ ଭାଇ ନିହାର ଦେହୁରୀ ଶନିବାର ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସର ସୂଚନା ଅନୁଯାୟୀ, ବାଗଡ଼ିଆ ଗାଁର ତୁଷାର ୨୦୨୨ରେ ମା'ଙ୍କୁ ହତ୍ୟା କରିବା ଅଭିଯୋଗରେ ଜେଲ ଯାଇଥିଲେ। ଜେଲରେ ସେ ଭେଜିଡିହ ଗାଁର ରବୀନ୍ଦ୍ର ନାଏକଙ୍କ ସହ ରହୁଥିଲେ। ଉଭୟ ଜାମିନରେ ଆସିବା ପରେ ରବୀନ୍ଦ୍ରଙ୍କ ଘରେ କିଛିଦିନ ହେଲା ତୁଷାର ରହୁଥିଲେ। ଶୁକ୍ରବାର ରାତି ୯ଟାରେ ଭେଜିଡିହ ଗାଁ ନିକଟ ରାଜପଥ ପାର୍ଶ୍ୱରେ ତୁଷାରଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ଘଟଣାସ୍ଥଳରେ ଜଗି ରହିଥିବାବେଳେ ଶନିବାର ଅନୁଗୋଳ ଡିଏସ୍‌ପି ସୁକୁମାର ତ୍ରିପାଠୀ, ବାଗଡ଼ିଆ ଥାନା ଅଧିକାରୀ ପ୍ରିୟବ୍ରତ ନାୟକଙ୍କ ତତ୍ତ୍ୱାବଧାନରେ ମୃତକଙ୍କ ଭାଇ ନିହାରଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରିବା ସହିତ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। ତୁଷାରଙ୍କ ପେଟ ଓ ମୁହଁ, ହାତ ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିବାରୁ କେହି ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୩୬/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାସ୍ଥଳରୁ ମିଳିଥିବା ଏକ ହେଲମେଟ ସହ ଅନ୍ୟ ପ୍ରମାଣକୁ ଆଧାର କରି ତଦନ୍ତ କରାଯାଉଥିବା ବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଡିଏସ୍‌ପି ସୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

# ୮୧ ଲକ୍ଷର ସାଇବର ଠକେଇ, ଭୋପାଳରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪।୨(ତ୍ରିନାଥ ମହାନ୍ତି)



ଆକାଶ କୌଶିକ

ଶେୟାର ମାର୍କେଟରେ ଟଙ୍କା ଲଗାଇ ୮୧ ଲକ୍ଷର ଠକେଇ ଅଭିଯୋଗରେ ସାଇବର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶ ଭୋପାଳର ଆକାଶ କୌଶିକ। ତାଙ୍କୁ ସାଇବର ଥାନା ପୋଲିସ ମଧ୍ୟପ୍ରଦେଶରୁ ଗିରଫ କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣି ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଛି।

ଅଭିଯୋଗ ଅନୁସାରେ, ଆଇଆର୍‌ସି ଭିଲେଜରେ ରହୁଥିବା ନିରଞ୍ଜନ ବୋଇତାଇଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ସେଥିରେ ଶେୟାର ମାର୍କେଟରେ ଟଙ୍କା ଲଗାଇ ଲାଭବାନ ହେବାର ସ୍ୱପ୍ନ ଦେଖା ଯାଇଥିଲା। ନିରଞ୍ଜନ ଲୋଭରେ ପଡ଼ି ଠକ ଦେଇଥିବା ଫୋନ୍ ନମ୍ବରକୁ ଯୋଗାଯୋଗ କରିଥିଲେ। ଏହାପରେ ଅଭିଯୁକ୍ତ ଆକାଶ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ନିରଞ୍ଜନଙ୍କୁ ଯୋଡ଼ିଥିଲେ। ଉକ୍ତ ଗ୍ରୁପ୍‌ରେ ଶେୟାର ମାର୍କେଟରେ ଟଙ୍କା ଲଗାଇବାକୁ ଏକାଧିକ ଠକ ପ୍ରୋତ୍ସାହିତ କରିଥିଲେ। ଲୋଭରେ ପଡ଼ି ନିରଞ୍ଜନ ୮୧ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ନିରଞ୍ଜନ ଟଙ୍କା ବିନିଯୋଗ କରିବା ପରେ ଠକ ଦେଇଥିବା ସମୟ ମଧ୍ୟରେ ଟଙ୍କା ଉଠାଣ ପାଇଁ ଚେଷ୍ଟା କରିଥିଲେ। ହେଲେ ଟଙ୍କା ଉଠାଇବାରେ ସେ ବିଫଳ ହୋଇଥିଲେ। ଏନେଇ ନିରଞ୍ଜନ ସାଇବର ଠକଙ୍କୁ ପଚାରିବାରୁ ସେମାନେ ଆହୁରି ଟଙ୍କା ଲଗାଇଲେ ପୂର୍ବ ଟଙ୍କା ଉଠାଇ ହେବ ବୋଲି କହିଥିଲେ। ସନ୍ଦେହ ହେବାରୁ ନିରଞ୍ଜନ ବ୍ୟାଙ୍କ୍ ଯାଇ ଯାଞ୍ଚ କରିବାପରେ ତାହା ସାଇବର ଠକଙ୍କ ଆକାଉଣ୍ଟ ବୋଲି ଜଣାପଡ଼ିଥିଲା। ଟଙ୍କା ଯାଇଥିବା ଏକାଧିକ ଆକାଉଣ୍ଟ ମଧ୍ୟପ୍ରଦେଶର ହୋଇଥିବା ଜଣାପଡ଼ିବା ପରେ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିବା ପରେ ଟଙ୍କା ଯାଇଥିବା ଆକାଉଣ୍ଟଧାରୀଙ୍କୁ ଖୋଜିବା ପରେ ଆକାଶଙ୍କ ନିକଟରେ ପୋଲିସ ପହଞ୍ଚିଥିଲା।

# ମହିଳା ସ୍ୱେଚ୍ଛାସେବୀଙ୍କୁ କେନ୍ଦୁଝରରୁ ଗିରଫକଲା ଖଣ୍ଡଗିରି ପୋଲିସ

## ଚାକିରି ଦେବାକୁ କହି ୨୨ ଲକ୍ଷ ଠକେଇ ମାମଲା

ଭୁବନେଶ୍ୱର,୧୪।୨(ତ୍ରିନାଥ ମହାନ୍ତି)



ଚାକିରି ଦେବାକୁ କହି ୨୨ ଲକ୍ଷ ଠକେଇ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ବିଜେଡିର ଜଣେ ମହିଳା ସ୍ୱେଚ୍ଛାସେବୀଙ୍କୁ ଗିରଫ କରିଛି। ଗିରଫ ମହିଳା ଜଣଙ୍କ ହେଲେ ଜୟଦୁର୍ଗା ଫାଉଣ୍ଡେଶନର ଅଧ୍ୟକ୍ଷା ସୁରେଶ୍ୱରୀ ଓରଫ ସାଗରିକା ଜେନା। ଖଣ୍ଡଗିରି ଥାନା ପୋଲିସର ଏକ ଟିମ୍ କେନ୍ଦୁଝରରୁ ତାଙ୍କୁ ଗିରଫ କରିଛି। ଚାକିରି ଦେବାକୁ କହି ଠକେଇ ନେଇ ଖଣ୍ଡଗିରି ଥାନାରେ ମାମଲା ହୋଇଥିଲା। ଅଭିଯୋଗ ସମ୍ପର୍କରେ ଜଣାପଡ଼ିବା ପରେ ସୁରେଶ୍ୱରୀ ହାଇକୋର୍ଟଙ୍କ ନିକଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଆଗୁଆ ଜାମିନ ଆବେଦନକୁ ଅଗ୍ରାହ୍ୟ କରିବା ପରେ ଗୋଇନ୍ଦା ଖବର ଆଧାରରେ ପୋଲିସ ତାଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁସାରେ, ସୁରେଶ୍ୱରୀ ନିଜକୁ ବିଜେଡିର ସାମାଜିକ କର୍ମୀ ବୋଲି ପରିଚୟ ଦେଉଥିଲେ। ତାଙ୍କ ଘର କେନ୍ଦୁଝର ଜିଲାରେ ହୋଇଥିବାବେଳେ ସେ ଡୁମୁଡୁମାରେ ରହୁଥିଲେ। ଏପରି କି ତାଙ୍କର ବଡ଼ବଡ଼ ଅଧିକାରୀଙ୍କ ସହ ଭଲ ସମ୍ପର୍କ ରହିଥିବାରୁ ବିଭିନ୍ନ ସରକାରୀ ଚାକିରି କରାଇଦେବେ ବୋଲି ବହୁ ଲୋକଙ୍କୁ କହିଥିଲେ। ସେ କେନ୍ଦୁଝର ଜିଲା ନନ୍ଦିପଡ଼ାର ନୃସିଂହ ଚରଣ ପଣ୍ଡାଙ୍କ ପୁଅକୁ ପିଆର୍‌ଓ ଚାକିରି କରାଇଦେବାକୁ ପ୍ରଲୋଭନ ଦେଇଥିଲେ। ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାରରେ ସହାଯ୍ୟ କରାଇ ଦେବାକୁ କହି ୨୦୨୨ ସେପ୍ଟେମ୍ବର ୧୧ ତାରିଖରେ ୧୦ଲକ୍ଷ ଟଙ୍କା ନେଇଥିବାବେଳେ ସେହିମାସ ୨୧ ତାରିଖରେ ପୁଣି ୧ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ନେବା ନୃସିଂହଙ୍କ ପୁଅ ଲିଖିତ ପରୀକ୍ଷାରେ ବିଫଳ ହେବା ପରେ ସେ ଟଙ୍କା ଫେରାଇ ଦେବାକୁ ସୁରେଶ୍ୱରୀଙ୍କୁ କହିଥିଲେ। ହେଲେ ୩ ବର୍ଷ ହେବ ସେ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଏନେଇ ନୃସିଂହ ଖଣ୍ଡଗିରି ଥାନାରେ ଠକେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଠକେଇ ମାମଲା ସମ୍ପର୍କରେ ଜାଣିବା ପରେ ସୁରେଶ୍ୱରୀ ତାଙ୍କ ଲୋକେସନ ବଦଳାଇ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ।

# ସିସିଏମ୍‌ବି ଆକାଉଣ୍ଟାଣ୍ଟ ସ୍ୱର୍ଣ୍ଣପ୍ରଭା ଗିରଫ

## ବାର୍ ଆସୋସିଏଶନ କଲ୍ୟାଣ ପାଣ୍ଠି ହେର୍‌ଫେର୍‌ର ମାମଲା

କଟକ,୧୪।୨(କାର୍ତ୍ତିକ ସାହୁ): କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ, କଟକ ବାର୍ ଆସୋସିଏଶନ, ଏମ.ଭି. ଲୟର ଆସୋସିଏଶନ ଏବଂ ବୋର୍ଡ ଅଫ ରେଭିନ୍ୟୁ ବାର ଆସୋସିଏଶନ (ସିସିଏମ୍‌ବି) ସଦସ୍ୟଙ୍କ କଲ୍ୟାଣ ପାଣ୍ଠିରୁ ଆର୍ଥିକ ହେରଫେର ମାମଲାରେ ଲାଲ୍‌ବାଗ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସିସିଏମ୍‌ବି ଆକାଉଣ୍ଟାଣ୍ଟ ସ୍ୱର୍ଣ୍ଣପ୍ରଭା ବେହେରା (୨୭)। ସିସିଏମ୍‌ବି କଲ୍ୟାଣପାଣ୍ଠିର ସଦସ୍ୟତା ଶୁଳ୍କ ଏବଂ ଓକିଲାତିନାମାରେ ବ୍ୟବହୃତ 'ଲୋଗୋ'ରୁ ସଂଗୃହୀତ ପାଣ୍ଠିରେ ଆର୍ଥିକ ଅନିୟମିତତା ସନ୍ଦେହ କରି ଗତ ଅଗଷ୍ଟ ୮ରେ ଏକ ଯୁଗ୍ମ ତଦନ୍ତ କମିଟି ଗଠନ କରାଯାଇଥିଲା। ସେଥିରେ ପ୍ରାୟ ୪୦ ଲକ୍ଷ ୭୩ ହଜାର ଟଙ୍କା ହେରଫେର ହୋଇଥିବା କମିଟି ଜାଣିବା ପରେ ଏନେଇ ଏକ ମାମଲା ରୁଜୁ ହୋଇଥିଲା।

# ନିଷିଦ୍ଧ ନିଶା ଔଷଧ କାରବାର, ଔଷଧ ଦୋକାନୀ ଗିରଫ

ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)



ବସ୍ତର ପୋଲିସ ଅଭିଯୁକ୍ତ ଓ ଜବତ ନିଷିଦ୍ଧ ମେଡିସିନ ସମ୍ପର୍କରେ ସୂଚନା ଦେଉଛି।

ଆନ୍ତଃ ରାଜ୍ୟ ଡ୍ରଗ୍ସ ରାକେଟରେ ସମ୍ପୃକ୍ତି ଅଭିଯୋଗରେ ଛତିଶଗଡ଼ ବସ୍ତର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଛତିଶଗଡ଼ ବୋଧଘାଟ ଥାନା ଅଞ୍ଚଳର ନରେନ୍ଦ୍ର ସିଂହ ଠାକୁର (୩୬) ଓ ନବରଙ୍ଗପୁରର ଶ୍ରୀ ଲକ୍ଷ୍ମଣ ମେଡିକାଲ ଓ ଜେନେରାଲ ଷ୍ଟୋର ମାଲିକ ୱୁନ୍ନା ରାମକୃଷ୍ଣ ରାଓ (୬୧)। ଉଭୟଙ୍କଠାରୁ ବିପୁଳ ପରିମାଣର ବେଆଇନ ନିଷିଦ୍ଧ ନିଶା ବଟିକା ଜବତ ହୋଇଥିବାରୁ ଏନ୍‌ଡିପିଏସ୍ ଧାରା ସି ଅନୁଯାୟୀ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଅଭିଯୁକ୍ତମାନଙ୍କ ପାଖରୁ ମୋଟ ୨୩୫୮.୪ ଓଜନର ଏହି ଡ୍ରଗ୍ସ ଜବତ କରାଯାଇଛି। ଜବତ ଔଷଧର ମୂଲ୍ୟ ୧୪ ଲକ୍ଷ ୮ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।

ବସ୍ତର ପୋଲିସ ନିଶାଦ୍ରବ୍ୟ ଅପବ୍ୟବହାର ବିରୋଧରେ ଏକ ଅଭିଯାନ ଆରମ୍ଭ କରିଛି। ଏସ୍‌ପି ଶଲଭ କୁମାର ସିହ୍ନାଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ପରେ ଚଢ଼ାଉ କରାଯାଇଥିଲା। ବୋଧଘାଟ ଥାନା ଅଞ୍ଚଳରୁ ନରେନ୍ଦ୍ର ସିଂହ ଠାକୁରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଠାରୁ ୪୫୦.୨ ଗ୍ରାମ ଓଜନର ମୋଟ ୮୪ଟି ଟାବଲେଟ୍ (୬୭୨ ଖଣ୍ଡ) ନିଷିଦ୍ଧ ଟ୍ରାମାଡୋଲ୍ ନାର୍କୋଟିକ୍ କ୍ୟାପ୍‌ସୁଲ ମିଳିଥିଲା। ଏହାର ମୂଲ୍ୟ ପ୍ରାୟ ୨,୬୮,୮୦୦ ହେବ ବୋଲି ପୋଲିସ ସୂଚନା ଦେଇଛି। ସେ ନବରଙ୍ଗପୁରର ଶ୍ରୀ ଲକ୍ଷ୍ମଣ ମେଡିକାଲ ଓ ଜେନେରାଲ ଷ୍ଟୋରରୁ ବେଆଇନ ଭାବରେ ଏହି ନିଷିଦ୍ଧ ନାର୍କୋଟିକ୍ ଔଷଧ କିଣି ସହରର ଯୁବକମାନଙ୍କୁ ବିକ୍ରି କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ଛତିଶଗଡ଼ ପୋଲିସ ନବରଙ୍ଗପୁରରେ ପହଞ୍ଚି ଅଭିଯୁକ୍ତଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଲକ୍ଷ୍ମୀ ମେଡିକାଲ ଷ୍ଟୋର ମାଲିକ ୱୁନ୍ନା ରାମକୃଷ୍ଣ ରାଓଙ୍କୁ ପଚରାଉଚରା କରିଥିଲା। ସେଠାରେ ଯାଞ୍ଚବେଳେ ଦୋକାନର ପଛପଟ ବଖରାରୁ ୧୨ଟି ବାକ୍ସରେ ଥିବା ବେଆଇନ ନାର୍କୋଟିକ୍ ଡ୍ରଗ୍ ଟ୍ରାମୋଡୋଲ୍ ମିଳିଥିଲା। ଏହାର ମୂଲ୍ୟ ୧୧,୩୯,୨୦୦ ଟଙ୍କା ହେବ। ଏନେଇ ୧୩ ତାରିଖରେ ଅଭିଯୁକ୍ତ ୱୁନ୍ନା ରାମକୃଷ୍ଣ ରାଓଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ଉଭୟ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ସୂଚନା ମିଳିଛି।

## Business

# ୧୦,୦୦୦ କୋଟିର ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ ୨.୦ ଅନୁମୋଦିତ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଭାରତର ବର୍ଦ୍ଧିତ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଷ୍ଟାର୍ଟଅପ ଇଣ୍ଡିଆ ଫଣ୍ଡ ଅଫ ଫଣ୍ଡ୍ସ ୨.୦ (ଷ୍ଟାର୍ଟଅପ ଇଣ୍ଡିଆ ଏଫ୍‌ଓଏଫ୍ ୨.୦) ପ୍ରତିଷ୍ଠାକୁ ଅନୁମୋଦନ କରିଛି। ଦେଶର ଷ୍ଟାର୍ଟଅପ ଇକୋସିଷ୍ଟମ ପାଇଁ ଭେଞ୍ଚର କ୍ୟାପିଟାଲ ସଂଗ୍ରହ କରିବା ପାଇଁ ଏଥିରେ ମୋଟ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି। ଦୀର୍ଘକାଳୀନ ଘରୋଇ ପୁଞ୍ଜି ସଂଗ୍ରହ, ଭେଞ୍ଚର କ୍ୟାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ନବୋନ୍ମେଷ ଆଧାରିତ ଉଦ୍ୟୋଗକୁ ସମର୍ଥନକରି ଭାରତର ଷ୍ଟାର୍ଟଅପ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। ୨୦୧୬ରେ ଷ୍ଟାର୍ଟଅପ ଇଣ୍ଡିଆ ଆରମ୍ଭ ହେବା ପରଠାରୁ ଭାରତର ଷ୍ଟାର୍ଟଅପ ଇକୋସିଷ୍ଟମରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହା ୫୦୦ରୁ କମ୍ ଷ୍ଟାର୍ଟଅପରୁ ବୃଦ୍ଧି ପାଇ ଆଜି ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍‌ରେ ପହଞ୍ଚିଛି । ୨୦୨୫ରେ ସର୍ବାଧିକ ଷ୍ଟାର୍ଟଅପ୍ ପଞ୍ଜୀକରଣ ହୋଇଛି। ଏଫ୍‌ଏଫ୍‌ଏସ୍ ୧.୦ ଅନ୍ତର୍ଗତ, ୧୦,୦୦୦ କୋଟି ଟଙ୍କାର ସମ୍ପୂର୍ଣ୍ଣ କର୍ପସ ୧୪୫ ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ୍)କୁ ଆବଣ୍ଟିତ କରାଯାଇଥିଲା। ଏହି ସମର୍ଥିତ ଏଆଇଏଫ୍ କୃଷି, କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଅଟୋମୋଟିଭ, କ୍ଲିନ୍ ଟେକ୍, ଉପଭୋକ୍ତା ସାମଗ୍ରୀ ଏବଂ ସେବା, ଇ-କମର୍ସ, ଶିକ୍ଷା, ଫିନ୍‌ଟେକ, ଖାଦ୍ୟ ଓ ପାନୀୟ, ସ୍ୱାସ୍ଥ୍ୟସେବା, ଉତ୍ପାଦନ, ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ବାୟୋଟେକ୍ନୋଲୋଜି ଭଳି କ୍ଷେତ୍ରରେ ଦେଶବ୍ୟାପୀ ୧,୩୭୦ରୁ ଅଧିକ ଷ୍ଟାର୍ଟଅପ୍ସରେ ୨୫,୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ଏଫ୍‌ଓଏଫ୍ ୨.୦ ଭାରତୀୟ ନବସୃଜନକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଡିଜାଇନ କରାଯାଇଛି। ଏହା ଧୈର୍ଯ୍ୟଶୀଳ ଏବଂ ଦୀର୍ଘକାଳୀନ ପୁଞ୍ଜି ଆବଶ୍ୟକ କରୁଥିବା ଉଚ୍ଚ ପ୍ରଯୁକ୍ତି କ୍ଷେତ୍ରଗୁଡ଼ିକରେ ସଫଳତାକୁ ପ୍ରାଥମିକତା ଦେବା ସହ ନୂତନ ଏବଂ ଅଭିନବ ଚିନ୍ତାଧାରା ପାଇଁ ଏକ ସୁରକ୍ଷା ଜାଲ ପ୍ରଦାନ କରିବା, ପାଣ୍ଠି ଅଭାବରୁ ପ୍ରାରମ୍ଭିକ ବିଫଳତାକୁ ହ୍ରାସ କରିବ। ସେହିପରି ପ୍ରମୁଖ ମହାନଗରଗୁଡ଼ିକ ବାହାରେ ନିବେଶକୁ ଉତ୍ସାହିତ କରିବା ଫଳରେ ନବସୃଜନ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିପାରିବ।

# ସିଏମ୍‌ପିଡିଆଇ ପକ୍ଷରୁ କୋଇଲା ଖନନ ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୧୪।୨



ସେଣ୍ଟ୍ରାଲ ମାଇନ ପ୍ଲାନିଂ ଆଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ୍ (ସିଏମ୍‌ପିଡିଆଇ) ରାଞ୍ଚି ମୁଖ୍ୟାଳୟରେ ଆଇଆଇଟି(ଆଇଏସ୍‌ଏମ୍) ଧାନବାଦ ସହଯୋଗରେ ଏକ କର୍ମଶାଳା ଆୟୋଜନ କରିଛି। ଏହି ଏକଦିବସୀୟ କାର୍ଯ୍ୟକ୍ରମର ବିଷୟ ଥିଲା 'କୋଇଲା ଖଣିରୁ ଅନିୟନ୍ତ୍ରିତ ଉତ୍ସର୍ଜନର ମୂଲ୍ୟାଙ୍କନ ଏବଂ ଇନ୍ଧନ ପରିବର୍ତ୍ତନ' ଯାହା ବିଟିଆର୍-୨ ଓ ବିଟିଆର୍-୩ ପାଇଁ ଉତ୍ସର୍ଗୀକୃତ। କାର୍ଯ୍ୟକ୍ରମରେ ଖୋଲା, ଭୂଗର୍ଭ ଏବଂ ପରିତ୍ୟକ୍ତ କୋଇଲା ଖଣି, କୋଇଲା ପରିବହନ, କୋଇଲା ଭଣ୍ଡାର ଏବଂ ଉତ୍ସର୍ଜନ କାରକ ଚିହ୍ନଟ କରିବା ଏବଂ ପ୍ରୋଜେକ୍ଟ ପଦ୍ଧତି ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ସଂଯୁକ୍ତ ରାଷ୍ଟ୍ର ଫ୍ରେମ୍‌ୱାର୍କ କନ୍‌ଭେନ୍ସନ ଅନ୍ କ୍ଲାଇମେଟ୍ ଚେଞ୍ଜ ପେରିସ୍ ଏଗ୍ରିମେଣ୍ଟ ଅନୁଚ୍ଛେଦ ୧୩ ଅନୁଯାୟୀ ଭାରତର ଦାୟିତ୍ୱ ପୂରଣ କରୁଛି। ଏଥିରେ ପ୍ରତି ୨ ବର୍ଷରେ ଦ୍ୱିବାର୍ଷିକ ପାରଦର୍ଶିତା ରିପୋର୍ଟ , ଦ୍ୱିବାର୍ଷିକ ଅଦ୍ୟତନ ରିପୋର୍ଟ ଏବଂ ଏମ୍‌ଓଇଏଫ୍‌ସିସି ଦିଗ୍‌ଦର୍ଶକ ଅନୁଯାୟୀ ବାର୍ଷିକ ଅଦ୍ୟତନ ରିପୋର୍ଟ ପ୍ରସ୍ତୁତ କରିବା ଆବଶ୍ୟକ। ଏହା କୋଇଲା କ୍ଷେତ୍ରରେ ଠିକ୍ ବିଟିଆର୍ ପ୍ରସ୍ତୁତି ପାଇଁ ମାନକ ପଦ୍ଧତି ନିଶ୍ଚିତ କରିବ। ସିଏମ୍‌ପିଡିଆଇର ମହାପ୍ରବନ୍ଧକ (ପର୍ଯ୍ୟାବରଣ) ଭି.କେ. ପାଣ୍ଡେୟ ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ଏମ୍‌ଓଇଏଫ୍‌ସିସିର ବୈଜ୍ଞାନିକ-ଜି ଶରତ କୁମାର ପଲ୍ଲେରଲା, ଏମ୍‌ଓସିର ନିର୍ଦ୍ଦେଶକ (ଟେକ୍ନିକାଲ) ମରାପଲ୍ଲୀ ଭେଙ୍କଟେଶ୍ୱରଲୁ, ସିଏମ୍‌ପିଡିଆଇର ନିର୍ଦ୍ଦେଶକ (ଟେକ୍ନିକାଲ/ସିଆର୍‌ଡି) ଶଙ୍କର ନାଗାଚାରୀ ଏବଂ କୋଲ ଇଣ୍ଡିଆର କାର୍ଯ୍ୟପାଳକ ନିର୍ଦ୍ଦେଶକ (ପର୍ଯ୍ୟାୟବରଣ) ସି. ଜୟଦେବ ଯୋଗଦେଇଥିଲେ।

# ୨୬କୋଟି ଟଙ୍କାର ଋଣ ବଣ୍ଟନ




ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମେଗା କୃଷିଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ଜଗତ୍‌ପୁରର ପୀରବଜାରସ୍ଥିତ ଅମ୍ବିକା କନ୍‌ଭେନ୍‌ସନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା ଏବଂ ୨୬କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ଏବଂ ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଗ୍ରାହକମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଋଣ ଆବଶ୍ୟକତା ପୂରଣକରିବା ପାଇଁ ସେଣ୍ଟେନାରି ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା କୈନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଗ୍ରାମୀଣ ଗ୍ରାହକମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷା ଓ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତକରିବା ନିମନ୍ତେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା।

# ସିଏନ୍‌ଜି ପ୍ରଚାରପ୍ରସାର ପାଇଁ ରାଲି

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଗେଲ୍ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ନ୍ୟାଶନାଲ ପିଏନ୍‌ଜି ଡ୍ରାଇଭ ୨.୦ ଅଧୀନରେ ଭୁବନେଶ୍ୱରରେ ଏକ କମ୍ପ୍ରେସ୍ଡ ନାଚୁରାଲ ଗ୍ୟାସ୍ (ସିଏନ୍‌ଜି)ର ପ୍ରଚାରପ୍ରସାର କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବେ ଭୁବନେଶ୍ୱର-କଟକ-ଭୁବନେଶ୍ୱର ରୁଟ୍‌କୁ କଭର କରୁଥିବା ଏକ ରାଲିରେ ପ୍ରାୟ ୫୦ଟି ସିଏନ୍‌ଜି ଯାନ ଅଂଶଗ୍ରହଣ କରିଥିଲେ। ରାଲି ସମୟରେ ପ୍ରକୃତ ଅନ୍-ରୋଡ୍ ପ୍ରଦର୍ଶନକୁ ମୂଲ୍ୟାୟନ କରିବା ପାଇଁ ଯାନଗୁଡିକର ମାଇଲେଜକୁ ଭଲ ଭାବରେ ତଦାରଖ କରାଯାଇଥିଲା ଏବଂ ସର୍ବାଧିକ ମାଇଲେଜ ହାସଲ କରିଥିବା ୩ ଜଣ ଡ୍ରାଇଭରଙ୍କୁ କାର୍ଯ୍ୟକ୍ରମ ଶେଷରେ ସମ୍ମାନିତ କରାଯାଇଛି। ସିଏନ୍‌ଜି ପରିଚାଳିତ ଟୁର୍ ଭାରିଆଣ୍ଟ ଯାନ ପ୍ରତି କିଲୋଗ୍ରାମ ପିଛା ୩୫ କିଲୋମିଟରରୁ ଅଧିକ ମାଇଲେଜ ପ୍ରଦାନ କରିପାରୁଛନ୍ତି ବୋଲି ପ୍ରଦର୍ଶିତ କରିବା ଏହି ରାଲିର ଉଦ୍ଦେଶ୍ୟ ରହିଥିଲା। ମାତ୍ର ରାଲିରେ ଶୀର୍ଷ ପ୍ରଦର୍ଶନକାରୀ ଚାଳକମାନେ ପ୍ରତି କିଲୋଗ୍ରାମ ସିଏନ୍‌ଜି ପିଛା ପ୍ରାୟ ୪୦ କିଲୋମିଟରର ମାଇଲେଜ ରେକର୍ଡ କରିଥିଲେ।

# ସ୍ୱସ୍ତିକ ଟିଭିଏସ୍ ପକ୍ଷରୁ ଟିଭିଏସ୍ ଅର୍ବିଟରର ଅନାବରଣ

ଭୁବନେଶ୍ୱର, ୧୪।୨(ଅନୁରାଧା ମହାରଣା)



କଟକସ୍ଥିତ ସ୍ୱସ୍ତିକ ଟିଭିଏସ୍ ପକ୍ଷରୁ ଶନିବାର ନୂଆ ଟିଭିଏସ୍ ଅର୍ବିଟର ଅନାବରଣ କରାଯାଇଛି। ସହରୀ ଯାତାୟାତକୁ ସହଜ ଏବଂ ପରିବେଶ ଅନୁକୂଳ କରିବା ପାଇଁ ଏହି ସ୍କୁଟରେ ଅନେକ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଏହା ଥରେ ଚାର୍ଜ ହେଲେ ୧୫୮ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଏହାର ୧୪ ଇଞ୍ଚର ଆଗ ଚକ ରାସ୍ତାରେ ଉତ୍ତମ ସନ୍ତୁଳନ ଏବଂ ସୁରକ୍ଷା ପ୍ରଦାନ କରେ। ୩୪ ଲିଟରର ବଡ଼ ବୁଟ୍‌ସ୍ପେସ୍ ଏଥିରେ ୨ଟି ହେଲ୍‌ମେଟ୍ ରଖାଯାଇପାରିବ। କ୍ରୁଜ୍ କଣ୍ଟ୍ରୋଲ, ହିଲ୍ ହୋଲ୍ଡ ଆସିଷ୍ଟ ଏବଂ ସ୍ମାର୍ଟଫୋନ୍ କନେକ୍ଟିଭିଟି ଭଳି ପ୍ରିମିୟମ୍ ଫିଚର୍ସ ଏଥିରେ ଉପଲବ୍ଧ। ଏହାର ମୂଲ୍ୟ ୧,୦୪,୯୦୦(ଏକ୍ସ ଶୋ' ରୁମ୍) ରହିଛି। ଅନାବରଣ କାର୍ଯ୍ୟକ୍ରମରେ ସ୍ୱସ୍ତିକ ଟିଭିଏସ୍‌ର ଏମ୍‌ଡି ପରମେଶ୍ୱର କଓ୍ୱାଟିଆ, ଦିନେଶ କଓ୍ୱାଟିଆ, ରିଜିଓନାଲ ଟ୍ରେନିଂ ମ୍ୟାନେଜର ମଜିଦ୍ ଖାନ୍, ଓଡ଼ିଶା ଟିଭିଏସ୍‌ର ଇଭି ସେଲସ୍‌ର ରଶ୍ମିରଞ୍ଜନ ଦାସ, ଟେରିଟୋରି ସେଲ୍‌ସ ମ୍ୟାନେଜର ବାର୍ବି ବୈଶ୍ୟ ଓ ଓଡ଼ିଶା ଟିଭିଏସ୍‌ର ଡିଲର ଲିଡ୍ ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଆନିଭର୍ସାରି ସେଲ୍

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)




ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର ଶହୀଦନଗରସ୍ଥିତ ଫ୍ଲାଗ୍‌ଶିପ୍ ଷ୍ଟୋରର ବାର୍ଷିକ ସେଲ୍ ସହ ସୀମିତ ସମୟ ଅଫର ଘୋଷଣା କରାଯାଇଛି। ଶନିବାରଠାରୁ ଆରମ୍ଭହୋଇଥିବା ଏହି ସେଲ୍ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଗ୍ରାହକମାନେ ସୁନା ଓ ହୀରାଗହଣା ଉଭୟର ଗଢ଼ା ମଜୁରିରେ ଫ୍ଲାଟ୍ ୪୫% ରିହାତି ପାଇପାରିବେ। ଏହାବ୍ୟତୀତ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଓଡ଼ିଶାରେ ଥିବା ସମସ୍ତ ଶୋ'ରୁମ୍‌ରେ ବ୍ୟାପକ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ୯୦ ବର୍ଷର କାରିଗରି ପ୍ରତି ଏକ ସମ୍ମାନ ଜଣାଉଥିବା ଷ୍ଟୋର ପକ୍ଷରୁ କୁହାଯାଇଛି। ସୁନ୍ଦର, ଯତ୍ନର ସହ ନିର୍ମିତ ଡିଜାଇନଗୁଡ଼ିକୁ ପୂର୍ବାପେକ୍ଷା ଆହୁରି ସହଜରେ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଖିମ୍‌ଜୀ ଉଦ୍ୟମ କରୁଛି। ହୀରା ନେକ୍‌ଲେସ୍‌ଠାରୁ ଆରମ୍ଭକରି ସୂକ୍ଷ୍ମଭାବେ ଡିଜାଇନ କରାଯାଇଥିବା ବ୍ରାଇଡାଲ୍ ସେଟ୍ ପର୍ଯ୍ୟନ୍ତ ଆଗକୁ ବଢ଼ିଯାଇଥିବା ଏକ ପରମ୍ପରା ପାଇଁ ପରିଚିତ ଖିମ୍‌ଜୀ ଜୁଏଲର୍ସ ସୁନା ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି। ରାଜ୍ୟରେ ବର୍ତ୍ତମାନ ୧୧ଟି ଶୋ'ରୁମ୍ ଓ ଆଗକୁ ଶୁଭାରମ୍ଭ ହେବାକୁ ଯାଉଥିବା ୪ଟି ଶୋ'ରୁମ୍ ସହ ଏହି ବ୍ରାଣ୍ଡ୍ ଏହାର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା ରଖିଛି।

# ମହାଶିବରାତ୍ରିରେ...

**ଆଜି ହେଉଛି ମହାଶିବରାତ୍ରି। ଗାଁଠୁ ସହର ପ୍ରତ୍ୟେକ ଶିବମନ୍ଦିର ଉତ୍ସବମୁଖର। ସବୁଠି ଶ୍ରଦ୍ଧାଳୁଙ୍କ ଭିଡ଼। ରାତିରେ ଜାଗର ରହି ଦୀପ ଜାଳିବା ଆଉ ମନ୍ଦିରରେ ମହାଦୀପ ଦର୍ଶନ କରିବାକୁ ସମସ୍ତଙ୍କ ମନରେ ଭରି ରହିଛି ଉତ୍କଣ୍ଠା। ଏହାସହ ଫଟୋ ଓ ରିଲ୍ସ ଭିଡିଓ ଶୁଟ୍ କରି ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବାକୁ ଅଧିକାଂଶ ଯୁବତୀଯୁବକ ବେଶ୍ ଉତ୍କଣ୍ଠିତ। ହେଲେ ସାମାନ୍ୟ ଅବହେଳାରୁ ଏହି ଖୁସିର ପର୍ବ ଯେପରି କୌଣସି ଦୁର୍ଘଟଣାର କାରଣ ନ ସାଜୁ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ସତର୍କ ରହିବା ଜରୁରୀ...**



ଆଜି ଦେବଦେବ ମହାଦେବଙ୍କ ପୂଜା ପାଇଁ ସବୁ ଶିବମନ୍ଦିର ନାନାଦି ଫୁଲ ଓ ଆଲୋକମାଳାରେ ସଜା ଯାଇଛି ଆଉ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। କେଉଁଠି ହୋମଯଜ୍ଞ ତ ଆଉ କେଉଁଠି ଭୋଜିଭାତ ସହ ଭଜନ ସମାରୋହ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂଧ୍ୟାରେ ଭକ୍ତମାନେ କିପରି ଶୃଙ୍ଖଳାରେ ବସି ଦୀପ ଜାଳିବେ ଓ ମହାଦୀପ ଦର୍ଶନ କରିବେ, ସେଥିପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ଆଉ ଏହାର ଆନନ୍ଦ ନେବା ସହ ଏହି ଅପୂର୍ବ ସୁନ୍ଦର ଦୃଶ୍ୟକୁ ଫଟୋ ଓ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରି ଅଧିକ ଲାଇକ୍, କମେଣ୍ଟ, ଭ୍ୟୁ ପାଇବାକୁ ଅନେକଙ୍କ ମଧ୍ୟରେ କ୍ରେଜ୍ କହିଲେ ନ ସରେ। ହେଲେ ଦୀପ ଜାଳୁଥିବା ସମୟରେ ଭିଡିଓ କିମ୍ବା ଫଟୋ ଶୁଟ୍ ବେଳେ ସାମାନ୍ୟ ଅସାବଧାନତା ବି କେବେକେବେ ବଡ଼ ଅଗ୍ନିକାଣ୍ଡ ଭଳି ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଜାଗର ଜାଳିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ...

**ଦୀପ ଜାଳିବା ବେଳେ ରୁହନ୍ତୁ ସତର୍କ:** ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ମହାଶିବରାତ୍ରିରେ ଜାଗର ଜାଳିବା ବେଳେ ରିଲ୍ସ ଭିଡିଓ ଶୁଟିଂ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନେ ସୁନ୍ଦର ସୁନ୍ଦର ଟ୍ରାଡିଶନାଲ୍ ପୋଷାକ ପିନ୍ଧି ଆଉଟ୍‌ଫିଟ୍ ପିନ୍ଧୁଛନ୍ତି। ଯଦିଓ ଏଭଳି ପୋଷାକ ସହ ଦୀପ ଧରି ଫଟୋ ଓ ଭିଡିଓ କରିବା ନିଶ୍ଚିତ ଭାବେ ଆକର୍ଷଣୀୟ, ହେଲେ ଗୋଟିଏ ହାତରେ ଦୀପ ଧରିବା କିମ୍ବା ଦୀପ ପାଖେ ଠିଆ ହୋଇ ଅନ୍ୟ ହାତରେ ମୋବାଇଲ୍ ଧରି ଫଟୋ ଉଠାଇବା ବେଳେ ଡ୍ରେସ୍ ନିଆଁ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତା'ଛଡା ଏହି ସମୟରେ ହଜାର ହଜାର ଭକ୍ତ ଏକାଠି ବସି ଦୀପ ଜାଳୁଥିବାରୁ ସାମାନ୍ୟ ଅସତର୍କତା ନିଜ ସହ ଅନ୍ୟ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିପାରେ। ତେଣୁ ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ।

**ଲାଇଟ୍‌ର କରେଣ୍ଟ ପ୍ରତି ରୁହନ୍ତୁ ସତର୍କ:** ମନ୍ଦିରକୁ ସଜାଇବା ଲାଗି ଫୁଲ ସହିତ ଭଳିକି ଭଳି ରଙ୍ଗର ଲିଟୁ ଲାଇଟ୍ ଲଗାଯାଇଥାଏ। ରାତିରେ ଏହି ଆକର୍ଷଣୀୟ ଆଲୋକସଜ୍ଜା ଭିତରେ ଫଟୋ ଆଉ ଭିଡିଓର ଦୃଶ୍ୟ ସତରେ ଅପୂର୍ବ। ହେଲେ ବର୍ତ୍ତମାନ ଭିଡିଓ ନିଶାରେ ଲିଟୁ ଲାଇଟ୍‌କୁ ଲାଗି ଠିଆ ହେବା କିମ୍ବା ହାତରେ ଦୀପ ଧରି ଏହା ପାଖରେ ଠିଆ ହେବାର ଭୁଲ୍ ଆଦୌ କରନ୍ତୁ ନାହିଁ। କାରଣ କେବେକେବେ ଲାଇଟ୍ କନେକ୍ସନ୍‌ରେ ତ୍ରୁଟି ରହିଯାଇଥାଏ, ଯେଉଁଥିପାଇଁ ଲିକେଜ୍ ଥିଲେ କରେଣ୍ଟ ଲାଗି ଜୀବନ ବିପଦରେ ପଡ଼ିବାର ଆଶଙ୍କା ରହିଛି।

**ଗ୍ରୁପ୍ ଫଟୋଶୁଟ୍ ପଡ଼ିପାରେ ଭାରି:** ଶର୍ଟ୍ସ ବା ରିଲ୍ସର ଏବେ ଟ୍ରେଣ୍ଡ ଚାଲିଛି, ଯେଉଁଥିରେ ଅଧିକାଂଶ ଯୁବତୀଯୁବକ ସବୁଠୁ ବେଶୀ ଆକ୍ଟିଭ୍ ଥିବା ଦେଖିବାକୁ ମିଳୁଛି। ଏକାଠି ଦୀପ ଜାଳିବା, ବିଭିନ୍ନ ଗୀତର ତାଳେତାଳେ ଦୀପ ଧରି ଚାଲିବା, ଡ୍ୟାନ୍ସ କରିବା ଆଦି ଦ୍ୱାରା ଡ୍ରେସ୍‌ରେ ନିଆଁ ଲାଗିବାର ଆଶଙ୍କା ରହିଛି। ତା'ଛଡ଼ା ମନ୍ଦିରକୁ ପ୍ରତ୍ୟେକ ବର୍ଗର ଲୋକ ଉପବାସ କରି ବିଭିନ୍ନ ମନସ୍କାମନା ନେଇ ଆସିଥିବାରୁ ଏଭଳି ରିଲ୍ସ କରିବା ସେମାନଙ୍କୁ ଡିଷ୍ଟର୍ବ ମଧ୍ୟ କରିପାରେ। ତେଣୁ ଶାନ୍ତି, ଶୃଙ୍ଖଳାର ସହ ନିରାପଦ ଭାବେ ପୂଜା କରିବା ଆବଶ୍ୟକ।







**ମନେରଖନ୍ତୁ:** ଭକ୍ତିରେ ନୁହେଁ ବରଂ ଫଟୋ, ଭିଡିଓ କରିବା ଆଳରେ ଅନେକେ ମନ୍ଦିର ଯାଇଥାନ୍ତି ଏବଂ ଦୀପ ଜାଳିଥାନ୍ତି। ଫଟୋଶୁଟ୍ ପରେ ଏଣେତେଣେ ଦୀପ ଫିଙ୍ଗିଥାନ୍ତି। ଯାହାଦ୍ୱାରା ମନ୍ଦିର ପରିସର ଅପରିଷ୍କାର ହୋଇଥାଏ । ତା'ଛଡ଼ା ଭଙ୍ଗାଦୀପର ଖଣ୍ଡ, ଘିଅ ପଡ଼ିବା ଦ୍ୱାରା ଗୋଡ଼ ଖସିବା, ପାଦରେ ଆଘାତ ଲାଗିବା ସହ ଅଧା ଜଳା ବତିରୁ ଅଗ୍ନିକାଣ୍ଡ ହେବାର ବି ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଫଟୋ, ଭିଡିଓ ନିଶାରେ ଯେପରି ନିଜ ପାଇଁ କିମ୍ବା ଅନ୍ୟ କାହା ପାଇଁ କୌଣସି ବିପଦ ନ ଆସେ ସେଥିପ୍ରତି ବିଶେଷ ସତର୍କ ରହିବା ଆବଶ୍ୟକ।

## ଏ ସପ୍ତାହର ପ୍ରଶ୍ନ ?

୧– ଶେଙ୍ଗିହାଲି ୱାଇଲ୍ଡ ଲାଇଫ୍ ସାଙ୍କ୍‌ଚୁଆରୀ ...... ରାଜ୍ୟରେ ଅବସ୍ଥିତ ?
୨– ନିକଟରେ ନ୍ୟାଶନାଲ୍ କ୍ରପ୍ ନ୍ୟୁଟ୍ରିଶନ୍ ସମିତି ୨୦୨୬ ........ଠାରେ ଅନୁଷ୍ଠିତ ହୋଇଯାଇଛି ?
୩– ୟୁନିଅନ୍ ବଜେଟ ୨୦୨୬-୨୦୨୭ରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଆରମ୍ଭ ହୋଇଥିବା ନୂଆ ଯୋଜନା .......... ?
୪– ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍ ଡେ' ...........ତାରିଖରେ ପାଳନ କରାଯାଏ ?
୫– ଫୁଏଗୋ ଭଲ୍‌କାନୋ ............... ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଷଷ୍ଠ ସ୍ଥାନ
୨ ଆବୁଧାବି
୩ ସୁଭାଷ ଚନ୍ଦ୍ର ବୋଷ
୪ ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ
୫ ସୌଦି ଆରବ

## ଉତ୍ତରଦାତା



ଶେଖ୍ ୟାକୁବ୍
ଗୋପ



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ସଚ୍ଚିଦାନନ୍ଦ ପରିଡ଼ା
ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ଲମ୍ବା ସମ୍ବିଧାନ

୧. ଇଣ୍ଡିଆ ........................................ ୧,୪୬,୩୮୫ ଶବ୍ଦ
୨. ନାଇଜେରିଆ ................................ ୬୬,୨୬୩ ଶବ୍ଦ
୩. ବ୍ରାଜିଲ୍ ........................................ ୬୪,୪୮୮ ଶବ୍ଦ
୪. ମାଲେସିଆ .................................. ୬୪,୦୮୦ ଶବ୍ଦ
୫. ପାପୁଆ ନ୍ୟୁ ଗିନି ............................ ୫୮,୪୯୦ ଶବ୍ଦ
୬. ମେକ୍ସିକୋ .................................... ୫୭,୦୮୭ ଶବ୍ଦ
୭. ପାକିସ୍ତାନ ...................................... ୫୬,୨୪୦ ଶବ୍ଦ
୮. ଜିମ୍ବାୱେ ........................................ ୫୫, ୮୩୩ ଶବ୍ଦ
୯. ଇକ୍ୱେଡର୍ ...................................... ୫୪,୫୫୫ ଶବ୍ଦ
୧୦. ୟୁନାଇଟେଡ୍ କିଙ୍ଗ୍‌ଡମ୍..................... ୫୪,୪୦୮ ଶବ୍ଦ

## ୟୁଥ୍ ଆଲର୍ଟ

# କାନରେ ବାଜୁଛି କି ଗୋଟିଏ ଗୀତ

**ସକାଳୁ ଗୋଟିଏ ଗୀତ ଶୁଣିଥିବେ ଅବା ହଠାତ୍ କେଉଁ ଗୀତ ମନେପଡ଼ିଯାଇଥିବ ଏବଂ ତାହା ଦିନସାରା ବାରମ୍ବାର କାନରେ ବାଜୁଥିବ– ଏଭଳି ଅନୁଭବ ପ୍ରାୟ ଅଧିକାଂଶଙ୍କର ରହିଛି। ହେଲେ ଏହା ପଛରେ କାରଣ କ'ଣ ତା' ହୁଏତ ସଭିଙ୍କୁ ଜଣା ନ ଥିବା ଜାଣନ୍ତୁ ସେ ସମ୍ପର୍କରେ...**

➤ ବହୁତ ସମୟରେ ଏପରି ହୁଏ, କିଛି ଗୀତ ଆମ ମନରେ ଅଟକିଯାଏ ଏବଂ ଦିନସାରା ମନ ଭିତରେ ବାରମ୍ବାର ରିପିଟ୍ ହୋଇଥାଏ। ବିଜ୍ଞାନ ଭାଷାରେ ଏହାକୁ ଇନ୍‌ଭଲ୍ୟୁଣ୍ଟାରୀ ମ୍ୟୁଜିକାଲ୍ ଇମେଜେରୀ ବା ଇୟରୱର୍ମ ବୋଲି କୁହାଯାଏ। ତେବେ ଏହା କୌଣସି ରୋଗ ନୁହେଁ, ଏହା ହେଉଛି ମସ୍ତିଷ୍କର ଏକ ପ୍ରକାରର ସ୍ଥିତି।

➤ ଏହି ସ୍ଥିତିରେ ନିଜ ଇଚ୍ଛାରେ ନୁହେଁ, ବରଂ ଆପେ ଆପେ କୌଣସି ଗୀତ ମନକୁ ବାରମ୍ବାର ଆସିଥାଏ। ତାହା ପୁଣି ସମ୍ପୂର୍ଣ୍ଣ ଗୀତ ନୁହେଁ, ବରଂ ଗୀତର ୧୫ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ କୌଣସି ଏକ ନିର୍ଦ୍ଦିଷ୍ଟ ଭାଗ।

➤ ତେବେ କାହିଁକି ମନରେ ଗୀତ ଏପରି ଅଟକିଯାଏ, ତାହାର କାରଣ ହେଉଛି ମଣିଷର ମସ୍ତିଷ୍କ ଦିନସାରା ବିଭିନ୍ନ ପ୍ରକାରର ଶବ୍ଦ, ସ୍ୱର ଶୁଣିଥାଏ। ଯେତେବେଳେ କୌଣସି ଗୀତ ଆମର ଭାବନା ଯେପରି ଖୁସି, ଦୁଃଖ ଆଦି ସହିତ କିମ୍ବା ଅତୀତର ଅନୁଭୂତି ସହିତ ଯୋଡ଼ି ହୋଇଯାଏ, ତେବେ ତାହା ମସ୍ତିଷ୍କର ସାଉଣ୍ଡ ସିଷ୍ଟମରେ ଅଟକିଯାଏ ଏବଂ ଆପେ ଆପେ ବାରମ୍ବାର ମନକୁ ଆସିଥାଏ। ଏହା ପ୍ରୋସେସ୍‌କୁ ଫୋନୋଲୋଜିକାଲ୍ ଲୁପ୍ କୁହାଯାଏ।

➤ ତେବେ ଅଧିକ ଚର୍ଚ୍ଚିତ ଗୀତ ଯେପରି ଟ୍ରେଣ୍ଡିଂରେ ଚାଲିଥିବା ରିଲ୍ସ ଗୀତ, ସବୁ ସମୟରେ ଲୋକପ୍ରିୟ ହୋଇଥିବା ଗୀତ, ସୁନ୍ଦର ମ୍ୟୁଜିକ୍ ଥିବା ଗୀତ, ବାରମ୍ବାର ଲାଇନ୍ ରିପିଟ୍ ହେଉଥିବା ଭଳି ଗୀତ ଶୁଣିଲେ ତାହା ଅଧିକ ମନ ଭିତରକୁ ଆସିଥାଏ।

➤ ତେବେ ଏପରି ଯଦି ବାରମ୍ବାର ହେଉଛି ଏବଂ ଆପଣ ଏହାର ସମାଧାନ କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ କିଛି ନୂଆ ଓ ଭିନ୍ନ ଧରଣର ଗୀତ ଶୁଣନ୍ତୁ।

➤ ଯଦି ପଢ଼ିବା ବେଳେ କିମ୍ବା ଅଫିସ୍ କାମ ବେଳେ ଏହି ଇୟରୱାର୍ମ ଆପଣଙ୍କୁ ଡିଷ୍ଟର୍ବ କରୁଛି, ତେବେ କିଛି ସମୟ ବ୍ରେକ୍ ନେଇ ସାଙ୍ଗସାଥୀଙ୍କ ସହ ଗପସପ କରିବା, ଶର୍ଟ ଫିଲ୍ମ କିମ୍ବା କମେଡି ଭିଡିଓ ଦେଖନ୍ତୁ ମୁଡ୍ ଚେଞ୍ଜ ହେବା ସହ ସେହି ଗୀତ ମଧ୍ୟ ମନରୁ ଦୂରେଇଯିବ।

➤ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ ଯେ ଡାକ୍ତରମାନଙ୍କ ଗବେଷଣା ମୁତାବକ ଚ୍ୟୁଇଂଗମ୍ ଚୋବାଇବା ଦ୍ୱାରା ମଧ୍ୟ ଏହି ଗୀତର ଲୁପ୍ ଦୂର କରିବାରେ ସାହାଯ୍ୟ କରିଥାଏ। କାରଣ ଚ୍ୟୁଇଂଗମ୍ ଚୋବାଇବା ଦ୍ୱାରା ଆମର ମସ୍ତିଷ୍କ ଏବଂ ମାଢ଼ିର ସେହି ଅଂଶ ବ୍ୟସ୍ତ ହୋଇଯାଏ, ଯାହାକି ଗୀତକୁ ବାରମ୍ବାର ଗୁଣୁଗୁଣାଇବା କାର୍ଯ୍ୟ କରିଥାଏ।



## ଯୁବ ପ୍ରତିଭା

# ସମାଜସେବାରେ ମନକୁ ସମର୍ପି ଦେଇଛି

ଓଡ଼ିଶାର ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟ କରିବା ହେଉ କି ଅଲିଭ୍‌ରିଡ୍‌ଲେ କଇଁଛ ସୁରକ୍ଷା ଅଭିଯାନରେ ହେଉ, ନିଜେ ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ୨ ହଜାରରୁ ଅଧିକ ଯୁବପିଢ଼ିଙ୍କୁ ଏହି କାମ ପାଇଁ ପ୍ରେରଣା ଯୋଗାଇଦେବା ଏବଂ ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରାଇ ସମାଜରେ ସେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ୧୨ଥର ରାଜ୍ୟ ଏବଂ ୩ଥର ଅନ୍ତର୍ଜାତୀୟ ସ୍ତରରେ ଭାରତ ସ୍କାଉଟ ଏବଂ ଗାଇଡ୍‌କୁ ପ୍ରତିନିଧିତ୍ୱ କରି ସେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେହିପରି 'ୟୁଥ ଫର୍ ୱାଟର ପ୍ଲସ' ତରଫରୁ ଓଡ଼ିଶାର ପରିବର୍ତ୍ତନକାରୀ ମଧ୍ୟରୁ ଜଣେ ବିବେଚିତ ହୋଇ ୨୦୨୬ ମସିହା କ୍ୟାଲେଣ୍ଡରରେ ନିଜ ସ୍ଥାନ ତିଆରି କରିପାରିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଲୁହାଙ୍ଗର ଗ୍ରାମର ମା' ଶକୁନ୍ତଳା ଓ ବାପା ବାଲ୍ୟକୃଷ୍ଣ ମହାରଣାଙ୍କ ଝିଅ ବର୍ଷାରାଣୀ।

ପିଲାବେଳୁ ମା'ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା ପ୍ରତି ସେ ଆକୃଷ୍ଟ ହୋଇଥିଲେ। ସେ ଲୋକ ପ୍ରଶାସନ (ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ୍) ଏବଂ



ସାମାଜିକ କାର୍ଯ୍ୟ (ସୋସିଆଲ୍ ୱର୍କ) ଦୁଇଟି ବିଭାଗରେ ଏମ୍.ଏ. କରିଛନ୍ତି। ବର୍ତ୍ତମାନ ୟୁଥ୍ ଫର୍ ସୋସିଆଲ ଡେଭ୍‌ଲପ୍‌ମେଣ୍ଟ ସଂସ୍ଥାରେ ଜଳବାୟୁ ପରିବର୍ତ୍ତନ ଏବଂ ପାଣି ସଂଗ୍ରହରେ ପ୍ରମୁଖ ଭାବେ କାର୍ଯ୍ୟରତ। ଭାରତ ସ୍କାଉଟ୍ ଏବଂ ଗାଇଡ୍‌ରେ ୟୁନିଟ୍ ଲିଡରରେ ଜଣେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ। ୨୦୧୯ରେ ଗୋପାଳପୁର ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ, ଭାରତ ସ୍କାଉଟ୍ ଏବଂ ଗାଇଡ୍ ଭଳି ସଂସ୍ଥାରେ ଯୋଡ଼ି ହୋଇ ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରରେ ଓଡ଼ିଶା ଏବଂ ଭାରତକୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି। ୨୦୨୧ରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଗଣେଶୀଲାଲ୍‌ଙ୍କଠାରୁ ସ୍କାଉଟ୍ ଏବଂ ଗାଇଡ୍‌ରେ ରାଜ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

ଏହାଛଡ଼ା ନିଜ ସମାଜରେ ଯୁବଗୋଷ୍ଠୀମାନଙ୍କୁ ନେଇ ସମାଜରେ ପରିବର୍ତ୍ତନ କରିବା ସକାଶେ ନିଜ ସ୍ୱର ଉତ୍ତୋଳନ କରି ଯୁବବର୍ଗମାନଙ୍କୁ ନିଜ ଅଧିକାର ଆଉ ସମାଜ ପ୍ରତି କର୍ତ୍ତବ୍ୟ ଜଣେଇ ଟାଟା ଷ୍ଟିଲ ଫାଉଣ୍ଡେଶନ ତରଫରୁ ଯୁବ ପରିବର୍ତ୍ତନକାରୀ (change maker) ଭାବେ ପୁରସ୍କୃତ ହୋଇଛନ୍ତି। ୨୦୨୪ରେ ୟୁନିସେଫ୍ ପକ୍ଷରୁ ଆୟୋଜିତ ୟୁୱାହ(ଯୁବା) ଏବଂ ଆଇ ଭଲ୍ୟୁଣ୍ଟର ସଂସ୍ଥା ତରଫରୁ ସର୍ବଭାରତୀୟସ୍ତରରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରୁ ଓଡ଼ିଶାରୁ ଏକମାତ୍ର ଝିଅ ଭାବେ ଗ୍ରୀନ ଗାର୍ଡିଆନ୍ ସମ୍ମାନରେ ସମ୍ମାନିତ



ହେଇଛନ୍ତି। ୨୦୨୫ରେ ଏସିଆ ପାସିଫିକ୍ ରେଜିଓନାଲ ଜାମ୍ବୋରିରେ ଭାରତ ସ୍କାଉଟ ଏବଂ ଗାଇଡ୍‌ରୁ ଓଡ଼ିଶାରୁ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। ଏହାଛଡ଼ା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଏବଂ ଗାଇଡ୍ ଦ୍ୱାରା ପରିଚାଳିତ ଟିକେଟ୍ ଟୁ ଲାଇଫ୍ ପ୍ରୋଜେକ୍ଟରେ ୟୁନିଟ୍ ଲିଡର ଭାବେ ୬୪ ଜଣ ସ୍କାଉଟ ଏବଂ ଗାଇଡଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କର ଅଲିଭ୍‌ରିଡ୍‌ଲେ କଇଁଛ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମଟି ଭାରତର ଏକ ପ୍ରଶଂସନୀୟ କାର୍ଯ୍ୟ ଭାବେ ଏସିଆ ପାସିଫିକ ସ୍କାଉଟ ପକ୍ଷରୁ ତାଇୱାନରେ ଏକ ପ୍ରମୁଖ ଲୋକ ଚର୍ଚ୍ଚିତ କାମ ଭାବେ ପ୍ରଦର୍ଶିତ ହୋଇପାରିଛି।

ସମାଜ ପ୍ରତି ନିଜ ଭଲପାଇବା ଓ ନିଷ୍ଠା ଲାଗି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଭବିଷ୍ୟତରେ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ପୃଥିବୀରେ ହେଉଥିବା ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟା ସମାଧାନର ବାଟ ଖୋଜିବା କାର୍ଯ୍ୟରେ ସାମିଲ କରିବା ତାଙ୍କର ସବୁଠୁ ବଡ଼ ଆଶା ଓ ସ୍ୱପ୍ନ ବୋଲି ପ୍ରକାଶ କରନ୍ତି ବର୍ଷାରାଣୀ।

– ସ୍ମୃତିରଞ୍ଜନ ମାହାଲିକ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଶୁଭେଚ୍ଛୁ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ଶିଶୁଙ୍କ ନାମରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।


# ମାଟି ଅତଡ଼ାକୁ ଧକ୍କାଦେଲା ବସ୍: ୩୭ ଆହତ

**ମୋହନା,୧୪।୨(ମନ୍ମଥମିଶ୍ର)**

ଚାଳକଙ୍କ ଦ୍ରୁତ ଗାଡ଼ିଚାଳନା ଯାତ୍ରୀଙ୍କ ପାଇଁ ବିପଦକୁ ଡାକିଆଣେ। ସେହିପରି ଏକ ବସ୍‌କୁ ଚାଳକ ମୋବାଇଲ ଫୋନରେ କଥା ହୋଇ ଦ୍ରୁତ ଗତିରେ ଚଳାଇ ଏକ ମାଟି ଅତଡାକୁ ଧକ୍କା ଦେଇଛନ୍ତି। ଫଳରେ ବସ୍‌ରେ ଥିବା ୩୭ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରମାନେ ହେଲେ ଗଞ୍ଜାମ ଜିଲା ସନ୍ତୋଷପୁର ପଞ୍ଚାୟତ ଖଣ୍ଡଦେଉଳି ଗ୍ରାମର କନକ ବେହେରା (୫୫), ବାରିଗାଁର ରତ୍ନା ମଲିକ (୪୫) ଓ ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଗାଁର ଶୋବାନୀ ସାହୁ (୩୦)। ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗାଁ ନିକଟ ଇନ୍ଦିରା ସ୍ମାରକୀ ମହାବିଦ୍ୟାଳୟ ନିକଟରେ ଏପରି ଦୁର୍ଘଟଣା ଘଟିଛି।

ଖବରରୁ ଜଣାପଡିଛି, ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି 'ବିକ୍ରାନ୍ତ' ନାମକ ଏକ ଘରୋଇ ବସ୍ (ଓଆର୦୭ଏନ୍‌-୭୧୭୩) ଗଜପତି ଜିଲାର ନୂଆଁଗଡ଼ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଚାଳକ ଫୋନରେ କଥା ହୋଇ ଅନ୍ୟମନସ୍କ ରହି ଦ୍ରୁତଗତିରେ ଗାଡି ଚଳାଉଥିଲେ। ଏକ ଘରୋଇ ବସ୍‌କୁ ଓଭରଟେକ କରିବା ବେଳେ ଭାରସାମ୍ୟ



ଦୁର୍ଘଟଣାଗ୍ରସ୍ତ ବସ୍।

## ୩ ଗୁରୁତର

ରକ୍ଷା କରି ନ ପାରି ସେ ଚାନ୍ଦିପୁଟ କଲେଜ ନିକଟରେ ଥିବା ଏକ ମାଟି ଅତଡ଼ାକୁ ଧକ୍କା ଦେଇଥିଲେ। ଫଳରେ ବସ୍‌ର ଆଗକାଚ ସଂପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ କେତେକ ସିଟ୍ ଉପରକୁ ଉଠିଆସିଥିଲା। ଗାଡ଼ିରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୩୭ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୩ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ଓ ମୋହନା ଅଗ୍ନିଶମବାହିନୀ ଅଧିକାରୀ ପଙ୍କଜ ମହାନ୍ତି ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଆହତ ଓ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

ଚିକିତ୍ସା ଲାଗି ୨୨ ଯାତ୍ରୀଙ୍କୁ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ମୋହନା ଡାକ୍ତରଖାନାରେ ୧୫ ଜଣଙ୍କୁ ଭର୍ତ୍ତି କରାଯାଇଛି। ଗୁରୁତର ଥିବା ସମ୍ପୃକ୍ତ ୩ ଜଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଡା. ଜିତେନ୍ଦ୍ର ପ୍ରସାଦ ଦାଶ ଓ ଡା. ଆଶୁତୋଷ ପ୍ରଧାନ କହିଛନ୍ତି। ଗୁରୁତର ମାନଙ୍କ ମୁଣ୍ଡ, ଛାତି, ଗୋଡ଼ରେ ଗଭୀର ଆଘାତ ଲାଗିଛି। ୨ଜଣଙ୍କ ହାତ ଭାଙ୍ଗି ଯାଇଛି। ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ମୋହନା ଏସ୍‌ଆଇ ସୌମ୍ୟ ରଞ୍ଜନ ବରାଳ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ଟୁଟିଲା ବିବାଦ, ସୋମବାରଠାରୁ ପଢ଼ିବାକୁ ଆସିବେ ଶିଶୁ

**ରାଜନଗର,୧୪।୨(ଭାସ୍କର ରାଉତରାୟ)**

**ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ଘଟଣା**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ଘଡ଼ିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ପ୍ରସଙ୍ଗ ଚର୍ଚ୍ଚା ସୃଷ୍ଟି କରିଥିଲା। ଦିନେ କି ୨ ଦିନ ନୁହେଁ, ଦୀର୍ଘ ୮୬ ଦିନ ହେଲା ଅଙ୍ଗନୱାଡି କେନ୍ଦ୍ରକୁ ପଢ଼ିବାକୁ ଶିଶୁ ଆସୁନାହାନ୍ତି। ଅନୁସୂଚିତ ଜାତିର ଜଣେ ଯୁବତୀ ୨୦ ନଭେମ୍ବର ୨୦୨୫ରେ ଉକ୍ତ କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ପାଇବା ଦିନଠାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଉଠାଇବା ପରେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା।

ଶନିବାର ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ କେନ୍ଦ୍ରାପଡ଼ାରେ ପହଞ୍ଚି ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନାକରି ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସ୍‌ପି ସୁଧାକର ସାହୁ, ଜିଲା କଲ୍ୟାଣ ଅଧିକାରୀ ଅରବିନ୍ଦ ରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ରାଜନଗର ତହସିଲଦାର ଯୀଶୁକ୍ରୀଷ୍ଟ ଦାସ, ଆଇଆଇସି ନରେଶ କୁମାର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର ଓ ସିଡିପିଓ ଦୀପାଳି ମିଶ୍ର ପ୍ରମୁଖ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜାତିଭେଦ ଦୂରକରିବା ଉପରେ ପର୍ଯ୍ୟବସିତ ପାଲା ଗାଁରେ ପରିବେଷଣ କରାଯାଇଥିଲା। ସମସ୍ତ ଅଧିକାରୀ ଗାଁର ଘରକୁ ଘର ବୁଲି ଲୋକଙ୍କୁ ସଚେତନକରିବା ସହ ଉପଜଲାପାଳଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହ ବୈଠକ ବସିଥିଲା।

ବୈଠକରେ ଗ୍ରାମବାସୀ ଜାତିଭେଦ ପ୍ରସଙ୍ଗ ଉଠାଇଥିଲେ। ପଥରବନ୍ଧ ନ ଥିବାରୁ ନଦୀର ଜୁଆରପାଣି ଗାଁକୁ ମାଡ଼ି ଆସୁଛି, ରାସ୍ତା ନାହିଁ, ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ, ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ ଆଦି ଅଭିଯୋଗ କରିଥିଲେ। ପ୍ରଶାସନ ତାଙ୍କ ଦାବି ନ ଶୁଣିବାରୁ ସେମାନେ ଏପରି ପଦକ୍ଷେପ ନେଇଥିବା କହିଥିଲେ। ସେମାନଙ୍କ ଦାବି ପ୍ରଶାସନ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଗ୍ରାମବାସୀ ମିଳିତ ଭାବେ ଶପଥ ପାଠ କରିଥିଲେ। ଅଙ୍ଗନୱାଡି ସହାୟିକା ଶର୍ମିଷ୍ଠା ସେଠୀ ରୋଷେଇକରିବା ପରେ ପ୍ରଶାସନିକ ଅଧିକାରୀ ଓ ଗାଁର ୨ ଜଣ ମୁରବି ଖାଇଥିଲେ।

# ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ଅସ୍ତ୍ରୋପଚାର

## ସମ୍ ଅଲ୍ଟିମେଟ୍ ମେଡିକେୟାରର ସଫଳତା



**ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)**

ପ୍ରଥମଥର ପାଇଁ ଅଣ୍ଟର ନିମ୍ନଭାଗକୁ ଅତ୍ୟାଧୁନିକ ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ସଦ୍ୟତମ ଜେଟ୍‌ଷ୍ଟ୍ରିମ୍ ଟେକ୍ନୋଲୋଜି ବ୍ୟବହାର କରି ସୁରକ୍ଷା ଦେବାରେ ସମ୍ ଅଲ୍ଟିମେଟ୍ ମେଡିକେୟାର ସଫଳ ହୋଇଛି। ହସ୍ପିଟାଲର ଇଣ୍ଟରଭେନସନାଲ ରେଡିଓଲୋଜିର କନ୍‌ସଲଟାଣ୍ଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକ ମିନିମାଲି ଇନ୍‌ଭେସିଭ ଭାସ୍କୁଲାର କେୟାର ମାଧ୍ୟମରେ ଏହି ଅସ୍ତ୍ରୋପଚାର ସମ୍ପନ୍ନ କରିଛନ୍ତି। ରୋଗୀଙ୍କ ଗୋଡ଼ ଧମନୀରେ ଜଟିଳ ବ୍ଲକେଜ ସମସ୍ୟା ରହିଥିବା ବେଳେ ଏହା ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା। ଏହା ଭବିଷ୍ୟତରେ ଚିକିତ୍ସା ସମୟ ନ ଥିବା ଅଙ୍ଗ ଓ ଗାଙ୍ଗ୍ରିନ ଭଳି ସମସ୍ୟା ଉପୁଜାଇଥାନ୍ତା ଏବଂ ଗୋଡ଼ କାଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ଏଭଳି ଜଟିଳ ସମସ୍ୟା ଥିବା ରୋଗୀଙ୍କର ଚିକିତ୍ସା ପାଇଁ ଖୁବ୍ କମ୍ ସୁଯୋଗ ରହିଥାଏ। ବିଶେଷକରି ଅଣ୍ଟର ନିମ୍ନ ପାର୍ଶ୍ୱରେ ଛୋଟ ଛୋଟ ଧମନୀରେ ଯେତେବେଳେ ବ୍ଲକେଜ ସୃଷ୍ଟି ହୁଏ, ତାହା ରୋଗୀଙ୍କ ଅଙ୍ଗୁଳି ଅସୁସ୍ଥ କରିଦେଇଥାଏ। ତେବେ ବର୍ତ୍ତମାନ ଅତ୍ୟାଧୁନିକ ଆଥେରେକ୍ଟୋମି ଟେକ୍ନୋଲୋଜି ଦ୍ୱାରା ଅସ୍ତ୍ରୋପଚାର ନ କରି ପ୍ଲାକ୍ ଏବଂ ବ୍ଲକୁ ବାହାର କରାଯାଇପାରୁଛି ଏବଂ ଏହାଦ୍ୱାରା ଅଙ୍ଗଚ୍ଛେଦ ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁଛି ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। ଏହି ଅତ୍ୟାଧୁନିକ ଚିକିତ୍ସା ଦ୍ୱାରା ସମ୍ ଅଲ୍ଟିମେଟ୍ ଓ ରୋଗୀମାନଙ୍କ ମଧ୍ୟରେ ନୂତନ ଆଶାର କିରଣ ସୃଷ୍ଟି କରିଛି ବୋଲି ହସ୍ପିଟାଲର ଚିଫ୍ ଅଫ୍ ମେଡିକାଲ ସର୍ଭିସେସ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ସୂଚନା ଦେଇଛନ୍ତି। ସିଇଓ ଡ. ଶ୍ୱେତପଦ୍ମା ଦାଶ କହିଛନ୍ତି, ଏହି ସଫଳତା ହସ୍ପିଟାଲକୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ମାଇଲ ଖୁଣ୍ଟ ଭାବେ ଉଭା ହେବାକୁ ସାହାଯ୍ୟ କରିଛି।

# ମା' ହେଲେ ନାବାଳିକା

**୮ ମାସ ହେଲା ମିଳୁଥିଲା ସରକାରୀ ସୁବିଧା, ଟିକା**

**ନୀଳଗିରି,୧୪।୨(ପ୍ରଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ଏକ କନ୍ୟା ସନ୍ତାନକୁ ଜନ୍ମଦେଇଛନ୍ତି। ଆଶାକର୍ମୀ ଦୀର୍ଘଦିନ ହେବ ସବୁ ଜାଣିଶୁଣି ମଧ୍ୟ ଚୁପ୍ ରହିଥିଲେ। ଡାକ୍ତରଖାନାରେ ପିଲା ଜନ୍ମ ହେବା ପରେ ସତ ସାମ୍ନାକୁ ଆସିଛି।

ନାବାଳିକାଙ୍କୁ ପ୍ରେମ କରୁଥିବା ନୀଳଗିରି ଅଞ୍ଚଳର ଜଣେ ଯୁବକ ବିବାହ କରିଥିଲେ। ସେ ଗର୍ଭବତୀ ହେବାପରେ ଏ ନେଇ ଆଶାକର୍ମୀ ସୁକାନ୍ତି ସିଂଙ୍କୁ ଅବଗତ କରିଥିଲେ। ଆଶାକର୍ମୀ ପୋଲିସକୁ ଜଣାଇବା ପରିବର୍ତ୍ତେ ନାବାଳିକାଙ୍କୁ ୮ମାସ ଧରି ସରକାରୀ ସୁବିଧା ଓ ଟିକା ପ୍ରଦାନର ବ୍ୟବସ୍ଥା କରାଇଥିଲେ। ନୀଳଗିରି ଡାକ୍ତରଖାନାରେ ପିଲା ଜନ୍ମ ପରେ ଆଧାର କାର୍ଡରୁ ନାବାଳିକାଙ୍କ ବୟସ ଜଣାପଡ଼ିଥିଲା। ଆଶାକର୍ମୀଙ୍କୁ ଏ ବାବଦରେ ପଚାରିବାରୁ ଦେହ ଅସୁସ୍ଥ ଥିବାରୁ କିଛି କହିପାରିବେନି ବୋଲି କହିଛନ୍ତି। ବରହମପୁର ପୋଲିସ ଏକ ମାମଲା(ନଂ.୧୮/୨୦୨୬) ରୁଜୁ କରି ନାବାଳିକାଙ୍କ ସ୍ୱାମୀଙ୍କୁ ଗିରଫ ପରେ କୋର୍ଟଚାଲଣ କରିଛି।

**ପୃଷ୍ଠା ୩ର ଅବଶିଷ୍ଟାଂଶ**

## ବଜେଟ ଚିଠା...

ଶକ୍ତି ବିଭାଗ ଉପରେ ସରକାର ଅଧିକ ଗୁରୁତ୍ୱ ଦେବେ ବୋଲି ଜଣାପଡିଛି। ଯେଉଁ ବିଭାଗଗୁଡିକ ଦ୍ୱାରା ସାଧାରଣ ଲୋକମାନେ ବିଶେଷ ଉପକୃତ ହେବେ ସେଭଳି ଦିଗ ପ୍ରତି ସରକାର ବିଶେଷ ଧ୍ୟାନଦେବା ଏକ ପ୍ରକାର ନିଶ୍ଚିତ। ଭାଜପା ସରକାର ଆସିବା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସେହି ଦୃଷ୍ଟିରୁ ଏହି ବଜେଟର ରୂପରେଖ ସରକାରୀ ଦଳ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ।

## ୩୭୮ କୋଟିରେ...

ଏହି ପ୍ରକଳ୍ପ ନିର୍ମାଣ ଲାଗି ୧୦୭, ୯୬, ୯୮,୫୫୪ ଟଙ୍କା ଏବଂ ୫ବର୍ଷ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୫,୫୧, ୮୪,୯୪୬ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଶେଷ ହେବା ପରେ ବାଲେଶ୍ୱର ଜିଲା ନୀଳଗିରି, ବାହାନଗା, ଔପଦା ଓ ରେମୁଣା ବ୍ଲକ୍‌ର ୫୧୭୭.୫୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇଦିଆଯିବ। ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅନ୍ତର୍ଗତ ସାଳନ୍ଦୀ ବାମ ମୁଖ୍ୟ କେନାଲର ୭୧.୫୦୫ କି.ମି.ଠାରୁ ୭୩.୦୦୩ କିମି ମଧ୍ୟରେ ଭୂତଳ ପାଇପ୍‌ଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀ ଆଉ ଏକ କାର୍ଯ୍ୟ ହେବ। ଏହାଦ୍ୱାରା ୫୭୬୫. ୩୪ ହେକ୍ଟର ଚାଷଜମିକୁ ଜଳସେଚନ କରାଯାଇପାରିବ। ଏହି ପ୍ରକଳ୍ପ ନିର୍ମାଣ ଲାଗି ୧୪୬,୧୭,୪୬,୯୫୦ ଟଙ୍କା ଏବଂ ୫ବର୍ଷ ପରିଚାଳନା ଓ ରକ୍ଷଣାବେକ୍ଷଣ ଲାଗି ୭,୬୯,୩୪,୦୫୦ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଦ୍ୱାରା ବାଲେଶ୍ୱର ଜିଲାର ରେମୁଣା ଓ ବାଲେଶ୍ୱର ଅଞ୍ଚଳର ୫୭୬୫.୩୪ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ।

କ୍ୟାବିନେଟ୍‌ରେ ଓଡ଼ିଶା ରାଜ୍ୟ କର୍ମଚାରୀ ବୀମା ଯୋଜନା ରେଡିଓଗ୍ରାଫର ସେବା ନିୟମ, ୨୦୨୬କୁ ମଞ୍ଜୁରୀ ମିଳିଛି। ରାଜ୍ୟର ଇଏସ୍‌ଆଇ ହସ୍ପିଟାଲ ଏବଂ ଡିସ୍‌ପେନ୍‌ସାରିରେ ସେବା କରିବା ପାଇଁ 'ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓ ଗ୍ରାଫର ସେବା'ରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କ ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀର ଠିକ୍ ନିୟନ୍ତ୍ରଣ ପାଇଁ ନୂତନ କ୍ୟାଡର ନିୟମକୁ ପ୍ରସ୍ତୁତକରି କ୍ୟାବିନେଟ୍‌ରେ ମଞ୍ଜୁରୀ ଦିଆଯାଇଛି।

## ସହର ଉନ୍ନତୀକରଣ...

ଅନୁମୋଦନ କରିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ଇନିସିଏଟିଭ୍‌ରେ ଫଣ୍ଡ ଅଫ୍ ଫଣ୍ଡସ୍ (ଏଫ୍‌ଓଏଫ୍) ଯୋଜନାର ଏହା ଦ୍ୱିତୀୟ ପର୍ଯ୍ୟାୟ। ସେହିପରି ୧୮,୫୦୯ କୋଟି ଟଙ୍କା ମୂଲ୍ୟର ୩ଟି ରେଳ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ସେଥିରେ ରହିଛି କସରା-ମନମଦ, ଦିଲ୍ଲୀ, ଅମ୍ବାଲା ଏବଂ ବେଲାରି-ହୋସାପେଟେ ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳଲାଇନ। ଏହା ରେଳ ପରିବହନ ସାମର୍ଥ୍ୟ ବଢ଼ାଇବା ସହ ସେବା ବିଶ୍ୱସନୀୟତାରେ ଉନ୍ନତି ଆଣିବ।

## ଚୌଦ୍ୱାର ଜେଲରୁ...

ଗୟାରେ ରାଜା ଏବଂ ମଧୁକାନ୍ତ ଅଲଗା ହୋଇଯାଇଥିଲେ। ମଧୁକାନ୍ତ ଗୟାରେ କିଛିଦିନ ରହିବା ପରେ ତାଙ୍କ ପ୍ରେମିକାକୁ ଭେଟ କରିବାକୁ ଯାଇଥିଲେ। ସେଠାରେ ପ୍ରେମିକା ସହ ଏକ ହୋଟେଲରେ ରହିଥିବା ଖବର ପୋଲିସ ପାଇ ସେଠାରେ ପହଞ୍ଚିବା ପୂର୍ବରୁ ମଧୁକାନ୍ତ ଫେରାର ହୋଇଯାଇଥିଲେ। ୨୦ ଦିନ ତଳେ ମଥୁରା ଯାଇ ଏକ ଗେଷ୍ଟ ହାଉସ୍‌ରେ କାମ କରୁଥିଲେ। ସେଠାରେ ନିଜର ଚେହେରା ବଦଳାଇବା ସହ ନିଜ ନାମକୁ ବଦଳାଇ ଦେଇଥିଲେ। ୨୪ ବର୍ଷୀୟ ମଧୁକାନ୍ତ ସେଠାରେ ନିଜର ନାଁ ବଦଳାଇ ବାସୁ ପାଣ୍ଡେ ରଖିଥିଲେ। ସେଠାରେ ଗେଷ୍ଟହାଉସ୍‌କୁ ଆସୁଥିବା ଅତିଥିଙ୍କୁ ସହଯୋଗ କରିବା ସହ ବୃନ୍ଦାବନ ବୁଲାଇ ଧର୍ମ ଚର୍ଚ୍ଚା କରୁଥିଲେ। କିନ୍ତୁ ସେ ଗେଷ୍ଟହାଉସ୍‌ରେ ନିଜ ପ୍ରେମିକା ସହ ନୂଆ ଫୋନରେ କଥା ହେଉଥିଲେ, ଯେଉଁଥିପାଇଁ ସ୍ପେଶାଲ ଟିମ୍ ଖୋଜୁଥିବା ବେଳେ ଲିଙ୍କ୍ ମିଳିଥିଲା। ଏକ ଟିମ୍ ଉକ୍ତ ଗେଷ୍ଟହାଉସ୍ ନିକଟରେ ଥିବା ଅନ୍ୟ ଏକ ଗେଷ୍ଟହାଉସ୍‌ରେ ରହି ମଧୁକାନ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା। ଫେରାର କଏଦୀ ମଧୁକାନ୍ତ ବୋଲି ସ୍ପଷ୍ଟ ହେବା ପରେ ସେ କାମ କରୁଥିବା ଗେଷ୍ଟହାଉସ୍‌ରେ ରହିବା ପାଇଁ ଯୋଜନା କରିଥିଲେ। ପୋଲିସ ଟିମ୍ ନିଜକୁ ଅଣଓଡ଼ିଆ ପରିଚୟ ଦେବା ସହ ହିନ୍ଦୀରେ କଥା ହେବା ସହ ପ୍ରମାଣ ପତ୍ର ମଧ୍ୟ ରାଜ୍ୟ ବାହାରର କରିଥିଲେ। ମଧୁକାନ୍ତ କାମ କରୁଥିବା ଗେଷ୍ଟହାଉସ୍‌ରେ ରହିବା ପାଇଁ ପୋଲିସ ଟିମ୍ ଗ୍ରାହକ ସାଜି ଯୋଗାଯୋଗ କରିଥିଲେ। ଗେଷ୍ଟହାଉସ୍ ମାଲିକ ନିର୍ଦ୍ଦେଶ ପରେ ପୋଲିସ ଟିମ୍‌କୁ ନେବା ପାଇଁ ମଧୁକାନ୍ତ ବସ୍‌ଷ୍ଟାଣ୍ଡ ପାଖକୁ ସ୍କୁଟି ନେଇଯାଇଥିଲେ। ସ୍କୁଟିରେ ମଧୁକାନ୍ତ ୨ଜଣ ପୋଲିସ ଟିମ୍‌କୁ ଆଣିବା ସମୟରେ ପୋଲିସ ତାଙ୍କୁ ଅଟକାଇ ମାଡ଼ି ବସିଥିଲେ। ପରେ କୋଟୱାଲି ପୋଲିସ ଷ୍ଟେଶନ ସହ ଯୋଗାଯୋଗ କରିବା ପରେ ତାଙ୍କୁ ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ଶନିବାର ମଧୁକାନ୍ତଙ୍କୁ କଟକ ଜେଏମ୍‌ଏଫ୍‌ସି-୧ କୋର୍ଟରେ ହାଜର କରାଯିବା ପରେ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ତାଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ପକ୍ଷରୁ ନାଗାଲାଣ୍ଡ, ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ ଏବଂ ଅନ୍ୟ ସହରରେ ଚଢ଼ାଉ କରାଯାଇଥିଲା।

## ଚୋର ସନ୍ଦେହ...

ମାତ୍ର ବାଣଧର ଦୌଡ଼ି ଯାଇପାରି ନ ଥିଲେ। ଗ୍ରାମବାସୀ ବାଣଧରଙ୍କୁ କାବୁକରି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପରେ ଗ୍ରାମବାସୀ ବାଣଧରଙ୍କୁ ଆଖିବୁଜା ମାଡ଼ ମାରିଥିଲେ। ତାଙ୍କ ହାତ ଓ ଗୋଡ଼ର ଦୁଇଟି ନଖକୁ ଗ୍ରାମବାସୀ ଉପାଡ଼ି ଦେଇଥିଲେ। ମାଡ଼ ମାରି ଗୋଡ ଭାଙ୍ଗିଦେଇଥିଲେ। ରାତିସାରା ଲୋକଙ୍କଠାରୁ ମାଡ଼ ଖାଇ ବାଣଧର ଅଚେତ ହୋଇପଡ଼ିଥିଲେ। ଶନିବାର ସକାଳେ ଏନେଇ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଣଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କୁ ମୁମୂର୍ଷ ଅବସ୍ଥାରେ ଭଞ୍ଜନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାଣଧରଙ୍କ ମୃତ୍ୟୁ ଘଟିଛି। ପୋଲିସ ନଂ. ୧୪୫/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅତିରିକ୍ତ ଏସ୍‌ପି ଦେ, ଏସ୍‌ଡିପିଓ ଡ. ଦୀପକ ମିଶ୍ର, ଆଇଆଇସି ଜୀବନାନନ୍ଦ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଲୋକମାନଙ୍କୁ ଚିହ୍ନଟ କରିଥିଲେ। ଚୋରି କରିବାକୁ ଆସିଥିବା ଯୁବକଙ୍କୁ ପୋଲିସ ଜିମା ନ ଦେଇ ଆଇନକୁ ହାତକୁ ନେଇଥିବା ସମସ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ଦୁର୍ବୃତ୍ତମାନେ ଘରେ ପଶି ଚୋରି ଉଦ୍ୟମ କରିଥିବାନେଇ ସୁଶାନ୍ତ ଶନିବାର ସନ୍ଧ୍ୟାରେ ଭଞ୍ଜନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।


# Classified Everyday

**0674-2580101, 9692975378**





## BRIDE WANTED

Handsome Brahmin Boy 1994, 5'6", B-Tech (IIT) Kanpur, MBA (Hyderabad) serving senior Engineer MNC Delhi. "SUNASANSAR" 9937512659. D-3390

## GROOM WANTED

Beautiful Brahmin girl 1996, 5'3", MBA (XIMB) serving manager MNC Hyderabad settled Bhubaneswar. ''SUNASANSAR'' 9937512659. D-3389

Handicap ପୁଅ ସଙ୍ଗେ ରହୁଥିବା 56 ବୟସ୍କା Central Govt. ଚାକିରିଆ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3392

48 ବୟସ୍କା ବଙ୍ଗାଳି ଅବିବାହିତା Govt. ଚାକିରିଆ ବାପା, ମା' ନଥିବା ଝିଅଙ୍କୁ Divorce/Widow/ Unmarried ପୁଅ ଦରକାର। 9776705242. D-3391





## SALE

Vespa Aprilia 125cc 2020 model Avon Battery Cycle. Contact: 9337128558. D-3076





## SALE

**Land near Balasore Town for Sale. Residential Plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore- Baripada National Highway. Please contact immediately- 7656861995.** D-75863

OSHB Gharabari Land (3000Sq.Ft.) for sale in Baramunda in front of Jagannathvihar Park with 30Ft. wide road suitable for Residential/ official purpose. Contact: 7894453807/ 7894453838. D-76897

**ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.** D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

**2 BHK, 1261 Sqft New Flat with elegant interiors for sale at Cantonment Road, Cuttack.Price- 1.35 Cr Mob- 9778194441.** D-3370

Single patch Stithiban Land (22.00Acre.) for sale at Satasankha Bazar, 1 1/2 Kms. away from Royal Palm Village on Satasankha to Balanga Road suitable for Holiday Resorts, Convention, Apartment project. Contact: 7894453807/ 7894453838. D-76898

N.H. facing Stithiban commercial Land (16072Sq.ft.) for sale in Pahal (Bhubaneswar) with 150Ft. (approx.) frontage Suitable for Resort/ Hotel/ Shopping/ Hospital etc. Contact: 7894453807 / 7894453838. D-76896





**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

Newly open Jyoti SPA positively health benefits (Expert therapist). Contact- 8458067955. D-76955

## LOST

On dtd. 10.01.2026 at 4.15PM one Rupesh Kumar Agrawal, S/o.- Late Ghasiram Agrawal of Village/P.S.- Lathor, Dist.- Balangir appeared at P.S. and presented a written report bearing G.D.No.-015 that his original Land Sale Deed bearing Regd. No.903/2010, Sub-Registry Office- Patnagarh of Mouza Pipalbahal, Khata No.108/329, Plot No. 282/1169, 285 and 286 which was Regd. on 22.4.2010 kept in a wooden box was damaged by white Ants and cannot be traced out.
Rupesh Kumar Agrawal
D-3388

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sri Sachidananda Nanda, my sale deed No.- 2346/ 2000 (603/ 502), CC No.- 63/ 26 lost in my Govt. quarter, Dhenkanal. If somebody get kindly contact my phone No.- 9437762919. D-3384

ଆମ୍ଭେ ଶ୍ରୀମତୀ ସୁକାନ୍ତି ଗିରି, ସ୍ୱାମୀ- ଶ୍ରୀପତି ଗିରି, ଗ୍ରାମ- ହିଜିଳି, ଥାନା- ବାଙ୍ଗିରିପୋଷି, ଜିଲ୍ଲା- ମୟୂରଭଞ୍ଜ ଘୋଷଣା କରୁଅଛିକି ଆମ୍ଭେ ଆମ୍ଭର ମୌଜା ଖାତା ନଂ. ୧୬୦/୭୦, ପ୍ଲଟ୍ ନଂ. ୪୯୦/୬୦୭ର ମୂଳ କବଲାଟି ହଜାଇ ଦେଇଅଛି। ଏ ସଂକ୍ରାନ୍ତରେ ବାଙ୍ଗିରିପୋଷି ଥାନା ଷ୍ଟେସନ ଡାଇରି ନଂ. ୧୧/ ୧୩।୦୨।୨୦୨୬ରେ ଏକ ମାମଲା ଏବଂ ମାନ୍ୟବର ନୋଟାରୀ କୋର୍ଟରେ ଏକ ଆଫିଡାଭିଟ୍ ଦାଖଲ କରିଅଛୁ।
ସ୍ୱା./- ସୁକାନ୍ତି ଗିରି
ଧ-୩୩୮୭

## AFFIDAVIT

By virtue of an affidavit, I, Shahe Jada Khan, S/o- Late Abdul Karim Khan of Rasulpur, Kakatpur, Puri declare that my name has been wrongly recorded as Abdul Sakil Khan in Aadhaar Card xxxx xxxx 4772. That Shahe Jada Khan and Abdul Sakil Khan are the same and one person.
D-3393

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


କଲମ୍ବୋର ପ୍ରେମଦାସା ଷ୍ଟାଡିୟମରେ ଶନିବାର ଫୁଟ୍‌ବଲ ଖେଳି ଭାରତୀୟ କ୍ରିକେଟ ଦଳର ଅଭ୍ୟାସ।

# ହ୍ୟାଣ୍ଡଶେକ୍ ପ୍ରସଙ୍ଗକୁ ଏଡ଼ାଇଲେ ଉଭୟ ଅଧିନାୟକ

ରବିବାର କଲମ୍ବୋରେ ହେବାକୁ ଥିବା ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଜବରଦସ୍ତ ମୁକାବିଲା ହେବ। କିନ୍ତୁ ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ଦୁଇ ଦଳର ଖେଳାଳି ହାତ ମିଳାଇବେ କି ନାହିଁ, ତାହାକୁ ଉଭୟ ଦଳର ଅଧିନାୟକ ସଲମାନ ଆଘା ଏବଂ ସୂର୍ଯ୍ୟକୁମାର ଯାଦବ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଡ଼ାଇ ଯାଇଛନ୍ତି।

## ଇତିହାସରୁ ଶିକ୍ଷା କରିଛୁ: ସଲମାନ

କଲମ୍ବୋ,୧୪।୨(ପି.ଟି.)

ଭାରତୀୟ ଖେଳାଳିଙ୍କ ସହ ଆମେ ହାତ ମିଳାଇବୁ କି ନାହିଁ, ତାହା ମ୍ୟାଚ୍ ପୂର୍ବରୁ ଜଣାପଡ଼ିବ। କ୍ରିକେଟ ଉଚିତ ଭାବନା ସହ ଖେଳାଯିବା ଦରକାର। ହେଲେ ମୋ ବ୍ୟକ୍ତିଗତ ମତାମତ ମାନେ ରଖେ ନାହିଁ। ମାତ୍ର କ୍ରିକେଟ ସେଭଳି ଖେଳାଯିବା ଉଚିତ, ଯେଉଁ ଭଳି ଏହା ଖେଳାଯାଇ ଆସୁଛି। ଏହା ସେମାନଙ୍କ ଉପରେ ସେମାନେ କ'ଣ ନିଷ୍ପତ୍ତି ନେଉଛନ୍ତି ବୋଲି ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା କହିଛନ୍ତି। ବିଶ୍ୱକପ୍‌ରେ ଭାରତ ବିପକ୍ଷ ରେକର୍ଡ ସମ୍ପର୍କରେ ସେ କହିଛନ୍ତି, ଆମ ରେକର୍ଡ ଭଲ ନାହିଁ। କିନ୍ତୁ ଯେତେବେଳେ ଏକ ନୂଆ ମ୍ୟାଚ୍ ଖେଳାଯାଏ, ସେହି ଦିନ ଭଲ ଖେଳିଥିବା ଦଳ ହିଁ ଜିତେ। ମ୍ୟାଚ୍ ଜିତିବା ପାଇଁ ଭଲ କ୍ରିକେଟ ଖେଳିବାକୁ ପଡ଼ିବ। ଆମେ ଇତିହାସ ବଦଳି ପାରିବୁ ନାହିଁ। ଆମେ ସେଥିରୁ ଶିକ୍ଷା ନେଇଛୁ। ଆମେ ଭାରତ


ସଲମାନ୍ ଅଲୀ ଆଘା

ବିପକ୍ଷରେ ଭଲ ପ୍ରଦର୍ଶନ କରି ମ୍ୟାଚ୍ ଜିତିବୁ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅଗଷ୍ଟରେ ପହଲଗାମ ଗଣହତ୍ୟା ଓ ପରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର କାରଣରୁ ଦୁବାଇରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇ ନ ଥିଲେ।

### ତାରିକ ଆମ ଟ୍ରମ୍ପ କାର୍ଡ

ବୋଲିଂ କଲାବେଳେ ଉଇକେଟ ପାଖରେ ରହିକି ସ୍ଲିଙ୍ଗ ଆକ୍ସନ ସହିତ ବୋଲିଂ କରୁଥିବା ଉସ୍ମାନ ତାରିକ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ ପାଇଁ ଜଣେ ଟ୍ରମ୍ପ କାର୍ଡ। ଆର୍ ପ୍ରେମଦାସ ତାରକା ଖଚିତ ଭାରତୀୟ ଦଳ ପାଇଁ ଷ୍ଟାଡିୟମର ଧୀମା ପିଚ୍‌ରେ ତାରିକ ଡବଲ ବିପଜ୍ଜନକ ହୋଇପାରନ୍ତି।

ଉସ୍ମାନ ଆମ ଦଳର ୧୫ ଖେଳାଳିଙ୍କ ମଧ୍ୟରୁ ଜଣେ। ଆମେ ତାଙ୍କୁ ସେହିଭଳି ବ୍ୟବହାର କରୁ। କେବଳ ତୁମେମାନେ ହିଁ ତାଙ୍କୁ ବଡ଼ ଖେଳାଳି କରି ଦେଇଛ। ସେ ଗତ କିଛି ମାସ ହେଲା ଖୁବ୍ ଭଲ ବୋଲିଂ କରୁଛନ୍ତି। ସେ ଲିଗ୍ କ୍ରିକେଟରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ହଁ ସେ ଆମ ପାଇଁ ଟ୍ରମ୍ପ କାର୍ଡ ବୋଲି ପାକିସ୍ତାନ ସଲମାନ କହିଛନ୍ତି। ତାଙ୍କ ବୋଲିଂ ଆକ୍ସନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ତାରିକ କ୍ରିକେଟ ଖେଳିବା ଆରମ୍ଭ କରିବା ଦିନଠାରୁ ତାଙ୍କ ବୋଲିଂ ଆକ୍ସନକୁ ନେଇ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ଏଣୁ ସେ ଏବେ ଏହାକୁ ଖାତିର କରୁ ନାହାନ୍ତି। ଗତ ବର୍ଷ ଦୁଇ ଥର ତାଙ୍କ ବୋଲିଂ ଆକ୍ସନକୁ ଆଇସିସି କ୍ଲିଅର କରିଥିଲା। ଆଇସିସି ତାଙ୍କୁ ଯାହା କରିବାକୁ କହିଥିଲା ଏବଂ ଇଣ୍ଟରନ୍ୟାଶନାଲ କ୍ରିକେଟରେ ବୋଲିଂ କରିବା ପାଇଁ ଯାହା ଦରକାର, ସେ କରିଥିଲେ।

## ତାରିକ ସିଲାବସ୍ ବାହାର ପ୍ରଶ୍ନ

ଟୁର୍ନାମେଣ୍ଟର ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ଲାଇନ୍ ବିଫଳ ହୋଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ୱୀକାର କରିବା ସହ ପାକିସ୍ତାନର ଉସ୍ମାନ ତାରିକଙ୍କୁ ପରୀକ୍ଷାରେ ପଡ଼ିଥିବା ସିଲାବସ ବାହାର ପ୍ରଶ୍ନ ବୋଲି କହିଛନ୍ତି।

"ବେଳେବେଳେ ପରୀକ୍ଷାରେ ସିଲାବସ ବାହାର ପ୍ରଶ୍ନ ଆସିଥାଏ। କିନ୍ତୁ ଆମେ ତାହାକୁ ଛାଡ଼ିପାରିବା ନାହିଁ। ସେହି ପ୍ରଶ୍ନ ସହ ମୁକାବିଲା କରିବା ପାଇଁ ତୁମକୁ ନିଜେ ବାଟ ବାଛିବାକୁ ପଡ଼ିବ। ସେ ଜଣେ ଭିନ୍ନ ବୋଲର। କିନ୍ତୁ ଆମେ ତାଙ୍କ ନିକଟରେ ଆତ୍ମସମର୍ପଣ କରିପାରିବୁ ନାହିଁ। ଆମେ ତାଙ୍କର ସମ୍ମୁଖୀନ ପ୍ରସ୍ତୁତ ହେବା ପାଇଁ ସମାନ ଷ୍ଟାଇଲରେ ବୋଲିଂ କରୁଥିବା ବୋଲରଙ୍କ ସହ ପ୍ରାକ୍ଟିସ କରୁଛୁ" ବୋଲି ସୂର୍ଯ୍ୟକୁମାର କହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପ୍ରଦର୍ଶନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଆମ ବ୍ୟାଟିଂ ଲାଇନ୍ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିପାରି ନାହିଁ।


ସୂର୍ଯ୍ୟକୁମାର ଯାଦବ

ଏଥିଲାଗି କୌଣସି ବାହାନା ଦେଲେ ହେବ ନାହିଁ। କିନ୍ତୁ ଆମେ ଅଧିକ ଶକ୍ତିଶାଳୀ ହୋଇ ଫେରିଛୁ। ଏଣୁ ଏହା ଟି୨୦ କ୍ରିକେଟର ସୌନ୍ଦର୍ଯ୍ୟ। ମୋ ମତରେ ପ୍ରତ୍ୟେକ ମ୍ୟାଚ୍‌ରେ ଜଣେ କିମ୍ବା ଦୁଇ ବ୍ୟାଟର ଆମକୁ ମ୍ୟାଚ୍ ଜିତାଉଛନ୍ତି।

### ପାକିସ୍ତାନ ଫାଇଦାରେ ଅଛି

ଚଳିତ ଟି୨୦ ବିଶ୍ୱକପ୍ ହାଇବ୍ରିଡ ମଡେଲରେ ହେଉଥିବାରୁ ପାକିସ୍ତାନ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳୁଛି। ପାକିସ୍ତାନ ଦଳ ତା'ର ପ୍ରତ୍ୟେକ ମ୍ୟାଚ୍ ଆର ପ୍ରେମଦାସା ଷ୍ଟାଡିୟମରେ ଖେଳିଛି। ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳିବା ଯୋଗୁ ପାକିସ୍ତାନ ଦଳ ଫାଇଦାରେ ରହିବ ବୋଲି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି। ସେମାନଙ୍କୁ ଏଠାରେ ସମସ୍ତ ଖେଳିବା ଫାଇଦା ଦେଉଛି। କିନ୍ତୁ ଆମେ ଏଠାରେ ପୂର୍ବରୁ ଖେଳିଛୁ। ଏଠାକାର ପରିସ୍ଥିତି ବିଷୟରେ ଆମକୁ ଜଣାଅଛି। ପିଚ୍ କେଉଁ ଭଳି ବ୍ୟବହାର କରିବ, ଆମକୁ ଜଣାଅଛି। ଏଠାକାର ପିଚ୍ କଣ୍ଡିଶନ ଭାରତ ଭଳି। ଏଣୁ ଉଭୟ ଦଳ ଲାଗି ସମାନ ପରିସ୍ଥିତି କହିବା ଭୁଲ୍ ହେବ ନାହିଁ ବୋଲି ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି।

### ହ୍ୟାଣ୍ଡଶେକ୍‌କୁ ଗୁରୁତ୍ୱ ଦିଅନ୍ତୁ ନାହିଁ

ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ହ୍ୟାଣ୍ଡଶେକ ଉପରେ ଏତେ ଗୁରୁତ୍ୱ କାହିଁକି ଦେଉଛନ୍ତି। ଆମେ କ୍ରିକେଟ ଖେଳିବାକୁ ଆସିଛୁ ଏବଂ ଆମେ ଭଲ କ୍ରିକେଟ ଖେଳିବୁ। ହ୍ୟାଣ୍ଡଶେକ କରିବୁ କି, ସେ ନେଇ ଆମେ ମ୍ୟାଚ୍ ପୂର୍ବରୁ ନିଷ୍ପତ୍ତି ନେବୁ ବୋଲି ସୂର୍ଯ୍ୟ ପ୍ରକାଶ କରିଛନ୍ତି।

# ବଡ଼ ପରଦାରେ ମ୍ୟାଚ୍ ଦେଖା ସହ ଖାଦ୍ୟ, ପାନୀୟ ଅଫର

ନୂଆଦିଲ୍ଲୀ, ୧୪।୨ (ପି.ଟି.)

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ମ୍ୟାଚ୍‌କୁ ଉପଭୋଗ କରିବା ଲାଗି ରାଜଧାନୀ ଦିଲ୍ଲୀରେ ବ୍ୟାପକ ଆୟୋଜନ କରାଯାଇଛି। ଦିଲ୍ଲୀ-ଏନ୍‌ସିଆର୍ (ନ୍ୟାଶନାଲ କ୍ୟାପିଟାଲ ରିଜିଅନ୍)ରେ ରହିଥିବା ରେଷ୍ଟୁରାଣ୍ଟ ଓ ସିନେମା ହଲ୍‌ଗୁଡ଼ିକରେ ମ୍ୟାଚ୍‌ର ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଛି। ଖେଳପ୍ରେମୀଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରକାର ଖାଦ୍ୟ ଓ ପାନୀୟ ପରିବେଷଣ ସହ ସ୍ୱତନ୍ତ୍ର ଅଫରର ବ୍ୟବସ୍ଥା କରାଯାଇଛି। ମ୍ୟାଚ ପାଇଁ ବିଭିନ୍ନ ମୃଦୁ ପାନୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେଗୁଡ଼ିକର ନାମ ଯଥା 'ହ୍ୟାଟ୍-ଟ୍ରିକ୍', 'ବିୟର ବାଉଣ୍ଡାରି', 'ସିକ୍ସର ସେଭର' ଏବଂ 'ବାଉଣ୍ଡାରି ବିଙ୍ଗେ' ଆଦି ରଖାଯାଇଛି। ଉଭୟ ଶାକାହାରୀ ଓ ମାଂସାହାରୀଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟତାଲିକା ପ୍ରସ୍ତୁତ କରାଯାଇଛି। ଜିଓଷ୍ଟାର ଓ ପିଭିଆର ଆଇନକ୍ସ ମଧ୍ୟରେ ଏକ ରଣନୈତିକ ସହଭାଗିତା ହୋଇଛି, ଯଦ୍ୱାରା କିଛି ସିନେମା ହଲ୍‌ରେ ସମସ୍ତ ମ୍ୟାଚ୍‌ର ସିଧା ପ୍ରସାରଣ ହେବ। ଏଥିରେ ଖେଳପ୍ରେମୀମାନେ ବଡ଼ ପରଦାରେ ଷ୍ଟାଡିୟମ ଷ୍ଟାଇଲ କ୍ରିକେଟର ରୋମାଞ୍ଚ ଅନୁଭବ କରିପାରିବେ। ଭାରତ-ପାକିସ୍ତାନ ହାଇ-ଭୋଲ୍‌ଟେଜ ମୁକାବିଲା ପାଇଁ ୫୦ରୁ ଊର୍ଦ୍ଧ୍ୱ ମାର୍କେଟରେ ୩୦୦ ବଡ଼ ପରଦାର ବ୍ୟବସ୍ଥା କରାଯାଇଛି। ଦର୍ଶକଙ୍କ ଚାହିଦା ଅନୁସାରେ ଅତିରିକ୍ତ ପରଦାର ବ୍ୟବସ୍ଥା କରାଯାଇଛି। ଟିକେଟର ସର୍ବନିମ୍ନ ମୂଲ୍ୟ ୯୯ ଟଙ୍କା ରଖାଯାଇଛି। ଭାରତକୁ ନେଇ ମ୍ୟାଚ ସମେତ ବଛାବଛା ଗ୍ରୁପ୍ ମ୍ୟାଚ ପରେ ସୁପର-୮ ଗେମ୍, ପ୍ଲେ-ଅଫ୍, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ଗୁଡ଼ିକୁ ଦର୍ଶକମାନେ ଉପଭୋଗ କରିପାରିବେ। ନୋଭୋଟେଲ ଦିଲ୍ଲୀସ୍ଥିତ କ୍ୟୁଅନ୍ ସ୍ପୋର୍ଟ୍ସ ବାର୍‌ରେ ମ୍ୟାଚ୍‌ର ସିଧା ପ୍ରସାରଣ ଦେଖିବା ସହ ୫,୯୯୯ ଟଙ୍କା, ୪,୯୯୯ ଟଙ୍କା ଓ ୩,୪୯୯ ଟଙ୍କାରେ ଯଥାକ୍ରମେ ୧୪, ୧୦ ଓ ୬ଟି ଲେଖାଏ ବିୟର ଅଫର ରହିଛି। ଏହିଭଳି ପ୍ୟାକେଜମାନ ଅପ୍‌ଷ୍ଟେୟାର୍ସ ବାର୍ ଓ ନେତାଜୀ ସୁଭାଷ ପ୍ଲେସରେ ରହିଛି। ଏଥିରେ ୫,୦୦୦ ଟଙ୍କା, ୭,୦୦୦ ଟଙ୍କା ଓ ୮,୦୦୦ ଟଙ୍କା ବିନିମୟରେ ଗ୍ରାହକଙ୍କ ଲାଗି ଅସୀମିତ ଖାଦ୍ୟ ଓ ପାନୀୟ ଅଫର ରହିଛି।

# ପୁଡୁଚେରୀକୁ ହରାଇଲା ଓଡ଼ିଶା

କଟକ,୧୪।୨(କୁମାରଶ୍ରୀ)


ନିବେଦିତା ଜନ୍ ନାୟକଙ୍କୁ ଓଡ଼ିଶା କ୍ୟାପ୍ ପ୍ରଦାନ କରୁଛନ୍ତି ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ।

ଚଳିତ ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶାକୁ ୩ୟ ବିଜୟ ମିଳିଛି। ଶନିବାର ଓଡ଼ିଶା ୨ ଉଇକେଟରେ ପୁଡୁଚେରୀକୁ ପରାସ୍ତ କରି ପ୍ରତିଯୋଗିତାରେ ତିଷ୍ଠି ରହିବା ଆଶା ଉଜ୍ଜୀବିତ କରିଛି। ୧୬ ତାରିଖରେ ବରୋଦା ବିପକ୍ଷରେ ଦଳ ୬ଷ୍ଠ ଲିଗ୍ ମ୍ୟାଚ ଖେଳିବ। ରାଜକୋଟର ନିରଞ୍ଜନ ସାହା ଷ୍ଟାଡିୟମରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପୁଡୁଚେରୀକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ଓପନର ଯୁବଶ୍ରୀଙ୍କ ୭୬, ସୋନାଲଙ୍କ ୬୯ରନ ସହାୟତାରେ ପୁଡୁଚେରୀ ସମସ୍ତ ଉଇକେଟ ହରାଇ ୨୪୬ରନ କରିଥିଲା। ଓଡ଼ିଶା ପକ୍ଷରୁ ରୀମାଲକ୍ଷ୍ମୀ ଏକ୍କା ୩ଟି, ନିବେଦିତା ଜନ ନାୟକ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୨୪୭ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ଆରମ୍ଭରୁ ଝୁଣ୍ଟିଥିଲା। ଓପନର ମାଧୁରୀ ମେହଟା ୨୩ ଏବଂ ଶିକ୍ସା ସ୍ୱାଇଁ ୧୨ରନରେ କ୍ରିଜ ଛାଡ଼ିଥିଲେ। ମଧ୍ୟକ୍ରମର ବ୍ୟାଟିଂ ବିଫଳତା ସତ୍ତ୍ୱେ ତନ୍ମୟୀ ବେହେରା ଧୈର୍ଯ୍ୟର ସହ କ୍ରିଜରେ ତିଷ୍ଠି ରହି ଦଳକୁ ବିଜୟ ନିକଟତର କରାଇଥିଲେ। ତନ୍ମୟୀ ୧୦୨ବଲରୁ ୧୦୩ରନର ଶତକୀୟ ଇନିଂସ ଖେଳିଥିଲେ। ଦଳର ୮ମ ଉଇକେଟ ପତନ ଘଟିଥିବା ବେଳେ ନିମ୍ନକ୍ରମରେ ରୀମାଲକ୍ଷ୍ମୀ (୧୧ରନ) ଓ ନିବେଦିତା(୧ରନ) ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ।

# କଲମ୍ବୋରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

କଲମ୍ବୋ, ୧୪।୨ (ପି.ଟି.)

ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁଥିବା ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ହାଇଭୋଲ୍‌ଟେଜ ମ୍ୟାଚ ପାଇଁ କଲମ୍ବୋରେ ଶ୍ରୀଲଙ୍କା ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ଏହି ମ୍ୟାଚ ପ୍ରେମାଦାସା ଷ୍ଟାଡିୟମରେ ଖେଳାଯିବ। ପୋଲିସ ମୁଖପାତ୍ର ଏଫ୍.ଟି. ଉଟଲର କହିଛନ୍ତି, ସୁରକ୍ଷା କ୍ଷେତ୍ରରେ ଆଦୌ ଢିଲା ଦିଆଯିବ ନାହିଁ। ମ୍ୟାଚ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବାଂଲାଦେଶକୁ ସମର୍ଥନ କରିବାକୁ ଯାଇ ପାକିସ୍ତାନ ଏହି ମ୍ୟାଚ ବର୍ଜନ କରିବା ଲାଗି ଘୋଷଣା କରିବାରୁ ମ୍ୟାଚ ଖେଳାଯିବା ନେଇ ଅନିଶ୍ଚିତତା ଦେଖାଦେଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଦୀର୍ଘ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇପାରିଛି। ଏପରି କି ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମରୋ ଦିସାନାୟକେଙ୍କୁ ଏହି ପ୍ରସଙ୍ଗରେ ମୁଣ୍ଡ ଖେଳାଇବାକୁ ପଡ଼ିଥିଲା। ଭାରତ ବିପକ୍ଷ ମ୍ୟାଚ ଖେଳିବା ଲାଗି ପାକିସ୍ତାନ ଦଳକୁ ଶ୍ରୀଲଙ୍କା ପଠାଇବା ଲାଗି ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କୁ ଅନୁରୋଧ କରିଥିଲେ। ଏହି ମ୍ୟାଚର ଆୟୋଜନ ପାଇଁ ଆୟୋଜକ ଶ୍ରୀଲଙ୍କା ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମ୍ୟାଚ ଖେଳା ନ ଗଲେ ତାଙ୍କ ଦେଶକୁ ବିପୁଳ କ୍ଷତି ସହିବାକୁ ପଡ଼ିବ ବୋଲି ସେ କହିଥିଲେ।

# ଦ. ଆଫ୍ରିକାକୁ ଜିତାଇଲେ ମାରକ୍ରମ

ଅହମଦାବାଦ,୧୪।୨

ଅଧିନାୟକ ଏଡେନ ମାରକ୍ରମଙ୍କ ଅର୍ଦ୍ଧଶତକ ଓ ମାର୍କୋ ଜାନସେନଙ୍କ ୪ ଉଇକେଟ ସଫଳତା ବଳରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ର ଏକ ଲିଗ୍ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ୭ ଉଇକେଟରେ ଜିତି ନେଇଛି। ଏହା ଦକ୍ଷିଣ ଆଫ୍ରିକାର କ୍ରମାଗତ ତୃତୀୟ ବିଜୟ। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୭୬ ଟାର୍ଗେଟ୍‌କୁ ଦକ୍ଷିଣ ଆଫ୍ରିକା ୧୭.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିଥିଲା। ଜାନସେନ ୪ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୧ ଓଭରରେ ୩ ଉଇକେଟ ହରାଇ ୧୭୮ ରନ କରି ନେଇଥିଲା। ଦଳ ପାଇଁ ଅଧିନାୟକ ମାରକ୍ରମ ୪୪ ବଲରେ ୮୬ (୮ ଚୌକା ଓ ୪ ଛକା) ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଲୋକି ଫର୍ଗୁସନ, ଜେମ୍ସ ନିଶାମ ଓ ରାଚିନ ରବୀନ୍ଦ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ: ୨୦ ଓଭରରେ ୧୭୫/୭ (ମାର୍କ ଚାପମାନ-୪୮, ଡାରିଲ ମିଚେଲ-୩୨, ଫିନ ଆଲେନ-୩୧, ମାର୍କୋ ଜାନସେନ-୪/୪୦, କେଶବ ମହାରାଜ-୧/୨୪)। ଦକ୍ଷିଣ ଆଫ୍ରିକା: ୧୭.୧ ଓଭରରେ ୧୭୮/୩ (ଏଡେନ ମାରକ୍ରମ-୮୬*, ଡେଭିଡ୍ ମିଲର-୨୪*, ରାଚିନ ରବୀନ୍ଦ୍ର-୧/୯, ଜେମ୍ସ ନିଶାମ-୧/୧୫)।

# ଆଇଏସ୍ଏଲ୍ ଆରମ୍ଭ


ମୋହନ ବାଗାନ ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଶନିବାର ଅନୁଷ୍ଠିତ ମ୍ୟାଚ୍।

କୋଲକାତା,୧୪।୨

ବହୁ ପ୍ରତୀକ୍ଷିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ୨୦୨୫-୨୬ ସିଜନ ଶନିବାର ଆରମ୍ଭ ହୋଇଯାଇଛି। ସଲ୍ଟ ଲେକ ଷ୍ଟାଡିୟମରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ମୋହନ ବାଗାନ ୨-୦ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ଦଳକୁ ୩ ପଏଣ୍ଟ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ମୋହନ ବାଗାନ ପାଇଁ ୩୬ତମ ମିନିଟ୍‌ରେ ଜେମି ମ୍ୟାକଲରେନ ଗୋଲ ଦେଇଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୧-୦ ଗୋଲ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ଶେଷ ଆଡ଼କୁ ଯୋଡ଼ା ଯାଇଥିବା ଅତିରିକ୍ତ ସମୟରେ ଟମ ଆଲଡ୍ରେଡ୍ (୯୦+୭) ମୋହନ ବାଗାନକୁ ୨-୦ ଗୋଲରେ ଜିତାଇଥିଲେ।

# ଭାରତକୁ ୪-୨ଗୋଲରେ ହରାଇଲା ବେଲଜିୟମ୍


ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଭାରତ ଓ ବେଲଜିୟମ ମଧ୍ୟରେ ମୁକାବିଲା।

ରାଉରକେଲା,୧୪।୨(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଲଜିୟମ୍ ୪-୨ ଗୋଲରେ ଭାରତକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ବେଲଜିୟମ ପଏଣ୍ଟ ତାଲିକାରେ ଶୀର୍ଷରେ ରହିଛି। ଚଳିତ ଟୁର୍ନାମେଣ୍ଟରେ ବେଲଜିୟମ ଦଳ ବିଜୟଯାତ୍ରା ଜାରି ରଖିଛି। ଏହି ମ୍ୟାଚରେ ବିଧାନସଭାର ଉପବାଚସ୍ପତି

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର.କେ ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ମ୍ୟାଚ ଆରମ୍ଭରୁ ବେଲଜିୟମ୍ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ପ୍ରଥମ କ୍ୱାର୍ଟରର ୧୧ମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନର(ପିସି)କୁ ହୁଗୋ ଲାବୋଚିରେ ଗୋଲରେ କନଭର୍ଟ କରିଥିଲେ। ସେହିଭଳି ୧୪ତମ ମିନିଟ୍‌ରେ ପିସି ଜରିଆରେ ଆଲେକ୍‌ଜାଣ୍ଡାର ହେଣ୍ଡ୍ରିକ୍ସ ବେଲଜିୟମ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ୧୫ ମିନିଟ୍‌ରେ ଆର୍ଥର ଡି' ସ୍ଲୁଭର ଏକ ପିସି ଜରିଆରେ ଗୋଲ କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ସୁଦ୍ଧା ବେଲଜିୟମ ୩-୦ ଗୋଲରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରର ୧୭ତମ ମିନିଟ୍‌ରେ ମିଳିଥିବା ଆଉ ଏକ ପିସିକୁ ଗୋଲ ପରିଣତ କରି ଆଲେକ୍‌ଜାଣ୍ଡାର ହେଣ୍ଡ୍ରିକ୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରିଥିଲେ। ୨୪ତମ ମିନିଟ୍‌ରେ ଅର୍ଜୁନ ଆଦିତ୍ୟ ଲାଲାଗେ ଭାରତ ପାଇଁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ବେଲଜିୟମ ୪-୧ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତକୁ ୩୭ ମିନିଟ୍‌ରେ ମିଳିଥିବା ଏକ ପିସି ଜରିଆରେ ଅଧିନାୟକ ହରମନପ୍ରୀତ ସିଂ ଗୋଲ ସ୍କୋର କରିଥିଲେ।






କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍‌ରେ ବରଗଡ଼ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

# ଡବଲ ସ୍ୱର୍ଣ୍ଣ ସହ ପ୍ରମୋଦଙ୍କୁ ରେକର୍ଡ ୬ଷ୍ଠ ଟାଇଟଲ

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)**

ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ପୁଣିଥରେ ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ବାହାରିନରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ପୁରୁଷ ଏସ୍‌ଏଲ୍‌୩ ବର୍ଗରେ ସେ ରେକର୍ଡ ୬ଷ୍ଠ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶାର ଗର୍ବ ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନଙ୍କୁ ୨୧-୧୨, ୨୧-୧୮ରେ ପରାସ୍ତକରି ନିଜ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲକୁ ୬ରେ ପହଞ୍ଚାଇଛନ୍ତି। ପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଖେଳରତ୍ନ ପ୍ରମୋଦ ଏବେ ୨୦୨୬କୁ ସେଥିରେ ଯୋଡ଼ିଛନ୍ତି। ଅର୍ଥାତ୍ ହାଟ୍ରିକ ସହ କ୍ରମାଗତ ୪ଥର ସେ ଟାଇଟଲ ବିଜୟୀ ହୋଇଛନ୍ତି। ଏ କ୍ଷେତ୍ରରେ ସେ କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ତାରକା ଚାଇନାର ଲିନ୍ ଡାନ୍‌ଙ୍କ ୫ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ରେକର୍ଡକୁ ପଛରେ ପକାଇଛନ୍ତି। ସେହିପରି ପୁରୁଷ ଡବଲ୍ସ ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମ ଅନ୍ୟ ଭାରତୀୟ ଯୋଡ଼ି ଜଗଦୀଶ ଦିଲ୍ଲୀ ଓ ନଭିନ ଶିବକୁମାରଙ୍କୁ ୨୧-୧୯, ୨୧-୧୬ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



ପ୍ରମୋଦ ଭଗତ

**ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ**

### ଭାବପ୍ରବଣ ମୁହୂର୍ତ୍ତ: ପ୍ରମୋଦ

''କ୍ରମାଗତ ୪ ଥର ଏବଂ ମୋଟ ୬ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ମୋ ପାଇଁ ଭାବପ୍ରବଣ ମୁହୂର୍ତ୍ତ। ଲିନ୍ ଡାନ୍ ସବୁବେଳେ ମୋର ଆଦର୍ଶ ଖେଳାଳି ହୋଇ ରହିଛନ୍ତି। ତାଙ୍କ ରେକର୍ଡ ଭାଙ୍ଗିବା ମୋ ପାଇଁ ସମ୍ପୂର୍ଣ୍ଣଭାବେ ସ୍ୱତନ୍ତ୍ର। ନିଜ ଉପରେ ବିଶ୍ୱାସ, ଶୃଙ୍ଖଳା ଏବଂ ବିଭିନ୍ନ ପ୍ରକାର ତ୍ୟାଗର ଏହା ଫଳ। ବଡ଼ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବା ଏବଂ ଇତିହାସ ସୃଷ୍ଟି କରିବା ମୋତେ ଗର୍ବିତ କରିଛି'' ବୋଲି ପ୍ରମୋଦ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ରୋମାଞ୍ଚକ ମୁକାବିଲାରେ କେନ୍ଦୁଝର ବିଜୟୀ

**ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ କବାଡ଼ି**

**କଟକ, ୧୪।୨ (କୁମାରଶ୍ରୀ)**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ ଜାରି ରହିଛି। ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପୁରୁଷ ବର୍ଗର ଏକ ରୋମାଞ୍ଚକ ମ୍ୟାଚ୍‌ରେ ନୟାଗଡ ୨୭-୨୨ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ପୁରୁଷ ବର୍ଗର ଅନ୍ୟ ମ୍ୟାଚ୍‌ଗୁଡିକରେ ସୁନ୍ଦରଗଡ, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, କଟକ, ଅନୁଗୋଳ, ଓଡ଼ିଶା ପୋଲିସ, କିଟ୍ ଦଳ ବିଜୟ ହାସଲ କରିଛି। ଦ୍ୱିତୀୟ ଦିବସରେ ସିଆରଆରଆଇ ନିର୍ଦ୍ଦେଶକ ଜିଏକେ କୁମାର, ଅଧ୍ୟକ୍ଷ(କ୍ରୀଡ଼ା) ପ୍ରତାପ ଭଟ୍ଟାଚାର୍ଯ୍ୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ରବିନାରାୟଣ ମହାପାତ୍ର, ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ନେପାଳ ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: ମୁମ୍ବାଇ,
ସମୟ: ପୂର୍ବାହ୍ନ ୧୧ଟା

**ନାମ୍ବିଆ ବନାମ ୟୁଏସ୍ଏ**
ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ପାକିସ୍ତାନ**
ସ୍ଥାନ: କଲମ୍ବୋ,
ସମୟ : ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ଯୁବା ବାସ୍କେଟବଲ ଓପନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)**

ସନ୍‌ସାଇନ୍ ଯୁବା ସଙ୍ଗଠନ ଆନୁକୂଲ୍ୟରେ ସହିଦନଗରସ୍ଥିତ ଇଙ୍କା ବାସ୍କେଟବଲ ଗ୍ରାଉଣ୍ଡରେ ୧୫ତମ ଓପନ ବାସ୍କେଟବଲ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାଜପା ଉପସଭାପତି ଗୋଲକ ମହାପାତ୍ର, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ସହିଦ ନଗର ଦୁର୍ଗାପୂଜା ସମିତିର ଉପଦେଷ୍ଟା ସୁଧୀର ଶତପଥି, ଦିଲୀପ ଦାଶ, ନବ ନିର୍ବାଚିତ ସଭାପତି ବିଶ୍ୱ ପ୍ରସାଦ ମହାନ୍ତି, ସମ୍ପାଦକ ହରିଶ ରଥ, ବିଶ୍ୱରଞ୍ଜନ ରାୟ, ସଚିନନ୍ଦନ ନାୟକ, ମହେନ୍ଦ୍ର ତ୍ରିପାଠୀ, ଦୀପଙ୍କର ମହାପାତ୍ର, ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ରିଜଲର୍ସ, ପୁରୀ, ସିବିଏ ଦଳ ବିଜୟ ହାସଲ କରିଛି।

# ଦୃଢ଼ ସ୍ଥିତିରେ ମୁମ୍ବାଇ

**କଟକ, ୧୪।୨ (କୁମାରଶ୍ରୀ)**

ମୁମ୍ବାଇର ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ଚାଲିଥିବା ସିକେ ନାଇଡୁ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ମୁମ୍ବାଇ ଦଳ ଦୃଢ଼ ସ୍ଥିତିରେ ପହଞ୍ଚିଛି। ଓଡ଼ିଶାର ପ୍ରଥମ ଇନିଂସ ୧୬୯ରନ ଜବାବରେ ଶନିବାର ମ୍ୟାଚ୍‌ର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ମୁମ୍ବାଇ ୩ ଉଇକେଟ ବିନିମୟରେ ୨୯୩ରନ କରି ଅଗ୍ରଣୀ ହାସଲ କରିଛି। ଓପନର ଆୟୁଷ ଜେଠୱା(୧୪୪) ଏବଂ ମନନ ଭଟ୍ଟ (୧୧୧) ଦ୍ୱିତୀୟ ଉଇକେଟ ଭାଗିଦାରୀରେ ୨୦୩ରନ ସଂଗ୍ରହ କରି ମୁମ୍ବାଇକୁ ଅଗ୍ରଣୀ ପ୍ରଦାନ କରିଛନ୍ତି।

# ସ୍କଟ୍‌ଲାଣ୍ଡକୁ ୫ ଉଇକେଟରେ ହରାଇଲା ଇଂଲଣ୍ଡ

**କୋଲକାତା, ୧୪।୨ (ପି.ଟି.)**

ଭେଟେରାନ ଲେଗ୍ ସ୍ପିନର ଆଦିଲ ରଶିଦ (୩/୩୬)ଙ୍କ ୩ ଉଇକେଟ ସଫଳତା ଏବଂ ମିଡଲ ଓଭରରେ ଟମ୍ ବାଣ୍ଟନଙ୍କ ଆକର୍ଷଣୀୟ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ଚଳିତ ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ସି'ର ଏକ ମ୍ୟାଚରେ ସ୍କଟଲାଣ୍ଡକୁ ୫ଉଇକେଟରେ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିବା ଇଂଲଣ୍ଡ ରଶିଦଙ୍କ ପ୍ରଭାବୀ ବୋଲିଂ ଜରିଆରେ ସ୍କଟଲାଣ୍ଡକୁ ୧୫୨ରନ ସ୍କୋରରେ ସୀମିତ କରିଦେଇଥିଲା। ପେସର ଜୋଫ୍ରା ଆର୍ଚର ଏବଂ ବାମହାତୀ ସ୍ପିନର ଲିଆମ ଡସନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସ୍କଟଲାଣ୍ଡର ଟପ୍ ସ୍କୋରର ଅଧିନାୟକ ରିଚି ବେରିଙ୍ଗଟନ ସର୍ବାଧିକ ୪୯ ରନ କରିଥିଲେ। ଇଂଲଣ୍ଡ ୧୦ଟି ବଲ୍ ବାକିଥାଇ ୧୫୩ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ: ୧୯.୪ ଓଭରରେ ୧୫୨/ଅଲଆଉଟ (ରିଚି ବେରିଙ୍ଗଟନ-୪୯ ; ଆଦିଲ ରଶିଦ-୩/୩୬)। ଇଂଲଣ୍ଡ: ୧୮.୨ ଓଭରରେ ୧୫୫/୫(ଟମ୍ ବାଣ୍ଟନ-୬୩*, ଅଲିଭର ଡେଭିଡସନ-୧/୧୨)।

# ମାର୍ଚ୍ଚ ୧୫ରୁ ଦେବେନ୍ଦ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ




ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି। (ଫଟୋ:ବିକାଶ ନାୟକ)

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)**

**ଭାଗନେବେ ୮ ଦଳ, ରାଜେନ୍ଦ୍ର ବ୍ରାଣ୍ଡ ଆମ୍ବାସାଡର**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଆୟୋଜନ ହେବ ଅଲ୍ ଓଡ଼ିଶା ଫୁଟବଲ ଚାମ୍ପିୟନଶିପ୍। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସ୍ୱୀକୃତିକ୍ରମେ ଭୁବନେଶ୍ୱର ସିଟି କ୍ଲବ, ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତା ମାର୍ଚ୍ଚ ୧୫ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଖେଳାଯିବ। ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟର ଚେୟାରମ୍ୟାନ ତଥା ବିଧାୟକ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ପ୍ରକାଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ଅବସରରେ ମାର୍ଚ୍ଚ ୧୭ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ୱତନ୍ତ୍ରଭାବେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ଆସନ୍ତା ବର୍ଷରୁ ଏହାକୁ ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟରେ ପରିଣତ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲେ ଭୁବନେଶ୍ୱର, କିଶୋର କ୍ଲବ, କଟକ ମଙ୍ଗଳା କ୍ଲବ, ସମ୍ବଲପୁର ଫୁଟବଲ ଏକାଡେମୀ, ଭୁବନେଶ୍ୱର ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ, ରାଉରକେଲା ରେଡ୍ ୟୁନାଇଟେଡ, ବରଗଡ଼ ୟୁନାଇଟେଡ ଏଫ୍‌ସି, ବାଲେଶ୍ୱର ହରି ପ୍ଲାଷ୍ଟ ଟାଇଟନ୍ସ ଏବଂ କଟକ ରାଧା ରମଣ କ୍ଲବ। ଟୁର୍ଣ୍ଣାମେଣ୍ଟ ଲାଗି ମୋଟ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଟୁର୍ଣ୍ଣାମେଣ୍ଟ ଆମ୍ବାସାଡର ହୋଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଆୟୋଜକ କମିଟି ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ପୂର୍ବତନ ଭାରତୀୟ ଫୁଟ୍‌ବଲ କୋଚ୍ ମହମ୍ମଦ ସାହିଦ ଜବାର, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରଶାଦ ଦାଶ, ସୁବ୍ରତ ଦାସ, ଭାଗ୍ୟଧର ଜଗଦ୍ଦେବ, ଦିଲୀପ ଦାସ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ